# ଧରିତ୍ରୀ
DHARITRI

ଢେଙ୍କାନାଳ, ଶନିବାର, ଫେବୃୟାରୀ ୨୭/୨୦୨୧ (୧୬ ପୃଷ୍ଠା) | Dhenkanal, Saturday, February 27/2021 | ★★★★★

୧୭ଶ ଭାଗ ୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଶାନ୍ତନୁଙ୍କ ଅଲରାଉଣ୍ଡ ପ୍ରଦର୍ଶନ**

ଅଧିନାୟକ ଶାନ୍ତନୁ ମିଶ୍ରଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଓଡ଼ିଶା ବିଜୟ ହଜାରେ ଟ୍ରଫି ଘରୋଇ ଦିନିକିଆ କ୍ରିକେଟରେ ଶୁକ୍ରବାର ବିହାରକୁ ପରାସ୍ତ କରିଛି।

୧୪

୦୯

**ନିଜ କାହାଣୀ କହି କାନ୍ଦିଲେ ନୋରା**

ବଲିଉଡ୍ ନାୟିକା ନୋରା ଫତେହିଙ୍କୁ କ୍ୟାରିୟର ଆରମ୍ଭରେ ସଂଘର୍ଷର ସାମନା କରିବାକୁ ପଡ଼ିଥିଲା। ଏକ ସାକ୍ଷାତ୍କାରରେ ନିଜ କାହାଣୀ କହି ସେ କାନ୍ଦିଛନ୍ତି।



# ପୁଣି ଆଇସୋଲେଶନ

## ୧୧ ରାଜ୍ୟ, ଚଣ୍ଡିଗଡ଼ ଫେରନ୍ତାଙ୍କୁ ୭ଦିନ ବାଧ୍ୟତାମୂଳକ

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

ରାଜ୍ୟକୁ ପୁଣି ଫେରିଛି କୋଭିଡ୍ କଟକଣା 'ହୋମ୍ ଆଇସୋଲେଶନ' ପ୍ରକ୍ରିୟା। ୧୧ ରାଜ୍ୟ ଏବଂ ଚଣ୍ଡିଗଡ଼ରୁ ଫେରୁଥିବା ପ୍ରବାସୀଙ୍କ ଲାଗି ଏହି କଟକଣା ଲାଗୁ ହୋଇଛି। ୧୧ ରାଜ୍ୟ ହେଲା ମହାରାଷ୍ଟ୍ର, କେରଳ, ତାମିଲନାଡୁ, ଛତିଶଗଡ଼, ମଧ୍ୟପ୍ରଦେଶ, ତେଲଙ୍ଗାନା, ପଶ୍ଚିମବଙ୍ଗ, ପଞ୍ଜାବ, କର୍ଣ୍ଣାଟକ, ଦିଲ୍ଲୀ ଓ ଆନ୍ଧ୍ରପ୍ରଦେଶ। ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଶୁକ୍ରବାର ରାଜ୍ୟର ସବୁ ଜିଲାପାଳ, ମହାନଗର ନିଗମ କମିଶନର, ବିମାନବନ୍ଦର ନିର୍ଦ୍ଦେଶକ, ପୂର୍ବତଟ ରେଳପଥ ଜେନେରାଲ ମ୍ୟାନେଜରଙ୍କୁ ଚିଠି ଲେଖି ଜଣାଇଛନ୍ତି। ଉପରୋକ୍ତ ଅଞ୍ଚଳରୁ ଫେରୁଥିବା ପ୍ରବାସୀଙ୍କ ପାଇଁ ୭ଦିନ ହୋମ୍ ଆଇସୋଲେଶନ ବାଧ୍ୟତାମୂଳକ କରାଯାଇଛି।

ଉପରୋକ୍ତ ଅଞ୍ଚଳରୁ ଫେରୁଥିବା ଲୋକମାନେ ପହଞ୍ଚିବା ପରେ ପ୍ରୋଟୋକଲ୍ ଅନୁସାରେ, ରେଳଷ୍ଟେଶନ ଓ ବିମାନବନ୍ଦରରେ ସ୍କ୍ରିନିଂ ହେବ। ଲକ୍ଷଣ ଥିବା ଯାତ୍ରୀଙ୍କ ଆଣ୍ଟିଜେନ୍ ଟେଷ୍ଟ ହେବ। ତେବେ ହୋମ୍ ଆଇସୋଲେଶନରେ ରହିବା ସମୟରେ ଯଦି ସେମାନଙ୍କ ପାଖରେ କୌଣସି ଲକ୍ଷଣ ଦେଖାଯାଏ, ତେବେ ସେମାନଙ୍କର ଆର୍ଟି-ପିସିଆର୍ ଟେଷ୍ଟ କରିବେ। ଯଦି ପଜିଟିଭ୍ ବାହାରିବ, ତେବେ କୋଭିଡ୍ ଟ୍ରିଟ୍‌ମେଣ୍ଟ ପ୍ରୋଟୋକଲ ଅନୁସାରେ ଚିକିତ୍ସା ହେବ। ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବାକୁ ଅଧିକ ଗୁରୁତ୍ୱ ଦେବା ପାଇଁ କୁହାଯାଇଛି। ସବୁ ଜିଲାରେ ଆର୍‌ଟିପିସିଆର୍ ଟେଷ୍ଟ ବୃଦ୍ଧି କରିବା ପାଇଁ ପ୍ରଦୀପ୍ତ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ୨୦୨୦ ମାର୍ଚ୍ଚ ୧୫ରେ ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା, ଯିଏକି ଭୁବନେଶ୍ୱରର ଜଣେ ଇଟାଲୀ ଫେରନ୍ତା ଥିଲେ। ଏହାପରେ ରାଜ୍ୟରେ ଧୀରେଧୀରେ ସଂକ୍ରମଣ ବୃଦ୍ଧି ପାଇବା ସହିତ ମୃତ୍ୟୁହାର ମଧ୍ୟ ବଢ଼ିଥିଲା। ରାଜ୍ୟ ସରକାର ସମୟୋଚିତ ପଦକ୍ଷେପ ନେଇ ଦେଶବିଦେଶରେ ପ୍ରଶଂସିତ ହୋଇଛନ୍ତି। ପରବର୍ତ୍ତୀ ସମୟରେ ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଇବା ପରେ ଅନେକ କଟକଣାକୁ କୋହଳ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଦେଶର ବିଭିନ୍ନ ରାଜ୍ୟରେ କରୋନା ପ୍ରକୋପ ବୃଦ୍ଧି ପାଉଥିବା ଦେଖାଯାଇଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ☞ପୃଷ୍ଠା-୪



## ମାର୍ଚ୍ଚ ୩୧ ଯାଏ ବଢ଼ିଲା କଟକଣା

ନୂଆଦିଲ୍ଲୀ, ୨୬।୨

ବର୍ତ୍ତମାନର କୋଭିଡ୍-୧୯ ଗାଇଡ୍‌ଲାଇନକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ନିର୍ଦ୍ଦେଶନାମା ଜାରି ହୋଇଛି। ଫଳରେ କରୋନା ମହାମାରୀକୁ ନେଇ ଗାଇଡ୍‌ଲାଇନରେ ଥିବା ସତର୍କତା, କଣ୍ଟେନମେଣ୍ଟ କଟକଣା ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏଥିସହିତ କୋଭିଡ୍ ଟିକାକରଣକୁ ତ୍ୱରାନ୍ୱିତ କରିବା ଲାଗି ସମସ୍ତ ରାଜ୍ୟକୁ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କରୋନା ସକ୍ରିୟ ମାମଲା ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ମହାମାରୀରୁ ସମ୍ପୂର୍ଣ୍ଣ ମୁକ୍ତି ପାଇବା ଲାଗି ତଦାରଖ, କଣ୍ଟେନମେଣ୍ଟ ଏବଂ ସତର୍କତା କଟକଣାକୁ ପାଳନ କରିବାକୁ ହେବ ବୋଲି ଗାଇଡ୍‌ଲାଇନରେ କୁହାଯାଇଛି। ଆବଦ୍ଧାଞ୍ଚଳରେ କଟକଣାକୁ କଡ଼ାକଡ଼ି ଲାଗୁ ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ସାମାଜିକ ଦୂରତ୍ୱ ରକ୍ଷା କରିବା ଏବଂ ମାସ୍କ ପିନ୍ଧିବା ସମେତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର (ଏସ୍ଓପି) ଅନୁଯାୟୀ ବିଭିନ୍ନ କାର୍ଯ୍ୟ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, କେତେକ ରାଜ୍ୟରେ ନୂଆ ସଂକ୍ରମଣ ଚିନ୍ତାର ବିଷୟ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୧୬,୫୭୭ ନୂଆ ସଂକ୍ରମଣ ଚିହ୍ନଟ ହୋଇଥିବାବେଳେ ☞ପୃଷ୍ଠା-୪

# ପଶ୍ଚିମବଙ୍ଗରେ ୮ ପର୍ଯ୍ୟାୟ ଭୋଟ

**ମାର୍ଚ୍ଚ ୨୭ରୁ ୫ ବିଧାନସଭା ନିର୍ବାଚନ**

- ଆସାମରେ ୩ ପର୍ଯ୍ୟାୟରେ ଭୋଟ
- ତାମିଲନାଡୁ, କେରଳ, ପୁଡୁଚେରୀରେ ଏପ୍ରିଲ ୬ରେ ମତଦାନ
- ନିର୍ବାଚନ ଡ୍ୟୁଟିରେ ଯିବାକୁ ଥିବା କର୍ମଚାରୀ କୋଭିଡ୍ ଟିକା ନେବେ

ନୂଆଦିଲ୍ଲୀ, ୨୬।୨(ପି.ଟି.)

ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ, ଆସାମ ଓ ପୁଡୁଚେରୀ ବିଧାନସଭା ନିର୍ବାଚନ ପାଇଁ ଶୁକ୍ରବାର ନିର୍ବାଚନ କମିଶନ (ଇସି) ତାରିଖ ଘୋଷଣା କରିଛନ୍ତି। ଏଥିସହିତ ଉପରୋକ୍ତ ରାଜ୍ୟଗୁଡ଼ିକରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ପଶ୍ଚିମବଙ୍ଗରେ ମାର୍ଚ୍ଚ ୨୭ରୁ ଏପ୍ରିଲ ୨୯ ପର୍ଯ୍ୟନ୍ତ ସର୍ବାଧିକ ୮ ପର୍ଯ୍ୟାୟରେ ମତଦାନ ହେବାକୁ ଥିବାବେଳେ ଆସାମରେ ୩ ପର୍ଯ୍ୟାୟରେ ଭୋଟ ହେବ। ଏହା ବ୍ୟତୀତ ତାମିଲନାଡୁ, କେରଳ ଏବଂ ପୁଡୁଚେରୀରେ ଏପ୍ରିଲ ୬ରେ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ହେବ। ମେ' ୨ରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ବୋଲି ଇସି କହିଛନ୍ତି। ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୮୨୪

**ମେ' ୨ରେ ଗଣତି**

ବିଧାନସଭା ଆସନ ଲାଗି ୧୮.୬୮ କୋଟି ମତଦାତା ୨.୭ ଲକ୍ଷ କେନ୍ଦ୍ରରେ ଭୋଟ ଦେବେ। ନିର୍ବାଚନ ବେଳେ କରୋନା କଟକଣା ପାଳନ କରାଯିବ। ନିର୍ବାଚନ ଡ୍ୟୁଟିରେ ଯିବାକୁଥିବା ସମସ୍ତ କର୍ମଚାରୀଙ୍କୁ କୋଭିଡ୍ ଟିକା ଦିଆଯିବ ବୋଲି ଇସି କହିଛନ୍ତି।

ଆସାମ ବିଧାନସଭାର ୧୨୬ ଆସନ, ତାମିଲନାଡୁର ୨୩୪, ପଶ୍ଚିମବଙ୍ଗର ୨୯୪, କେରଳର ୧୪୦ ଏବଂ ପୁଡୁଚେରୀର ୩୦ ଆସନ ଲାଗି ଭୋଟଗ୍ରହଣ ହେବ। ଆସାମରେ ମାର୍ଚ୍ଚ ୨୭, ଏପ୍ରିଲ ୧ ଏବଂ ୬ରେ ମତଦାନ ହେବ। ସେହିପରି ପଶ୍ଚିମବଙ୍ଗରେ ମାର୍ଚ୍ଚ ୨୭, ଏପ୍ରିଲ ୧, ୬, ୧୦, ୧୭, ୨୨, ୨୬ ଏବଂ ୨୯ରେ ଭୋଟଗ୍ରହଣ ହେବ ବୋଲି ମୁଖ୍ୟ ନିର୍ବାଚନ କମିଶନର ସୁନିଲ ଆରୋରା ଘୋଷଣା କରିଛନ୍ତି। ମାର୍ଚ୍ଚ ୨୭ ପ୍ରଥମ ପର୍ଯ୍ୟାୟରେ ପଶ୍ଚିମବଙ୍ଗର ୩୦ ଆସନ ଲାଗି ମତଦାନ ହେବାକୁ ଥିବାବେଳେ ଏପ୍ରିଲ୍ ୧ ଦ୍ୱିତୀୟ ☞ପୃଷ୍ଠା-୪




ନୂଆଦିଲ୍ଲୀରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଆରୋରା (ମଝି) ୫ ବିଧାନସଭା ନିର୍ବାଚନର ତାରିଖ ଘୋଷଣା କରୁଛନ୍ତି। ନିର୍ବାଚନ କମିଶନର ସୁଶୀଲ ଚନ୍ଦ୍ରା (ବାମ) ଏବଂ ରାଜୀବ କୁମାର ଉପସ୍ଥିତ ଅଛନ୍ତି।

## ନିବେଶକଙ୍କ କ୍ଷତି ୫ ଲକ୍ଷ କୋଟି

- ୧୯୪୦ ପଏଣ୍ଟ ଖସିଲା ସେନ୍‌ସେକ୍ସ
- ୧୦ ମାସରେ ସବୁଠାରୁ ବଡ଼ ହ୍ରାସ

ମୁମ୍ବାଇ,୨୬।୨

ଗତ ୧୦ମାସରେ ପ୍ରଥମ ଥର ଲାଗି ଶୁକ୍ରବାର ଭାରତୀୟ ପୁଞ୍ଜି ବଜାରରେ କାରବାର ସବୁଠାରୁ ବେଶି ପ୍ରଭାବିତ ହୋଇଛି। ଗୋଟିଏ ଦିନରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ)ର ସେନ୍‌ସେକ୍ସ ୧୯୪୦ ପଏଣ୍ଟ ଖସିଥିବା ଜଣାପଡ଼ିଛି। ଫଳରେ ନିବେଶକଙ୍କ ସମ୍ପତ୍ତି ୫ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ନିଫ୍ଟି) କାରବାର ମଧ୍ୟ ୫୬୮ ପଏଣ୍ଟ ଖସିଛି। ନିଫ୍ଟି ୧୫ ହଜାର ପଏଣ୍ଟ ନିମ୍ନରେ ରହିଛି। ବିଶ୍ୱବଜାରର ବଣ୍ଡ ମାର୍କେଟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଛୋଟ ପଦକ୍ଷେପ**





ଜିଏସ୍‌ଟି ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ବ୍ୟବସାୟୀ ମହାସଂଘ ପକ୍ଷରୁ ଶୁକ୍ରବାର ଭାରତ ବନ୍ଦ ଡାକରା ଯୋଗୁ ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ ଜନଶୂନ୍ୟ ହୋଇପଡ଼ିଛି। (ରିପୋର୍ଟ: ପୃଷ୍ଠା-୩)

# ସକାଳୁଆ ହେବ ସ୍କୁଲ

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

**ଗ୍ରୀଷ୍ମ ପ୍ରବାହ**

- ସକାଳ ୭ଟାରୁ ୯ଟା ନବମ, ଏକାଦଶ ଶ୍ରେଣୀ ପାଠପଢ଼ା
- ସକାଳ ୯ଟାରୁ ଅପରାହ୍ନ ୧ଟା ଦଶମ, ଦ୍ୱାଦଶ ପିଲାଙ୍କ ପାଠପଢ଼ା



ଗତକିଛି ଦିନ ଧରି ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି କରାଯାଇଛି। ମାର୍ଗଦର୍ଶିକା ଅନୁଯାୟୀ, ରାଜ୍ୟର ସମସ୍ତ ବିଦ୍ୟାଳୟରେ ନବମ ଓ ଏକାଦଶ ଶ୍ରେଣୀର ପାଠପଢ଼ା ସକାଳ ୮ଟା ୩୦ରୁ ୧୦ଟା ପରିବର୍ତ୍ତେ ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ହେବ। ସେହିପରି ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଠପଢ଼ା ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ ପରିବର୍ତ୍ତେ ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିବ।

ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ପ୍ରସ୍ତୁତି ଓ ପ୍ରତିକାରମୂଳକ ପଦକ୍ଷେପ ନେବା ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ବିଭାଗୀୟ ସମସ୍ତ ନିର୍ଦ୍ଦେଶକ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି ଲେଖାଯାଇଛି। ଜିଲା ଶିକ୍ଷା ଅଧିକାରୀମାନେ ପଞ୍ଚାୟତିରାଜ ଓ ପାନୀୟ ଜଳ ☞ପୃଷ୍ଠା-୪

## ଭୁବନେଶ୍ୱର ଉତ୍ତପ୍ତ ସହର

ଭୁବନେଶ୍ୱର, ୨୬।୨(ବ୍ୟୁରୋ)

ଭୁବନେଶ୍ୱରରେ ଶୁକ୍ରବାର ସର୍ବାଧିକ ତାପମାତ୍ରା ୪୦.୪ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ କରାଯାଇଛି। ଫଳରେ ଭୁବନେଶ୍ୱର ଦେଶର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଏଚ୍. ଆର. ବିଶ୍ୱାସ କହିଛନ୍ତି। ୨୦୧୧ରୁ ଏଯାବତ୍ ଚତୁର୍ଥ ଥର ପାଇଁ ଫେବୃୟାରୀରେ ତାପମାତ୍ରା ୩୮ ଡିଗ୍ରୀ ଟପିଛି। ୨୦୧୬ ଫେବୃୟାରୀ ୨୦ରେ ଭୁବନେଶ୍ୱରରେ ସର୍ବାଧିକ ୪୦.୯ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ଭୁବନେଶ୍ୱର ସମେତ ଟିଟିଲାଗଡ଼ ଓ ସମ୍ବଲପୁରରେ ମଧ୍ୟ ତାପମାତ୍ରା ବୃଦ୍ଧି ପାଇଛି। ରାଜ୍ୟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ଅଧିକ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ☞ପୃଷ୍ଠା-୪

## ୬୫୦ କୋଟିର ସି-ଶୋର ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ

କଟକ ଅଫିସ/ଭୁବନେଶ୍ୱର, ୨୬।୨(ବ୍ୟୁରୋ)

ବହୁଚର୍ଚ୍ଚିତ ସି-ଶୋର ଚିଟ୍‌ଫଣ୍ଡ ଠକେଇ ମାମଲାରେ କଟକସ୍ଥିତ ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତ ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଚିଟ୍‌ଫଣ୍ଡ ସଂସ୍ଥା ସି-ଶୋର କମ୍ପାନୀର ପ୍ରାୟ ୬୫୦ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି ଲାଗି ଅଦାଲତ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। କମ୍ପାନୀର ୧୯୭ ଏକର ଜମି, ୧ କିଲୋ ୩୮୫ ଗ୍ରାମ୍ ସୁନା, ୨୦୦ କିଲୋ ରୁପା, ଗୋଟିଏ ବିଏମ୍‌ଡବ୍ଲ୍ୟୁ, ଗୋଟିଏ ମର୍ସିଡ଼ିଜ୍ ବେଞ୍ଜ ଓ ୨ଟି ଟୟୋଟା କାର ସମେତ ୨୨ ବ୍ୟାଙ୍କରେ ୨୬୬ ଆକାଉଣ୍ଟରେ ଜମା ଥିବା ୧ କୋଟି ୮୮ ଲକ୍ଷ ୭୫ ହଜାର ୧୦୪ ଟଙ୍କା ବାଜ୍ୟାପ୍ତି କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ବାଜ୍ୟାପ୍ତ ସମ୍ପତ୍ତିକୁ ସର୍ବସାଧାରଣରେ ନିଲାମ କରି ଲବ୍ଧ ଅର୍ଥକୁ ଜମାକାରୀଙ୍କ ମଧ୍ୟରେ ବାଣ୍ଟିବାକୁ ଅଦାଲତ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ସି-ଶୋର ସମ୍ପତ୍ତି ବାଜ୍ୟାପ୍ତି ଲାଗି କଟକ ଏଡିଏମ୍ ତଥା ସ୍ୱତନ୍ତ୍ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପକ୍ଷରୁ ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତରେ ଆବେଦନ କରାଯାଇଥିଲା।

**ଚିଟ୍‌ଫଣ୍ଡ ଠକେଇ ମାମଲା**

ସୂଚନାଯୋଗ୍ୟ, ୨୦୧୨ରେ ରାଜ୍ୟରେ ଚିଟ୍‌ଫଣ୍ଡ ଠକେଇ ସାମ୍ନାକୁ ଆସିଥିଲା। ଅଧିକ ସୁଧ ଦେବାର ଲୋଭ ଦେଖାଇ ସି-ଶୋର ବହୁ ଲୋକଙ୍କଠାରୁ ଟଙ୍କା ଆଦାୟ କରିଥିଲା। ☞ପୃଷ୍ଠା-୪

# ଗୃହରେ ବାଲି ଝଡ଼

- ସରକାରଙ୍କ ଉପରେ ବର୍ଷିଲେ ବିରୋଧୀ
- ହଜାର ହଜାର ଟ୍ରକ୍ ବାଲି ଚୋରି ହେଉଛି
- ମୋ ନିର୍ବାଚନମଣ୍ଡଳୀର ବାଲି ଆନ୍ଧ୍ର ଚାଲିଯାଉଛି: ବାଚସ୍ପତି
- ତୁରନ୍ତ ବାଲି ନୀତି କରିବାକୁ ବାଚସ୍ପତିଙ୍କ ରୁଲିଂ
- ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବାଲି ନୀତି: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୨୬।୨(ବ୍ୟୁରୋ)

ରାଜ୍ୟର ବିଭିନ୍ନ ନଦୀରୁ ହଜାର ହଜାର ଟ୍ରକ୍ ବାଲି ପଡ଼ୋଶୀ ଛତିଶଗଡ଼, ପଶ୍ଚିମବଙ୍ଗ ଓ ଆନ୍ଧ୍ର ପ୍ରଦେଶକୁ ଚାଲିଯାଉଛି। ଦଲାଲମାନେ ଶହ ଶହ ଟ୍ରକ୍ ବାଲି ଚୋରାଚାଲାଣ କରୁଛନ୍ତି। ରାଜ୍ୟକୁ ୫ ହଜାର କୋଟି ଟଙ୍କାର



ରାଜସ୍ୱହାନି ହେଉଛି। ମାର୍ ମାର୍ ଭଣ୍ଡାରିଆକୁ ମାର୍ ନୀତିରେ ସରକାର ସାଧାରଣ ଲୋକ ନେଉଥିବା ବାଲି ଟ୍ରାକ୍ଟର ପାଇଁ ୬୦ ହଜାର ଟଙ୍କା ଜରିମାନା କରୁଛନ୍ତି। ବାଲି ନୀତି ନ ଥିବାରୁ ନିଲାମ ନେଉଥିବା ଲିଜ୍‌ଧାରୀମାନେ ମନଇଚ୍ଛା ମୂଲ୍ୟରେ ବିକୁଛନ୍ତି। ଏମିତି କି ବାଲି ଟ୍ରକ୍ ୨୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ନେଉଛନ୍ତି । ରାଜ୍ୟରେ ହେଉଥିବା ବାଲି ଚୋରା ଚାଲାଣକୁ ନେଇ ବିରୋଧୀ ସରକାରଙ୍କ ଉପରେ ବର୍ଷିଥିଲେ। ସରକାର ତୁରନ୍ତ ବାଲି ନୀତି କାର୍ଯ୍ୟକାରୀ କରି ମୂଲ୍ୟ ନିର୍ଦ୍ଧାରଣ କରନ୍ତୁ ବୋଲି ବିରୋଧୀ ଦାବି କରିଥିଲେ। ବାଲିକୁ ନେଇ ୫୦ ଜଣ ସଭ୍ୟ ବିଧାନସଭାରେ ମନ୍ତ୍ରୀଙ୍କଠାରୁ ଜବାବ ତଲବ କରିଥିଲେ। ଗୃହର ଉଦ୍‌ବେଗକୁ ଦେଖି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ତୁରନ୍ତ ରାଜ୍ୟରେ ବାଲି ମୂଲ୍ୟ ନିର୍ଦ୍ଧାରଣ ପାଇଁ ☞ପୃଷ୍ଠା-୮


## ମାହେଶ୍ୱରୀ, ଚନ୍ଦ୍ରମୌଳୀ ପୁଡୁଚେରୀ ଏଲ୍‌ଜିଙ୍କ ପରାମର୍ଶଦାତା

ସିଆର୍‌ପିଏଫ୍‌ର ବିଦାୟୀ ମହାନିର୍ଦ୍ଦେଶକ ଏ.ପି. ମାହେଶ୍ୱରୀ ଏବଂ କାର୍ମିକ ଓ ତାଲିମ ବିଭାଗର ପୂର୍ବତନ ସଚିବ ସି. ଚନ୍ଦ୍ରମୌଳୀଙ୍କୁ ପୁଡୁଚେରୀ ଉପରାଜ୍ୟପାଳଙ୍କ ପରାମର୍ଶଦାତା ଭାବେ ଶୁକ୍ରବାର ନିଯୁକ୍ତ କରାଯାଇଛି। କିରନ ବେଦୀ ବିଦା ହେବା ପରେ ତେଲଙ୍ଗାନା ରାଜ୍ୟପାଳ ତାମିଲି ସୌନ୍ଦରାରାଜନ୍ ଏହି କେନ୍ଦ୍ରଶାସିତ ଅଞ୍ଚଳର ଏଲ୍‌ଜି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି।

# ବଦଳିବ ସମୀକରଣ

**ନୂଆଦିଲ୍ଲୀ, ୨୬।୨**

ପ୍ରଚାର କେବେଠୁ ଆରମ୍ଭ ହୋଇସାରିଥିଲା। ବାକି ଥିଲା କେବଳ ନିର୍ବାଚନ ତାରିଖ। ଶୁକ୍ରବାର ସିଇସି ସୁନୀଲ ଆରୋରାଙ୍କ ଘୋଷଣା ସହ ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ଆନୁଷ୍ଠାନିକ ଭାବେ ବାଜିଛି ନିର୍ବାଚନୀ ବିଗୁଲ। ୮୨୪ ବିଧାନସଭା ଆସନରେ ୧୮.୬୮ କୋଟି ଭୋଟର ନିଜ ରାଜନୈତିକ ଅଧିକାର ସାବ୍ୟସ୍ତ କରି ଆଗାମୀ ୫ ବର୍ଷ ପାଇଁ ପ୍ରତିନିଧି ବାଛିବେ। ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀଙ୍କ ଶାସନାଧୀନ ପଶ୍ଚିମବଙ୍ଗରେ ସର୍ବାଧିକ ୮ ପର୍ଯ୍ୟାୟରେ (ମାର୍ଚ୍ଚ ୨୭ରୁ ଏପ୍ରିଲ ୨୯) ଭୋଟ ଗ୍ରହଣ କରାଯିବାକୁ ଥିବାବେଳେ ଭାଜପା କ୍ଷମତାସୀନ ଆସାମରେ ୩ ପର୍ଯ୍ୟାୟରେ (ମାର୍ଚ୍ଚ ୨୭ରୁ ଏପ୍ରିଲ ୬) ନିର୍ବାଚନ ହେବ। କେରଳ, ତାମିଲନାଡୁ ଓ ପୁଡୁଚେରୀରେ ଏପ୍ରିଲ ୬ରେ ମତଦାନ କରାଯିବ। ୨୦୧୬ ନିର୍ବାଚନ ପରଠାରୁ ଏହି ରାଜ୍ୟଗୁଡ଼ିକର ରାଜନୈତିକ ପାଣିପାଗରେ ଅନେକ ପରିବର୍ତ୍ତନ ଆସିଥିବାରୁ ଏଥର ସମୀକରଣ ବଦଳିପାରେ ବୋଲି ଆକଳନ କରୁଛନ୍ତି ବିଶ୍ଳେଷକ।




## ସଂକ୍ଷେପରେ

### ନୌଦୀପ୍ କୌରଙ୍କୁ ଜାମିନ



**ଚଣ୍ଡିଗଡ଼, ୨୬।୨(ପି.ଟି.):** ଅପରାଧ ମାମଲାରେ ଗିରଫ ହେବାର ପ୍ରାୟ ୬ ସପ୍ତାହ ପରେ ଶ୍ରମ ଅଧିକାର କର୍ମୀ ନୌଦୀପ୍ କୌରଙ୍କୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଶୁକ୍ରବାର ଜାମିନ ପ୍ରଦାନ କରିଛନ୍ତି। ତାଙ୍କ ବିରୋଧରେ ହତ୍ୟା ଉଦ୍ୟମ ସମେତ ଦଙ୍ଗା, ଜବରଦସ୍ତ ଅର୍ଥ ଆଦାୟ ଆଦି ବିଭିନ୍ନ ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ହରିୟାଣାର ସୋନିପତ୍‌ରେ ଜାନୁୟାରୀ ୧୨ରେ ଏକ କମ୍ପାନୀକୁ ଘେରାଉ କରି ଅର୍ଥ ଦାବି କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିଲା। ଏହି ସମୟରେ କୌରଙ୍କ ଲୋକମାନେ ଆକ୍ରମଣ କରିବାରୁ ୭ ପୋଲିସ କର୍ମଚାରୀ ଆହତ ହୋଇଥିବା ଅଭିଯୋଗ ହୋଇଥିଲା। ତାଙ୍କ ବିରୋଧରେ ଲାଗିଥିବା ବିଭିନ୍ନ ଧାରା ସମ୍ପର୍କରେ ପରେ ବିଚାର କରାଯିବ ବୋଲି ଜାମିନ ପ୍ରଦାନ କରିବା ଅବସରରେ ଜଷ୍ଟିସ୍ ଅବନିଶ ଝିନ୍‌ଗାନ କହିଛନ୍ତି।

### ଲିଜିଆ ୟୁଏନ୍‌ଇପି ମୁଖ୍ୟ



**ଜାତିସଂଘ, ୨୬।୨:** ଭାରତୀୟ ଅର୍ଥନୀତିଜ୍ଞ ଲିଜିଆ ନୋରୋନ୍‌ହାଙ୍କୁ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି)ସହକାରୀ ମହାସଚିବ ଏବଂ ନ୍ୟୁୟର୍କ କାର୍ଯ୍ୟାଳୟର ମୁଖ୍ୟ ଭାବେ ନିଯୁକ୍ତି ମିଳିଛି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ପୂର୍ବରୁ ଏହି ପଦବୀରେ ଥିବା ଭାରତୀୟ ତଥା ବିକାଶ ଅର୍ଥଶାସ୍ତ୍ରୀ ସତ୍ୟ ତ୍ରିପାଠୀଙ୍କ ସ୍ଥାନରେ ଲିଜିଆ ଦାୟିତ୍ୱ ଗ୍ରହଣ କରିବେ। ସ୍ଥାୟୀ ବିକାଶ କ୍ଷେତ୍ରରେ ଲିଜିଆଙ୍କର ୩୦ ବର୍ଷରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ଅଭିଜ୍ଞତା ରହିଛି। ସେ ୨୦୧୪ରୁ ୟୁଏନ୍‌ଇପିର ନାଇରୋବିସ୍ଥିତ ଆର୍ଥିକ ବିଭାଗର ନିର୍ଦ୍ଦେଶକ ଥିଲେ। ୟୁଏନ୍‌ଇପିରେ ଯୋଗଦେବା ପୂର୍ବରୁ ସେ ନୂଆଦିଲ୍ଲୀସ୍ଥିତ ଦି ଏନର୍ଜି ଆଣ୍ଡ ରିସୋର୍ସେସ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ।

### ୧୧ ଆତଙ୍କବାଦୀଙ୍କ ନାଁରେ ଏନ୍‌ଆଇଏ ଚାର୍ଜସିଟ୍

**ନୂଆଦିଲ୍ଲୀ, ୨୬।୨(ପି.ଟି.):** ଆତଙ୍କବାଦୀ ସଂଗଠନ ଅଲ୍-କାଏଦାର ୧୧ ସଦସ୍ୟଙ୍କ ବିରୋଧରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଶୁକ୍ରବାର ଚାର୍ଜସିଟ୍ ଦାଖଲ କରିଛି। ମୁର୍ଶିଦ ହାସନଙ୍କ ନେତୃତ୍ୱରେ ଏହି ଆତଙ୍କବାଦୀମାନେ ପାକିସ୍ତାନ ଓ ବାଂଲାଦେଶରେ ଥିବା ପରିଚାଳକଙ୍କ ପରାମର୍ଶକ୍ରମେ ଭାରତରେ ଆକ୍ରମଣ ପାଇଁ ଯୋଜନା କରିଥିଲେ। ଗତବର୍ଷ ସେପ୍ଟେମ୍ବର ୧୯ରେ ପଶ୍ଚିମବଙ୍ଗ ଓ କେରଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୯ ଆତଙ୍କବାଦୀଙ୍କୁ ଗିରଫ କରାଯାଇଥିଲା। ପୂର୍ବରୁ ଅଗଷ୍ଟ ୨୬ରେ ଜଣେ ଏବଂ ନଭେମ୍ବର ୧ରେ ଜଣେ ଗିରଫ ହୋଇଥିଲେ।

## ପଶ୍ଚିମବଙ୍ଗରେ ମଜୁରି ବଢ଼ିଲା, ତାମିଲନାଡୁରେ ଋଣଛାଡ଼

**ନୂଆଦିଲ୍ଲୀ, ୨୬।୨**

ବିଧାନସଭା ନିର୍ବାଚନ ତାରିଖ ଘୋଷଣା ସହ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ତେବେ ଏହି ଘୋଷଣାର କିଛି ସମୟ ପୂର୍ବରୁ ପଶ୍ଚିମବଙ୍ଗ ଓ ତାମିଲନାଡୁ ସରକାର ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି କେତେକ କଲ୍ୟାଣକାରୀ ଯୋଜନା ଘୋଷଣା କରିଛନ୍ତି। ପଶ୍ଚିମବଙ୍ଗ ସହରାଞ୍ଚଳ ନିଯୁକ୍ତି ଯୋଜନାରେ ମଜୁରିଆମାନଙ୍କ ମଜୁରୀ ବଢ଼ାଇବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟୁଇଟ୍ କରିଛନ୍ତି। ଅଣକୁଶଳୀଙ୍କ ମଜୁରିକୁ ୧୪୪ରୁ ୨୦୨ ଟଙ୍କାକୁ ବଢ଼ାଯାଇଛି। ଅର୍ଦ୍ଧକୁଶଳୀଙ୍କ ମଜୁରି ୧୭୨ରୁ ୩୦୩ ଟଙ୍କା ଏବଂ କୁଶଳୀ ଶ୍ରମିକଙ୍କ ମଜୁରୀ ୪୦୪ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ତାମିଲନାଡୁ ମୁଖ୍ୟମନ୍ତ୍ରୀ କେ. ପଲାନିସ୍ୱାମୀ ଭୋଟରଙ୍କୁ ଆକର୍ଷିତ କରିବା ଲାଗି ଗରିବ, କୃଷି ଶ୍ରମିକ ଏବଂ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଅଳଙ୍କାର ବନ୍ଧକ ରଖି ନେଇଥିବା ଋଣକୁ ଛାଡ଼ କରିଦେଇଛନ୍ତି।

## ମମତା ବନାମ ମୋଦି

୨୯୪ ଆସନ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ୨୦୧୬ ଏପ୍ରିଲ ୪ରୁ ମେ ୫ ମଧ୍ୟରେ ୬ ପର୍ଯ୍ୟାୟରେ ହୋଇଥିଲା। ଏଠାରେ ମ୍ୟାଜିକ୍ ନମ୍ବର ୧୪୮ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ୨୧୧ ସିଟ୍ ଦଖଲ କରି ପୁନର୍ବାର କ୍ଷମତାକୁ ଫେରିଥିଲା। କଂଗ୍ରେସ ୪୪, ଭାରତୀୟ କମ୍ୟୁନିଷ୍ଟ ପାର୍ଟି–ମାର୍କ୍ସବାଦୀ(ସିପିଆଇଏମ୍) ୨୬, ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ୧, ରିଭୋଲ୍ୟୁଶନାରି ସୋସିଆଲିଷ୍ଟ ପାର୍ଟି (ଆର୍‌ଏସ୍‌ପି) ୩, ଗୋର୍ଖା ମୁକ୍ତି ମୋର୍ଚ୍ଚା (ଜିଏମ୍‌ଏମ୍) ୩ ଆସନ ପାଇଥିଲେ ଏବଂ ଭାଜପା ମାତ୍ର ୩ ଆସନରେ ସୀମିତ ରହିଥିଲା। ଏଥର ଶାସକ ଟିଏମ୍‌ସି ପୁଣିଥରେ କ୍ଷମତା ଦଖଲ ପାଇଁ ଉଦ୍ୟମ ଚଳାଇଥିବାବେଳେ ଗୈରିକ ଦଳ ଚେକ୍ ଦେବାକୁ ରଣନୀତି ପ୍ରସ୍ତୁତ କରିଛି, ଯାହାକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ତୋଫାନୀ ପ୍ରଚାରରୁ ସ୍ପଷ୍ଟ ହେଉଛି। ଏଠାରେ ବାମପନ୍ଥୀ ଓ କଂଗ୍ରେସ ମଧ୍ୟରେ ମେଣ୍ଟ ହୋଇଛି। ଶୁକ୍ରବାର ଏହି ମେଣ୍ଟରେ ସାମିଲ ହୋଇଛି ଅବ୍ବାସ ସିଦ୍ଦିକିଙ୍କ ନବଗଠିତ ଇଣ୍ଡିଆନ୍ ସେକୁଲାର ଫ୍ରଣ୍ଟ (ଆଇଏସ୍‌ଏଫ୍)। ଏହି ଦଳ ୭୦ ଆସନ ମାଗୁଥିବାବେଳେ ମେଣ୍ଟ ପକ୍ଷରୁ ୩୦ ସିଟ୍‌ରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ସୁଯୋଗ ମିଳିଛି। ୩୪ ବର୍ଷୀୟ ଇସ୍‌ଲାମିକ୍ ବିଦ୍ୱାନ ସିଦ୍ଦିକି ମମତାଙ୍କ ପାଇଁ ମହଙ୍ଗା ପଡ଼ିପାରନ୍ତି। ସେହିପରି



ମମତା ବାନାର୍ଜୀ

ଅସାଦୁଦ୍ଦିନ ଓୱାଇସିଙ୍କ ଅଲ୍ ଇଣ୍ଡିଆ ମଜ୍‌ଲିସ୍ ଇ–ଇତ୍ତେହାଦୁଲ୍ ମୁସ୍‌ଲିମିନ୍ (ଏଆଇଏମ୍‌ଆଇଏମ୍) ମଧ୍ୟ ଅନେକ ଆସନରେ ପ୍ରାର୍ଥୀ ଦେବ। ପଶ୍ଚିମବଙ୍ଗରେ ମୁସଲମାନ ଭୋଟରଙ୍କ ସଂଖ୍ୟା ୩୦% ଥିବାରୁ ଏହି ଦୁଇଦଳ ଟିଏମ୍‌ସି ପାଇଁ କାଳ ହୋଇପାରନ୍ତି। ରାଜ୍ୟରେ ବହୁମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଥିଲେ ମଧ୍ୟ ଟିଏମ୍‌ସି ଏବଂ ଭାଜପା ମଧ୍ୟରେ ଏଥର କଡ଼ା ଟକ୍କର ହେବ ଏବଂ ମୋଟାମୋଟି ଭାବେ ନିର୍ବାଚନ ମମତା ବନାମ ମୋଦି ପାଲଟିବ ବୋଲି ରାଜନୈତିକ ବିଶ୍ଳେଷକ ମତ ଦେଉଛନ୍ତି। ତେବେ ଏଠାରେ ଭାଜପାର ମୁଖ୍ୟମନ୍ତ୍ରୀ ଚେହେରା ନ ଥିବାରୁ ଦଳ ସେତେଟା ଲାଭବାନ ହୋଇ ନ ପାରେ ବୋଲି କୁହାଯାଉଛି।

### ମୋଦି, ଶାହାଙ୍କ ଅନୁସାରେ ତାରିଖ ଘୋଷଣା

**କୋଲକାତା, ୨୬।୨(ପି.ଟି.)**

ପଶ୍ଚିମବଙ୍ଗରେ ୮ ପର୍ଯ୍ୟାୟରେ ନିର୍ବାଚନ କରାଇବା ପାଇଁ ଘୋଷଣା କରାଯାଇଥିବାରୁ ଏହାକୁ ନେଇ ସନ୍ଦେହ ବ୍ୟକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଭାଜପାର ପ୍ରଚାର ପରିଚାଳନାକୁ ସୁଗମ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ପରାମର୍ଶରେ ନିର୍ବାଚନ କମିଶନ (ଇସି) ଏପରି କରିଥିବା ମମତା କାଳିଘାଟ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ଭାଜପା ଯେପରି ଚାହିଁଛି ଇସି ସେହି ଅନୁସାରେ ନିର୍ବାଚନ ତାରିଖ ଘୋଷଣା କରିଛନ୍ତି। ମୋଦି ଓ ଶାହା ନିର୍ବାଚନ ପାଇଁ ନିଜ କ୍ଷମତାର ଅପବ୍ୟବହାର କରିପାରିବେ ନାହିଁ। ଇସି ଭାଜପା ଶିବିର ଦୃଷ୍ଟିରେ ପଶ୍ଚିମବଙ୍ଗକୁ ଦେଖିବା ଅନୁଚିତ। ଅନ୍ୟ ରାଜ୍ୟଗୁଡ଼ିକରେ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ହେଉଥିବାବେଳେ ପଶ୍ଚିମବଙ୍ଗରେ କାହିଁକି ୮ଟି ପର୍ଯ୍ୟାୟରେ ମତଦାନ କରାଯାଉଛି? ଇସି ନ୍ୟାୟ ନ ଦେଲେ ଲୋକେ କାହା ପାଖକୁ ଯିବେ ବୋଲି ମମତା ପ୍ରଶ୍ନ କରିଛନ୍ତି।

## ମଜଭୁତ ହେବ ଏନ୍‌ଡିଏ

କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀର ୩୦ ସଦସ୍ୟ ବିଶିଷ୍ଟ ବିଧାନସଭା ପାଇଁ ୨୦୧୬ ମେ ୧୬ରେ ନିର୍ବାଚନ ହୋଇଥିଲା। ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୬ ହୋଇଥିବାବେଳେ କଂଗ୍ରେସକୁ ୧୫ ଆସନରେ ସଫଳତା ମିଳିଥିଲା। ଏନ୍. ରଙ୍ଗାସ୍ୱାମୀଙ୍କ ଅଲ୍ ଇଣ୍ଡିଆ ଏନ୍.ଆର୍. କଂଗ୍ରେସ ୮, ଏଆଇଏଡିଏମ୍‌କେ ୪, ଡିଏମ୍‌କେ ୨ ଓ ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ଆସନରେ ବିଜୟୀ ହୋଇଥିଲେ। ନିକଟରେ ଶାସକ କଂଗ୍ରେସ–ଡିଏମ୍‌କେ ମେଣ୍ଟର ଅନେକ ବିଧାୟକ ଇସ୍ତଫା ଦେଇ ସେମାନଙ୍କ ମଧ୍ୟରୁ କେତେଜଣ ଭାଜପାରେ ମିଶିଥିଲେ। ଫଳରେ ସଂଖ୍ୟାଲଘୁରେ ପରିଣତ ହୋଇଥିବା ନାରାୟଣସ୍ୱାମୀ ସରକାରଙ୍କ ପତନ ଘଟିଥିଲା। ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀ ଆସ୍ଥାଭୋଟ ପୂର୍ବରୁ ଇସ୍ତଫା ଦେଇଥିଲେ। ଗୁରୁବାର ଏଠାରେ ରାଷ୍ଟ୍ରପତି ଶାସନ ଜାରି କରାଯାଇଛି। ଆସନ୍ତା ନିର୍ବାଚନରେ ଏନ୍.ଆର୍. କଂଗ୍ରେସ ଏବଂ ଏଆଇଏମ୍‌ଡିଏମ୍‌କେକୁ ନେଇ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ବଳ ବୃଦ୍ଧି ଘଟିପାରେ ବୋଲି ରାଜନୈତିକ ପଣ୍ଡିତ କହୁଛନ୍ତି।



ଭି. ନାରାୟଣସ୍ୱାମୀ

## ଦୃଶ୍ୟପଟରେ ପରିବର୍ତ୍ତନ

ଦକ୍ଷିଣ ଭାରତୀୟ ରାଜ୍ୟ ତାମିଲନାଡୁରେ ୨୦୧୬ ମେ ୧୬ରେ ବିଧାନସଭାର ୨୩୪ ଆସନ ପାଇଁ ନିର୍ବାଚନ ହୋଇଥିଲା। ଏଠାରେ ସରକାର ଗଠନ ପାଇଁ କୁହୁକ ସଂଖ୍ୟା ୧୧୮ ହୋଇଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଲିଥାଙ୍କ ଆନ୍ନା ଦ୍ରାବିଡ ମୁନେତ୍ରା କାଜାଗାମ୍(ଏଆଇଏଡିଏମ୍‌କେ) ୧୩୬ ଆସନ ଦଖଲ କରି ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଥିଲା। ଇ.କେ. ପାଲାନିସ୍ୱାମୀ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏମ୍. କରୁଣାନିଧିଙ୍କ ଦଳ ଦ୍ରାବିଡ ମୁନେତ୍ରା କାଜାଗାମ୍ (ଡିଏମ୍‌କେ)କୁ ୯୮ ଆସନରେ ସନ୍ତୁଷ୍ଟ ହୋଇ ବିରୋଧୀ ଦଳରେ ବସିବାକୁ ପଡ଼ିଥିଲା। କଂଗ୍ରେସ ୮ ଓ ଇଣ୍ଡିଆନ୍ ୟୁନିୟନ୍ ମୁସ୍‌ଲିମ ଲିଗ୍ (ଆଇୟୁଏମ୍‌ଏଲ୍) ୧ ଆସନରେ ସୀମିତ ରହିଥିଲେ। ଏଥର ଗୋଟିଏ ପଟେ ଭାଜପା–ଏଆଇଏଡିଏମ୍‌କେ ସମେତ ପଟ୍ଟାଲି ମକ୍କଲ କାଚ୍ଚି ଏବଂ ତାମିଲ ମାନିଲା



ଇ.କେ. ପାଲାନିସ୍ୱାମୀ

କଂଗ୍ରେସ ଭଳି ସହଯୋଗୀ ଓ ଅନ୍ୟପଟେ କରୁଣାନିଧିଙ୍କ ପୁଅ ତଥା ବିରୋଧୀ ଦଳ ନେତା ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱରେ ଡିଏମ୍‌କେ–କଂଗ୍ରେସ ସମେତ ବାମଦଳ ରହିବେ। ଏଆଇଏଡିଏମ୍‌କେ ନେତ୍ରୀ ଭି.କେ. ଶଶୀକଳା ଜେଲରୁ ଫେରିବା ପରେ ରାଜନୈତିକ ପାଣିପାଗ ବଦଳିଛି। ସେହିପରି ସୁପରଷ୍ଟାର କମଲ ହାସନଙ୍କ ମକ୍କଲ ନିଧି ମୈୟମ୍ (ଏମ୍‌ଏନ୍‌ଏମ୍) ନିର୍ବାଚନରେ ପ୍ରଥମଥର ପାଇଁ ଭାଗ୍ୟ ପରୀକ୍ଷା କରିବାକୁ ଯାଉଥିବାରୁ ଶାସକ ମେଣ୍ଟ ପାଇଁ ଅଡୁଆ ବଢ଼ିପାରେ। ରାଜ୍ୟରେ ରାଜନୈତିକ ଦୃଶ୍ୟପଟ୍ଟ ବଦଳିପାରେ ବୋଲି କୁହାଯାଉଛି।

## ସୋନୋୱାଲଙ୍କ ମୁଣ୍ଡବ୍ୟଥା ବଢ଼ିବ

୨୦୧୬ ଏପ୍ରିଲ ୪ ଓ ୧୧ ତାରିଖରେ ଆସାମ ବିଧାନସଭାର ୧୨୬ ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୬୪ ଆସନରେ ବିଜୟୀ ହେଲେ ସରକାର ଗଠନ ସମ୍ଭବ ଥିବାବେଳେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ୮୬ ସିଟ୍ ଦଖଲ କରିଥିଲା। ଭାଜପାକୁ ୬୦, ଆସାମ ଗଣ ପରିଷଦ(ଏଜିପି) ୧୪ ଓ ବୋଡୋ ପିପୁଲ୍ସ ଫ୍ରଣ୍ଟ (ବିପିଏଫ୍)କୁ ୧୨ ଆସନରେ ସଫଳତା ମିଳିଥିଲା। କଂଗ୍ରେସ ୨୬ ଏବଂ ସଂଖ୍ୟାଲଘୁ ଭୋଟରଙ୍କ ଉପରେ ପ୍ରଭାବ ରଖୁଥିବା ବଦ୍‌ରୁଦ୍ଦିନ ଅଜମଲଙ୍କ ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ଏଆଇୟୁଡିଏଫ୍) ୧୩ ଆସନରେ ବିଜୟୀ ହୋଇଥିଲେ। ଆସନ୍ତା ବିଧାନସଭା ନିର୍ବାଚନରେ ଉତ୍ତର–ପୂର୍ବର ଏହି ରାଜ୍ୟରେ ଗୈରିକ ଦଳକୁ ଦୋହରା ଚ୍ୟାଲେଞ୍ଜର ସମ୍ମୁଖୀନ



ସର୍ବାନନ୍ଦ ସୋନୋୱାଲ

ହେବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତାକୁ ପୁଞ୍ଜିକରି ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ପୁଣିଥରେ କ୍ଷମତାକୁ ଫେରିବା ପାଇଁ ଅଣ୍ଟା ଭିଡ଼ିଥିବାବେଳେ ମେ ୨ର ଫଳାଫଳ ତାଙ୍କ ସପକ୍ଷରେ ଯିବ ବୋଲି କୁହାଯାଇ ନ ପାରେ। କାରଣ କଂଗ୍ରେସ ସହ ଏଆଇୟୁଡିଏଫ୍ ହାତ ମିଳାଇଥିବାବେଳେ ଦୁଇ ନବଗଠିତ ପାର୍ଟି ଆସୋମ ଜାତୀୟ ପରିଷଦ(ଏଜେପି) ଏବଂ ରାଇଜୋର୍ ଦଳ (ଆର୍‌ଡି) ସୋନୋୱାଲଙ୍କ ମୁଣ୍ଡବ୍ୟଥା ବଢ଼ାଇବେ।

## ସଫଳତା ଦୋହରାଇବା ଆଶାରେ ବିଜୟନ୍



୨୦୧୬ ମେ ୧୬ରେ ୧୪୦ ଆସନ ବିଶିଷ୍ଟ କେରଳ ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସରକାର ଗଠନ ପାଇଁ ୭୧ ଆସନ ଆବଶ୍ୟକ ଥିବାବେଳେ ସିପିଆଇଏମ୍ ନେତୃତ୍ୱାଧୀନ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ୯୧ ଆସନ ଦଖଲ କରି କ୍ଷମତାସୀନ ହୋଇଥିଲା। କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ୟୁଡିଏଫ୍)କୁ ମାତ୍ର ୪୭ ଆସନରେ ସୀମିତ ରହି ବିରୋଧୀ ଆସନରେ ବସିବାକୁ ପଡ଼ିଥିଲା। ଏଠାରେ ସିପିଆଇଏମ୍ ୫୯, ସିପିଆଇ ୧୯, କଂଗ୍ରେସ ୨୧, ଆଇୟୁଏମ୍‌ଏଲ୍ ୧୮, କେରଳ କଂଗ୍ରେସ (ମଣି) ୫ ଆସନରେ ବିଜୟୀ ହୋଇଥିବାବେଳେ ଭାଜପା ମାତ୍ର ଗୋଟିଏ ସିଟ ଜିତି ଖାତା ଖୋଲିଥିଲା। ଏଥର ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ପୂର୍ବ ସଫଳତାର ପୁନରାବୃତ୍ତି ଆଶାରେ କିଛି ମାସ ହେଲା ସମସ୍ତ ଜିଲାକୁ ଗସ୍ତ କରି ନିଜ ସପକ୍ଷରେ ଜନମତ ସୃଷ୍ଟି କରିବାରେ ଲାଗିଛନ୍ତି। ଇତିମଧ୍ୟରେ ଭାଜପା କେରଳରେ କ୍ଷମତାସୀନ ହୋଇ ନ ପାରିଲେ ବି ବିରୋଧୀ ଆସନରେ ବସିବା ଭଳି ସ୍ଥିତିକୁ ଉନ୍ନୀତ ହେବା ପାଇଁ ଉଦ୍ୟମ ଚଳାଇଛି।

# ହିମାଚଳପ୍ରଦେଶ ରାଜ୍ୟପାଳଙ୍କୁ ଠେଲାପେଲା

## ୫ କଂଗ୍ରେସ ବିଧାୟକ ସସ୍‌ପେଣ୍ଡ

**ଶିମ୍‌ଲା, ୨୬।୨**



ହିମାଚଳ ପ୍ରଦେଶ ରାଜ୍ୟପାଳଙ୍କ କାର୍‌କୁ ଅଟକାଇଛନ୍ତି କଂଗ୍ରେସ ବିଧାୟକ। ଇନ୍‌ସେଟରେ ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ।

ହିମାଚଳପ୍ରଦେଶ ବିଧାନସଭାର ବଜେଟ ଅଧିବେଶନ ଶୁକ୍ରବାର ଆରମ୍ଭ ହୋଇଥିବାବେଳେ କଂଗ୍ରେସ ବିଧାୟକମାନେ ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟଙ୍କୁ ଠେଲାପେଲା କରିଛନ୍ତି। ଏହି ଘଟଣାରେ ବିରୋଧୀ ଦଳ ନେତା ଓ ୪ କଂଗ୍ରେସ ବିଧାୟକଙ୍କୁ ବଜେଟ ଅଧିବେଶନର ଅବଶିଷ୍ଟ ଦିନ ପାଇଁ ଗୃହରୁ ନିଲମ୍ବନ କରାଯାଇଛି। ଅଧିବେଶନର ପ୍ରଥମ ଦିନରେ ରାଜ୍ୟପାଳ ଗୃହରେ ଅଭିଭାଷଣ ରଖି ବିଧାନସଭାରୁ ବାହାରୁଥିବାବେଳେ କଂଗ୍ରେସର କେତେଜଣ ବିଧାୟକ ତାଙ୍କୁ ଠେଲାପେଲା କରିଥିଲେ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ସୁରେଶ ଭରଦ୍ୱାଜ କହିଛନ୍ତି। ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ କରିବାରୁ ରାଜ୍ୟପାଳ ତାଙ୍କ ଅଭିଭାଷଣର କେବଳ ଶେଷ ଧାଡ଼ି ପଢ଼ି ବିଧାନସଭାରୁ ବାହାରିଆସିଥିଲେ। ଠେଲାପେଲା କରିଥିବା ବିରୋଧୀ ଦଳ ନେତା ମୁକେଶ ଅଗ୍ନିହୋତ୍ରୀ, ବିଧାୟକ ହର୍ଷବର୍ଦ୍ଧନ ଚୌହାନ, ସୁନ୍ଦର ସିଂ ଠାକୁର, ସତ୍‌ପାଲ ରାଇଜାଦା ଏବଂ ବିନୟ କୁମାରଙ୍କୁ ନିଲମ୍ବନ କରିବା ଲାଗି ପ୍ରସ୍ତାବ ଗୃହୀତ ହୋଇଥିଲା।

# ଖାଶୋଗୀ ହତ୍ୟାରେ ଏମ୍‌ବିଏସ୍‌ଙ୍କ ବିମାନ

**ୱାଶିଂଟନ, ୨୬।୨**

ୱାଶିଂଟନ ପୋଷ୍ଟର ସ୍ତମ୍ଭକାର ଜମାଲ ଖାଶୋଗୀ ହତ୍ୟାକାଣ୍ଡ ସହ ସାଉଦି ଆରବର କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍ (ଏମ୍‌ବିଏସ୍) ସମ୍ପୃକ୍ତ ଥିବା ନେଇ ନୂଆ ରିପୋର୍ଟ ପ୍ରକାଶ ପାଇବା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସାଉଦି ରାଜା ସଲମାନଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ୨୦୧୮ ଅକ୍ଟୋବରରେ ଇସ୍ତାନବୁଲସ୍ଥିତ ସାଉଦି ବାଣିଜ୍ୟିକ ଦୂତାବାସରେ ଖାଶୋଗୀଙ୍କୁ ହତ୍ୟା କରାଯାଇଥିଲା। ନିକଟରେ କୋର୍ଟରେ ଦାଖଲ ହୋଇଥିବା ଦସ୍ତାବିଜ୍ ଅନୁଯାୟୀ ସାଉଦି ଆରବର ହତ୍ୟାକାରୀ ସ୍କ୍ୱାଡ୍ ବ୍ୟବହାର କରିଥିବା ଦୁଇଟି ଘରୋଇ ବିମାନ କ୍ରାଉନ୍ ପ୍ରିନ୍ସ



ଜମାଲ ଖାଶୋଗୀ



ମହମ୍ମଦ ବିନ୍ ସଲମାନ୍

ମହମ୍ମଦ ବିନ୍ ସଲମାନ୍‌ଙ୍କ ଅଧୀନରେ ଥିଲା। ଏକ ଘରୋଇ କମ୍ପାନୀର ଉକ୍ତ ବିମାନକୁ କ୍ରାଉନ୍ ପ୍ରିନ୍ସ ଜବତ କରିଥିଲେ ବୋଲି ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି। 'ଅତ୍ୟନ୍ତ ଗୋପନୀୟ' ଲେଖାଥିବା ଉକ୍ତ ଦସ୍ତାବିଜ୍‌ରେ ସାଉଦିର ଜଣେ ମନ୍ତ୍ରୀ ସ୍ୱାକ୍ଷର କରିଛନ୍ତି। ଏହି ମନ୍ତ୍ରୀ କ୍ରାଉନ୍ ପ୍ରିନ୍ସଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିଥାନ୍ତି। କୋର୍ଟରେ ଦାଖଲ ଦସ୍ତାବିଜ୍ ଅନୁଯାୟୀ ୨୦୧୭ ଶେଷ ଭାଗରେ ସ୍କାଏ ପ୍ରାଇମ୍ ଆଭିଏଶନର ମାଲିକାନା ସାଉଦି ସରକାରଙ୍କ ୪୦୦ ବିଲିୟନ ଡଲାର ନିବେଶ ପାଣ୍ଠିକୁ ସ୍ଥାନାନ୍ତର କରାଯାଇଥିଲା। ଉକ୍ତ କମ୍ପାନୀର ବିମାନକୁ ଖାଶୋଗୀଙ୍କ ହତ୍ୟାରେ ବ୍ୟବହାର କରାଯାଇଥିଲା ବୋଲି ରିପୋର୍ଟ ପ୍ରକାଶ ପାଇଛି। ଉକ୍ତ ସରକାରୀ ନିବେଶ ପାଣ୍ଠିର ଅଧ୍ୟକ୍ଷ ହେଉଛନ୍ତି କ୍ରାଉନ୍ ପ୍ରିନ୍ସ। ବିମାନ ସହ କ୍ରାଉନ୍ ପ୍ରିନ୍ସଙ୍କ ସମ୍ପର୍କ ଥିବା ସାଉଦି ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକ ପକ୍ଷରୁ କାନାଡାରେ ସାଉଦି ଆରବର ପୂର୍ବତନ ମୁଖ୍ୟ ଗୋଇନ୍ଦା ଅଧିକାରୀ ସାଦ୍ ଅଲଜାବ୍ରିଙ୍କ ବିରୋଧରେ ଦାଏର ହୋଇଥିବା ଏମ୍ବେଜେଲ୍‌ମେଣ୍ଟ ସୁଟ୍‌ରେ ଦର୍ଶାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୩୭,୫୪,୮୧୦ | ୨୫,୨୨,୯୦୬ | ୮,୯୨,୮୦,୦୪୩ |
| ଭାରତ | ୧,୧୦,୭୭,୯୫୭ | ୧,୫୬,୯୪୭ | ୧,୦୭,୬୦,୩୭୯ |
| ଓଡ଼ିଶା | ୩,୩୭,୦୧୮ | ୧୯୧୫(+୫୩) | ୩,୩୪,୬୬୩ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଋଣ ଯୋଗାଣ ନେଇ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୬।୨**

ଅଗ୍ରାଧିକାର କ୍ଷେତ୍ରକୁ ଋଣ ଯୋଗାଣ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସମୀକ୍ଷା କରିଛନ୍ତି। ଏ କ୍ଷେତ୍ରରେ ଉତ୍ତମ ସମନ୍ୱୟ ଲାଗି ସେ ବ୍ୟାଙ୍କ ଏବଂ ଜିଲା ସ୍ତରୀୟ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଭର୍ଚୁଆଲ ପ୍ଲାଟଫର୍ମରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କିଙ୍ଗ କ୍ଷେତ୍ର, ଜିଲାପାଳ ଏବଂ ରାଜ୍ୟ ସରକାରଙ୍କ ପ୍ରମୁଖ ଅଧିକାରୀ ଯୋଗଦେଇଥିଲେ। ଗତ ୨ ମାସରେ ଅଗ୍ରାଧିକାର କ୍ଷେତ୍ରକୁ ଋଣ ପ୍ରଦାନରେ ବିଶେଷ ଅଗ୍ରଗତି ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏମ୍ଏସ୍ଏମ୍ଇ, କୃଷି କ୍ଷେତ୍ର ଏବଂ ମିଶନ ଶକ୍ତିକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ବଜେଟରେ ଏହି କ୍ଷେତ୍ରଗୁଡ଼ିକୁ ବ୍ୟୟ ବରାଦ ବଢାଯାଇଛି। ବିଭିନ୍ନ ଯୋଜନାରେ ଲୋକମାନେ ନେଉଥିବା ଋଣର ସୁଧ ବୋଝକୁ ହାଲକା କରିବା ଲାଗି ସୁଧ ରିହାତି ଯୋଜନା ହାତକୁ ନିଆଯାଇଛି।



ଭର୍ଚୁଆଲ ସମୀକ୍ଷା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

ମିଶନ ଶକ୍ତିକୁ ଧାର୍ଯ୍ୟ ଲକ୍ଷ୍ୟଠାରୁ ୫୦୦ କୋଟି ଅଧିକ ଋଣ ଯୋଗାଣ କରାଯାଇଛି। ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ୩,୨୪୦ କୋଟି ଟଙ୍କା ଯୋଗାଣ ନେଇ ଯୋଜନା ରଖାଯାଇଥିବା ବେଳେ ଏସଏଚ୍‌ଜି ୩୭୪୫ କୋଟି ଟଙ୍କା ପାଇପାରିଛନ୍ତି। ଏସ୍ଏଚ୍‌ଜି ପ୍ରଦାନ କରାଯାଉଥିବା ହାରାହାରି ଋଣ ପରିମାଣକୁ ବଢାଇବା ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମିଶନ ଶକ୍ତିରେ ଭଲ ପରଫରମାନ୍ସ ଲାଗି ସେ ଗଞ୍ଜାମ, ବାଲେଶ୍ୱର, ନୂଆପଡା, କନ୍ଧମାଳ ଏବଂ ଅନୁଗୋଳ ଭଳି ଜିଲାକୁ ଶୁଭେଚ୍ଛା ଜଣାଇଛନ୍ତି। କୃଷି ଏବଂ ଏମ୍ଏସ୍ଏମ୍ଇ ଅର୍ଥ ବ୍ୟବସ୍ଥାର ଏକ ଅଭିନ୍ନ ଅଙ୍ଗ ହୋଇଥିବାରୁ ସେମାନଙ୍କୁ ଋଣ ଯୋଗାଣରେ ଯେଭଳି କୌଣସି ଅସୁବିଧା ନ ହୁଏ ତାକୁ ବିଚାର କରିବାକୁ କହିଛନ୍ତି। ବ୍ୟାଙ୍କଗୁଡିକ ସେମାନଙ୍କ ଧାର୍ଯ୍ୟ ଋଣ ଯୋଗାଣ ଲକ୍ଷ୍ୟ ହାସଲ କରିବା ଲାଗି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ବ୍ୟାଙ୍କଗୁଡ଼ିକ ଏହି ଲକ୍ଷ୍ୟ ହାସଲ ଦିଗରେ ସକ୍ଷମ ହେବେ ବୋଲି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଆଶାବାଦୀ ରହିଛନ୍ତି। ଏହ ଅବସରରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ।

# ଗାଁ, ସହରରେ ନିୟମ କଡ଼ାକଡ଼ି କର

## ସମ୍ଭାବ୍ୟ ୨ୟ ପର୍ଯ୍ୟାୟ କୋଭିଡ୍‌କୁ ସରକାରଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ୨୬।୨(ବ୍ୟୁରୋ)**

ପୁନର୍ବାର କୋଭିଡ୍ ସଂକ୍ରମଣ ବଢୁଥିବା ନେଇ ରାଜ୍ୟ ସରକାର ଏବେଠାରୁ ଏନେଇ ଗୁରୁତ୍ୱାରୋପ କରିଛନ୍ତି। ସମ୍ଭାବ୍ୟ ୨ୟ ପର୍ଯ୍ୟାୟ କୋଭିଡ୍ ସଂକ୍ରମଣ ରୋକିବା ଲାଗି ଉଭୟ ଗ୍ରାମ ଓ ସହରାଞ୍ଚଳରେ କୋଭିଡ୍ ନିୟମ ପ୍ରବର୍ତ୍ତନ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଜିଲାପାଳ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଲୋକସେବା ଭବନରୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବିଭିନ୍ନ ଜିଲାର ସ୍ଥିତି ସମୀକ୍ଷା କରି ଏହି ନିର୍ଦ୍ଦେଶ ଦିଆଯାଇଛି।

ଏହି ଅବସରରେ ମୁଖ୍ୟ ଶାସନ ସଚିବ କହିଛନ୍ତି, ସଂକ୍ରମଣ ପ୍ରତିରୋଧର ଏକ ଗୁରୁତ୍ୱପୂର୍ଣ୍ଣ ଉପାୟ ହେଉଛି ସଂକ୍ରମିତ ଲୋକଙ୍କୁ ପ୍ରଥମରୁ ଚିହ୍ନଟକରି ଚିକିତ୍ସା ଓ ପୃଥକ୍ ବାସ ଲାଗି ଆବଶ୍ୟକ ପରାମର୍ଶ ଦେବା। ଏହାଛଡା ଅଧିକ ଲୋକ ଯାତାୟାତ ସ୍ଥାନ, ହାଟ, ବଜାର, ସହର ଓ ଗ୍ରାମଗୁଡିକରେ ମାସ୍କ ପିନ୍ଧିବା ଓ ପରସ୍ପରଠାରୁ ଦୂରତା ରକ୍ଷା କରିବା ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରିବା ଏକାନ୍ତ ଆବଶ୍ୟକ। ପ୍ରଥମ ପର୍ଯ୍ୟାୟ ସଂକ୍ରମଣ ପରିଚାଳନାରେ ଜିଲା ଓ ପଞ୍ଚାୟତଗୁଡିକ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି, ଯେଉଁଥିଲାଗି ଓଡ଼ିଶା ଅପେକ୍ଷାକୃତ ଭାବେ ଭଲ ସ୍ଥିତିରେ ରହିଛି। ସମ୍ଭାବ୍ୟ ୨ୟ ପର୍ଯ୍ୟାୟ ସଂକ୍ରମଣ ରୋକିବା ନିମନ୍ତେ ଅଧିକ ଦକ୍ଷତାର ସହ ଟିମ୍ ମନୋଭାବରେ କାର୍ଯ୍ୟ କରିବା ଲାଗି ଜିଲାପାଳ, ସରପଞ୍ଚ, ୱାର୍ଡମେମ୍ବର ଏବଂ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅବସରରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି, ସରପଞ୍ଚ ଓ ୱାର୍ଡମେମ୍ବରମାନଙ୍କ ବୈଠକ ଡାକି କୋଭିଡ୍ ସଂକ୍ରମଣ, ନିରାକରଣ, ସଂକ୍ରମିତ ଲୋକଙ୍କ ଚିହ୍ନଟ, ସ୍ୱଗୃହରେ ପୃଥକ୍ ବାସ ଓ ଚିକିତ୍ସା ଆଦି ବିଷୟରେ ସବିଶେଷ ଆଲୋଚନା କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ଗାଁ ଓ ସହରରେ ମାଇକ ମାଧ୍ୟମରେ ପ୍ରଚାର ସହ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ନିୟମ ଉଲଘଂନକାରୀଙ୍କ ଠାରୁ ଜରିମାନା ଆଦାୟ ଆରମ୍ଭ କରିବାକୁ କୁହାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଛନ୍ତି, ଅନ୍ୟ ରାଜ୍ୟ ଓ ବିଦେଶରୁ ଆସୁଥିବା ବ୍ୟକ୍ତିମାନଙ୍କ ଆର୍‌ଟି-ପିସିଆର୍ ଟେଷ୍ଟ ଏବଂ ନିଜ ଗୃହରେ ପୃଥକ୍ ବାସ ଉପରେ ଗୁରୁତ୍ୱାରୋପ କରିଛନ୍ତି। କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ପଞ୍ଜାବ ଆଦି ରାଜ୍ୟରେ ଦେଖାଦେଇଥିବା ୨ୟ ପର୍ଯ୍ୟାୟ ଭୂତାଣୁ ଅଧିକ କ୍ଷତିକାରକ ବୋଲି ପ୍ରଦୀପ୍ତ ସତର୍କ କରାଇ ଦେଇଛନ୍ତି। ପ୍ରତି ଜିଲାରେ ଅଧିକରୁ ଅଧିକ ଆର୍‌ଟି-ପିସିଆର୍ ଟେଷ୍ଟ କରାଇବା ନେଇ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କୁ ଚିହ୍ନଟ, ପରୀକ୍ଷା ଓ ସ୍ୱଗୃହରେ ପୃଥକ୍ ବାସ ଆଦି କାର୍ଯ୍ୟରେ ସରପଞ୍ଚ, ୱାର୍ଡମେମ୍ବର, ଜନପ୍ରତିନିଧି ଏବଂ ସ୍ୱେଚ୍ଛାସେବୀମାନଙ୍କୁ ସକ୍ରିୟଭାବେ ସାମିଲ କରିବାକୁ ପରାମର୍ଶ ଦିଆଯାଇଛି। ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦର, ଝାରସୁଗୁଡ଼ା ବିମାନବନ୍ଦର ଏବଂ ଓଡ଼ିଶାର ବିଭିନ୍ନ ରେଳ ଷ୍ଟେଶନରେ ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କ ଥର୍ମାଲ ସ୍କ୍ରିନିଂ ସହ ଆବଶ୍ୟକ ମନେହେଲେ ଆର୍‌ଟି-ପିସିଆର୍ ଟେଷ୍ଟକୁ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ପୌରାଞ୍ଚଳ କମିଶନର ଏବଂ ପୂର୍ବତଟ ରେଳପଥ ମହାନିର୍ଦ୍ଦେଶକଙ୍କୁ କୁହାଯାଇଛି।

# ବନ୍ଦ ଡାକରାକୁ ବ୍ୟବସାୟୀ ସଂଘର ପୂର୍ଣ୍ଣ ସମର୍ଥନ

**ଭୁବନେଶ୍ୱର, ୨୬।୨(ବ୍ୟୁରୋ)**

ଜିଏସ୍‌ଟି ସରଳୀକରଣ ପାଇଁ ବ୍ୟବସାୟୀ ସଂଘ ଦେଇଥିବା ଭାରତ ବନ୍ଦ ଡାକରାକୁ ଓଡିଶାରେ ସମର୍ଥନ ମିଳିଛି। କଟକ ନଗର ବ୍ୟବସାୟୀ ସଂଘ ଏହାକୁ ସମର୍ଥନ କରିଥିଲା। ଫଳରେ ରାଜ୍ୟର ସବୁ ଅଞ୍ଚଳରେ ଦୋକାନ, ବଜାର ବନ୍ଦ ରହିଥିଲା। କାଁ ଭାଁ କେତେକ ସ୍ଥାନକୁ ବାଦ୍ ଦେଲେ ବ୍ୟବସାୟୀମାନେ ପ୍ରତିଷ୍ଠାନ ବନ୍ଦ ରଖିଥିଲେ। ବନ୍ଦ ଡାକରାକୁ ଦେଶବ୍ୟାପୀ ୪୦ ହଜାର ଟ୍ରେଡ୍ ଆସୋସିଏଶନ ସମର୍ଥନ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ସରକାରୀ କାର୍ଯ୍ୟାଳୟ ଲାଗି କିଛି କଟକଣା ରଖାଯାଇଥିଲା। ହେଲେ ରାଜ୍ୟର ସବୁଆଡେ ଗାଡି ମୋଟର ଯାତାୟାତ କରୁଥିଲା। ଜାତୀୟ ରାଜପଥରେ ଟ୍ରକ, ବସ୍ ଚାଲୁ ନ ଥିବା ଦେଖିବାକୁ ମିଳିଥିଲା। ଏପରିକି ଆନ୍ତଃ ରାଜ୍ୟ ବସ୍ ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ତେବେ ପେଟ୍ରୋଲ ପମ୍ପଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ ଆଦି ସବୁ କିଛି ଖୋଲା ରହିଥିଲା। ଟାଉନ ବସ୍, ବାଇକ୍ ଏବଂ ଚାରି ଚକିଆ ଯାନ ଚଳାଚଳ କିନ୍ତୁ ସ୍ୱାଭାବିକ ରହିଥିଲା। ଆନ୍ଦୋଳନ ଡାକରା ଦେଇଥିବା କର୍ମୀ କେତେକ ସ୍ଥାନରେ ଗାଡି ଅଟକାଇଥିଲେ। ରାଜଧାନୀ ଭୁବନେଶ୍ୱରରେ ସବୁ କିଛି ସ୍ୱାଭାବିକ ରହିଥିଲା।




# ଛାତ୍ରୀଙ୍କୁ ପୋଡ଼ି ମାରିବା ଉଦ୍ୟମ ଘଟଣା: ୨ ଅଟକ

- କଟକ ମାନସିଂହପାଟଣାରେ ହାତଗୋଡ଼ ବାନ୍ଧି ନିଆଁ ଲଗାଇଥିଲେ ଦୁର୍ବୃତ୍ତ
- ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି

**କଟକ ଅଫିସ, ୨୬।୨**

କଟକ ମାନସିଂପାଟଣା ମସ୍ତରାମ ମଠ ଗଳିରେ ଜଣେ କଲେଜ ଛାତ୍ରୀଙ୍କୁ ହାତଗୋଡ଼ ବାନ୍ଧି ପୋଡ଼ି ମାରିବାକୁ ଉଦ୍ୟମ ଘଟଣାରେ ଲାଲବାଗ ପୋଲିସ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏହି ଘଟଣାରେ ଜଣେ ମହିଳାଙ୍କୁ ମିଶାଇ ୪ ଜଣଙ୍କ ସମ୍ପୃକ୍ତି ରହିଥିବା ପୋଲିସ କହିଛି। ଏହି ଘଟଣା କାହିଁକି ଓ କିପରି ଘଟିଲା, ତାହାକୁ ନେଇ ପୋଲିସ ବିଭିନ୍ନ ଦିଗରୁ ଅଧିକ ତଦନ୍ତ ଜାରି ରଖିଛି। ପୋଲିସ ଅଟକ ରଖିଥିବା ଦୁଇ ଜଣଙ୍କ ମଧ୍ୟରୁ ଜଣେ ସମ୍ପୃକ୍ତା ଛାତ୍ରୀଙ୍କ ମାଉସୀ ପୁଅ ଭାଇ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ତେବେ ଅଟକ ରହିଥିବା ଦୁଇ ଜଣଙ୍କ ସମେତ ତାଙ୍କ ପରିବାର ନାମରେ ୪୨ ମୌଜା ବେଷ୍ଟକାର ଫାଣ୍ଡିରେ ୨୦ ଦିନ ପୂର୍ବରୁ ସମ୍ପୃକ୍ତା ଛାତ୍ରୀଙ୍କ ପରିବାର ପକ୍ଷରୁ ଏକ ଅଭିଯୋଗ ହୋଇଥିଲା ବୋଲି ବେଷ୍ଟକାର ଫାଣ୍ଡି ଅଧିକାରୀ କହିଛନ୍ତି। ଅଭିଯୋଗ ହୋଇଥିବା ପରିବାର ଛାତ୍ରୀଙ୍କ ଫଟୋ ସୋସିଆଲ ମିଡିଆରେ ଅପ୍‌ଲୋଡ କରିଥିଲେ। ଏହାକୁ ନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ କଟକ ସାଇବର ଥାନାରେ ଅଭିଯୋଗ ହୋଇଥିଲା। ଲାଲବାଗ ଥାନାରେ ଅଟକ ଥିବା ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କର ଅଭିଭାବକ କହିଛନ୍ତି ଯେ, ମୋ ପୁଅ ନିର୍ଦ୍ଦୋଷ। ଏହି ମାମଲା ଗତ ଦୁଇ ମାସ ହେବ ଚାଲିଛି। ଏଥିପାଇଁ ଆମେ ବେଷ୍ଟକାର ଫାଣ୍ଡି ଓ ପରେ କଟକ ସଦର ଥାନାକୁ ମଧ୍ୟ ଯାଇଛୁ। ଘଟଣାର କୌଣସି ସମାଧାନ ଏପର୍ଯ୍ୟନ୍ତ ଥାନାରେ ବାହାରି ପାରିନାହିଁ। ତାଙ୍କ ଝିଅ ପୋଡ଼ିଯିବାରୁ ଏ ବିଷୟରେ ପୋଲିସ ତନାଘନା ଆରମ୍ଭ କରିଛି। ଅପରପକ୍ଷେ ଲାଲବାଗ ଥାନା ଅଧିକାରୀ ପାଞ୍ଚ ଜଣିଆ ସାଇଣ୍ଟିଫିକ୍ ଟିମ୍ ଧରି ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବାର ଜଣାପଡିଛି।

ସୂଚନାଯୋଗ୍ୟ, ଛାତ୍ରୀ ଜଣଙ୍କ ଖ୍ରୀଷ୍ଟ କଲେଜରେ ପଢୁଥିବାବେଳେ ମା'ବାପା ଓ ଭାଇଙ୍କ ସମେତ ବର୍ଷେ ହେବ ମାନସିଂହପାଟଣାଠାରେ ଘରଭଡ଼ା ନେଇ ରହୁଥିଲେ। ଉକ୍ତ ଘରେ ଗୁରୁବାର ସମ୍ପୃକ୍ତା ଛାତ୍ରୀଙ୍କୁ ଦୁର୍ବୃତ୍ତମାନେ ନିଶା ଇଞ୍ଜେକସନ ଦେବା ସହ ହାତଗୋଡ଼ ବାନ୍ଧି କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ସେ ଚିକିତ୍ସିତ ହେଉଥିବାବେଳେ ଶୁକ୍ରବାର ସୁଦ୍ଧା ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହେଉଥିବା ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି।




# ଗାଡ଼ିଆରେ ବୁଡ଼ି ୨ ଶିଶୁକନ୍ୟା ମୃତ

## ଗୋଶାଳା ଅଞ୍ଚଳରେ ଶୋକର ଛାୟା



ଦୁଇ ଶିଶୁକନ୍ୟାଙ୍କ ଫାଇଲ ଫଟୋ।

**ସମ୍ବଲପୁର, ୨୬।୨(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲା ଥାନା ଗୋଶାଳା କ୍ଲବପଡ଼ାରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଗାଡ଼ିଆରେ ବୁଡ଼ି ୨ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଡୋଲେଶ୍ୱରୀ ଛୁରିଆ (୩) ଓ ନିଶା ମହାନନ୍ଦ (୩)। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଘଟଣାକୁ ନେଇ ଗୋଶାଳା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମିଳିଥିବା ରିପୋର୍ଟ ଅନୁସାରେ ସକାଳ ପ୍ରାୟ ୮ଟା ସମୟରେ ପ୍ରତିଦିନ ଭଳି ଦୁଇ ଶିଶୁକନ୍ୟା ଖେଳିବାକୁ ଯାଇଥିଲେ। ଘରଠାରୁ କିଛି ଦୂରରେ ଏକ ଗାଡ଼ିଆ ରହିଛି। ଖେଳୁଥିବା ସମୟରେ ଦୁଇ ଶିଶୁ ଗାଡ଼ିଆ ଭିତରେ ପ୍ରାୟ ୩ଫୁଟ ଗଭୀର ପାଣିରେ ବୁଡ଼ିଯାଇଥିଲେ। ଦେଢଘଣ୍ଟା ପରେ ପିଲାମାନଙ୍କୁ ନ ପାଇ ପରିବାର ଲୋକେ ଚିନ୍ତିତ ହୋଇପଡ଼ିଥିଲେ। ପାଖ ପଡ଼ିଶାରେ ପଚରାଉଚୁରା କରିଥିଲେ। ପରେ ସନ୍ଦେହରେ ଗାଡ଼ିଆରେ ଖୋଜାଖୋଜି କରି ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ସଙ୍ଗେ ସଙ୍ଗେ ସେମାନଙ୍କୁ ବୁର୍ଲା ଭିମ୍‌ସାରକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ପ୍ରଦ୍ୟୁମ୍ନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ୬୫୦ କୋଟିର ସି-ଶୋର ...

ହେଲେ ଜମାକାରୀଙ୍କୁ ଅର୍ଥ ଫେରାଇ ନ ଥିଲା। ସି-ଶୋର ଗ୍ରୁପ୍ ପ୍ରାୟ ୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ସେ ସମୟରେ ଅଭିଯୋଗ ହୋଇଥିଲା, ଯାହାର ତଦନ୍ତ ଭାର ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ଏହି ଠକେଇରେ ଅନେକ ପ୍ରଭାବଶାଳୀ ତଥା ନେତା, ଅଭିନେତା, ଶିଳ୍ପପତି, ବ୍ୟବସାୟୀ ଓ ସରକାରୀ ଅଧିକାରୀଙ୍କ ସମ୍ପୃକ୍ତି ଅଭିଯୋଗ ଉଠିଥିଲା। ସିବିଆଇ ପକ୍ଷରୁ ପର୍ଯ୍ୟାୟ କ୍ରମେ ନୋଟିସ୍ କରାଯାଇ ସେମାନଙ୍କୁ ଜେରା କରାଯାଇଥିଲା।

୨୦୨୦ ସେପ୍ଟେମ୍ବରରେ ସିବିଆଇ ଅଧିକାରୀମାନେ ସି-ଶୋର ଚିଟ୍‌ଫଣ୍ଡ ଠକେଇ ମାମଲାରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ଦେବୀ ପ୍ରସାଦ ମିଶ୍ରଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଚଢ଼ାଉ କରିଥିଲେ। ଦେବୀ ପର୍ଯ୍ୟଟନ ମନ୍ତ୍ରୀ ଥିବାବେଳେ ଖୋର୍ଦ୍ଧାରେ ଥିବା ସରକାରୀ ଗେଷ୍ଟ ହାଉସ୍‌କୁ ପରିଚାଳନା କରିବା ପାଇଁ ସି-ଶୋରକୁ ଅନୁମତି ଦେବା ସହ କଟକରେ ୱାଟର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଏବଂ ରେଷ୍ଟୁରାଣ୍ଟ ନିର୍ମାଣ ପାଇଁ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ସିବିଆଇ ଏହାକୁ ତଦନ୍ତ ପରିସରଭୁକ୍ତ କରିଥିଲା। ଏହାପୂର୍ବରୁ ରାଜ୍ୟ ସରକାରଙ୍କ ୨ଜଣ ଅଧିକାରୀ ପରାଗ ଗୁପ୍ତା ଓ ସଂଗ୍ରାମ କେଶରୀ ରାୟଙ୍କୁ ସିବିଆଇ ନୋଟିସ୍ କରିଥିଲା। ସି-ଶୋର ସହ ସରକାରଙ୍କ ଏମ୍ଓୟୁ ସ୍ୱାକ୍ଷର ବେଳେ ପରାଗ ପର୍ଯ୍ୟଟନ ବିଭାଗର ସଚିବ ଥିବାବେଳେ ସଂଗ୍ରାମ ଓଟିଡିସିର ଜେନେରାଲ ମ୍ୟାନେଜର ଥିଲେ।

## ନିବେଶକଙ୍କ କ୍ଷତି ୫ ...

ନିବେଶରେ ଅଧିକ ଲାଭ ଆଶା ଯୋଗୁ ଭାରତୀୟ ପୁଞ୍ଜିବଜାର ଉପରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି।ଭାରତର ତୃତୀୟ ତ୍ରୈମାସ ଜିଡିପି ଡାଟା ଆସିବା ପୂର୍ବରୁ ମଧ୍ୟ ନିବେଶକ ସତର୍କତା ଦେଖାଇଛନ୍ତି। ସେହିଭଳି ଆମେରିକା ଏବଂ ସିରିଆ ମଧ୍ୟରେ ଭୌଗୋଳିକ ତିକ୍ତତାକୁ ମଧ୍ୟ ନିବେଶକ ବିଚାରକୁ ନେଇଛନ୍ତି। କାରବାର ଶେଷ ହେବା ବେଳକୁ ବିଏସ୍ଇ ସେନ୍‌ସେକ୍ସ ୧୯୩୯.୩୨ ପଏଣ୍ଟ ବା ୩.୮୦% ନିମ୍ନରେ ରହିବା ଯୋଗୁ ୪୯,୦୯୯.୯୯ ପଏଣ୍ଟରେ ବନ୍ଦ ହୋଇଛି। ମେ ୪ ପରଠାରୁ ଏହା ସବୁଠାରୁ ବଡ ଧରଣର ଦୈନିକ କ୍ଷତି। ସେହିଭଳି ନିଫ୍ଟି ୫୬୮.୨୦ ପଏଣ୍ଟ ୩.୭୬% ନିମ୍ନରେ ରହି ୧୪,୫୨୯.୧୫ ପଏଣ୍ଟ ସ୍ତରକୁ ଖସିଛି। ଗତ ବର୍ଷ ମାର୍ଚ୍ଚ ୨୩ ପରଠାରୁ ଏହା ନିଫ୍ଟିରେ ସର୍ବାଧିକ ଦୈନିକ ହ୍ରାସ। ସେନ୍‌ସେକ୍ସର ୩୦ ଶେୟାର ମଧ୍ୟରୁ ସବୁ ଶେୟାର କାରବାର କ୍ଷତି ସହିଛନ୍ତି। ବ୍ୟାଙ୍କିଙ୍ଗ୍ ଇଣ୍ଡେକ୍ସ ସର୍ବାଧିକ ୪.୮%ରୁ ଊର୍ଦ୍ଧ୍ୱ ଖସିଛି। ସେହିଭଳି ଫାଇନାନ୍ସିଆଲ ଏବଂ ଟେଲିକମ୍ ସୂଚକାଙ୍କ ଯଥାକ୍ରମେ ୪.୦୯% ଏବଂ ୩.୮୫% ଖସିଛି। ବିଶ୍ୱର ଅନ୍ୟ ପ୍ରମୁଖ ଶେୟାର ବଜାରଗୁଡ଼ିକରେ କାରବାର କ୍ଷତି ଦେଖବାକୁ ମିଳିଛି।

## ପୁଣି ଆଇସୋଲେଶନ...

ଉପରୋକ୍ତ ପଦକ୍ଷେପ ନେଇଛନ୍ତି। ପୂର୍ବରୁ ବିମାନବନ୍ଦର ଓ ରେଳଷ୍ଟେଶନରେ ସ୍କ୍ରିନିଂ ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ମିଳିବା ପରେ ବିମାନବନ୍ଦରରେ ପଦକ୍ଷେପ ନିଆଯାଇଛି। ସୂଚନାଯୋଗ୍ୟ, ବର୍ତ୍ତମାନ ରାଜ୍ୟ ବାହାରୁ ପ୍ରାୟ ୪ ହଜାର ଯାତ୍ରୀ ପ୍ରତିଦିନ ଓଡ଼ିଶା ଆସୁଛନ୍ତି। ଭୁବନେଶ୍ୱର ବିମାନବନ୍ଦରକୁ ପ୍ରତିଦିନ ପ୍ରାୟ ୩୨ଟି ବିମାନ ଯାତାୟାତ କରୁଛି। ଏଥିମଧ୍ୟରୁ ଦିଲ୍ଲୀରୁ ପ୍ରତିଦିନ ୧୦, ମୁମ୍ବାଇରୁ ୫, ହାଇଦ୍ରାବାଦରୁ ୩ ତଥା ସୁରାଟ, କୋଲକାତା, ଚେନ୍ନାଇ ପ୍ରଭୃତି ଅଞ୍ଚଳରୁ ବିମାନ ଭୁବନେଶ୍ୱର ଯା'ଆସ କରୁଛି।

## ବରିଷ୍ଠ ବ୍ୟକ୍ତିଙ୍କୁ ଟିକା ପାଇଁ ପଞ୍ଜୀକରଣ

ନୂଆଦିଲ୍ଲୀ, ୨୬।୨(ପି.ଟି.)

ମାର୍ଚ୍ଚ ୧ରୁ ଦେଶରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏବଂ ବହୁବିଧ ରୋଗ ଥିବା ୪୫ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ କୋଭିଡ୍ ଟିକା ଦିଆଯିବ। ଏଥିପାଇଁ ପଞ୍ଜୀକରଣ କରିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର କୁହାଯାଇଛି। ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଟିକାଦାନ ସ୍ଥାନରେ ପଞ୍ଜୀକରଣ କରାଯିବ। ତେଣୁ ହିତାଧିକାରୀମାନେ ଚିହ୍ନଟ ହୋଇଥିବା ଟିକାକେନ୍ଦ୍ରକୁ ଯାଇ ନିଜକୁ ପଞ୍ଜୀକରଣ କରାଇନେବା ଲାଗି ପରାମର୍ଶ ଦିଆଯାଇଛି। ଏହାବ୍ୟତୀତ ହିତାଧିକାରୀ ସିଓ-ଡବ୍ଲ୍ୟୁଆଇଏନ୍ ୨.୦ ପୋର୍ଟାଲ ଏବଂ ଆରୋଗ୍ୟ ସେତୁ ଭଳି ଆପ୍ଲିକେଶନ ଡାଉନଲୋଡ୍ କରି ନିଜକୁ ଆଗୁଆ ପଞ୍ଜୀକରଣ କରାଇପାରିବେ। ସେଥିରେ ଟିକା ଦିଆଯିବାକୁ ଥିବା ସରକାରୀ ଓ ଘରୋଇ ହସ୍ପିଟାଲଗୁଡ଼ିକର ତାଲିକା, ଟିକାଦାନ ତାରିଖ ଓ ସମୟ ଉପଲବ୍ଧ ହେବ। ହିତାଧିକାରୀ ନିଜ ପସନ୍ଦର ଟିକାଦାନ କେନ୍ଦ୍ର ବାଛି ଟିକା ନେବା ଲାଗି ଆପଏଣ୍ଟମେଣ୍ଟ ବୁକ୍ କରିବେ। ସରକାରୀ ହସ୍ପିଟାଲରେ ମାଗଣାରେ ଟିକା ଦିଆଯିବାକୁ ଥିବାବେଳେ ଘରୋଇ ହସ୍ପିଟାଲରେ ଧାର୍ଯ୍ୟ ଦେୟ ଦେବାକୁ ପଡ଼ିବ। ଏକ ଉଚ୍ଚସ୍ତରୀୟ ବୈଠକ ଅବସରରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସ୍ୱାସ୍ଥ୍ୟ ସଚିବ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶକମାନଙ୍କୁ ଏସମ୍ପର୍କରେ କେନ୍ଦ୍ର ସରକାର ଜଣାଇ ଦେଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା।

## ପ୍ରଥମ ପୃଷ୍ଠାରୁ...

### ପଶ୍ଚିମବଙ୍ଗରେ ୮ ...

ପର୍ଯ୍ୟାୟରେ ୩୦ ଆସନ, ଏପ୍ରିଲ ୬ ତୃତୀୟ ପର୍ଯ୍ୟାୟରେ ୩୧ ଆସନ, ଏପ୍ରିଲ ୧୦ ଚତୁର୍ଥ ପର୍ଯ୍ୟାୟରେ ୪୪ ନିର୍ବାଚନ ମଣ୍ଡଳୀ, ଏପ୍ରିଲ ୧୭ ପଞ୍ଚମ ପର୍ଯ୍ୟାୟରେ ୪୫, ଏପ୍ରିଲ ୨୨ ଷଷ୍ଠ ପର୍ଯ୍ୟାୟରେ ୪୩, ଏପ୍ରିଲ ୨୬ ସପ୍ତମ ପର୍ଯ୍ୟାୟରେ ୩୬ ଏବଂ ଏପ୍ରିଲ ୨୯ ଅଷ୍ଟମ ପର୍ଯ୍ୟାୟରେ ୩୫ ଆସନରେ ମତଦାନ ହେବ। ପଶ୍ଚିମବଙ୍ଗକୁ ଇସି ଦୁଇଜଣ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ପଠାଇବେ। ଆବଶ୍ୟକ ପଡ଼ିଲେ ଆଉ ଜଣେ ପର୍ଯ୍ୟବେକ୍ଷକଙ୍କୁ ପଠାଯିବ ବୋଲି ଆରୋରା କହିଛନ୍ତି।

କରୋନା ସୁରକ୍ଷା ଗାଇଡ୍‌ଲାଇନକୁ ଦୃଷ୍ଟିରେ ରଖି ପ୍ରାର୍ଥୀମାନେ ଅନ୍‌ଲାଇନରେ ନାମାଙ୍କନ ପତ୍ର ଦାଖଲ କରିବା ଲାଗି ବ୍ୟବସ୍ଥା ହେବ। ସେହିପରି ମତଦାନ ପାଇଁ ଅତିରିକ୍ତ ଏକଘଣ୍ଟା ଦିଆଯିବ। ସମ୍ବେଦନଶୀଳ ଅଞ୍ଚଳରେ ଥିବା ଭୋଟକେନ୍ଦ୍ରରେ ୱେବ୍‌କାଷ୍ଟିଂ ବ୍ୟବସ୍ଥା ହେବାକୁ ଥିବାବେଳେ ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ପର୍ଯ୍ୟାପ୍ତ ସଂଖ୍ୟାରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ମୁତୟନ ହେବ। ଭୋଟରମାନଙ୍କ ସୁବିଧା ପାଇଁ ସମସ୍ତ ଭୋଟଗ୍ରହଣ କେନ୍ଦ୍ର ତଳ ମହଲାରେ କରିବାକୁ କୁହାଯାଇଛି। କରୋନା ପାଇଁ ନିର୍ବାଚନ ପ୍ରଚାରରେ କେତେକ କଟକଣା ଲାଗୁ ହୋଇଛି। ଘରକୁ ଘର ଯାଇ ନିର୍ବାଚନ ପ୍ରଚାରରେ ପ୍ରାର୍ଥୀଙ୍କ ସମେତ ୫ ଜଣଙ୍କୁ ଅନୁମତି ମିଳିବ। ସେହିପରି ରୋଡ୍‌ଶୋ'ରେ ୫ରୁ ଅଧିକ ଗାଡ଼ି ଭାଗନେଇ ପାରିବେ ନାହିଁ। ଏପ୍ରିଲ ୧୩ରେ ଅବସର ନେବାକୁ ଥିବା ସିଇସି ଆରୋରାଙ୍କ ପାଇଁ ଏହା ଥିଲା ଶେଷ ନିର୍ବାଚନ ପରିଚାଳନା। ଗତବର୍ଷ ବିହାର ନିର୍ବାଚନର ସଫଳ ପରିଚାଳନା ଲାଗି କୃତଜ୍ଞତା ଜଣାଇବା ସହ ଏଥର ମଧ୍ୟ ସଫଳ ହେବା ନେଇ ଆରୋରା ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

### ମାର୍ଚ୍ଚ ୩୧ ଯାଏ...

୧୨୦ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ମୋଟ ସଂକ୍ରମଣ ମାମଲା ୧,୧୦,୬୩,୪୯୧ରେ ପହଞ୍ଚିଛି। ସେଥିରୁ ୧,୦୭,୫୦,୬୮୦ ଜଣ ସୁସ୍ଥ ହୋଇଥିବାବେଳେ ୧,୫୫,୯୮୬ ସକ୍ରିୟ ମାମଲା ରହିଛି। କରୋନାରେ ମୋଟ ୧,୫୬,୮୨୫ ଜଣ ପ୍ରାଣ ହରାଇଛନ୍ତି।

### ସକାଳୁଆ ହେବ ...

ବିଭାଗ କିମ୍ବା ପୌର ପରିଷଦ ସହ ଯୋଗାଯୋଗ କରି ଅଚଳ ନଳକୂପଗୁଡ଼ିକର ମରାମତି ସହ ବିଦ୍ୟାଳୟରେ ପାନୀୟ ଜଳ ଉପଲବ୍ଧକୁ ସୁନିଶ୍ଚିତ କରିବେ। ସ୍କୁଲରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ପର୍ଯ୍ୟାପ୍ତ ପରିମାଣର ଓଆର୍‌ଏସ୍ ଗଚ୍ଛିତ ରଖିବା ବ୍ୟବସ୍ଥା କରାଇବେ। ଯେଉଁ ବିଦ୍ୟାଳୟଗୁଡ଼ିକ ଛାତ୍ରୀଛାତ୍ର ଏବଂ କର୍ମଚାରୀମାନଙ୍କ ପାଇଁ ପରିବହନ ସେବା ଯୋଗାଇ ଦେଉଛନ୍ତି, ସେଗୁଡ଼ିକ କୋଭିଡ୍-୧୯ ମାର୍ଗଦର୍ଶିକାର ଅନୁପାଳନ ସହ ଖରାରୁ ଦୂରେଇ ରଖିବା ଭଳି ସେବା ଯୋଗାଇଦେବେ। ଏହା ସହ ପିଲାମାନଙ୍କୁ ପାଣିବୋତଲ ସାଙ୍ଗରେ ଦେବା ପାଇଁ ଅଭିଭାବକମାନଙ୍କୁ ସଚେତନ କରାଯିବ।ପ୍ରଧାନଶିକ୍ଷକଏବଂସ୍କୁଲ ପରିଚାଳନା କମିଟି ଏ ବାବଦରେ ସଚେତନତା ସୃଷ୍ଟି କରିବେ। ପ୍ରଧାନ ଶିକ୍ଷକମାନେ ପିଲାମାନଙ୍କୁ ଗ୍ରୀଷ୍ମପ୍ରବାହରୁ ସୁରକ୍ଷିତ ରହିବା ପାଇଁ ଶିକ୍ଷାଦେବା ସହ ସେମାନଙ୍କୁ ସଚେତନ କରାଇବେ। ପାଠପଢ଼ା ସମୟରେ ପିଲାମାନେ ବାହାରେ ଖରାକୁ ଯିବେ ନାହିଁ କିମ୍ବା କୌଣସି ଖେଳକୁଦ ପରି ଶାରୀରିକ କାର୍ଯ୍ୟ କରିବେ ନାହିଁ। ମାର୍ଚ୍ଚ ୧ରୁ ଏହି ମାର୍ଗଦର୍ଶିକା ଲାଗୁ ହେବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି। ପୂର୍ବରୁ ଜାରି କରାଯାଇଥିବା କୋଭିଡ୍ ମାର୍ଗଦର୍ଶିକା ସହିତ ଏହି ମାର୍ଗଦର୍ଶିକାକୁ ପାଳନ କରିବା ପାଇଁ ପତ୍ରରେ ଉଲ୍ଲେଖ କରାଯାଇଛି।

ଉଲ୍ଲେଖଯୋଗ୍ୟ, କରୋନା ପାଇଁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ଥିଲା। କରୋନାର କୋପ ସାମାନ୍ୟ କମିବା ପରେ ରାଜ୍ୟ ସରକାର ଶିକ୍ଷାନୁଷ୍ଠାନ ଖୋଲିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲିଥିଲା। ପରେ ନବମ ଓ ଏକାଦଶ ଶ୍ରେଣୀ ଖୋଲିଥିଲା। କରୋନା ଗାଇଡ୍‌ଲାଇନ୍ ଅନୁସାରେ ପାଠପଢ଼ା ଚାଲିଥିଲା। ପ୍ରାଥମିକ ସ୍କୁଲ ଖୋଲିବା ନେଇ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇନାହାନ୍ତି।

### ଭୁବନେଶ୍ୱର ଉତ୍ତପ୍ତ...

ସେପଟେ ଶୁକ୍ରବାର ରାଜ୍ୟର ଅନ୍ୟ ସହରରେ ଯେପରିକି ବାରିପଦାରେ ୩୮.୬, ଅନୁଗୋଳରେ ୩୮.୧, ବଲାଙ୍ଗୀର ଓ ନୟାଗଡ଼ରେ ୩୮, ବାଲେଶ୍ୱରରେ ୩୭.୬, ଭବାନୀପାଟଣାରେ ୩୭.୫, ତାଳଚେରରେ ୩୭.୪, କଟକ, ଚାନ୍ଦବାଲି, ଟିଟିଲାଗଡ଼ ଓ ସୋନପୁରରେ ୩୭.୨, ସମ୍ବଲପୁର ୩୭.୧, ଝାରସୁଗୁଡ଼ାରେ ୩୭, ହୀରାକୁଦରେ ୩୬.୩, ସୁନ୍ଦରଗଡ଼ରେ ୩୬, ମାଲକାନଗିରିରେ ୩୫.୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ୍ୟ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ରାହୁ ମଙ୍ଗଳ ଯୋଗରୁ ପ୍ରତ୍ୟେକ ପ୍ରକାର ପରିସ୍ଥିତିକୁ ସାମ୍ନା କରି ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ଶୁଭକାର୍ଯ୍ୟ ପରିପ୍ରେକ୍ଷୀରେ ଆତ୍ମୀୟଙ୍କ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ମଧ୍ୟ କାମରେ ଶିଥିଳତା ପରିଲକ୍ଷିତ ହେବ। ନୂତନ ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ** କେନ୍ଦ୍ରସ୍ଥ ଚନ୍ଦ୍ର ପ୍ରଭାବରେ ସମ୍ପର୍କୀୟଙ୍କ କାମରେ ହସି ହସି ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ଚାହିଁ ବସିଥିବ ପ୍ରତୀକ୍ଷିତ ଖବର ହଠାତ୍ ପାଇ ଖୁସି ହୋଇଯିବେ। କଠୋର ଶ୍ରମ ଶେଷରେ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ମିଥୁନ** ଉପଚୟସ୍ଥ ଚନ୍ଦ୍ର ପ୍ରଭାବରେ ଅର୍ଥପ୍ରାପ୍ତିର ଲାଳସା ନେଇ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ମଧ୍ୟାହ୍ନ ପରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପାଖରେ ନ ଥିବା ଜିନିଷଟି ପାଇଁ ତର୍କ ଓ ବିବାଦ କରିପାରନ୍ତି।

**କର୍କଟ** ସାମାନ୍ୟ ଖର୍ଚ୍ଚାନ୍ତ ହେବା ଦ୍ୱାରା ଦୀର୍ଘଦିନର ଆଶା ଫଳବତୀ ହୋଇପାରିବ। ଅଫିସ୍ ସମ୍ବନ୍ଧୀୟ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସାହାଯ୍ୟର ଗନ୍ଧ ନ ଥାଇ ସାଙ୍ଗମାନଙ୍କ ଶୁଖିଲା ଉପଦେଶ ଶୁଣି ମନରେ ବିରକ୍ତି ଆସିବ। ଶାରୀରିକ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିପାରନ୍ତି।

**ସିଂହ** ଆଗାମୀ କାର୍ଯ୍ୟ ସକାଶେ ସମ୍ପର୍କୀୟଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମ କଲେ ଅବଶ୍ୟ ଉପକୃତ ହେବେ। କଳା, ସାହିତ୍ୟ, ସାମ୍ବାଦିକତାକୁ ନେଇ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ଆଲୋଚନା କାଳରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**କନ୍ୟା** କେତୁଙ୍କ ପ୍ରଭାବରେ ଉପର ମନ୍ୟରେ ମିଠା କଥା କହି ବନ୍ଧୁଙ୍କୁ ଆପଣାର କରିବେ। ପାରିବାରିକ ସ୍ତରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** ଶୁଭ କାର୍ଯ୍ୟରେ ବନ୍ଧୁମିଳନ ସଙ୍ଗକୁ ମିଷ୍ଟାନ୍ନ ଲାଭରୁ ମନ ଖୁସି ରହିବ। ସ୍ୱାତୀ ନକ୍ଷତ୍ର ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ମାର୍ଗ ଅନୁସରଣ କରିପାରନ୍ତି। ସରକାରୀ ଦପ୍ତରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ବିଛା** ବନ୍ଧୁଙ୍କ ସହ ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। କର୍ମକ୍ଷେତ୍ରରେ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢାଇ ଦେଇପାରେ। ଗମନାଗମନ କ୍ଷେତ୍ରରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ଅନୁରାଧା ନକ୍ଷତ୍ରର ବିଳମ୍ବରେ ହେଲେ ମଧ୍ୟ ଅଭୀଷ୍ଟ ସିଦ୍ଧି ଘଟିବ।

**ଧନୁ** ପାରିବାରିକ ଅସ୍ଥିରତା କାରଣରୁ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମୂଳା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ପରିବହନ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ବନ୍ଧୁମେଳରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ଅର୍ଥାଭାବ ଯୋଗୁ ବିଚଳିତ ହେବେ।

**ମକର** ଦ୍ୱିତୀୟସ୍ଥ ଏକାଧିକଗ୍ରହ ହେତୁ କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ସହକର୍ମୀଙ୍କ ସହ ଭ୍ରମଣ ସୁଯୋଗ ଲାଭ କରିବେ। ପାରିବାରିକ ସ୍ଥିତିରେ ଆଳାପ ଆଲୋଚନାରେ ଅଧିକାଂଶ ସମୟ କଟାଇବେ। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବାକୁ ମନ ବଳାଇ ପାରନ୍ତି।

**କୁମ୍ଭ** ବିଭିନ୍ନ ପ୍ରକାରର ସମସ୍ୟା ବିଜଡିତ ହୋଇ କର୍ମକ୍ଷେତ୍ର ପ୍ରତି ଉଦାସୀନ ହେବେ। ପୂର୍ବଭାଦ୍ରବ ନ୍ୟକ୍ଷତ୍ର ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପାରିବାରିକ ଖର୍ଚ୍ଚର ଭରଣା କରିବାକୁ ଧାର ଉଧାର କରିବାକୁ ପଡିପାରେ। ବ୍ୟକ୍ତିଗତ କ୍ଷେତ୍ରରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ଈର୍ଷାପରାୟଣ ବ୍ୟକ୍ତିମାନେ ହଠାତ୍ ବିରୋଧୀ ମନୋବୃତ୍ତି ନେଇ ସକ୍ରିୟ ହୋଇ ଉଠିବେ। ତଥାପି ସବୁ କ୍ଷେତ୍ରରେ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶତ୍ରୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିପାରନ୍ତି।

ଆଜି ମାଘ ପୂର୍ଣ୍ଣିମା ଶନିବାର, ଦିବା ଘ.୦୧.୧୭ମି. ଗତେ ପ୍ରତିପଦା, ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଗଜ ଉଦ୍ଧାରଣ ବେଶ, ମାଘବ୍ରତ ସମାପନ। ଫେବୃୟାରୀ ୨୭ ତାରିଖ। ସନ୍ଥଗୁରୁ ରବିଦାସ ଜୟନ୍ତୀ। ରାଶି ନ୍ୟକ୍ଷତ୍ର- ଦିବା ଘ.୧୧.୧୭ମି. ପର୍ଯ୍ୟନ୍ତ ମଘା/ସିଂହ, ଦିବା ଘ.୧୦.୦୩ମି. ଗତେ ଘ.୦୧.୦୯ମି. ମଧ୍ୟେ, ରାତ୍ରି ଘ.୦୮.୧୬ମି. ଗତେ ଘ.୧୦/.୩୨ମି. ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302




**SALE**

**Developed, demarcated gharabari plot ବାଲିଅନ୍ତା ଏବଂ ଉଉରା ନିକଟରେ କିଣନ୍ତୁ। 7008492511.** D-69377

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity with 30ft. road sqft.650/-ରେ ମିଳୁଛି। Contact: 7008045582, 9692003948.** D-20052

Sum Hospitalରୁ ୪କି.ମି. ଘଂଘାପାଟଣାରେ 800/sqft.ରେ ପ୍ଲଟ୍ ମିଳୁଛି। 9348701671. D-70194

**Residential plot at- Heart Complex, Brahmanjharilo, Cuttack, 12K.M. from Bhubaneswar, 18K.M. from Cuttack @500/- per sft. (Few plots available), (Nearest to School, Coleges/ Hospital). 7809525452, 8249851363.** D-70431

ମୌ: ଡୋଲ, ଥା/ଜି: କେନ୍ଦ୍ରାପଡ଼ାର ପ୍ଲଟ୍ ନଂ.-୪୩ ଏ.୦୬ ଓ ୬୯ ଏ୦ ୧୩.୦୩ କଳଘର ସହ ବିକ୍ରୟ ହେବ। ଉଭୟ ପ୍ଲଟ୍ ଗ୍ରାମ୍ୟ ରାସ୍ତାକୁ ଲାଗିକରି ଅଛି। ଇଚ୍ଛୁକ କ୍ରେତାମାନେ ନିମ୍ନ ଫୋନ୍‌ରେ ଯୋଗାଯୋଗ କରନ୍ତୁ। ମୋ: ୯୮୬୧୨୯୨୫୮୦. ଧ-୬୬୭୮୧

**Bhubaneswar AIIMS Hospital ପାଖରେ 30'road ଥାଇ yellowzone plot sale. 8456850883.** D-70193

**3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658.** D-19996

Ready to move simplex 2BHK-33,00,000/-, 1BHK-23,00,000/-, near Hanspal. 8908015464, 9853347909. D-70196

**Residential plot at Trisulia Square(100 mtr. from Trisulia chhak) Cuttack. Gharabari plot with boundary wall, 30ft. road & Electrification provision. Contact:- 7064926383.** D-20026

**12,000 sft IDCO Plot for immediate sale at Mancheswar Bhubaneswar. Buyers please contact Deepak- 9937329999.** D-69974

ଭୁବନେଶ୍ୱର ଜଟଣୀରାସ୍ତାରେ 1500Sqft. Gharabari Plot 14,00,000/-, Investment Plot 4,50,000/- କାଟେଣୀ, ଡେରାସରେ 9,00,000/-. Rosy - 9938016295. D-70191

**Gita College ଦେଉଳିଆପାଟଣା ନିକଟରେ developed gharabari plot 5,50,000/- କିଣନ୍ତୁ। 8457092465.** D-20069

**Demarcated gharabari plot sale Gudiapokhari near KEC Puri road, advance boundarywall 30ft. road electricity. Patta 9238902929, 8763887357.** D-70187

ଭୁବନେଶ୍ୱର ପଟିଆ ଷ୍ଟେସନ ପାଖରେ 30' ରାସ୍ତା, boundary ସହିତ sqft.750/- ରୁ 1200/-ରେ ପ୍ଲଟ୍ ନିଅନ୍ତୁ। 9938734349, 9937686826. D-70190

BDA Duplex House area 2925sqft. at Palaspalli near Main Road having 5-Bedrooms, 2-Drawing, 5-Toilets and Car Parking. 9124984169. D-20075

**Ready to move 1BHK at DHPL Villa One Kalarahanga. Cost 2300000/-, Contact- 9937059891.** D-19868

ପ୍ଲଟ୍ ବିକ୍ରିହେବ ଭୁବନେଶ୍ୱର ଉଉରା KEC କଲେଜ ପାଖ, ଘରବାରି ପାଚେରି ସହିତ। 9178660666. D-70535

**Plot Bhubaneswar, Aims Patia, Hanspal, Gudiapokhari, Sundarpada, Rangabazar, Rasulgarh. 9853415415** D-19781

**Ready to move Duplex for sale at DHPL Villa One Kalarahanga. Contact: 9937059891.** D-19937

**Bhubaneswar AIIMS Hospital and Sum Hospital, Times Gurukul ନିକଟରେ 30' ରାସ୍ତା ଘରବାରି ଇଲେକ୍ଟ୍ରିସିଟି ଥାଇ plot ବିକ୍ରିହେବ। 9937819395.** D-70166

**PURCHASE**

Wanted plots, flats, duplexes Bungalows in Bhubaneswar for marketing. 6371090682. D-68273




Want a dream home on your own plot with engineer's supervision. Contact: 7008268129, 9439143273. D-67585




Furnished Office space available on Janpath behind Kalsi Petrolpump 850sqft. full furnished office with Pantry Toilet, 26 workstations, lift facility also available on 3rd floor. Contact: 9437001845. D-69695

**4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658.** D-19997

2BR, Drawing-Cum-Dining, Balcony at Nilakantha Nagar, Nayapalli. Opposite CBI Colony. Walkable distance from Unit-VIII, DAV/Stewart School. 9437142067. D-70541




Swarna SPA newly open positively health benefits with expert therapist. 9556978408. D-70533

New opened Saikrupa Panchakarma and Spa, Jointpain, Fullbody Massage. 8984068077. D-65911

Zen salon and SPA positively health benefits with expert therapeutic&genuinely massage appointment. 7205084157. D-70534

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in




SMS sending କାମକରି ଯୁବକ/ଯୁବତୀ, ଗୃହିଣୀମାନେ ମାସିକ 12000/-35,000/-+ Laptop + Mobile + other facilities free (Part/ full time). 9667693638, 9667693639. D-70540

**AFFIDAVIT**

By virtue of an affidavit before Notary Public, Cuttack, I, Rajesh Kumar Behera, Link RD, P.S.- Badambadi, Cuttack states that my original MCA Certificates issued by BPUT, Rourkela has been damaged by White ants. D-20062


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବରଫକଳରୁ ଆମୋନିଆ ଗ୍ୟାସ୍ ଲିକ୍

## ଜଣେ ନାବାଳକ ଅସୁସ୍ଥ, ସ୍ଥାନୀୟ ଅଞ୍ଚଳରେ ଆତଙ୍କ


ବେଆଇନ ବରଫକଳ

**ବାଲେଶ୍ୱର ଅଫିସ, ୨୬।୨**

ବାଲେଶ୍ୱର ଟାଉନ ଥାନା ଅଧୀନ ମଠସାହି ଅଞ୍ଚଳର ତାରିଣୀ ଛକରେ ଥିବା ମାଗ୍ନସ ଫୁଡ୍ ବରଫକଳରୁ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୧ଟା ବେଳେ ଆମୋନିଆ ଗ୍ୟାସ୍ ଲିକ୍ ହୋଇଥିଲା। ଉକ୍ତ ଅଞ୍ଚଳରେ ଗ୍ୟାସ୍ ବ୍ୟାପିଯାଇ ପ୍ରବଳ ଗନ୍ଧ ହେବା ସହ ଲୋକଙ୍କ ଆଖି ପୋଡିବା ଓ ଛିଙ୍କ ହେବାରୁ ଲୋକେ ଘରୁ ବାହାରି ବାହାରକୁ ପଳାଇଆସିଥିଲେ। ଖବରପାଇ ଅଗ୍ନିଶମ ବିଭାଗ ପହଞ୍ଚିଥିଲା। ନିକଟରେ ଥିବା ନୟନାକୁମାରୀ ହାଇସ୍କୁଲରେ ଚାଲିଥିବା ପାଠପଢ଼ା ବନ୍ଦ କରାଯାଇ ଛାତ୍ରୀଛାତ୍ରମାନଙ୍କୁ ଘରକୁ ପଠାଇ ଦିଆଯାଇଥିଲା। ଜଣେ ୧୦ ବର୍ଷୀୟ ନାବାଳକ କୌଣସି କାରଣରୁ ସେଠାକୁ ଆସିଥିବା ବେଳେ ମୁଣ୍ଡ ବୁଲାଇ ବାନ୍ତି ହୋଇଥିଲା। ପ୍ରଶାସନ ପକ୍ଷରୁ ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

ଉକ୍ତ ବରଫକଳ ଦୀର୍ଘ ୧୪ରୁ ୧୫ବର୍ଷ ଧରି ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଚାଲିଆସୁଛି। ବରଫ ନିର୍ମାଣ ନିମନ୍ତେ ଉକ୍ତ କଳରେ ୧ହଜାର କେଜି ଆମୋନିଆ ଗ୍ୟାସ୍ ଗଚ୍ଛିତ ରହି ଆସୁଥିବା ବେଳେ ପୂର୍ବରୁ ଏହିଭଳି ୩ରୁ ୪ଥର ଗ୍ୟାସ୍ ଲିକ୍ ହୋଇ ବିପଦ ସୃଷ୍ଟି କରିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଜିଲା ଅଗ୍ନିଶମ ବିଭାଗ ଅଧିକାରୀ ପୁରନ ସୋରେନ ତଦନ୍ତ କରି ଉକ୍ତ ବରଫକଳକୁ ବନ୍ଦ କରିବା ପାଇଁ ଫ୍ୟାକ୍ଟ୍ରି ଆଣ୍ଡ ବଏଲର୍ ଅଧିକାରୀ, ପୂର୍ବତନ ଜିଲାପାଳ ରମେଶ ରାଉତଙ୍କୁ ଲିଖିତ ଜଣାଇଥିଲେ। କିନ୍ତୁ କିଛିଦିନ ପୂର୍ବରୁ ୩/୪ ଦିନ ବନ୍ଦ ହେବା ପରେ ପୁଣି ପୂର୍ବପରି ବରଫ କଳ ଚାଲୁ ରହିଥିଲା। ଶୁକ୍ରବାର ଏପରି ଘଟଣା ଘଟିବା ପରେ ଘଟଣାସ୍ଥଳରେ ଜିଲା ଅଗ୍ନିଶମ ବିଭାଗ ଅଧିକାରୀ ସୋରେନ, ଟାଉନ୍ ଥାନା ଆଇଆଇସି ଶୁଭ୍ରାଂଶୁ ଶେଖର ନାୟକ, ସଦର ତହସିଲଦାର ଅନାମିକା ସିଂ ଘଟଣାସ୍ଥଳରେ ପହଞ୍ଚି ରାସ୍ତାକୁ ବନ୍ଦ କରିବା ସହ ବିଦ୍ୟାଳୟକୁ ବନ୍ଦ କରିଥିଲେ। ଏହାସହ ସ୍ଥାନୀୟଲୋକଙ୍କୁ ଘରୁ ବାହାରକୁ ନ ବାହାରିବା ପାଇଁ ପରାମର୍ଶ ଦେଇଥିଲେ। ଦୀର୍ଘ ୪ଘଣ୍ଟା ପରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଫ୍ୟାକ୍ଟ୍ରି ମଧ୍ୟରେ ଲିକ୍ ଗ୍ୟାସ୍‌କୁ ଠାବ କରି ବନ୍ଦ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଗୁଣି ସନ୍ଦେହରେ ହତ୍ୟାକରି ପୋଡ଼ିଦେଲେ

## ଭୟରେ ଘରୁ ବାହାରୁନାହାନ୍ତି ଗ୍ରାମବାସୀ

**ପଦ୍ମପୁର,୨୬।୨(ଡି.ଏନ୍.ଏ.)**

ଗୁଣି ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ନିର୍ମମଭାବେ ହତ୍ୟା ପରେ ପୋଡ଼ିଦିଆଯାଇଛି। ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ନୂଆଗଡ଼ ପଞ୍ଚାୟତ ପାଜିଲିବନ୍ଧ ଗାଁ ନୂଆସାହିରେ ଅନ୍ଧବିଶ୍ୱାସକୁ ନେଇ ଏଭଳି ଘଟଣା ଗୁରୁବାର ରାତିରେ ଘଟିଛି। ମୃତ ବ୍ୟକ୍ତି ହେଲେ ସାହିର ରାମ ମୂଳି(୫୮)।

ସୂଚନା ଅନୁଯାୟୀ, ଗୁରୁବାର ରାତିରେ ରାମ ଘରେ ଶୋଇଥିଲେ। ଗାଁର କେତେଜଣ ଲୋକ ଆସି ତାଙ୍କୁ ଡାକି ନେଇଥିଲେ। ଗାଁ ଦାଣ୍ଡରେ ସ୍ତ୍ରୀ ମାୟା ଏବଂ ଝିଅ ଚନ୍ଦ୍ରାବତୀଙ୍କ ଉପସ୍ଥିତିରେ ରାମଙ୍କୁ ଠେଙ୍ଗାରେ ପିଟିଥିଲେ। ପରେ ସ୍ତ୍ରୀ ଏବଂ ଝିଅଙ୍କୁ ଘରେ ବନ୍ଦ ରଖି ଦୁର୍ବୃତ୍ତମାନେ ରାମଙ୍କୁ ଗାଁ ନିକଟ ତୋଟାକୁ ନେଇ ହତ୍ୟା କରିଥିବା ଜଣାପଡ଼ିଛି। ମୃତ୍ୟୁପରେ ପ୍ରମାଣ ନଷ୍ଟ କରିବାକୁ ରାମଙ୍କୁ ଗାଁ ନିକଟ ନାଳ ପାଖରେ ପୋଡ଼ି ଦେଇଥିବା ରାମଙ୍କ ସ୍ତ୍ରୀ ମାୟା ପଦ୍ମପୁର ଥାନାରେ ଏତଲା ଦେଇଛନ୍ତି। ଏ ନେଇ ୧୯/୨୧ରେ ଏକ ମାମଲା ରୁଜୁ କରି ପଦ୍ମପୁର ଥାନାଧିକାରୀ ସଞ୍ଜୟ କୁମାର ନାୟକ, ଗୁଣପୁର ଏସ୍‌ଡିପିଓ ରାଜକିଶୋର ଦାସ ଏବଂ ପୋଲିସ ଟିମ୍ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ ଚଳାଇଛନ୍ତି। ତେବେ ଏ ପର୍ଯ୍ୟନ୍ତ କେହି ଅଭିଯୁକ୍ତ ଗିରଫ ହୋଇ ନ ଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ଘଟଣାପରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଥିବାବେଳେ ପୋଲିସ ପହଞ୍ଚିବାପରେ କେହି ବାହାରକୁ ବାହାରୁ ନ ଥିବା ଦେଖିବାକୁ ମିଳିଛି।

# ସେବାରୁ ସ୍ୱୀକୃତି ମିଳେ

ଧରିତ୍ରୀ | OrissaPOST
BUSINESS EMINENCE AWARDS



ଯେକୌଣସି ବ୍ୟବସାୟରେ ଗ୍ରାହକଙ୍କୁ ଉତ୍ତମ ସେବା (ସର୍ଭିସ୍) ପ୍ରଦାନ କଲେ ତା' ବଦଳରେ ସେମାନେ ସ୍ୱୀକୃତି (ରେକଗ୍ନିଶନ) ଦେଇଥାଆନ୍ତି। ବ୍ୟବସାୟିକ ସଫଳତା ପାଇଁ ସ୍ୱୀକୃତି ସାଙ୍ଗକୁ କଠିନ ଅଧବସାୟ, ସ୍ୱଚ୍ଛତା ଓ ଗ୍ରାହକଙ୍କ ସହ ସୁସମ୍ପର୍କ ନିତାନ୍ତ ଜରୁରୀ। ଏସବୁକୁ ପୁଞ୍ଜି କରି ଉତ୍କର୍ଷର ଦେଢ଼ ଦଶନ୍ଧି ଅତିକ୍ରମ କରିସାରିଛି ଭୁବନେଶ୍ୱର ରସୁଲଗଡ଼ସ୍ଥିତ ନାରାୟଣୀ ମୋଟର୍ସ ଶୋ'ରୁମ୍। ଓଡ଼ିଶା ତଥା ରାଜ୍ୟ ବାହାରେ ହୋଲସେଲ୍ ଓ ରିଟେଲ ସେକ୍ଟରରେ ଆଗଧାଡ଼ିର ଅଟୋମୋବାଇଲ ବିକ୍ରେତା ରୂପେ ସୁନାମ ଅର୍ଜିଥିବା ନାରାୟଣୀ ମୋଟର୍ସ ପ୍ରାଇଭେଟ୍ ଲିଃ ସିଇଓ **ପୁରୁଷୋତ୍ତମ ବୁଧିରାଜ**ଙ୍କ ସହ ଆଲୋଚନା କରିଥିଲା ଧରିତ୍ରୀ।

**➲ ଗତ ୧୫ ବର୍ଷ ମଧ୍ୟରେ ସଂସ୍ଥାର ବିକାଶ କିପରି ହୋଇଛି?**

ସ୍ୱଳ୍ପ ବଜେଟରୁ ଆରମ୍ଭ ହୋଇଥିବା ଏହି ଅଟୋମୋବାଇଲ ସଂସ୍ଥା ଆଜି ଓଡ଼ିଶାର ଏକ ପରିଚିତ ଓ ଗ୍ରାହକଙ୍କ ପ୍ରିୟ ଶୋ'ରୁମ୍ ହୋଇପାରିଛି। ସଂସ୍ଥାର ଆଶାନୁରୂପ ଅଭିବୃଦ୍ଧି କରିଛି। କଠିନ ପରିଶ୍ରମ, କର୍ମଚାରୀଙ୍କ ଗ୍ରାହକ ସମ୍ପର୍କ ଓ ଉପଭୋକ୍ତାଙ୍କ ବିଶ୍ୱାସ ଯୋଗୁ ଏସବୁ ସମ୍ଭବ ହୋଇଛି। ଗ୍ରାହକଙ୍କ ଚାହିଦା ଅନୁସାରେ ସାମଗ୍ରୀ ଯୋଗାଇବା ସଂସ୍ଥାର ମୂଳ ଲକ୍ଷ୍ୟ। ଗରାଖ ଈଶ୍ୱର ଅଟନ୍ତି। ସଂସ୍ଥାର ବିକାଶ ମଧ୍ୟ ଈଶ୍ୱରଙ୍କ ଫଳ ଅନୁସାରେ ହୋଇଛି।

**➲ ୨୦୨୧-୨୨ ଆର୍ଥିକବର୍ଷ ପାଇଁ ଯୋଜନା କ'ଣ?**

ଗତବର୍ଷ ଅପେକ୍ଷା ଚଳିତବର୍ଷ ବ୍ୟବସାୟ କମିଛି। ଚଳିତ ଆର୍ଥିକବର୍ଷ ଶେଷ ସୁଦ୍ଧା ଶୋ'ରୁମ୍‌ର ବିକାଶ ସହିତ ଗ୍ରାହକଙ୍କ ପସନ୍ଦ ମୁତାବକ ବିଭିନ୍ନ ମଡେଲର ଗାଡ଼ି ଯୋଗାଇ ଦିଆଯିବ। ସଂସ୍ଥା ପ୍ରତି ରହିଥିବା ଗ୍ରାହକଙ୍କର ଭରସା ଓ ଭଲ ପାଇବାକୁ ନେଇ ବ୍ୟବସାୟ କରିବା ହେଉଛି ଆମର ବଡ଼ ଯୋଜନା। ଆଗାମୀ ଦିନରେ ବିଭିନ୍ନ ପ୍ରିୟ ଗ୍ରାହକଙ୍କୁ ପୂର୍ବ ଭଳି ଅଫର ଓ ରିହାତି ଯୋଗାଇଦେବୁ। ସେହିଭଳି ଶୋରୁମ ସଂଖ୍ୟା ବଢ଼ାଇବା ସହ କାରବାର ଅଭିବୃଦ୍ଧି ପାଇଁ ମଧ୍ୟ ଅନେକ ଯୋଜନା କରାଯାଇଛି।

**➲ କରୋନା ମହାମାରୀର ପ୍ରଭାବ ବ୍ୟବସାୟ ଉପରେ କିପରି ପରିଲକ୍ଷିତ ହୋଇଛି?**

୨୦୧୯-୨୦ର ଆର୍ଥିକ ବର୍ଷ ଶେଷ ପରଠାରୁ ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ କାରବାର ପ୍ରାୟ ମାନ୍ଦା ରହିଥିଲା। ଲକ୍‌ଡାଉନ୍, ଶଟ୍‌ଡାଉନ୍ ସାଙ୍ଗକୁ କରୋନା କଟକଣା ଓ ଜୀବନ ପ୍ରତି ବିପଦ କାରଣରୁ ବ୍ୟବସାୟ ପ୍ରଭାବିତ ହୋଇଛି। ନଭେମ୍ବରରୁ ସ୍ଥିତି ସୁଧୁରିଥିଲେ ବି ଡିସେମ୍ବର ଶେଷ ସୁଦ୍ଧା ଆଶାନୁରୂପ ଅଭିବୃଦ୍ଧି ହୋଇପାରିନାହିଁ। ତଥାପି ଗ୍ରାହକଙ୍କ ଚାହିଦା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସୁଜୁକି ମୋଟର୍ସର ଏକ ୨ ଚକିଆ ଯାନ ଶୋ'ରୁମ୍ ଝାରପଡ଼ାରେ ପ୍ରତିଷ୍ଠା କରାଯାଇଛି।

**➲ ବ୍ୟବସାୟକୁ ଚଳିତ ବଜେଟ କେତେ ସହାୟକ ହେବ।**

କରୋନା ଭଳି ଏକ ମହାବିପତ୍ତି ସମୟରେ ସରକାର ଏକ ଲୋକାଭିମୁଖୀ ବଜେଟ ଆଣିଛନ୍ତି। ଏହି ବଜେଟ ଲାଗୁ ହେବା ପରେ ସଂସ୍ଥାର ବ୍ୟବସାୟ ଓ ବଜାର ଚାହିଦାକୁ ଲକ୍ଷ୍ୟକରି ନିଷ୍ପତ୍ତି ନିଆଯିବ। ସଂସ୍ଥାର ଏକ ସ୍ୱତନ୍ତ୍ର ପରିଚୟ ରହିଥିବାରୁ କାରବାରରେ ଅଭିବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି।

**➲ କାହାକୁ ଆଖି ଆଗରେ ରଖି କାରବାର କରୁଛନ୍ତି? ଶୋ'ରୁମ୍‌ରେ କେଉଁ ସବୁ ମଡେଲ ଉପଲବ୍ଧ?**

ଅଟୋମୋବାଇଲ ବ୍ୟବସାୟରେ ସାଧାରଣତଃ ପରିବାର ଓ ଯୁବପିଢ଼ିଙ୍କୁ ନଜରରେ ରଖି କାରବାର କରାଯାଇଥାଏ। ନାରାୟଣୀ ମୋଟର୍ସ ପ୍ରତି ଗ୍ରାହକଙ୍କର ଭରସା ଥିବାରୁ ୧୫ରୁ ଊର୍ଦ୍ଧ୍ୱ ବର୍ଷ ହେବ ଆମେ ସେମାନଙ୍କ ସେବାରେ ସମର୍ପିତ। ଏଠାରେ ପୁରୁଷ, ମହିଳା, ବରିଷ୍ଠ ନାଗରିକ ଏବଂ ବିଶେଷକରି ଯୁବବର୍ଗଙ୍କ ଆବଶ୍ୟକତାକୁ ଆଖି ଆଗରେ ରଖି ଗାଡ଼ି ଉପଲବ୍ଧ କରାଯାଇଥାଏ। ଚାହିଦା ଓ ପସନ୍ଦ ଅନୁସାରେ ଗାଡ଼ି ମଗାଯାଇ ମଧ୍ୟ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରୁ।

**➲ ନାରାୟଣୀ ମୋଟର୍ସର ସଫଳତାର ଶ୍ରେୟ କାହାକୁ ଯିବ?**


କେବଳ ବ୍ୟବସାୟିକ ପ୍ରତିଷ୍ଠାନର ଉନ୍ନତିକୁ ସଫଳତା କୁହାଯାଏ ନାହିଁ। ଶୋ'ରୁମ୍‌ରେ ସବୁ ପ୍ରକାର ବ୍ରାଣ୍ଡ୍ ରଖି ଗ୍ରାହକଙ୍କୁ ଗାଡ଼ିର ଉପଯୁକ୍ତ ସର୍ଭିସ୍ ଦେଇପାରିଲେ ସଫଳତା ମିଳିଥାଏ। ଗ୍ରାହକଙ୍କ ଚାହିଦା ପୂରଣ କରି ସେମାନଙ୍କୁ ଆକର୍ଷଣୀୟ ସୁବିଧା ଦେବା ବ୍ୟବସାୟର ମୂଳମନ୍ତ୍ର। କଠିନ ଅଧବସାୟ କରି ଲକ୍ଷ୍ୟ ହାସଲ ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଏ। ସଂସ୍ଥାର ସଫଳତା ପଛରେ ଅନେକ ଲୋକଙ୍କ ହାତ ରହିଛି।

# ୧୮୩ ଘରୋଇ ହସ୍ପିଟାଲରେ ଦିଆଯିବ କୋଭିଡ୍ ଟିକା

**ଭୁବନେଶ୍ୱର, ୨୬।୨(ବ୍ୟୁରୋ)**

ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଅଧୀନରେ ଥିବା ୧୮୩ଟି ଘରୋଇ ହସ୍ପିଟାଲକୁ ପ୍ରାଇଭେଟ୍ କୋଭିଡ୍ ଭ୍ୟାକ୍ସିନେଶନ ସେଣ୍ଟର (ପିସିଭିସି) କରାଯିବ। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଶୁକ୍ରବାର ସମସ୍ତ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଛନ୍ତି। ଏହି ୧୮୩ଟି ଘରୋଇ ହସ୍ପିଟାଲରେ ଟିକାକରଣ ନିମନ୍ତେ ଆବଶ୍ୟକ ସୁବିଧା କରିବା ପାଇଁ ପଦକ୍ଷେପ ନେବାକୁ ମହାପାତ୍ର କହିଛନ୍ତି। ବିଶେଷକରି ହସ୍ପିଟାଲରେ ପର୍ଯ୍ୟାପ୍ତ କୋଲ୍ଡ ଚେନ୍ ସରଞ୍ଜାମ ଓ କ୍ଷମତା, ପ୍ରତୀକ୍ଷା ଗୃହ, ଟିକାକରଣ ଗୃହ ଓ ଟିକାକରଣ ପରେ ନିରୀକ୍ଷଣ ଗୃହ, ପର୍ଯ୍ୟାପ୍ତ ପ୍ରଶିକ୍ଷିତ ଟିକା ପ୍ରଦାନକାରୀ ଏବଂ ଟିକାକରଣ ପାଇଁ ସବୁ ପ୍ରକାର ନିୟମ ପାଳନ କରିବା ଲାଗି ବ୍ୟବସ୍ଥା କରିବାକୁ କୁହାଯାଇଛି।


## ଟିକାକରଣ ପାଇଁ ପ୍ରସ୍ତୁତ ରହିବାକୁ ଜିଲାପାଳଙ୍କୁ ଚିଠି




ଅନ୍ୟପକ୍ଷରେ ଉକ୍ତ ଘରୋଇ ହସ୍ପିଟାଲଗୁଡ଼ିକରେ କରୋନା ଟିକାକରଣ ନେଇ ଏକ ସମସ୍ୟା ଦେଖାଦେଇଛି। ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହୋଇନାହିଁ। ସରକାର ନିଜସ୍ୱ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଏସ୍‌କେୱାଇରେ ସାମିଲ ୧୮୩ ଘରୋଇ ହସ୍ପିଟାଲରେ କରୋନା ଟିକାକରଣ ପାଇଁ ଅନୁମତି ଦେବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛନ୍ତି। ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଅଧୀନ ୧୮୩ଟି ହସ୍ପିଟାଲକୁ ଟିକାକରଣରେ ସାମିଲ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଚିଠି ଲେଖିଛି। ଶୁକ୍ରବାର କେନ୍ଦ୍ର ସହ ହୋଇଥିବା ବୈଠକରେ ମଧ୍ୟ ଏ ନେଇ ଆଲୋଚନା ହୋଇଛି। ହସ୍ପିଟାଲ ସାମିଲ ହେବା ପରେ ସେଠାରେ ମାଗଣା ଟିକା ମିଳିବ କି ନାହିଁ, ସେନେଇ କେନ୍ଦ୍ର ସରକାର ନିଷ୍ପତ୍ତି ନେବେ। ସରକାରୀ ହସ୍ପିଟାଲରେ ମାଗଣା ଟିକା ଦିଆଯିବ ଓ ଘରୋଇ ହସ୍ପିଟାଲରେ କିଛି ଅର୍ଥ ଦେବାକୁ ପଡ଼ିବ। ତେବେ କେତେ ଟଙ୍କା ଦେବାକୁ ପଡ଼ିବ, ତାହା ଠିକ୍ ହୋଇନାହିଁ। ଏ ନେଇ କେନ୍ଦ୍ର ସରକାର ନିଷ୍ପତ୍ତି ନେବେ। ତୃତୀୟ ପର୍ଯ୍ୟାୟ ଟିକାକରଣ ପାଇଁ ବର୍ତ୍ତମାନ ଆମ ପାଖରେ ଟିକା ମହଜୁଦ ଅଛି ବୋଲି ଡା. ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ରାଜ୍ୟରେ ଚାଲିଥିବା ଟିକାକରଣ ସମ୍ପର୍କରେ ପରିବାର କଲ୍ୟାଣ ନିର୍ଦ୍ଦେଶକ ସୂଚନା ଦେଇ କହିଛନ୍ତି ଯେ, ସ୍ୱାସ୍ଥ୍ୟକର୍ମୀ ଓ ସମ୍ମୁଖ କରୋନା ଯୋଦ୍ଧାଙ୍କ ଟିକାକରଣ ଚାଲିଛି। ପ୍ରଥମ ପର୍ଯ୍ୟାୟରେ ୮୮ ପ୍ରତିଶତ ଓ ଦ୍ୱିତୀୟ ପର୍ଯ୍ୟାୟରେ ୮୬ ପ୍ରତିଶତ ସ୍ୱାସ୍ଥ୍ୟକର୍ମୀ ଟିକା ନେଇଛନ୍ତି। ସେହିପରି ପ୍ରଥମ ପର୍ଯ୍ୟାୟରେ ୭୮ ପ୍ରତିଶତ ସମ୍ମୁଖ କରୋନା ଯୋଦ୍ଧା ଟିକା ନେଇଛନ୍ତି ଓ ଏବେ ବି ତାହା ଜାରି ରହିଛି। ମାର୍ଚ୍ଚ ୧ରୁ ଆରମ୍ଭ ହେବାକୁ ଥିବା ତୃତୀୟ ପର୍ଯ୍ୟାୟ ଟିକାକରଣରେ ବୟସ୍କ ଓ ଗୁରୁତର ରୋଗୀଙ୍କୁ ଟିକା ଦିଆଯିବ। ଏଥିପାଇଁ ଦୁଇଟି ଉପାୟରେ ପଞ୍ଜୀକରଣ କରାଯିବ। ପୋର୍ଟାଲ ଓ ଟିକାକରଣ କେନ୍ଦ୍ରରେ ନାମ ପଞ୍ଜୀକରଣ କରି ବୟସ୍କ ଓ ଗୁରୁତର ରୋଗୀ ଟିକା ନେଇପାରିବେ। ତେବେ ଗୁରୁତର ରୋଗରେ ପୀଡ଼ିତ ଥିବା ଲୋକଙ୍କୁ ଏକ ଡାକ୍ତରୀ ସାର୍ଟିଫିକେଟ୍ ଦେବାକୁ ପଡ଼ିବ ବୋଲି ଡା. ପାଣିଗ୍ରାହୀ କହିଛନ୍ତି।

Hero
PUBLIC NOTICE
This Notice is hereby given to public at large that M/s. Shree Kaleswar Automobiles, at Patta No. - 442/3228, Gopalpur Junction, Main Road, Berhampur - 760010, who was authorized Dealer / Service Centre of M/s Hero MotoCorp Ltd. has been terminated and ceased to be our Authorized Dealer / Service Centre w.e.f. 06th August 2020. M/s Hero MotoCorp Ltd. will not be responsible in any manner, whatsoever, for any act, commission and /or omission of aforesaid party M/s. Shree Kaleswar Automobiles. Therefore, anyone entering into any transaction with the said party will do so at their sole risk and cost.
We further inform the public at large to take note of the above and approach our other authorized outlets only for any sales / service(s).
Channel Appointment & Development
Hero MotoCorp Ltd.
The Grand Hotel
Sector-C, Pocket-4, Nelson Mandela Marg,
Vasant Kunj, New Delhi - 110070

ନିଜ ଅଞ୍ଚଳରେ OKCL ସ୍ୱିକୃତୀପ୍ରାପ୍ତ କମ୍ପ୍ୟୁଟର୍ ଶିକ୍ଷା ତାଲିମ୍ କେନ୍ଦ୍ର (NCR-2021) ଖୋଲିବାର ସୁଯୋଗ ନିଅନ୍ତୁ !

NEW OS-CIT
Odisha State-Certificate In Information Technology
Govt. is pleased to declare OS-CIT course for the purpose of eligibility in any recruitment conducted by State Govt./ PSUs or other Govt./Semi-Govt. Agencies.
New Center Registration 2021 Last date till 31st March 2021 Hurry!
To setup ALC at your location
To join visit - www.okcl.org/register
OR Scan QR Code
Contact - Phone : 0674-6676767
(from 10 a.m. to 6 p.m. Monday - Friday)

ଅଶୋକ ଗ୍ରୁପ The Ashok Group
ହୋଟେଲ କଳିଙ୍ଗ ଅଶୋକ (ଆଇଟିଡିସି)
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଭୁବନେଶ୍ୱର - ୭୫୧୦୧୪
ସନ୍ଦର୍ଭ: ଏଚ୍‌କେଏ/ଏମ୍‌ଏମ୍ ଆଣ୍ଡ ଡି/ଇ-ଟେଣ୍ଡର/୨୦୨୧-୨୨ ତାରିଖ: ୨୭।୦୨।୨୦୨୧
ଇ-ସଂଗ୍ରହ ବିଜ୍ଞପ୍ତି
ଏକବର୍ଷ ଅବଧି ପାଇଁ ନିମ୍ନଲିଖିତ ସାମଗ୍ରୀଗୁଡ଼ିକର ଯୋଗାଣ ବାବଦରେ ଖ୍ୟାତନାମା ଏବଂ ଅଭିଜ୍ଞ ଏଜେନ୍ସି/ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ବିଡିଂର ଶେଷ ତାରିଖ ହେଉଛି ତା୨୩।୦୩।୨୦୨୧ରିଖ (୧୫.୦୦ ଘଟିକା)। ବିଡର୍‌ମାନଙ୍କ ପ୍ରାକ୍-ବିଡ୍ ବୈଠକ ତାରିଖ: ୦୫।୦୩।୨୦୨୧ରିଖ (୧୪.୦୦ରୁ ୧୬.୦୦ ଘଟିକା), ସ୍ଥାନ: ହୋଟେଲ କଳିଙ୍ଗ ଅଶୋକ, ଭୁବନେଶ୍ୱର ।
୧. କୁକୁଡ଼ା ମାଂସ ଓ କୁକୁଡ଼ା ଅଣ୍ଡା, ୨. ମାଛ ଓ ଚିଙ୍ଗୁଡ଼ି, ୩. ପନିପରିବା ଓ ଫଳମୂଳ, ୪. ଉଦ୍ୟାନକୃଷି ଓ ଉଦ୍ୟାନ ରକ୍ଷଣାବେକ୍ଷଣ, ୫. ଲଣ୍ଡ୍ରି ସେବା, ୬. ପନିର ଓ ମିଷ୍ଟାନ୍ନ, ୭. ଯାନବାହନ ସେବା, ୮. ଖାସି ମାଂସ, ୯. ବିବିଧ ସାମଗ୍ରୀ ।
ଅନ୍ୟାନ୍ୟ ବିବରଣୀ ବିଡିଂ କାଗଜପତ୍ରରେ ଦେଖାଯାଇପାରିବ, ଯାହା ୱେବ୍‌ସାଇଟ୍ www.hotelkalingaashok.com, www.itdc.co.in, http://etenders.gov.in/eprocure/appରେ ଉପଲବ୍ଧ।
ଏତଦ୍ ପରବର୍ତ୍ତୀ ଯୋଗପତ୍ର କିମ୍ବା ଶୁଦ୍ଧିପତ୍ର ଉପରୋକ୍ତ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ।
ମହାପ୍ରବନ୍ଧକ, ହୋଟେଲ କଳିଙ୍ଗ ଅଶୋକ, ଭୁବନେଶ୍ୱର
ଦୂରଭାଷ: ୦୬୭୪-୨୪୩୧୦୫୫/୫୬

DSPL-225
ତମାଖୁ ବ୍ୟବହାର ଦ୍ୱାରା ସମାଜରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସାମାଜିକ, ଅର୍ଥନୈତିକ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ କ୍ଷେତ୍ରରେ ଅଗ୍ରଗତି ଅନେକ ମାତ୍ରାରେ ପ୍ରଭାବିତ ହେଉଅଛି । ଏଣୁ ତମାଖୁ ସେବନରୁ ନିବୃତ୍ତ ରହିବାପାଇଁ ବର୍ତ୍ତମାନ ଓ ଭବିଷ୍ୟତ ବଂଶଧରମାନଙ୍କୁ ସତର୍କ ଓ ସଚେତନ କରିବା ଜରୁରୀ ଅଟେ ।
ବିଶ୍ୱରେ ପ୍ରାୟ ଶତକଡା ୧୦ ଭାଗ ଯୁବଗୋଷ୍ଠୀ ତମାଖୁ ବ୍ୟବହାର ଯୋଗୁଁ ମୃତ୍ୟୁବରଣ କରୁଛନ୍ତି

ସର୍ବସାଧାରଣ ସ୍ଥାନରେ ଧୂମପାନ ଦଣ୍ଡନୀୟ । ଏଥିପାଇଁ ୨୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡିବ ।
ଧୂମପାନ ବା ତମାଖୁ ବ୍ୟବହାରର କୁପରିଣାମ :
- ପାଟି, ମୁଖ ଗହ୍ୱର, ସ୍ୱରଯନ୍ତ୍ର, ଫୁସ୍‌ଫୁସ୍, ମୁତ୍ରାଶୟ ଇତ୍ୟାଦିରେ କର୍କଟ ରୋଗ ହୋଇଥାଏ ।
- ହୃଦ୍‌ଘାତ, ଯକ୍ଷ୍ମା ଓ ଫୁସ୍‌ଫୁସ୍ ରୋଗର କାରଣ ହୋଇଥାଏ ।
- ନପୁଂସକତା, ପ୍ରଜନନ ଶକ୍ତି ହ୍ରାସ ଓ ଅକାଳ ବାର୍ଦ୍ଧକ୍ୟ ଦେଖାଦେଇଥାଏ ।
- ଗର୍ଭାବସ୍ଥାରେ ତମାଖୁ ସେବନ କଲେ ଶିଶୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମ ନିଏ ଓ କମ୍ ଓଜନର ହୋଇଥାଏ ।
- ଧୂମପାନ କରୁଥିବା ବ୍ୟକ୍ତି ପାଖରେ ଚଳପ୍ରଚଳ ହେଉଥିବା ବ୍ୟକ୍ତିମାନେ ଯେଉଁମାନେ କି ଧୂମପାନ କରନ୍ତି ନାହିଁ, ସେମାନଙ୍କର ମଧ୍ୟ ପରୋକ୍ଷ ଧୂମପାନ ଦ୍ୱାରା ହୃଦ୍‌ଘାତ ଓ ଫୁସ୍‌ଫୁସ୍ କର୍କଟରେ ଆକ୍ରାନ୍ତ ହେବାର ଅଧିକ ସମ୍ଭାବନା ଥାଏ ।
- ପରୋକ୍ଷ ଧୂମପାନ ଯୋଗୁଁ ପିଲାମାନଙ୍କର ଆଜ୍‌ମା, ଶ୍ୱାସନଳୀଜନିତ ତୀବ୍ର ଅସୁସ୍ଥତା ଏବଂ ଅନ୍ୟାନ୍ୟ ରୋଗ ମଧ୍ୟ ଦେଖାଯାଇଥାଏ ।
ତମାଖୁ ବର୍ଜନ କରିବା , ସୁସ୍ଥ ଜୀବନ ଆପଣାଇବା
ଆସନ୍ତୁ, ଏକ ତମାଖୁ ମୁକ୍ତ ଓ ସ୍ୱଚ୍ଛ ପରିବେଶ ଗଠନରେ ସମସ୍ତେ ସାମିଲ୍ ହୋଇ ସୁସ୍ଥ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ।
ସର୍ବଦା କରୋନା ସମ୍ବନ୍ଧୀୟ ସତର୍କତା ନିଶ୍ଚୟ ପାଳନ କରନ୍ତୁ
OIPR-10003/13/0061/2021
facebook.com/HFWOdisha http://www.health.odisha.gov.in/ @HFWOdisha
ସାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

ଭଗବାନଙ୍କ ବ୍ୟତୀତ ଅନ୍ୟ କାହାରିଠାରୁ ଆଶ୍ରୟ, ସାହାଯ୍ୟ ବା ନିରାପତ୍ତା ଆଶା କରିବାର ମନୋଭାବ କଦାପି ପୋଷଣ କରନାହିଁ। ...ମନ୍ଦିରର ଖୁବ୍ ଗଭୀରକୁ ଚାଲିଯାଅ। ସେଠାରେ ହିଁ ମୋତେ ଦେଖିପାରିବ। -ଶ୍ରୀମା

# ଛୋଟ ପଦକ୍ଷେପ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବିଦେଶ ମନ୍ତ୍ରଣାଳୟ(ଏମ୍‌ଇଏ) ଅଧିକ ଯୁଗ୍ମ ସଚିବଙ୍କୁ କୂଟନୈତିକ କ୍ଷେତ୍ରରେ ଯୋଡ଼ିବାକୁ ଅତ୍ୟନ୍ତ ଉତ୍ସୁକତା ପ୍ରକାଶ କରିଛି। ବିଭିନ୍ନ ଦେଶରେ ସ୍ଥାପିତ ନୂଆ ଦୂତାବାସ ଏବଂ ବାଣିଜ୍ୟ ଦୂତାବାସରେ କର୍ମଚାରୀ ନିଯୁକ୍ତି ପାଇଁ ଏଭଳି କରାଯାଇଛି। କିଛି ଦିନର ଅପେକ୍ଷା ପରେ ଏବେ ଏହି କ୍ଷେତ୍ରରେ ପ୍ରଗତି ହୋଇଛି। ସରକାର ୨୦୦୩ ବ୍ୟାଚ୍‌ର ୮ ଜଣ ଆଇଏଫ୍‌ଏସ୍ ଅଧିକାରୀଙ୍କୁ ଯୁଗ୍ମ ସଚିବ ଭାବେ ଅବସ୍ଥାପିତ କରିବା ଲାଗି ନିଯୁକ୍ତି ତାଲିକା ପ୍ରସ୍ତୁତ କରିଛନ୍ତି। ସୂତ୍ରରୁ ଜଣାପଡିଛି ଯେ, ଆଇଏଫ୍‌ଏସ୍‌ର କ୍ୟାଡର କଣ୍ଟ୍ରୋଲିଂ ଅଥରିଟି ଗତବର୍ଷ ଡିସେମ୍ବରରେ ତା' ତାଲିକା ପ୍ରସ୍ତୁତ କରିଥିଲା, କିନ୍ତୁ ସରକାର ୨୦୦୩ ବ୍ୟାଚର ୪୧ ଜଣ ଆଇଏଏସ୍ ଅଧିକାରୀଙ୍କ ନିଯୁକ୍ତି ତାଲିକା ପ୍ରସ୍ତୁତ କରିବାକୁ ଚାହୁଁଥିବାରୁ ତାହାକୁ ଅଟକାଇବା ଲାଗି କୁହାଯାଇଥିଲା। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି) ମଧ୍ୟ ବିଦେଶ ମନ୍ତ୍ରଣାଳୟକୁ କହିଥିଲା ଯେ, ଆଇଏଏସ୍ ଏବଂ ଆଇଏଫ୍‌ଏସ୍‌ଙ୍କ ନିଯୁକ୍ତି ତାଲିକା ପ୍ରସ୍ତୁତି ପ୍ରକ୍ରିୟା ମଧ୍ୟରେ ଗୋଟିଏ ମାସ ଅନ୍ତର ରହିବା ଉଚିତ। ଏଥିରୁ ଆହୁରି ମଧ୍ୟ ସୂଚନା ମିଳୁଛି ଯେ,କେବଳ ଦିବେଶ ଉତ୍ତମଙ୍କୁ ଦେଶରେ ଓ ଅନ୍ୟ ସମସ୍ତ ଆଇଏଫ୍‌ଏସ୍ ଅଧିକାରୀଙ୍କୁ ବିଦେଶରେ ନିଯୁକ୍ତି ଦିଆଯାଇଛି। ଏହା ଏକ ଜଣାଶୁଣା କଥା ଯେ,ଭାରତୀୟ ବିଦେଶ ସେବା ଏହାର ନିର୍ଦ୍ଧାରିତ ସଂଖ୍ୟାଠାରୁ ବହୁତ କମ୍ ରହିଛି। ବିଦେଶରେ ଥିବା ଭାରତୀୟ ଦୂତାବାସଗୁଡ଼ିକରେ ବହୁତ କମ୍ କୂଟନୀତିଜ୍ଞ ରହିଛନ୍ତି। ତେବେ ଏହି ସମସ୍ୟାକୁ ଦୂର କରିବା ପାଇଁ ଏହା ଏକ ଛୋଟ ପଦକ୍ଷେପ ବୋଲି କୁହାଯାଇପାରେ।

### ମେଟ୍ରୋମ୍ୟାନ୍‌ଙ୍କ ନୂଆ ଇନିଂସ

କେରଳରେ ନିକଟରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଭାଜପା ଜୋରଦାର ମୁକାବିଲା କରିବା ଲାଗି ଚାହୁଁଛି । ମେଟ୍ରୋମ୍ୟାନ ଇ. ଶ୍ରୀଧରନଙ୍କୁ ପାର୍ଟିରେ ପ୍ରବେଶ କରାଇ ଏହି ନିର୍ବାଚନରେ ଭାଜପା ଉଲ୍ଲେଖନୀୟ ପ୍ରଭାବ ପକାଇବ ବୋଲି ଆଶା ବି ବାନ୍ଧିଛି। ତେବେ ଏଥିରେ ସେ ସଫଳ ହେବ ତ ? ଶ୍ରୀଧରନ ତାଙ୍କ ପୂରା କ୍ୟାରିୟରରେ ବହୁ ଯଶ ଅର୍ଜନ କରିଛନ୍ତି। ଜଣେ ସଚ୍ଚୋଟ ତଥା ଦକ୍ଷ ଟେକ୍‌ନୋକ୍ରାଟ୍ ଭାବେ ସାଧାରଣରେ ଅପାର ବିଶ୍ୱସନୀୟତା ହାସଲ କରଛନ୍ତି। ଏପରି କି ସବୁଦଳର ନେତାମାନଙ୍କର ସମ୍ମାନର ପାତ୍ର ହୋଇଛନ୍ତି। ସେ ମଧ୍ୟ ପଦ୍ମଶ୍ରୀ ଓ ପଦ୍ମବିଭୂଷଣ ପୁରସ୍କାର ଗ୍ରହଣ କରିଛନ୍ତି। କେବଳ ଏତିକି ନୁହେଁ, ବହୁ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନ ବି ଲାଭ କରିଛନ୍ତି ଶ୍ରୀଧରନ। ଦିଲ୍ଲୀ ମେଟ୍ରୋ ପ୍ରୋଜେକ୍ଟରେ ଢେର ଖ୍ୟାତି କମାଇଥିବା, କେରଳ ସରକାରଙ୍କୁ ମେଟ୍ରୋ ପ୍ରୋଜେକ୍ଟ ସମ୍ପର୍କରେ ପରାମର୍ଶ ଦେଇଥିବା,ଜୟପୁର ଓ ଲକ୍ଷ୍ନୌ ମେଟ୍ରୋ ପ୍ରୋଜେକ୍ଟ ସହ ଓତପ୍ରୋତ ଭାବେ ଜଡିତ ଥିବା ଏହି ବ୍ୟକ୍ତି ଜଣକ କାହିଁକି ୮୮ ବର୍ଷ ବୟସରେ ରାଜନୀତିରେ ପ୍ରବେଶ କରି ନୂଆ ଇନିଂସ ଆରମ୍ଭ କରିବାକୁ ଚାହୁଁଛନ୍ତି ? ସ୍ପଷ୍ଟ ଭାବେ କୁହାଯାଇପାରେ ଯେ,ସେ ଅନେକ ଟୋପି ପିନ୍ଧିଛନ୍ତି, ଅର୍ଥାତ ଅନେକ ପଦବୀରେ ରହି ଜଣେ ଦାୟିତ୍ୱ ସମ୍ପନ୍ନ ଅଧିକାରୀ ଭାବେ କାର୍ଯ୍ୟ ସମ୍ପାଦନ କରିଛନ୍ତି। କିନ୍ତୁ ଏବେ ରାଜନୈତିକ ଟୋପି ପିନ୍ଧି ଏକ ନୂଆ କ୍ୟାରିୟରର ଉଜ୍ଜ୍ୱଳମୟ ଅଧ୍ୟାୟ ଆରମ୍ଭ କରିବା ସବୁଠୁ ଉଲ୍ଲେଖନୀୟ । ସେ ଟେକ୍‌ନୋକ୍ରାଟ୍‌ରୁ ନେତା ହୋଇ ଯଦି ସବୁ ଆହ୍ୱାନକୁ ନିୟନ୍ତ୍ରଣ କରିପାରିବେ ତେବେ ସେ ସଫଳତାର ମୁକୁଟ ପିନ୍ଧି ପାରିବେ। ତେବେ କେବଳ ରାଜନେତାମାନେ ନୁହନ୍ତି, ବରଂ ଏଭଳି ସମାନ ମହତ୍ତ୍ୱାକାଂକ୍ଷା ପୋଷଣ କରୁଥିବା ଅମଲାତନ୍ତ୍ରୀମାନେ ବି ଶ୍ରୀଧରନଙ୍କ ଭବିଷ୍ୟତକୁ ନିକଟରୁ ନିରୀକ୍ଷଣ କରିବେ।

### ଚୌହାନଙ୍କ ରଣନୀତି

ସାଧାରଣତଃ ଜଣେ ଅମାୟିକ ଓ ମିଷ୍ଟଭାଷୀ ଭାବେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ତାଙ୍କ ଚତୁର୍ଥ ପାଳିରେ ଜଣେ ଭିନ୍ନ ବ୍ୟକ୍ତି ଭାବେ ଉଦ୍‌ଭାସିତ ହୋଇଛନ୍ତି ବୋଲି ରଜ୍ୟର ବାବୁମାନେ ମତ ରଖିଛନ୍ତି। କେତେକଙ୍କ ମତରେ, ସେ ଏମିତି କାମ କରିଛନ୍ତି ଯାହା ଏକ ଭୟର ବାତାବରଣ ସୃଷ୍ଟି କରିଛି। ଜଣାପଡୁଛି, ଚୌହାନଙ୍କ ମିଷ୍ଟଭାଷୀର ଆବରଣ ହଟିଯାଇଛି ଓ ଏକ କଠୋର ତଥା ବାସ୍ତବବାଦୀ ନେତା ଭାବେ ସେ ପୂରା ଆକ୍ସନ ମୁଡ୍‌ରେ ରହିଛନ୍ତି। ବାବୁମାନଙ୍କ ବଦଳି ନିର୍ଦ୍ଦେଶକୁ ନେଇ ସେମାନଙ୍କ ମଧ୍ୟରେ ଭୟ ଖେଳିଯାଇଛି । ବେଳେ ବେଳେ ବୈଠକରେ ବି ଏଭଳି ପରିସ୍ଥିତି ଲକ୍ଷ୍ୟ କରାଯାଉଛି। ଏବେ ସୁଦ୍ଧା ଚୌହାନ ୬ରୁ ଅଧିକ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ( ଡିଏମ୍) ଏବଂ ଏସ୍‌ପିମାନଙ୍କୁ ବଦଳି କରିଛନ୍ତି। ଜଣାପଡୁଛି, ସେ ଏବେ ଏକ କଠୋର ମାନସିକତାରେ ରହିଛନ୍ତି। ନିୱାରି ଜିଲାର ଏସ୍‌ପି ଆଇପିଏସ୍ ବାହିନୀ ସିଂଙ୍କୁ ଏକ ବୈଠକ ଚାଲିଥିବା ସମୟରେ ଚୌହାନ ବଦଳି କରିଛନ୍ତି। ସେହି ସମୟରେ ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କ ଉପରେ କଡ଼ା ନଜର ରଖିଛନ୍ତି ବୋଲି ଚୌହାନ କହିଲେ। ତାଙ୍କ ସମୟରେ ବଦଳି ହୋଇଥିବା ଅନ୍ୟ ଅଧିକାରୀମାନଙ୍କ ମଧ୍ୟରେ ରହିଛନ୍ତି ଗୁନାର ଏସ୍‌ପି ରାଜେଶ ସିଂ, ନିମୁଚ ଓ ବେତୁଲର ଡିଏମ୍ ଜେ.ଏସ୍. ରାଜେ ଏବଂ ରାକେଶ ସିଂ। ମୁଖ୍ୟମନ୍ତ୍ରୀ ରାଜ୍ୟ ଅଧିକାରୀମାନଙ୍କ ସହ ପ୍ରତି ମାସରେ ବୈଠକ କରୁଛନ୍ତି। ଚୌହାନଙ୍କ ଉକ୍ତ ରଣନୀତି ବା କାର୍ଯ୍ୟଶୈଳୀ ଏକ ଭିନ୍ନ ବାର୍ତ୍ତା ଦେଉଛି, ଯାହା ଏହାର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଲାଗି ପ୍ରଭାବୀ ଢଙ୍ଗରେ କାର୍ଯ୍ୟ କରିବ ବୋଲି ଜଣାପଡୁଛି।

Email: dilipcherian@gmail.com

# ରାଜ୍ୟ ବଜେଟ: ସମ୍ବଳ ବାଧକ



ଡ. ସନ୍ତୋଷ କୁମାର ମହାପାତ୍ର

ଫେବୃୟାରୀ ୨୨ରେ ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୧-୨୨ ଆର୍ଥିକବର୍ଷ ପାଇଁ କାଗଜବିହୀନ ବଜେଟ ଉପସ୍ଥାପନ କରିଛନ୍ତି। ବଜେଟକୁ ନେଇ ମିଶ୍ର ପ୍ରତିକ୍ରିୟା ଦେଖାଦେଇଛି। ସାଧାରଣତଃ ଏକ ବଜେଟକୁ ଯେତେବେଳେ ସମୀକ୍ଷା କରାଯାଏ, ନୋମିନାଲ ବା ନାମାଙ୍କନ ମୂଲ୍ୟରେ କେତେ ବୃଦ୍ଧି ପାଇବ ତାହା ବିଚାର କରାଯାଏ ନାହିଁ। କାରଣ ଏହା ପ୍ରତ୍ୟେକ ବର୍ଷ ବୃଦ୍ଧି ପାଇଥାଏ। ଏଣୁ ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ କେତେ ବ୍ୟୟ ଅଟକଳ ବୃଦ୍ଧି ପାଇଛି, ତାହା ସମୀକ୍ଷା ହେବା କଥା। ରାଜ୍ୟ ଜିଡିପି ଅନୁସାରେ ମୋଟ ବ୍ୟୟ ତଥା ବିଭିନ୍ନ କ୍ଷେତ୍ରରେ ବ୍ୟୟ, ରାଜସ୍ୱ, ଅଣରାଜସ୍ୱ କେତେ ବୃଦ୍ଧି ପାଇଛି ତାହାକୁ ବିଚାରକୁ ନିଆଯାଇଥାଏ।

ଗତବର୍ଷ ବଜେଟ ଉପସ୍ଥାପନ ସମୟରେ ଅର୍ଥମନ୍ତ୍ରୀ ୨୦୨୦-୨୧ ବର୍ଷରେ ନୋମିନାଲ ବା ନାମାଙ୍କନ ଜିଏସ୍‌ଡିପି ୧୧.୭% ଏବଂ ବାସ୍ତବ ଜିଏସ୍‌ଡିପି ବୃଦ୍ଧି ୭% (ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ) ହେବ ବୋଲି ଆକଳନ କରିଥିଲେ। କିନ୍ତୁ କରୋନା ମହାମାରୀର କୁପ୍ରଭାବରେ ବାସ୍ତବ ଜିଏସ୍‌ଡିପି ବିୟୁକ୍ତାତ୍ମକ ୪.୯୨% (ଭାରତୀୟ ଅର୍ଥନୀତିରେ ବିୟୁକ୍ତାତ୍ମକ ୭.୬% ହ୍ରାସ ପାଇଛି) ହେବା ସହିତ ନାମାଙ୍କନ ଜିଏସ୍‌ଡିପି ବିୟୁକ୍ତାତ୍ମକ ୨.୨୪% ହୋଇଛି। ଅର୍ଥାତ୍ ନୋମିନାଲ ଜିଏସ୍‌ଡିପି ୨୦୨୦-୨୧ ବର୍ଷ ପାଇଁ ଏହା ୫,୯୬,୨୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିଲା। କିନ୍ତୁ କରୋନା ମହାମାରୀର କୁପ୍ରଭାବରେ ଏହା ୨୦୨୦-୨୧ରେ ୫୦୯୫୭୫ କୋଟି ଟଙ୍କାକୁ ହ୍ରାସ ପାଇଛି। କିନ୍ତୁ ୨୦୨୧-୨୨ ବର୍ଷ ପାଇଁ ନାମାଙ୍କନ ଜିଏସ୍‌ଡିପି ଗତବର୍ଷ ତୁଳନାରେ ୧୦.୫% (କେନ୍ଦ୍ର ବଜେଟରେ ୧୦%) ବୃଦ୍ଧି ପାଇ ୫.୮୬ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଅର୍ଥାତ୍ ଏକ ବର୍ଷ ପଛରେ ରହିଛୁ। ଅବଶ୍ୟ କେନ୍ଦ୍ର ଆହୁରି ପଛରେ ରହିଛି।

ଏହାକୁ ଭିତ୍ତିକରି ଅର୍ଥମନ୍ତ୍ରୀ ୨୦୨୧-୨୨ବର୍ଷ ପାଇଁ ମୋଟ ବଜେଟ ବ୍ୟୟ ଅଟକଳ ୧୭୦,୦୦୦ କୋଟିଟଙ୍କା ଧାର୍ଯ୍ୟ କରିଛନ୍ତି। ୨୦୨୦-୨୧ବର୍ଷ ପାଇଁ ମୋଟ ବଜେଟ ବ୍ୟୟ ଅଟକଳ ୧,୫୦,୦୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ବାସ୍ତବରେ ଏହା ୧୦% ହ୍ରାସ ପାଇ ୧,୩୫,୦୦୦ କୋଟି ଟଙ୍କା ହୋଇଥିଲା। ଅର୍ଥାତ୍ ୨୦୨୦-୨୧ର ବଜେଟର ମୂଳ ଅଟକଳ ଉପରେ ୨୦୨୧ -୨୨ରେ ୧୩.୩୩% ବୃଦ୍ଧିପାଇଲା ବେଳେ ସଂଶୋଧିତ ଅଟକଳ ଉପରେ ୨୫.୯୨% ବୃଦ୍ଧିପାଇଛି। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ। କେନ୍ଦ୍ର ସରକାର କ୍ଷେତ୍ରରେ ଏହି ବୃଦ୍ଧି ବଜେଟର ମୂଳ ଅଟକଳ ଉପରେ ୧୪% ଏବଂ ସଂଶୋଧିତ ଅଟକଳ ଉପରେ ମାତ୍ର ୦.୯୫%। ନିକଟରେ ଉତ୍ତରପ୍ରଦେଶରେ ଉପସ୍ଥାପନ ହୋଇଥିବା ବଜେଟରେ ବ୍ୟୟ ଅଟକଳ ମାତ୍ର ୬.୩% ବୃଦ୍ଧିପାଇଛି।

ମହାମାରୀ ସମୟରେ ରାଜ୍ୟ ସରକାରଙ୍କ ବ୍ୟୟ ଅଟକଳ ହ୍ରାସପାଇବା ଅର୍ଥ ରାଜ୍ୟ ସରକାର କରୋନା ମୁକାବିଲା ପାଇଁ ବେଶି ବ୍ୟୟକରିବା ଅପେକ୍ଷା ବିତ୍ତୀୟ ଶୃଙ୍ଖଳାକୁ ବେଶି ପ୍ରାଧାନ୍ୟ ଦେଇଛନ୍ତି। ଅବଶ୍ୟ ଏଥିପାଇଁ ରାଜ୍ୟ ଅପେକ୍ଷା କେନ୍ଦ୍ର ବେଶି ଦାୟୀ। କାରଣ କେନ୍ଦ୍ର ନିଜେ ଋଣ କରି ହେଉ ବା ମନିଟାଇଜେଶନ ଡେଫିସିଟ କରି ରାଜ୍ୟକୁ ସହାୟତା ବୃଦ୍ଧି କଲାନାହିଁ ଏବଂ ଡେଫିସିଟ ବା ଋଣ ବୃଦ୍ଧି ଉପରେ ଅଙ୍କୁଶ ରଖିଲା। ଯେହେତୁ ରାଜ୍ୟ ଟିକସ ବସାଇ ସମ୍ବଳ ସଂଗ୍ରହ କରିବା ସମ୍ଭାବନା ବହୁତ କମ୍ ଏବଂ କେନ୍ଦ୍ର ରାଜ୍ୟର ଲୋକଙ୍କଠାରୁ ଟିକସ ନେଇଥାଏ, ତେଣୁ କେନ୍ଦ୍ର ରାଜ୍ୟଗୁଡ଼ିକୁ ବେଶି ଦେବା କଥା। କେନ୍ଦ୍ରର ସହାୟତା ହ୍ରାସ ରାଜ୍ୟ ଅର୍ଥନୀତିକୁ ମଧ୍ୟ ପ୍ରଭାବିତ କରିଛି। କରୋନା ମହାମାରୀ ସମୟରେ ଏହା ବୃଦ୍ଧି ନ ହୋଇ ହ୍ରାସପାଇବା ଚିନ୍ତାର ବିଷୟ।

ସବୁଠାରୁ ଚିନ୍ତାର ବିଷୟ କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ ବୃଦ୍ଧିପାଇବା ପରିବର୍ତ୍ତେ ହ୍ରାସପାଇବା। ୨୦୨୦-୨୧ରେ ଓଡ଼ିଶା ୩୬୨୯୯କୋଟି ଟଙ୍କା ପାଇବ ବୋଲି ଲକ୍ଷ୍ୟ ରଖିଥିଲା, କିନ୍ତୁ ତାହା ହ୍ରାସପାଇଛି। ଏହି ବଜେଟରେ ଏହା ୩୦୧୩୬.୬୮କୋଟି ଟଙ୍କାକୁ ହ୍ରାସପାଇବ। ଏହାର କାରଣ ହେଲା କେନ୍ଦ୍ରର ଟିକସ-ଜିଡିପି ହ୍ରାସପାଇବା ଏବଂ କେନ୍ଦ୍ରୀୟ ଟିକସ ହ୍ରାସପାଇବା ଯୋଗୁ କେନ୍ଦ୍ରରୁ ରାଜ୍ୟଗୁଡ଼ିକ ଅର୍ଥ କମିଶନ ସୁପାରିସ ଅନୁଯାୟୀ ଯେଉଁ ପାଣ୍ଠି ପାଇଥାନ୍ତି ତାହା ହ୍ରାସପାଇବା। ବିଶେଷକରି ଓଡ଼ିଶାର ଭାଗ ହ୍ରାସପାଇବା। ପୁନଶ୍ଚ କେନ୍ଦ୍ର ୩ରୁ ୪ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ସମ୍ବଳସେସ୍ ଏବଂ ସରଚାର୍ଜରୁ ସଂଗ୍ରହ କରୁଛି; ଯାହା ଆବଣ୍ଟିତ ପାଣ୍ଠିକୁ ଯାଏନାହିଁ ବା ରାଜ୍ୟଗୁଡ଼ିକ କିଛି ଅଂଶ ପାଆନ୍ତି ନାହିଁ।

ବଜେଟରେ ବିଭିନ୍ନ କ୍ଷେତ୍ରରେ ବ୍ୟୟବରାଦ ନାମାଙ୍କନ ମୂଲ୍ୟରେ, ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ ବୃଦ୍ଧିପାଇଲା ବେଳେ କିଛି କ୍ଷେତ୍ରରେ ମଧ୍ୟ ହ୍ରାସପାଇଛି। ପ୍ରଶାସନିକ ବ୍ୟୟ ୨୦୨୦-୨୧ ବଜେଟରେ ୬୫,୬୫୫କୋଟି ଟଙ୍କା ହେବ ବୋଲି ଧାର୍ଯ୍ୟ କରାଯାଇଥିଲା ବେଳେ ଏହା ସଂଶୋଧିତ ଅଟକଳରେ ୬୩୧୫୦କୋଟି ଟଙ୍କାକୁହ୍ରାସପାଇଛି। ୨୦୨୧ -୨୨ରେ ଏହା ୮୫ହଜାର କୋଟି ଧାର୍ଯ୍ୟ କରାଯାଇଛି। ସେହିପରି କାର୍ଯ୍ୟକ୍ରମ ବ୍ୟୟ ଯାହା ୨୦୨୦-୨୧ ବଜେଟରେ ୭୪,୦୦୦କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିଲା, ତାହା ସଂଶୋଧିତ ଅଟକଳରେ ୬୨୦୦୦କୋଟି ଟଙ୍କାକୁ ହ୍ରାସପାଇଛି। କିନ୍ତୁ ୨୦୨୧ -୨୨ ବଜେଟରେ ଏହା ୭୫,୦୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ପ୍ରଶାସନିକ ବ୍ୟୟ ସାଧାରଣତଃ ସମ୍ପଦ ସୃଷ୍ଟିକରେନା। ଏହା ସଂଖ୍ୟା ଦୃଷ୍ଟିରୁ ବୃଦ୍ଧିପାଇବା ଚିନ୍ତାଜନକ ନୁହେଁ, କିନ୍ତୁ ବଜେଟର ଅଂଶରେ ବୃଦ୍ଧିପାଇବା ଚିନ୍ତାଜନକ। ଏହା ଗତବର୍ଷ ମୋଟ ବଜେଟ ବ୍ୟୟବରାଦର ୪୪.୧୨% ଧାର୍ଯ୍ୟ କରାଯାଇଥିଲା ବେଳେ ଏହି ବଜେଟରେ ୫୦%କୁ ବୃଦ୍ଧିପାଇବ ବୋଲି ଆକଳନ କରାଯାଇଛି।

ଅପରପକ୍ଷରେ କାର୍ଯ୍ୟକ୍ରମ ବ୍ୟୟ ସାମାନ୍ୟ ବୃଦ୍ଧି ଚିନ୍ତାଜନକ। ୨୦୨୦-୨୧ ବଜେଟରେ ବିପର୍ଯ୍ୟୟ ପ୍ରଶମନ ପାଇଁ ୩୨୦୦କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ୨୦୨୧ -୨୨ରେ ହ୍ରାସପାଇ ୩୦୫୦କୋଟି ଟଙ୍କାରେ ଧାର୍ଯ୍ୟ କରାଯାଇଛି। ହ୍ରାସର ମୂଳ କାରଣ ହେଲା କେନ୍ଦ୍ରୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ସାହାଯ୍ୟ ହ୍ରାସପାଇବା। ସେହିପରି ୨୦୨୦-୨୧ ଲୋକାଲ ବଡିଜ୍ ଓ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ପାଇଁ ୭୧୪୫କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା କିନ୍ତୁ ଏହି ବଜେଟରେ ୬,୯୫୦କୋଟି ଟଙ୍କାକୁ ହ୍ରାସପାଇଛି। ଏହି ହ୍ରାସର ମୂଳ କାରଣ ହେଲା, କେନ୍ଦ୍ର ଅର୍ଥ କମିଶନ ହସ୍ତାନ୍ତର ୩୩୪୫କୋଟି ଟଙ୍କାରୁ ୨୯୫୩.୦୧କୋଟି ଟଙ୍କାକୁ ହ୍ରାସପାଇବା।

କାର୍ଯ୍ୟକ୍ରମ ବ୍ୟୟ ମଧ୍ୟରୁ ରାଜ୍ୟ ଯୋଜନା ପାଇଁ ୪୨୮୭୪କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି; ଯାହା ପୂର୍ବବର୍ଷର ମୂଳ ଅଟକଳ ୪୪୯୮୮.୧୦କୋଟି ଟଙ୍କାଠାରୁ କମ୍ ହୋଇଥିବାବେଳେ ସଂଶୋଧିତ ଅଟକଳ ୩୬୦୦୦ କୋଟି ଟଙ୍କାରୁ ଅଧିକ। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ମହାମାରୀ ଦ୍ୱାରା ରାଜ୍ୟ ଯୋଜନା ବହୁଭାବରେ ପ୍ରଭାବିତ। ସେହିପରି ୨୦୨୧ -୨୨ ବଜେଟରେ କେନ୍ଦ୍ରୀୟ ଯୋଜନା ୩୫୭.୫୮କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି; ଯାହା ଗତବର୍ଷର ସଂଶୋଧିତ ଅଟକଳ (୪୮୦.୯୦କୋଟି ଟଙ୍କା) ଏବଂ ମୂଳ ଅଟକଳ (୪୫୬.୨୦)ଠାରୁ କମ୍ । ପୁନଶ୍ଚ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ପାଇଁ ୨୦୨୦-୨୧ରେ ୨୮୫୫୫.୭୦କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା, କିନ୍ତୁ ସଂଶୋଧିତ ଅଟକଳରେ ଏହା ହ୍ରାସପାଇ ୨୫୫୧୯.୧୦କୋଟି ଟଙ୍କା ହୋଇଛି। ୨୦୨୧-୨୨ ଏହା ଅଳ୍ପବୃଦ୍ଧି ପାଇଁ ୩୧୬୬୭.୫୦କୋଟି ଟଙ୍କା ସ୍ଥିର କରାଯାଇଛି।


ଚଳିତବର୍ଷ ବଜେଟରେ କୌଣସି ନୂତନ ଯୋଜନାକୁ ସାମିଲ କରାଯାଇନାହିଁ। ବଜେଟରେ ପାନୀୟଜଳ ଯୋଗାଣ, କୃଷିକ୍ଷେତ୍ର, ଜଳସେଚନ, ଶିଳ୍ପ, ଭିତ୍ତିଭୂମି, ପର୍ଯ୍ୟଟନ, ଦକ୍ଷତା ବିକାଶ ଓ କ୍ରୀଡ଼ାକ୍ଷେତ୍ରକୁ ଅଗ୍ରାଧିକାର ଦିଆଯାଇଛି। ବଜେଟରେ ସ୍ୱାସ୍ଥ୍ୟକ୍ଷେତ୍ରକୁ ସରକାର ପ୍ରାଥମିକତା ଦେଇଛନ୍ତି। ଏଥିପାଇଁ ବଜେଟରେ ୯,୧୬୪କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି, ଯାହା କି ଗତ ବଜେଟ ତୁଳନାରେ ୧୯% ଅଧିକ; କିନ୍ତୁ ବର୍ତ୍ତମାନର ସ୍ୱାସ୍ଥ୍ୟସଙ୍କଟ ବେଳେ ଯଥେଷ୍ଟ ନୁହଁ। ପୂର୍ବପରି କୃଷି ପାଇଁ ମଧ୍ୟ ସ୍ୱତନ୍ତ୍ର ବଜେଟ ଉପସ୍ଥାପନ କରାଯାଇଛି। କିନ୍ତୁ ବ୍ୟୟବରାଦ ହ୍ରାସପାଇବା ଚିନ୍ତାର ବିଷୟ। ୨୦୧୯-୨୦ ବଜେଟରେ ଏହା ୨୦,୭୧୬ କୋଟି ଟଙ୍କା ଥିଲାବେଳେ ୨୦୨୦-୨୧ରେ ଏହି ୧୯,୪୦୮କୋଟି ଟଙ୍କା ଆକଳନ କରାଯାଇଥିଲା। କିନ୍ତୁ ମହାମାରୀ ପ୍ରଭାବରେ ଏହି ବଜେଟରେ ଆହୁରି ହ୍ରାସପାଇ ୧୭୪୬୮କୋଟି ଟଙ୍କାରେ ସ୍ଥିର ହୋଇଛି।

ସାଧାରଣତଃ ପୁଞ୍ଜି ବ୍ୟୟ ଅଧିକ ହେବା ଭଲ। କାରଣ ଏହା ସମ୍ପଦ ସୃଷ୍ଟିକରିବା ସହିତ ଅଭିବୃଦ୍ଧିରେ ସହାୟକ ହୋଇଥାଏ। ବଜେଟରେ ଏହା ବୃଦ୍ଧିପାଇଛି ବୋଲି କୁହାଯାଉଛି। କିନ୍ତୁ ଋଣପରିଶୋଧ ବାବଦରେ ରାଜ୍ୟ ସରକାର ୨୩୫୮୧କୋଟି ଟଙ୍କା ବ୍ୟୟକୁ ବିଚାରକୁ ନେଲେ ମୋଟ ପୁଞ୍ଜିବ୍ୟୟ ୨୬୮୫୧କୋଟି ଟଙ୍କା ହେବ; ଯାହା ଗତବର୍ଷର ସଂଶୋଧିତ ଅଟକଳଠାରୁ ଅଧିକ ହେଲାବେଳେ ମୂଳ ଆକଳନ ପାଖାପାଖି ହେବ। ଗତବର୍ଷ ବଜେଟରେ ଏହା ୨୬୫୧୩.୪କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା।

ଏହି ମାସରେ କେନ୍ଦ୍ର ଅର୍ଥମନ୍ତ୍ରୀ କର୍ପୋରେଟଙ୍କୁ ସୁହାଇଲାପରି ବଜେଟ ଉପସ୍ଥାପିତ କରିଥିଲେ ଏବଂ କରୋନା ମହାମାରୀ ଦ୍ୱାରା ପ୍ରଭାବିତ ଲୋକଙ୍କ ଥଇଥାନ, ଲୋକଙ୍କ କ୍ରୟଶକ୍ତି ବୃଦ୍ଧି, ନିଯୁକ୍ତି ସୃଷ୍ଟି, ଖାଲିପଡିଥିବା ପଦବୀ ପୂରଣ ପାଇଁ ବଜେଟରେ କୌଣସି ବ୍ୟବସ୍ଥା କରି ନ ଥିଲେ। ରାଜ୍ୟ ସରକାର ମଧ୍ୟ ଅନୁରୂପ ଭାବେ କର୍ମନିଯୁକ୍ତି ଆଶାୟୀ ବେକାର ଯୁବତୀଯୁବକ ଓ ଜୀବିକାହରା ପ୍ରବାସୀ ଶ୍ରମିକଙ୍କ ସମସ୍ୟା ପ୍ରତି ଆଖି ବୁଜି ଦେଇଛନ୍ତି। ସରକାରଙ୍କ ବିଭିନ୍ନ ବିଭାଗରେ ଖାଲିପଡିଥିବା ପଦବୀ ପୂରଣ ପାଇଁ ବଜେଟରେ କୌଣସି ବ୍ୟବସ୍ଥା ନ ଥିବା ଦୁଃଖର ବିଷୟ। କିନ୍ତୁ ତଫାତ୍ ହେଉଛି କେନ୍ଦ୍ର ସରକାରଙ୍କ ହାତରେ କ୍ଷମତା ଥାଇ ମଧ୍ୟ ଧନିକ ଉପରେ ଅଧିକ ଟିକସ ଆଦାୟ ନ କରି, ଏସବୁ ସମସ୍ୟାକୁ ଅଣଦେଖା କରିଛନ୍ତି। କିନ୍ତୁ ରାଜ୍ୟ ସରକାରଙ୍କ କ୍ଷେତ୍ରରେ ଇଚ୍ଛାଶକ୍ତି ଥିଲେ ମଧ୍ୟ ସମ୍ବଳ ବଡ ବାଧକ ହୋଇଛି। କିନ୍ତୁ ରାଜ୍ୟ ସରକାର କିଛି ବିକଳ୍ପ ଖୋଜିବା ଉଚିତ।

ମୋ-୯୪୩୭୨୦୮୭୬୨

# ଜୀବନରେ ଅପବ୍ୟୟ



ଡ. ସତ୍ୟନାରାୟଣ ମିଶ୍ର

ବଞ୍ଚିବା ନିମନ୍ତେ ଆବଶ୍ୟକ ଉପକରଣ ତଥା ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ବ୍ୟୟ ଯଥାର୍ଥ। ବ୍ୟୟ ଓ ଅପବ୍ୟୟ ମଧ୍ୟରେ ପ୍ରାସଙ୍ଗିକତା ଦୃଷ୍ଟିରୁ ପ୍ରଥମେ ଯେତେବେଳେ ଅପବ୍ୟୟ କଥା ଆଲୋଚନା ହୁଏ, ସେତେବେଳେ ଆଗ ବ୍ୟୟ କଥା ଆସେ। ସେ ଦୃଷ୍ଟିରୁ ସୂକ୍ଷ୍ମ ଚିନ୍ତାଧାରାରେ ତର୍ଜମା କଲେ ସୃଷ୍ଟିର ପ୍ରତ୍ୟେକ ମଣିଷ ବର୍ତ୍ତମାନ ବ୍ୟୟ ସଙ୍କୁଚିତ କରି ଅପବ୍ୟୟରେ ନିଜେ ନିମଜ୍ଜିତ। ବ୍ୟୟ ହେଉଛି ଆବଶ୍ୟକତାକୁ ସମ୍ମୁଖୀନ ହେବା ଓ ଜୀବନଧାରଣରେ ନିଜର ଅଭାବକୁ ମେଣ୍ଟେଇବା। ତେଣୁ ବ୍ୟୟରେ ଥାଏ ହିସାବ ଓ ଏହା ସହିତ ଆୟର ମଧ୍ୟ ସମ୍ପର୍କ ଥାଏ। ଆୟ ସହିତ ବ୍ୟୟର ସମଷ୍ଟିଗତ ତଥା ତୁଳନାତ୍ମକ ସମ୍ପର୍କ ରହିଅଛି। ବ୍ୟୟ ଆୟକୁ ଦେଖି କରାଯାଏ, ମାତ୍ର ଆୟ ବ୍ୟୟକୁ ଦେଖି ମଣିଷ ଯାହା ଚାହେଁ ହୋଇପାରେନା। ତେଣୁ ବ୍ୟୟରେ ଥାଏ ଏକ ପରିସୀମା, ଯାହା ଆୟ ତାହାକୁ ଲଗାମ ଧରେ। ସେଥିପାଇଁ ବିଜ୍ଞ ଲୋକମାନେ ଆୟ ଓ ବ୍ୟୟର ଏକ ଅଟକଳ କରିଥାଆନ୍ତି, ଯାହା 'cut your court according to your cloth' କୁ ମାନ୍ୟତା ଦିଏ।

ମାତ୍ର ପ୍ରାସଙ୍ଗିକତା ଦୃଷ୍ଟିକୋଣରୁ ବିଚାର କଲେ ଯାହା ବ୍ୟୟର ପରିସୀମାକୁ ଲଘିଁ ଆଗକୁ ଚାଲିଯାଏ, ତାହାକୁ ଅପବ୍ୟୟ କୁହାଯାଏ। ଅପବ୍ୟୟର କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନଥାଏ। ଅପବ୍ୟୟ ହେଉଛି ଏକ ମାନସିକ ଦୁର୍ବଳତା ଓ ଅସହିଷ୍ଣୁତାର ରୂପରେଖ। ସମାଜରେ ନିଜର ବାହ୍ୟାଡ଼ମ୍ବର ସ୍ଥିତିକୁ ମଜଭୁତ କରିବା ପାଇଁ ଅନେକ ଅପବ୍ୟୟ କରିଥା'ନ୍ତି ତ ପୁଣି କେତେକ ଅଭ୍ୟାସଗତ ଢାଞ୍ଚାରେ ନିଜକୁ ସାମିଲ କରିଥା'ନ୍ତି। ଯଦି ଜଣେ ମଣିଷ ଉଚିତ ମାର୍ଗ ଅବଲମ୍ବନ କରି ଅର୍ଥ ଉପାର୍ଜନ କରେ, ତେବେ ସେ ତାହାର ବ୍ୟୟ ଉପରେ ଯଥେଷ୍ଟ ନଜର ରଖିଥାଏ। ମାତ୍ର ଯଦି ଜଣେ ଅପବ୍ୟୟକୁ ଖାତିରି କରେ ନାହିଁ, ତେବେ ସେ କେବେହେଲେ ଉପଯୁକ୍ତ ମାର୍ଗରେ ଅର୍ଥ ଉପାର୍ଜନ କରି ନଥାଏ। ଅପବ୍ୟୟର ଅର୍ଥ ନୈତିକତାର ବିଲୋପ। ଅନ୍ୟପକ୍ଷରେ ମାତ୍ରାଧିକ ଧନ ବା ଅତ୍ୟଧିକ ବ୍ୟାବହାରିକ ବସ୍ତୁର ମହଜୁଦ ଅପବ୍ୟୟର କାରଣ ହୋଇଥାଏ। ଯେତେବେଳେ ବ୍ୟକ୍ତି ନିକଟରେ ଅର୍ଥ ବା ଆବଶ୍ୟକ ଉପକରଣର ମହଜୁଦରେ ସ୍ୱଳ୍ପତା ଥାଏ ବା ସମାଜରେ ଉକ୍ତ ବସ୍ତୁ ବା ପଦାର୍ଥରେ ସଙ୍କଟ ଥାଏ, ମନୁଷ୍ୟ ସେ କ୍ଷେତ୍ରରେ ନିଜର ବଞ୍ଚିବାର ଅଧିକାରକୁ ଚରିତାର୍ଥ କରିବାକୁ ଯାଇ ଉକ୍ତ ଧନ, ବସ୍ତୁ, ପଦାର୍ଥ ଇତ୍ୟାଦିର ସୁ-ବିନିଯୋଗ କରିଥାଏ ଓ ଅପବ୍ୟୟ ନକରି କେବଳ ଆବଶ୍ୟକ ବ୍ୟୟ କରିଥାଏ। ତେବେ ଏଥିରୁ ପ୍ରତୀୟମାନ ହୁଏ ଯେ, ମଣିଷ ସଙ୍କଟ ସମୟରେ ଆବଶ୍ୟକୀୟ ବ୍ୟୟ କରି ଜାଣିଛି ଓ ସଙ୍କଟରୁ ମୁକ୍ତି ହେଲେ ଅପବ୍ୟୟ ଅନବରତ କରିଚାଲିଥାଏ, ଯାହା ହେଉଛି ବିକୃତ ମାନସିକତାର ପରିପ୍ରକାଶ।

ପୃଥିବୀରେ ବିଶେଷତଃ ଏସିଆ ଓ ଏସିଆର ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ଅଧିକ ଅପବ୍ୟୟରେ ଅଭ୍ୟସ୍ତ। ଯଦି ଅପବ୍ୟୟକୁ ଆମେ ପର୍ଯ୍ୟାୟକ୍ରମେ ବିଭିନ୍ନ ଭାଗରେ ବିଭକ୍ତ କରିବା, ତେବେ ଅନେକ ଅପବ୍ୟୟ ମଧ୍ୟରୁ ଆମେ ମୁଖ୍ୟତଃ କେତୋଟିକୁ ଦୃଷ୍ଟିଗୋଚରକୁ ଆଣିପାରିବା। ତରଳ ପଦାର୍ଥର ଅପବ୍ୟୟଗୁଡ଼ିକ ଆମେ ଗୃହରେ ଓ କଳ କାରଖାନାରେ କରିଥାଉ ଯାହା ଏକ ବ୍ୟାଧିରେ ପରିଣତ ଓ ଦୈନନ୍ଦିନ ଜୀବନର ଦେହସୁହା ହୋଇଗଲାଣି। ସେଥିପ୍ରତି ମଧ୍ୟ କାହାର ନଜର ନଥାଏ। ଘରେ ଓ କଳକାରଖାନାରେ ପାଣିର ଅପବ୍ୟୟ, ବିଷାକ୍ତ ପାଣିର ପରିବେଶକୁ ପ୍ରୟୋଗ, ବର୍ଷା ପାଣି ଇତ୍ୟାଦିର ଅପବ୍ୟୟ। ପୃଥିବୀରେ ତିନି ପ୍ରକାରର ରତ୍ନ ଥାଏ। ସେଗୁଡ଼ିକ ହେଲା- ଜଳ, ଅନ୍ନ ଓ ମଧୁର ବଚନ। ତେଣୁ ଜଳ ଭଳି ରତ୍ନ ଓ ସମ୍ପଦର ସୁବିନିଯୋଗ ହେଉଛି ଏକାନ୍ତ ଆବଶ୍ୟକ। ନଚେତ୍ କେଉଁ ମୁହୂର୍ତ୍ତରେ ସୁନ୍ଦର ସୃଷ୍ଟିର ବିନାଶ ହୋଇଯାଇପାରେ। ଅନ୍ୟପକ୍ଷରେ ପେଟ୍ରୋଲ ଓ ପେଟ୍ରୋଲଜାତ ତରଳ ପଦାର୍ଥର ମାତ୍ରାଧିକ ଅପବ୍ୟୟ ଦିନେ ନା ଦିନେ ସୃଷ୍ଟିର ପ୍ରଗତିର ବାଧକ ହୋଇ ଉଭା ହେବ। କଠିନ ପଦାର୍ଥର ଅପବ୍ୟୟଗୁଡ଼ିକ ହେଲା ପ୍ଲାଷ୍ଟିକ୍, କାଗଜ, ଲୁହା ଓ ଟିଣ ତଥା କାଚ ଇତ୍ୟାଦିର ଅପବ୍ୟୟ। ପ୍ରତିଦିନ ଆମେ ବ୍ୟବହାରଯୋଗ୍ୟ ପଦାର୍ଥର ଏତେ ଅଣସଂଯତ ବ୍ୟବହାର କରୁ ଯେ ପରବର୍ତ୍ତୀ ସମୟରେ ଯେତେବେଳେ ଆମେ ଆବଶ୍ୟକ କରୁ ଉକ୍ତ ବ୍ୟବହୃତ ଜିନିଷଟି ଆମେ ଆଉ ପାଉନାହୁଁ।

ନିଜର ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ଅନେକ ଜିନିଷରୁ ଜୈବିକ ସାର ପାଇପାରନ୍ତେ ; ମାତ୍ର ଆମେ ରାସାୟନିକ ସାର ବ୍ୟବହାର କରୁଅଛୁ। ଘରେ ବାସିଫୁଲ, ଗଛର ପତ୍ର, ଗାଈ ଗୋରୁର ଗୋବରରେ ପ୍ରସ୍ତୁତ ଜୈବିକ ସାରକୁ ଆମେ ବ୍ୟବହାର କରୁନାହୁଁ। ଆମେ ପ୍ରକୃତିର ବାୟୁ, ଜଳ, ପରିବେଶ ଆଦିକୁ ନିଜ ଇଚ୍ଛା ଅନୁସାରେ ବ୍ୟବହାର କରୁଛୁ। ଏଥିରେ ପ୍ରତ୍ୟକ୍ଷ ଭାବରେ ଯଦି ବ୍ୟକ୍ତିର କିଛି କ୍ଷତି ବା ବ୍ୟୟ ହୋଇ ନଥାଏ, ମାତ୍ର ସାମୂହିକ ଭାବରେ ବିଚାର କଲେ ଏହା ସମାଜର ବୃହତ୍ କ୍ଷତି କରିଥାଏ।

ଆଜିର ମଣିଷ ଯାହା ଅପବ୍ୟୟ କରେ ତାହା ହେଉଛି ସମୟ, ଶ୍ରମ, ଖାଦ୍ୟ ପଦାର୍ଥ, ବିଜୁଳି, ଇନ୍ଧନ ଇତ୍ୟାଦି ଇତ୍ୟାଦି। ଗାଁରୁ ସହର ପର୍ଯ୍ୟନ୍ତ ବର୍ତ୍ତମାନ ମଣିଷ ସମୟର ସଦ୍-ବିନିଯୋଗ ଉପରେ ଆଦୌ ଗୁରୁତ୍ୱ ଦେଉନାହାନ୍ତି। ସମୟ ସହ ଶ୍ରମର ମିଶ୍ରଣରେ ମଣିଷ ସମାଜରେ ଏକ ବିରାଟ ସମନ୍ୱୟ ହୋଇପାରନ୍ତା। ମାତ୍ର ବର୍ତ୍ତମାନ ପ୍ରତ୍ୟେକ ମନୁଷ୍ୟ ଯଥେଷ୍ଟ ସମୟର ଉପଯୋଗ ପରିବର୍ତ୍ତେ ଅପବ୍ୟୟ କରୁଛନ୍ତି ମୋବାଇଲରେ, ଫେସ୍‌ବୁକରେ, ହ୍ୱାଟ୍ସ ଆପରେ, ଟିଭି ଦେଖିବାରେ, ସର୍ବାଦୌ ଆମୋଦ ପ୍ରମୋଦରେ। ଏଥିରେ ଯଥେଷ୍ଟ ଶ୍ରମ, ଶକ୍ତି ଓ ସମୟର ଅପଚୟ ଓ ଅପବ୍ୟୟ ହେଉଅଛି। ଯେତେବେଳେ ପୃଥିବୀର ୭୯୫ ମିଲିୟନ ମଣିଷ ଖାଦ୍ୟ ମୁଠିଏ ପାଆନ୍ତି ନାହିଁ, ଅର୍ଥାତ୍ ପୃଥିବୀରେ ପ୍ରତି ୯ ଜଣରେ ଜଣେ ଭୋକିଲା ରହେ, ସେହି ପୃଥିବୀରେ ଘରେ କିମ୍ବା ଭୋଜିରେ ଯେତେ ପରିମାଣରେ ଖାଦ୍ୟ ନଷ୍ଟ କରାଯାଏ, ତାହା କଳନାର ବାହାରେ। ବର୍ତ୍ତମାନର ସମାଜରେ ଆଭିଜାତ୍ୟପୂର୍ଣ୍ଣ ଅଭ୍ୟର୍ଥନାରେ ଯେପରି ଖାଦ୍ୟର ଅପବ୍ୟୟ କରାଯାଇଥାଏ, ତାହା ହେଉଛି ସଭ୍ୟ ସମାଜର ପ୍ରକୃତି ତଥା ଭୁଭୁକ୍ଷୁ ମଣିଷ ସମାଜ ପ୍ରତି ତିରସ୍କାର। ବିଜୁଳି ଓ ପେଟ୍ରୋଲିୟମ୍‌ଜାତ ପଦାର୍ଥର ଅପବ୍ୟୟର ମାତ୍ରା ଏତେ ମାତ୍ରାରେ ବଢ଼ିଯାଇଛି ଯେ ଏହାର ସର୍ବଶେଷ ସ୍ଥିତିକୁ ମଣିଷ ଅପେକ୍ଷା କରିଛି। ତେଣୁ ବର୍ତ୍ତମାନ ମଧ୍ୟ ସମୟ ଅଛି ସଭ୍ୟ ସମାଜ ଅପବ୍ୟୟରୁ କ୍ଷାନ୍ତ ହୋଇ ଆବଶ୍ୟକ ବ୍ୟୟ ଉପରେ ଗୁରୁତ୍ୱ ଦେଲେ ସମାଜର ମଙ୍ଗଳ ହେବ।

ଅଭିଲେଖାଧିକାରୀ
ଜାତୀୟ ଅଭିଲେଖାଗାର,ଭୁବନେଶ୍ୱର
ମୋ -୯୯୩୭୩୪୫୯୦୦

## ଏଇ ଭାରତରେ

ଭୀମା ଚାଲୱାଡିଙ୍କ ସାହସର ଗାଥା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ। ଗୋଆର ଭାସ୍କୋ ନିବାସୀ ସମ୍ପୃକ୍ତା ମହିଳାଙ୍କୁ ୧୫ ବର୍ଷ ବୟସରେ ଜଣେ ଦେହଜୀବୀ ହେବାକୁ ବାଧ କରାଯାଇଥିଲା। କିନ୍ତୁ ସେ ସେଥିରୁ ମୁକୁଳି ଏବେ ୮୦୦ କମ୍ ବୟସର ଦେହଜୀବୀଙ୍କୁ ଉଦ୍ଧାର କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ଲାଗିଛନ୍ତି। ଏବେ ଭୀମାଙ୍କୁ ୩୫ ବର୍ଷ। କେବଳ ଶିଶୁମାନଙ୍କୁ ସେ ଉଦ୍ଧାର କରୁନାହାନ୍ତି, ବହୁ ମହିଳାଙ୍କୁ ବି ଏହି ଭୟଙ୍କର ପରିସ୍ଥିତିରୁ ମୁକାଳି ଥଇଥାନ କରିଛନ୍ତି। ଏଭଳି ଏକ ଦିନ ତାଙ୍କ ପାଇଁ ଆସିବ ବୋଲି ସେ ୨୦ ବର୍ଷ ତଳେ କେବେବି ଚିନ୍ତା କରିନଥିଲେ। ପ୍ରଥମେ ଜଣେ ଦେବଦାସୀ ହେବା ପରେ ତାଙ୍କ ମାତାପିତା ତାଙ୍କୁ ଦେହଜୀବୀ ଭାବେ ଜୀବନ ଜିଇବାକୁ ଭାସ୍କୋର ରେଡ୍ ଲାଇଟ୍ ଏରିଆକୁ ପଠାଇ ଦେଇଥିଲେ। ସେଠାରୁ ଖସି ଆସିବା ଲାଗି ଭୀମା ଦୁଇ ତିନି ଥର ଚେଷ୍ଟା କରିଥିଲେ ବି ସଫଳ ହୋଇ ନ ଥିଲେ। କିନ୍ତୁ ୨୦୦୩ରେ ସେହି ଅଞ୍ଚଳରେ କ୍ରାଇମ୍ ବ୍ରାଞ୍ଚ ଚଢ଼ାଉ କରିବା ପରେ ତାଙ୍କୁ ଉଦ୍ଧାର କରାଯିବା ପରେ ସେ ଏକ ଏନ୍‌ଜିଓରେ କାମକଲେ। ପରେ ସେ ଦେବଦାସୀମାନଙ୍କୁ ନେଇ ଏକ ଟିମ୍ ଗଠନ କରି ଦେହଜୀବୀ ହେବାକୁ ବାଧ କରାଯାଉଥିବା ଝିଅମାନଙ୍କୁ ଚିହ୍ନଟ କରି ଉଦ୍ଧାର କରିବାରେ ଲାଗିଲେ। ନିଜେ କିଛି ପଢ଼ି ନ ଥିଲେ ବି ସେମାନଙ୍କୁ ଶିକ୍ଷା ଦେବାର ବ୍ୟବସ୍ଥା କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଫେବୃୟାରୀ ୧୯୯୬

- ଦକ୍ଷିଣ କୋରିଆର ପ୍ରାକ୍ତନ ରାଷ୍ଟ୍ରପତି ଚୁନ୍ ଜୋ-ହ୍ୱାନ କ୍ଷମତାରେ ଥିବାବେଳେ ଗୁପ୍ତ ପାଣ୍ଠିରୁ ୯୦୦ ନିୟୁତ ଡଲାର ଲାଞ୍ଚ ନେଇଥିବା କୋର୍ଟରେ ସ୍ୱୀକାର କରିଛନ୍ତି।
- କାଶ୍ମୀରସ୍ଥିତ କୁପୱାରା ଅଞ୍ଚଳରେ ଉଗ୍ରପନ୍ଥୀ ଓ ନିରାପତ୍ତା ବାହିନୀ ମଧ୍ୟରେ ଗୁଳି ବିନିମୟ ଘଟି ୬ ବିଦେଶୀ ଉଗ୍ରପନ୍ଥୀଙ୍କ ସହ ୧୧ ମୃତ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | D | | 6 | | 0 | | 7 | 3 | | | E | 4 | |
| | 0 | | | 9 | | | | | | | | 2 | 6 | |
| | B | 7 | | | A | | 2 | | C | | | | | |
| | | | | 5 | C | | 9 | | 4 | | E | 1 | 0 | |
| | | 5 | 8 | | 1 | | | | D | 7 | 6 | | | |
| | E | | | | | | A | | | 4 | 0 | D | | |
| 5 | | | | | 6 | C | | 4 | A | D | 1 | 8 | | |
| | | | 0 | 3 | | E | | 9 | | | | | | |
| | A | | | | 5 | | | 6 | | | | | | |
| 7 | | | | | E | 3 | | 1 | 6 | | 8 | | 9 | |
| 2 | | | | | | | | | 8 | | | 9 | A | |
| | | | A | | 0 | | | | | | | 6 | | |
| 0 | | | C | | 7 | A | | 5 | | | | | 2 | |
| | | | | 4 | 3 | D | 6 | | | | | B | 8 | |
| 1 | 4 | | | | | | 7 | 8 | B | | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ AରୁE ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | A | C | D | 0 | 2 | 6 | 4 | 7 | 9 | 5 | 1 | E | 3 | B |
| 7 | E | 0 | 1 | C | 9 | D | 2 | 8 | 3 | 4 | B | A | 6 | 5 |
| B | D | 3 | 6 | 8 | 4 | A | E | 5 | 0 | C | 7 | 1 | 2 | 9 |
| 4 | 1 | 6 | B | 5 | E | 9 | 3 | C | 2 | D | A | 7 | 8 | 0 |
| 5 | 9 | 2 | 7 | 3 | A | B | 0 | 1 | 8 | 6 | E | C | 4 | D |
| 0 | B | 7 | 9 | A | 1 | 4 | 5 | 6 | E | 3 | 2 | 8 | D | C |
| 1 | C | E | 2 | 6 | 5 | 3 | 8 | 9 | A | B | D | 4 | 0 | 7 |
| 2 | 4 | 9 | 3 | B | D | 0 | C | A | 6 | 7 | 8 | 5 | 1 | E |
| 3 | 8 | D | 0 | 4 | 7 | 2 | 1 | E | 5 | 9 | C | 6 | B | A |
| 6 | 5 | A | C | E | 8 | 7 | D | B | 1 | 0 | 4 | 2 | 9 | 3 |
| D | 3 | 4 | A | 1 | C | 5 | 9 | 2 | B | E | 6 | 0 | 7 | 8 |
| A | 0 | 1 | E | 9 | 6 | 8 | B | D | 7 | 2 | 5 | 3 | C | 4 |
| 9 | 7 | 5 | 8 | D | 3 | E | 6 | 4 | C | 1 | 0 | B | A | 2 |
| E | 6 | 8 | 4 | 2 | B | C | 7 | 0 | D | A | 3 | 9 | 5 | 1 |
| C | 2 | B | 5 | 7 | 0 | 1 | A | 3 | 4 | 8 | 9 | D | E | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସହରୀକରଣରେ ଓଡ଼ିଶା ପଛୁଆ

ମହାଶୟ,

ପଞ୍ଚଦଶ ଅର୍ଥକମିଶନଙ୍କ ଅଭିମତ ଅନୁସାରେ ଓଡ଼ିଶା ସହରୀକରଣ କ୍ଷେତ୍ରରେ ବହୁତ ପଛରେ ରହିଛି। ଏ କ୍ଷେତ୍ରରେ ୯ଟି ରାଜ୍ୟ ମଧ୍ୟରେ ଓଡ଼ିଶା ତଳଆଡୁ ୪ର୍ଥ ସ୍ଥାନରେ ରହିଛି। ୨୦୧୧ ଜନଗଣନା ଅନୁସାରେ ଓଡ଼ିଶାରେ ଗୋଟିଏ ହେଲେ ସହରର ଜନସଂଖ୍ୟା ୧୦ ଲକ୍ଷ ନ ଥିଲା। ଏବେ ମଧ୍ୟ ଓଡ଼ିଶାରେ ଗୋଟିଏ ହେଲେ 'କ' ଶ୍ରେଣୀର ସହର ନାହିଁ। କଟକ ଓ ଭୁବନେଶ୍ୱର 'ବି' ଶ୍ରେଣୀର ସହର। ଏଣୁ ପଞ୍ଚଦଶ ଅର୍ଥ କମିଶନଙ୍କ ପରାମର୍ଶ ଅନୁଯାୟୀ ରାଜ୍ୟରେ ସହରୀକରଣର ମାତ୍ରା ରାଜ୍ୟ ସରକାର ବୃଦ୍ଧି କରିବା ଦରକାର। ଏଥିପାଇଁ ନିରନ୍ତର ବିକାଶର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ହେବ। ନିରନ୍ତର ବିକାଶ କ୍ଷେତ୍ରରେ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଏବେ ୧୬ତମ ସ୍ଥାନରେ ରହିଛି। ପଛୁଆ ଜିଲାଗୁଡ଼ିକରେ ବିକାଶ, ଶିଳ୍ପ ଅଭିବୃଦ୍ଧି, ଦାରିଦ୍ର୍ୟ ଦୂରୀକରଣ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଗୁଣାତ୍ମକ ଅଭିବୃଦ୍ଧି ହେବା ଦରକାର।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନୂପୁର ଯେଉଁ ପଦେ ବଜାଉଥିଲା ମୋଦେ
ପରାଣ-ବିହଗର ବେହାଗ
ଅଳକ-ଦାମେ ଯାର ଅଳକା କଲି ଛାର
ପୁରୁଣା ହୋଇଛି ସେ ସୋହାଗ।
-(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ପରିତ୍ୟକ୍ତ କୂଅରୁ ମୃତଦେହ ଜବତ**

**କୁକୁଡ଼ାଖଣ୍ଡି:** କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଏକ ପରିତ୍ୟକ୍ତ କୂଅରୁ ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ସେ ହେଲେ ଏ.ଆଦିନାରାୟଣ (୭୦)। ଗୁରୁବାର ରାତିରେ ବୃଦ୍ଧ ଜଣକ ଫୁଲ ତୋଳିବା ପାଇଁ ଦୁଇ ବନ୍ଧୁଙ୍କ ସହ ଯାଇଥିଲେ। ଫୁଲ ତୋଳିବା ସମୟରେ ଅସାବଧାନତା ବଶତଃ ହଠାତ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ପରିତ୍ୟକ୍ତ କୂଅରେ ପଡ଼ିଯାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହକୁ କୂଅରୁ ବାହାର କରିଥିଲେ। ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇଛି।

# ଅଢ଼େଇ ବର୍ଷ ପରେ ଡ୍ୟାମ୍ କାମ ଆରମ୍ଭ

**ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ**

ବଲାଙ୍ଗୀର ଅଫିସ, ୨୬।୨

ପ୍ରାୟ ଅଢ଼େଇ ବର୍ଷ ଧରି ଲୋୟର ସୁକ୍‌ତେଲ ବୃହତ୍ ଜଳସେଚନ ପ୍ରକଳ୍ପ ଡ୍ୟାମ୍ କାମ ବନ୍ଦ ହୋଇ ପଡିବା ପରେ ଶୁକ୍ରବାରଠାରୁ ପୁଣି ଥରେ ମାଟିବନ୍ଧ ନିର୍ମାଣ କାମ ଆରମ୍ଭ ହୋଇଛି। ଗୁରୁବାର ବିଧାନସଭାରେ ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଲୋୟର ସୁକ୍‌ତେଲ ପ୍ରକଳ୍ପ କାମ ଆରମ୍ଭ ହୋଇଛି ଓ ଚାଲୁ ରହିବ ବୋଲି କହିବାର ୨୪ ଘଣ୍ଟା ନ ପୂରଣୁ ମାଟିବନ୍ଧ କାମକୁ ବିଭାଗ ଆରମ୍ଭ କରିଛି। ପୋଲିସ ଫୋର୍ସ ଉପସ୍ଥିତିରେ ଡ୍ୟାମ୍ ସାଇଟ୍‌ରେ ବିଭିନ୍ନ ମେଶିନକୁ ପୂଜାର୍ଚ୍ଚନା କରାଯାଇ ମାଟିବୁହା କାମ ଆରମ୍ଭ କରାଯାଇଛି। ଏନେଇ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ନିରଞ୍ଜନ ରାଉତଙ୍କୁ ପଚାରିବାରୁ ଡ୍ୟାମ୍‌ର ମାଟିବନ୍ଧ କାମ ଆରମ୍ଭ ହୋଇଥିବା ଜଣାଇଛନ୍ତି। ବିସ୍ଥାପିତଙ୍କୁ ଉପଯୁକ୍ତ କ୍ଷତିପୂରଣ ଟଙ୍କା ପ୍ରଦାନ କରାଯିବା ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ପ୍ରକଳ୍ପ ପ୍ରଭାବିତଙ୍କ ଆକାଉଣ୍ଟରେ ଟଙ୍କା ଜମାହେବ ବୋଲି ସେ ସୂଚନା ଦେଇଛନ୍ତି।

କିଛିଦିନ ପୂର୍ବରୁ ଜିଲାପାଳ ଚଞ୍ଚଳ ରାଣା ପ୍ରକଳ୍ପ ପ୍ରଭାବିତ ବିଭିନ୍ନ ଗାଁ ବୁଲି ସେମାନଙ୍କ ସମସ୍ୟା ଶୁଣିବା ସହ ପ୍ରକଳ୍ପ କାମ କିଭଳି ଶୀଘ୍ର ଆରମ୍ଭ ହେବ ସେନେଇ ଆଲୋଚନା କରିଥିଲେ। ପ୍ରକଳ୍ପ ପ୍ରଭାବିତ ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ଓ ଥଇଥାନ କରିବା ପରେ ଯାଇ ଡ୍ୟାମ୍ କାମ ଆରମ୍ଭ କରାଯାଉ ବୋଲି ଲୋକେ ଦାବି କରିଥିଲେ। ଜିଲାପାଳ ରାଣା ଏବେ କେବଳ ଡ୍ୟାମ୍ ସାଇଟ୍‌କୁ ଯାଇଥିବା ରାସ୍ତା କାମ କରାଯିବ ବୋଲି ସେମାନଙ୍କୁ କହିଥିଲେ। ଲୋକଙ୍କ ସମସ୍ୟା ସମାଧାନ କରାଯିବା ପରେ ଡ୍ୟାମ୍ କାମ ଆରମ୍ଭ ହେବ। ଏଣୁ ଡ୍ୟାମ୍ ସାଇଟ୍‌କୁ ରାସ୍ତା କାମ କରିବାକୁ ଦିଅନ୍ତୁ ବୋଲି ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଗତ ଜାନୁୟାରୀ ୧୫ ତାରିଖରେ ଡ୍ୟାମ୍ ସାଇଟ୍‌ର ରାସ୍ତା କାମ ଆରମ୍ଭ ହୋଇଥିଲା। ଗତ ଫେବୃୟାରୀ ୩ ତାରିଖରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କମିଟି ଲୋୟର ସୁକ୍‌ତେଲ ଡ୍ୟାମ୍ ସାଇଟ୍ ପରିଦର୍ଶନ କରି ବିସ୍ଥାପିତଙ୍କ ସମସ୍ୟା ସମାଧାନ କରାଯାଇ ଖୁବ୍ ଶୀଘ୍ର ଡ୍ୟାମ୍ କାମ ଆରମ୍ଭ ହେବ ବୋଲି କହିଥିଲେ। ଫେବୃୟାରୀ ୮ରେ ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା ଏକ ଖବରଦାତା ସମ୍ମିଳନୀ କରି ମହାନଦୀ ଜଳ ବିବାଦରେ ଲୋୟର ସୁକ୍‌ତେଲ ପ୍ରକଳ୍ପ ସମେତ ଓଡ଼ିଶାର ୪ଟି ଜଳ ପ୍ରକଳ୍ପ ଫସିଥିବା ସୂଚନା ଦେଇଥିଲେ। କେନ୍ଦ୍ରୀୟ ଜଳ ଆୟୋଗ(ସିଡବ୍ଲୁସି) ଲୋୟର ସୁକ୍‌ତେଲ ପ୍ରକଳ୍ପ ସମେତ ୪ ପ୍ରକଳ୍ପର ଡିପିଆର୍ ଫେରାଇ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଆଧାରରେ ପୁନଃ ପ୍ରେରଣ କରିବାକୁ ପରାମର୍ଶ ଦେଇଥିଲେ। ଡିପିଆର୍ ଫେରାଇବାର ୧୬ ମାସ ସମୟ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ସୁକ୍‌ତେଲ ପ୍ରକଳ୍ପର ଡିପିଆର୍ ପୁନଃ ପଠାଯାଇ ନ ଥିବା ସୂଚନା ଅଧିକାର ଆଇନ ତଥ୍ୟରୁ ଜଣାପଡିଥିଲା। ବିଧାନସଭାରେ ଜଳ ସମ୍ପଦ ମନ୍ତ୍ରୀ ଦାସ ସିଡବ୍ଲୁସି ୪ ପ୍ରକଳ୍ପର ଡିପିଆର୍ ଫେରିଥିବା ଉପରେ ଗୁରୁବାର ତଥ୍ୟ ଦେଇଥିଲେ।



ଲୋୟର ସୁକ୍‌ତେଲ ପ୍ରକଳ୍ପର ମାଟିବନ୍ଧ କାମ ଆରମ୍ଭ କରାଯାଉଛି।

# ଥାନାଧିକାରୀ, ୨ ମଧ୍ୟସ୍ଥଙ୍କୁ ଧରିଲା ଭିଜିଲାନ୍ସ

**ଦଫା କାଟିବାକୁ ଲାଞ୍ଚ**

ଢେଙ୍କାନାଳ ଅଫିସ, ୨୬।୨

ଏକ ଯୌତୁକ ନିର୍ଯାତନା ମାମଲାରେ ରୁଜୁ କରାଯାଇଥିବା ୩୦୭ ଦଫା କାଟିବା ଲାଗି ୬୦୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନାଧିକାରୀ ଇନ୍ସପେକ୍ଟର ଚିତ୍ତରଞ୍ଜନ ବେହେରା। ଟଙ୍କା ନେଣଦେଣରେ ମଧ୍ୟସ୍ଥ ସାଜିଥିବା ତାଙ୍କର ବ୍ୟକ୍ତିଗତ ଗାଡ଼ିଚାଳକ ପ୍ରକାଶ ମହାଳିକ ଏବଂ ସ୍ଥାନୀୟ ଅଞ୍ଚଳର ଲଣ୍ଡ୍ରି ବ୍ୟବସାୟୀ ଲକ୍ଷ୍ମଣ ସେଠୀ ମଧ୍ୟ ଗିରଫ ହୋଇଛନ୍ତି।

ନିହଲପ୍ରସାଦ ଗ୍ରାମର ଅଇଁଠା ସେଠୀଙ୍କ ପୁତ୍ରବଧୂ ତଥା ଦୀପୁନା ସେଠୀଙ୍କ ସ୍ତ୍ରୀ ସରୋଜିନୀ ଅଦାଲତରେ ଯୌତୁକ ନିର୍ଯାତନା ଅଭିଯୋଗ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶରେ ନିହଲପ୍ରସାଦ ଥାନାରେ ନଂ. ୧୦/୨୧, ଦଫା ୨୯୪, ୩୦୭, ୪୯୮(ଏ), ୩୪୧, ୫୦୬ ଓ ୩୪ରେ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାର ୩୦୭ ଦଫାକୁ କାଟି ଦେବାପାଇଁ ଥାନାଧିକାରୀ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସଂକ୍ରାନ୍ତରେ ଅଇଁଠା ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ଅନୁଯାୟୀ ଶୁକ୍ରବାର ୬ହଜାର ଟଙ୍କା ମଧ୍ୟସ୍ଥଙ୍କ ଜରିଆରେ ଥାନାଧିକାରୀଙ୍କୁ ପ୍ରଦାନ କରୁଥିବାବେଳେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଥାନା ଅଧିକାରୀଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିବାକୁ ନିହଲପ୍ରସାଦ ଥାନା, ଏହାର ପରିସରରେ ଥିବା ଥାନାଧିକାରୀଙ୍କ କ୍ୱାର୍ଟର୍ସ, କଟକ ଜଗତପୁରସ୍ଥିତ ତାଙ୍କ ଶ୍ୱଶୁରଘର, ମହାନଦୀ ବିହାରସ୍ଥିତ ତାଙ୍କର ଭଡ଼ା ଘରେ ଚଢ଼ାଉ ଜାରି ରହିଛି। ଅଭିଯୁକ୍ତ ଥାନାଧିକାରୀଙ୍କ ଘର ବାଙ୍କୀ ଅଞ୍ଚଳରେ ବୋଲି ଜଣାପଡ଼ିଛି। କଟକ ଭିଜିଲାନ୍ସ ଡିଭିଜନ ଏସ୍‌ପି ଅଭିରାମ କରଙ୍କ ନିର୍ଦ୍ଦେଶରେ ଡିଏସ୍‌ପି ସୁରେନ୍ଦ୍ରନାଥ ରାୟଗୁରୁ, ଇନ୍ସପେକ୍ଟର ଅନୁପମା ସାହୁ, ଢେଙ୍କାନାଳ ଭିଜିଲାନ୍ସ ଡିଭିଜନ ଇନ୍ସପେକ୍ଟର ଅନିରୁଦ୍ଧ ସାହୁ, ବିଜୟ ସେଠୀ ପ୍ରମୁଖ ଚଢ଼ାଉ କରିଥିଲେ।



ଗିରଫ ଇନ୍ସପେକ୍ଟର ଚିତ୍ତରଞ୍ଜନ ବେହେରା।

# ୨୫ ହଜାର ଜରିମାନା ଦେଲେ ବାପା

**ନାବାଳକ ଅଟୋ ଚଲାଇବା ମହଙ୍ଗା ପଡ଼ିଲା**

**ଛତ୍ରପୁର,୨୬।୨(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଛତ୍ରପୁର ଥାନା ଅଞ୍ଚଳରେ ଜଣେ ନାବାଳକ ଅଟୋ ଚଲାଇବା ମହଙ୍ଗା ପଡ଼ିଛି। ମୋଟର ଯାନ ଆଇନ ଉଲ୍ଲଙ୍ଘନ କରିଥିବାରୁ ତାଙ୍କ ବାପାଙ୍କୁ ୨୫ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିଛି। ଗୁରୁବାର ସନ୍ଧ୍ୟାରେ ଛତ୍ରପୁର ପୋଲିସ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ ଚାଲିଥିବାବେଳେ ନାବାଳକ ଗାଡ଼ି ଚାଳକ ଧରାପଡ଼ିଥିଲେ। ଥାନାଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ ଏ ସମ୍ପର୍କରେ ଗଞ୍ଜାମ ଆର୍‌ଟିଓ ବିକାଶ ଚନ୍ଦ୍ର ଚୌଧୁରୀଙ୍କୁ ଜଣାଇଥିଲେ। ନାବାଳକ ଅଟୋ ଚଲାଉଥିବାରୁ ଆର୍‌ଟିଓ ତାଙ୍କ ବାପାଙ୍କୁ ଡକାଇ ତାଗିଦ୍ କରିବା ସହ ୨୫ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି।


ODISHA PUBLIC SERVICE COMMISSION
CUTTACK
NOTICE
No.1537/ P.S.C., Dt.26.2.21

No.D-182:- The OPSC, forthwith cancels the advertisement No.18 of 2019-20 for recruitment to the post of Lecturers in different disciplines in Group-A of OES (CB) in Govt. Degree Colleges as per the request letter received from the Department of Higher Education vide Letter No.8830/ HE, Dt.-23.02.2021.
So all subsequent Notices/Orders to the above advertisement thus stands rescinded.
OIPR-12002/11/0001/2021 Sd./- Secretary


# ଖେଳଣାକୁ ମିଳୁ ଭୌଗୋଳିକ ପ୍ରମାଣପତ୍ର

ଭୁବନେଶ୍ୱର, ୨୬।୨(ପିଆଇବି)

ଆତ୍ମନିର୍ଭର ଭାରତ ପାଇଁ ସ୍ଥାନୀୟ ହସ୍ତକଳା କାରିଗରଙ୍କୁ ସବୁଠୁ ଅଧିକ ପ୍ରୋତ୍ସାହନ ମିଳିବା ଆବଶ୍ୟକ। ଏହା ବ୍ୟତୀତ ନିର୍ଦ୍ଦିଷ୍ଟ ଅଞ୍ଚଳର ଖେଳଣାକୁ ଭୌଗୋଳିକ ପରିଚିତି ପ୍ରମାଣପତ୍ର ପ୍ରଦାନ କରାଗଲେ ଏହାର ବିକଳ୍ପ ବା ନକଲି ପ୍ରସ୍ତୁତ ହୋଇପାରିବ ନାହିଁ ବୋଲି କହିଛନ୍ତି ମୁମ୍ବାଇସ୍ଥିତ 'ମିନିଟଏ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ମନୀଷ କୁକ୍ରେଜା। ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ, ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ 'ଆତ୍ମନିର୍ଭର ଭାରତ ପାଇଁ ଭାରତୀୟ ଖେଳଣା' ଶୀର୍ଷକ ୱେବିନାରରେ ଯୋଗଦେଇ ସେ ଏହା କହିଛନ୍ତି।

ଅନ୍ୟତମ ଆଲୋଚକ ଭାବେ ନବରଙ୍ଗପୁର ଜିଲା ଶିଳ୍ପକେନ୍ଦ୍ର ପ୍ରବନ୍ଧକ ବାଣେଶ୍ୱର ରାଓ ସୁବୁଦ୍ଧି ଗୁରୁଶିଷ୍ୟ ପରମ୍ପରା ଭଳି କଣ୍ଢେଇ ଶିଳ୍ପର ଉତ୍କର୍ଷ ଲାଗି ତାଲିମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଭୁବନେଶ୍ୱରଠାରେ ଆୟୋଜିତ ବିଶ୍ୱକପ୍ ହକି ଖେଳାଳିଙ୍କୁ ନବରଙ୍ଗପୁରର ଲାଖ କଣ୍ଢେଇ ଉପହାର ସ୍ୱରୂପ ଦିଆଯାଇଥିଲା ଏବଂ ତାହା ଭିନ୍ନ ଉଦାହରଣ ସୃଷ୍ଟି କରିଥିଲା ବୋଲି ସେ କହିଥିଲେ। ବିଶିଷ୍ଟ ସାମ୍ବାଦିକ ଡ. ସତ୍ୟ ରାୟ ପାରମ୍ପରିକ ତଥା ସମୃଦ୍ଧ କଣ୍ଢେଇ ପ୍ରସ୍ତୁତିରେ ଓଡ଼ିଶାର ଉଦାହରଣ ଦେଇଥିଲେ। ସ୍ଥାନୀୟ କଳାକାରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବଜାର ଉପଲବ୍ଧକୁ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ୱେବିନାରରେ ଅଧ୍ୟକ୍ଷତା କରି ଭୁବନେଶ୍ୱର ପତ୍ର ସୂଚନା କାର୍ଯ୍ୟାଳୟର ମହାନିର୍ଦ୍ଦେଶକ ଶୈଳେଶ କୁମାର ମାଳବ୍ୟ କହିଲେ, ଭାରତୀୟ ଖେଳଣା ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱ ଦେଉଛନ୍ତି। ଫେବୃୟାରୀ ୨୭ରେ ଆୟୋଜିତ ହେବାକୁ ଥିବା ଭାରତୀୟ ଖେଳଣା ମେଳା ଏ ଦିଗରେ ବେଶ୍ ଉପାଦେୟ ସାବ୍ୟସ୍ତ ହେବ। ଆଞ୍ଚଳିକ ଜନସୂଚନା ବ୍ୟୁରୋ ଭୁବନେଶ୍ୱର ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଓଡ଼ିଶାର ସମୃଦ୍ଧ କଣ୍ଢେଇ କଳା ପରମ୍ପରା ଉପରେ ଆଲୋକପାତ କରିଥିଲେ। ଭୁବନେଶ୍ୱର ଆଞ୍ଚଳିକ କ୍ଷେତ୍ର ପ୍ରଚାର ବ୍ୟୁରୋ ସୂଚନା ଅଧିକାରୀ ମହେନ୍ଦ୍ର ପ୍ରସାଦ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମ୍ବଲପୁର ଶାଖା ସହକାରୀ ନିର୍ଦ୍ଦେଶକ ରାମେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



DSPL - 227

**୧୩ତମ ରାଜ୍ୟ ସ୍ତରୀୟ କଳିଙ୍ଗ ହର୍ବାଲ ମେଳା-୨୦୨୧**
**13th STATE LEVEL KALINGA HERBAL FAIR - 2021**

**ଷ୍ଟଲ ବୁକିଂ ନିମନ୍ତେ ବିଶେଷ ସୂଚନା**

ସରକାରୀ ସଂସ୍ଥା, ଜଙ୍ଗଲ ଉନ୍ନୟନ କର୍ତ୍ତୃପକ୍ଷ, ବୈଦ୍ୟ ଓ ଅନ୍ୟ ପାରମ୍ପରିକ ଚିକିତ୍ସକ, ଔଷଧୀୟ ବୃକ୍ଷରୁ ମିଳୁଥିବା ପଦାର୍ଥ ଗୁଡିକର ଉତ୍ପାଦନକାରୀ ଓ ଏହା ସହ ଜଡିତ ବ୍ୟବସାୟୀ ପ୍ରତିଷ୍ଠାନ, ସ୍ୱୟଂସହାୟକ ଗୋଷ୍ଠି ଓ ବନ ସୁରକ୍ଷା ସମିତି, ଯୋଗ ପ୍ରଶିକ୍ଷକ ଓ ଯୋଗ ପ୍ରଶିକ୍ଷଣ ସଂସ୍ଥା, ଔଷଧୀୟ ଉଦ୍ଭିଦ ଚାଷୀ, ନେଚ୍ୟୁରୋପାଥି, ୟୁନାନି,ପଞ୍ଚକର୍ମ ଏବଂ ସ୍ୱେଚ୍ଛାସେବୀ ସଂଗଠନ ଏହି ମେଳାରେ ଭାଗନେବା ଓ ମେଳା ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ ନିମ୍ନଲିଖିତ କାର୍ଯ୍ୟାଳୟରେ ସକାଳ ୧୦.୩୦ ଘଟିକା ରୁ ଅପରାହ୍ଣ ୫.୩୦ ଘଟିକା ମଧ୍ୟରେ ଯୋଗାଯୋଗ କରିବାକୁ ଅନୁରୋଧ । ସାଧାରଣ ଷ୍ଟଲ (୧୦' X ୧୦') ସୀମିତ ଷ୍ଟଲ ହେତୁ ୮ ମାର୍ଚ୍ଚ ୨୦୨୧ ସୁଧା ଷ୍ଟଲ ବୁକିଂ କରିବାକୁ ଅନୁରୋଧ । ପ୍ରଥମେ ଆସିଥିବା ବ୍ୟକ୍ତି ବା ସଂସ୍ଥା କୁ ଅଗ୍ରାଧିକାର ଦିଆଯିବ ।

| ସ୍ଥାନ | ଷ୍ଟଲ ବୁକିଂ କରିବା ପାଇଁ ଯୋଗାଯୋଗ ଠିକଣା |
|---|---|
| ପ୍ରଦର୍ଶନୀ ପଡ଼ିଆ, ୟୁନିଟ-୩ ଭୁବନେଶ୍ୱର | EVENT MANAGER<br>Response Marketing Services Pvt. Ltd.<br>94,Saheed Nagar, Bhubaneswar - 751007<br>Contact No: 9238020258 / 9040020253<br>Mail Id: responsemkt@gmail.com |
| ତାରିଖ | |
| ମାର୍ଚ୍ଚ ୧୬ ତାରିଖ ରୁ ୨୨ ତାରିଖ, ୨୦୨୧ | |



Organised by
State Medicinal Plants Board, Odisha
ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ,ମୟୁର ଭବନ, ସହିଦନଗର,ଭୁବନେଶ୍ୱର-୭୫୧୦୦୭
OIPR-08117/13/0001/2021


# ମହିଳା ଚାଷୀଙ୍କ ଅନଶନ

ବଇଣ୍ଡା, ୨୬।୨(ଡି.ଏନ.ଏ.)

କିଶୋରନଗର ବ୍ଲକର ଚାଷୀମାନେ ଧାନ ବିକ୍ରି କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ମଣ୍ଡିରେ ଧାନ ବିକ୍ରି ହୋଇ ନ ପାରି ପଡି ରହିଥିବାବେଳେ ରଣିଆକଟା ସୋସାଇଟିରେ ଟୋକନ ପାଇଥିବା ଜଣେ ମହିଳା ଚାଷୀ ତାଙ୍କ ଧାନ ବିକ୍ରି ହୋଇପାରୁ ନ ଥିବା ପ୍ରତିବାଦରେ ଶୁକ୍ରବାର ସୋସାଇଟି ସମ୍ମୁଖରେ ଅନଶନରେ ବସିଛନ୍ତି। ମହିଳା ଚାଷୀ କହିଛନ୍ତି, ଏକ ମାସ ହେବ ସେ ଟୋକନ ପାଇଥିଲେ ମଧ୍ୟ ତାଙ୍କ ଧାନ ମିଲର କିଣୁନାହାନ୍ତି। ଫଳରେ ସେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମିଲରମାନେ ବେପାରୀଙ୍କଠାରୁ ଧାନ କିଣୁଥିବାବେଳେ ଚାଷୀଙ୍କଠାରୁ କିଣୁନାହାନ୍ତି। ବିଭିନ୍ନ ବ୍ୟାଙ୍କରୁ ଚାଷୀମାନେ ଋଣ କରିଥିବାବେଳେ ଏବେ ଧାନ ବିକ୍ରି କରି ନ ପାରି ହଇରାଣ ହେଉଛନ୍ତି। ତେବେ ସୋସାଇଟି ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ମହିଳା ଚାଷୀ ଜଣକ ଅନଶନରୁ ଉଠିଯାଇଥିଲେ।



ସୋସାଇଟି ସମ୍ମୁଖରେ ମହିଳା ଚାଷୀ ଅନଶନରେ ବସିଛନ୍ତି।

# ଡିଭାଇଡ଼ରେ ଫଶିଲା ବସ୍: ଯାତାୟାତ ବାଧାପ୍ରାପ୍ତ

**ବଅଁରପାଳ,୨୬।୨(ଡି.ଏନ.ଏ.):** ନାଲ୍‌କୋ ଥାନା ୫୫ନଂ. ଜାତୀୟ ରାଜପଥର ଏଫସିଆଇ ଛକ ନିକଟରେ ରହିଥିବା ଏକ ଡିଭାଇଡ଼ରେ ଶୁକ୍ରବାର ସନ୍ଧ୍ୟାରେ ଏକ କମ୍ପାନୀ ବସ୍ ଫଶିଯାଇଛି। ଫଳରେ ପ୍ରାୟ ୧ ଘଣ୍ଟା ଧରି ରାସ୍ତାଜାମ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା। ସ୍ଥାନୀୟ ଲୋକେ ସହଯୋଗ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

# ନଈରୁ ଯୁବକଙ୍କ ମୃତଦେହ ଜବତ

**ବାହାନଗା, ୨୬।୨(ଡି.ଏନ.ଏ.):** ଚିଙ୍ଗୁଡି ଯାଆଁଳ ଧରିବା ପାଇଁ କଣ୍ଟିଆଚିରା ନଈକୁ ଯାଇଥିବା ରେମୁଣା ବ୍ଲକ ଇଞ୍ଚୁଡି ଗ୍ରାମର ପଞ୍ଚାନନ ଦଳେଇ (୪୦) ନାମକ ମତ୍ସ୍ୟଜୀବୀଙ୍କ ମୃତଦେହକୁ ପାଣିରୁ ଜବତ କରାଯାଇଛି। ଖନ୍ତାପଡା ଥାନା ପୋଲିସ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍ସ୍ ରିକଭରି ଶାଖା, ମଧୁପାଟଣା, କଟକ, ଓଡିଶା

**ଦଖଲ ନୋଟିସ୍**
(ନିୟମ ୮(୧)) ସ୍ଥାବର ସମ୍ପତ୍ତି ନିମନ୍ତେ

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ନୋଟିସ୍ ପ୍ରକାଶନ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ ୫୪)ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୯ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ତାଙ୍କର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩ (୪) ସହିତ ରୁଲ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ଆକାଉଣ୍ଟର ସମ୍ପତ୍ତିଗୁଡିକୁ ନିମ୍ନରେ ଦର୍ଶାଯାଇଥିବା ତାରିଖରେ ଦଖଲକୁ ନେଇଛନ୍ତି ।

ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।
**ଏତଦ୍‌ଦ୍ୱାରା ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଆକାଉଣ୍ଟ ନଂ / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ /ଦଖଲ ତାରିଖ |
|---|---|---|---|
| ଆକାଉଣ୍ଟ ନଂ.: ୩୭୭୧୬୧୫୯୯୪୨(ସିସି) ଋଣଗ୍ରହୀତା: ମେସର୍ସ ଗଣେଶ ସାନିଟାରୀ ଆଣ୍ଡ ହାର୍ଡୱାର ଷ୍ଟୋର୍, ଅଂଶୀଦାରମାନେ: ୧) ଶ୍ରୀ ସୁଖପଦ ସାମଲ, ପିତା: ହେମେନ୍ଦ୍ର ସାମଲ, ୨) ଶ୍ରୀ ଲକ୍ଷ୍ମୀପଦ ସାମଲ, ପିତା: ହେମେନ୍ଦ୍ର ସାମଲ, ଉଭୟଙ୍କ ଠିକଣା: ସା: ପ୍ଲଟ୍ ନଂ.: ଜିଏ-୧୮୮, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-୭୫୧୦୨୧ | ଶ୍ରୀ ଲକ୍ଷ୍ମୀପଦ ସାମଲ ଏବଂ ଶ୍ରୀ ସୁଖପଦ ସାମଲଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଘୋଲେଇ, ଥାନା: ରାଇବଣିଆ, ତହସିଲ: ଜଳେଶ୍ୱର, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୨୦୪/୬୧, ପ୍ଲଟ୍ ନଂ.: ୩୮୦/୭୮୫, କ୍ଷେତ୍ର: ଏକର୦.୦୯୦ଡିସିମିଲି, କିସମ: ଘରବାରୀ | ୧୯.୧୨.୨୦୧୯ ସୁଦ୍ଧା ଟ.୪୫,୩୮,୬୩୩/- + ସେବାବଦ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଇତ୍ୟାଦି | ୧୯.୧୨.୨୦୧୯ / ୨୪.୦୨.୨୦୨୧ |

ସ୍ଥାନ: କଟକ, ତାରିଖ: ୨୬.୦୨.୨୦୨୧ ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**JOBS IN AIRPORT**
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Ground Staffs, Store Keeper Supervisors, Checkers, Loaders, Drivers, Guards & Helpers
Quali : ୨୦ ପଢିନଥିବା + Graduate
Salary : 25000/- to 75000 + Bonus + Cab (ରହିବା + ଖାଇବା Free)
9910516680, 8800571120

**ଆବଶ୍ୟକ**
ପୁରୀ ସହରରେ ରହି ଘରୋଇ କାର୍ଯ୍ୟ (House Keeping) କରିବା ପାଇଁ ପୁରୁଷ ସହାୟକ ଆବଶ୍ୟକ, ଆକର୍ଷଣୀୟ ଦରମା ସହ ରହିବା, ଖାଇବା ମାଗଣା।
Contact: 8130211738

**ଆବଶ୍ୟକ**
ଲୋପାମୁଦ୍ରା ଗାର୍ମେଣ୍ଟ
ଖଇରା, ବାଲେଶ୍ୱର
୬୦ଜଣ ସିଲେଇ କାରିଗର ଆବଶ୍ୟକ
Contact:
8114971222, 7077861855

**JOB JOB JOB**
ଓଡିଶାର ପ୍ରତ୍ୟେକ ଜିଲ୍ଲା ପାଇଁ ପୁରୁଷ ଓ ମହିଳା ପ୍ରାର୍ଥୀ ଆବଶ୍ୟକ । ବୟସ ସୀମା: ୧୮-୪୦ ବର୍ଷ । ଶିକ୍ଷାଗତ ଯୋଗ୍ୟତା- ୮ମ ରୁ ତଦୂର୍ଦ୍ଧ । ମାସିକ ଦରମା ଟ.୧୦,୦୦୦/- ରୁ ଟ.୩୦,୦୦୦/- ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ ।
Company will also franchise it's entire district in Odisha.
LINK ROAD, CUTTACK
8789178584, 8456838657

ଭୁବନେଶ୍ୱର ଅଫିସ୍ ନିମନ୍ତେ ସଚ୍ଚୋଟ ଏବଂ ପରିଶ୍ରମୀ ଷ୍ଟାଫ୍ ଆବଶ୍ୟକ ।
DTP Operator : +2 PASS
Office Peon : 10th Pass
Car Driver : 10th Pass
Mob/Whatsapp : 8249416516

**JOBS IN AIRPORT**
(PERMANENT JOB)
Air Hostees, Graund Staff, Supervisor, Checker, Loader, Driver, Guard, Helper
Salary : Rs. 25,500/- to Rs.75,500/-
Qualification- 8th to Graduation (M/F)
Fuel+Bonus+Cab Food+Accommodation Free
CONTACT : 8506894495

**WANTED**
SALES SUPERVISOR
for Hindustan Jewellers
Bapuji Nagar, Bhubaneswar
Candidate should be minimum 3 years experience in Jewellery.
Salary- 15,000/- to 25,000/-.
Come first.

**WANTED**
LADY OFFICE ASSISTANT
Good Handwriting, Good Personality, Nakhara, Cuttack. Free accommodation + 10,000/-.
8249851363

**WANTED**
ACCOUNTS EXECUTIVES
For Press Club of Odisha
- Candidate should be proficient in audit work.
- Executive should have at least 3 years+ experience in the field of Accounts.
- Experience should include day to day accounting, preparation of statutory reports and returns like GST, Internal Audit, MIS, Verification of Bills.
- Proficiency in MS Excel, MS Word & Tally is a must.

Apply immediately to : Chairman
The Press Club of Odisha
Master Canteen Chhak, Bhubaneswar
Attractive salary for experienced candidates

**APPOINTMENT**
We are looking for ANM for (Home Nursing). Candidate must pass ANM Examination from a Registered Organisation. At least 6 months of Experience preferable. Freshers are also welcome. Full Time Position.
WALK-IN-INTERVIEW
1st March to 4th March 2021, Time-10.00am to 1.00pm
Contact: President Shusrusa
Plot No-493, Bhimpur, Kargil Road, Palaspalli, Bhubaneswar - 751020, Telephone: 7815094300, 8895340545

**URGENTLY REQUIRED FOR LAYEEREE RESORT**
1. FRONT OFFICE ASST. - 01 (F). 2. OFFICE ASST.- 01 (F)
3. ROOM BOY- 04 (M) 4. DRIVER - 02 (M)
QUALIFICATION: 10th, +2 or Hotel Management.
EXPERIENCE: Minimum 2 years.
Details: LAYEEREE RESORT, Near Canal Road, Hanspal, Bhubaneswar
Ph.- 7008057395, 9861330499, 9583840499
E-mail:- layeereeresort2021@gmail.com

**ଆଧୁନିକ କୃଷି ଗ୍ରାମୀଣ ବିକାଶ ସଂସ୍ଥାନ** ବିଜ୍ଞାପନ ସଂଖ୍ୟା: 782364/2021
ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା ଓ ଗ୍ରାମସଭାରେ 5962 ପଦବୀରେ ନିମ୍ନଲିଖିତ ତାଲିକା ଅନୁସାରେ ନିଯୁକ୍ତି

| କ୍ର.ସଂ. | ପଦବୀର ନାମ | ଶିକ୍ଷାଗତ ଯୋଗ୍ୟତା | ମାନଦେୟ |
|---|---|---|---|
| 1. | କୃଷି ଗ୍ରାମ ବିକାଶ ଅଧିକାରୀ | ସ୍ନାତକ | 33800 |
| 2. | କୃଷି ଗ୍ରାମ ବିକାଶ କାର୍ଯ୍ୟକର୍ତ୍ତା | ଦ୍ୱାଦଶ | 29600 |
| 3. | କୃଷି ଗ୍ରାମ ବିକାଶ ସେବକ | ଦଶମ | 27900 |
| 4. | କମ୍ପ୍ୟୁଟର ଅପରେଟର | ଦ୍ୱାଦଶ + ଡିପ୍ଲୋମା | 32500 |
| 5. | କ୍ଲର୍କ | ଦ୍ୱାଦଶ + ଡିପ୍ଲୋମା | 31700 |

1. ଆବେଦନ ଫର୍ମ କେବଳ Onlineରେ ହିଁ ପୂରଣ କରାଯିବ, 2. ବୟସ ସୀମା: 18-42 ବର୍ଷ, 3. ସବୁ ଜାତିର ମହିଳା ଓ ପୁରୁଷଙ୍କ ପାଇଁ, 4. ଆବେଦନ ପତ୍ର ପୂରଣ କରିବା ପାଇଁ କାର୍ଯ୍ୟାଳୟର ୱେବ୍‌ସାଇଟ୍ www.akgvs.infoରେ ଲଗଇନ୍ କରନ୍ତୁ, 5. ଆବେଦନ କରିବାର ଶେଷ ତାରିଖ 15/03/2021, *6. ସଂରକ୍ଷଣ ନିୟମ ଅନୁଯାୟୀ ହେବ, 7. ହେଲ୍ପଲାଇନ୍ ନଂ.# 8376052226

भारतीय खाद्य निगम FOOD CORPORATION OF INDIA
16-20, ବାରାଖମ୍ବା ଲେନ୍, ନୂଆଦିଲ୍ଲୀ- 110001
**ନିଯୁକ୍ତି ନୋଟିସ**
ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ), ରାଷ୍ଟ୍ରର ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରୁଥିବା ଅନ୍ୟତମ ସର୍ବବୃହତ୍ ସର୍ବସାଧାରଣ କ୍ଷେତ୍ରୀୟ ଉଦ୍ୟୋଗ, ସାରା ଦେଶରେ ବ୍ୟାପ୍ତ ଏହାର କାର୍ଯ୍ୟାଳୟଗୁଡ଼ିକ ପାଇଁ **ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର (ସାଧାରଣ ପ୍ରଶାସନ / ବୈଷୟିକ / ଆକାଉଣ୍ଟସ / ଆଇନ)** ଏବଂ **ମେଡିକାଲ ଅଫିସର** ପଦବୀଗୁଡ଼ିକ ପାଇଁ ନିର୍ଦ୍ଧାରିତ ଯୋଗ୍ୟତା, ବୟସ ଓ ଅଭିଜ୍ଞତା ଇତ୍ୟାଦିର ମାନଦଣ୍ଡ ପୂରଣ କରୁଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ କେବଳ **ଅନ୍‌ଲାଇନ୍ ଦରଖାସ୍ତ** ଆହ୍ୱାନ କରୁଛି ।
1. ପ୍ରାର୍ଥୀମାନେ କେବଳ www.fci.gov.in ମାଧ୍ୟମରେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ
2. ଯୋଗ୍ୟତା ମାନଦଣ୍ଡ, ସଂରକ୍ଷଣ, ବୟସ ଇତ୍ୟାଦି ସମ୍ବନ୍ଧୀୟ ବିବରଣୀ ପାଇଁ ପ୍ରାର୍ଥୀମାନେ ଦୟାପୂର୍ବକ 27 ଫେବୃୟାରୀ, 2021 ତାରିଖର 'ଏମ୍ପ୍ଲୟମେଣ୍ଟ ନ୍ୟୁଜ/ରୋଜଗାର ସମାଚାର' କିମ୍ବା ଏଫ୍‌ସିଆଇ ୱେବ୍‌ସାଇଟ୍ www.fci.gov.inରେ ପ୍ରକାଶିତ ବିସ୍ତୃତ ବିଜ୍ଞାପନ ଦେଖନ୍ତୁ ।
3. ଅନ୍‌ଲାଇନ୍ ଦରଖାସ୍ତ ଫର୍ମ ଦାଖଲ ତା01.03.2021ରିଖ, 10.00 ଘଟିକାରୁ ଆରମ୍ଭ ହେବ । ଅନ୍‌ଲାଇନ୍ ଦରଖାସ୍ତର ଶେଷ ତାରିଖ ହେଉଛି ତା31.03.2021ରିଖ 16.00 ଘଟିକା ପର୍ଯ୍ୟନ୍ତ ।
राष्ट्र के खाद्य सुरक्षा प्रहरी

## କୁନ୍ଦେଇ ସରପଞ୍ଚ ନିଲମ୍ବିତ

ରାଇଘର,(ଡି.ଏନ୍.ଏ.): ନିଲମ୍ବିତ ହେଲେ ନବରଙ୍ଗପୁର ଜିଲା ରାଇଘର ବ୍ଲକର କୁନ୍ଦେଇ ସରପଞ୍ଚ ସନରାଜ ଗଣ୍ଡ। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ତାଙ୍କୁ ନିଲମ୍ବନ କରିଛି। ନାଏବ ସରପଞ୍ଚ ସଗରବାଇ ଗଣ୍ଡଙ୍କୁ ଭାରପ୍ରାପ୍ତ ସରପଞ୍ଚଭାବେ ବିଜୟ କୁମାର ସେଠୀ ଅବସ୍ଥାପିତ କରିଛନ୍ତି। ପରବର୍ତ୍ତୀ ଆଦେଶ ଆସିବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇବେ। ପ୍ରକାଶ ଯେ, ସରପଞ୍ଚ ତଥା କୃଷକ ନେତା ସନରାଜ ଗଣ୍ଡ ଭାରତମାଳା ଯୋଜନାକୁ ବିରୋଧକରି ଗତ ୩ ତାରିଖରେ ଗିରଫ ହୋଇଥିଲେ। ତାଙ୍କୁ ଜାମିନ ନ ମିଳିବାରୁ ସେ ଏବେ ଜେଲରେ ଅଛନ୍ତି। ଏହା ମଧ୍ୟରେ ପଞ୍ଚାୟତିରାଜ ବିଭାଗ ତାଙ୍କୁ ନିଲମ୍ବନ କରିଛି।

## ସଂକ୍ଷେପରେ

### ୧୯ ବନସେବା ଅଧିକାରୀଙ୍କୁ ଆଇଏଫ୍ଏସ୍‌କୁ ପଦୋନ୍ନତି

**ଭୁବନେଶ୍ୱର,୨୬ା୨(ବ୍ୟୁରୋ):** ରାଜ୍ୟର ୧୯ ଜଣ ବନସେବା ଅଧିକାରୀଙ୍କୁ ଭାରତୀୟ ବନସେବା(ଆଇଏଫ୍ଏସ୍) ଅଧିକାରୀ ଭାବେ ପଦୋନ୍ନତି ମିଳିଛି। ସେମାନେ ହେଲେ ଜୟନ୍ତ କୁମାର ଦାସ, ବିଶ୍ୱରଞ୍ଜନ ରାଉତ, ସୁଦର୍ଶନ ପାତ୍ର, ମିହିର କୁମାର ବିଶ୍ୱାଳ, ଦିଲୀପ ସ୍ୱାଇଁ, ଅଶ୍ୱିନୀ କର, ସତ୍ୟନାରାୟଣ ବେହୁରା, ଅରୁଣ ମିଶ୍ର, ବିକାଶ ଦାଶ, ସୁଦୀପ ନାୟକ, କେଦାର ସ୍ୱାଇଁ, ପ୍ରସନ୍ନ ସାହୁ, ପ୍ରଦୀପ୍ତ କୁମାର ସାହୁ, ହର୍ଷବର୍ଦ୍ଧନ ଉଦ୍‌ଗାତା, କପିଳ ପ୍ରସାଦ ଦାସ, ହନିଫ୍ ମହମ୍ମଦ, ସନ୍ତୋଷ ବାଞ୍ଛୁର, ପ୍ରସନ୍ନ ବେହେରା ଓ ଲକ୍ଷ୍ମୀ ନାରାୟଣ ବେହେରା।

### ପୁରୀ ସବ୍‌ରେଜିଷ୍ଟ୍ରାର ନିଲମ୍ବିତ

**ପୁରୀ ଅଫିସ୍/ ଭୁବନେଶ୍ୱର, ୨୬ା୨(ବ୍ୟୁରୋ):** କର୍ତ୍ତବ୍ୟରେ ଅବହେଳା କରିଥିବାରୁ ପୁରୀ ମୁଖ୍ୟ କାର୍ଯ୍ୟାଳୟର ସବ୍‌ରେଜିଷ୍ଟ୍ରାର ହିତାଂଶୁ ଶେଖର ସାମଲଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିପାଇଁ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ଶୁକ୍ରବାର ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନିଲମ୍ବନ କାଳରେ ସାମଲ କଟକସ୍ଥିତ ଆଇଜିଆର କାର୍ଯ୍ୟାଳୟରେ ରହିବେ। ଏହି ସମୟରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ବିନାନୁମତିରେ ମୁଖ୍ୟାଳୟ ବାହାରକୁ ଯାଇପାରିବେ ନାହିଁ।

### ପିହୁ ନିଖୋଜ ଘଟଣା: କ୍ରାଇମବ୍ରାଞ୍ଚ୍‌ର ତନାଘନା

**ବିଞ୍ଝାରପୁର,୨୬ା୨(ଡି.ଏନ.ଏ.):** ଯାଜପୁର ଜିଲା ବିଞ୍ଝାରପୁର ଥାନା ସୁନ୍ଦରପୁର ପଞ୍ଚାୟତ ମଧୁସୂଦନପୁର ଗ୍ରାମର ୨ ବର୍ଷର ଶିଶୁକନ୍ୟା ଶୁଭଲକ୍ଷ୍ମୀ ନାୟକ ଓରଫ ପିହୁ ନିଖୋଜ ଘଟଣା ନେଇ କ୍ରାଇମବ୍ରାଞ୍ଚ ତନାଘନା ଆରମ୍ଭ କରିଛି। ଶୁକ୍ରବାର ଅପରାହ୍ନରେ କ୍ରାଇମ୍‌ବ୍ରାଞ୍ଚର ଏକ ଟିମ୍ ପିହୁଙ୍କ ପରିବାରକୁ ଭେଟି ଘଟଣା ସମ୍ପର୍କରେ ପଚରାଉଚରା କରିଛି। ପିହୁଙ୍କ ମା'ମୋନାଲିସା ନାୟକ ଦୁଇଦିନ ତଳେ ବିଧାନସଭା ସମ୍ମୁଖରେ ଧାରଣା ଦେବାକୁ ଯାଉଥିଲା ବେଳେ କଟକ ଚାଉଳିଆଗଞ୍ଜ ପୋଲିସ ତାଙ୍କୁ ଅଟକାଇଥିଲା। ପିହୁ ନିଖୋଜ ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରିବ ବୋଲି କ୍ରାଇମ୍‌ବ୍ରାଞ୍ଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ପିହୁଙ୍କ ମା'ଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ପ୍ରତିଶ୍ରୁତି ମୁତାବକ କ୍ରାଇମ୍‌ବ୍ରାଞ୍ଚର ସ୍ୱତନ୍ତ୍ର ଦଳ ଆସିଥିବା ଜଣାପଡ଼ିଛି।

### ପ୍ରଦୀପ ବିଶ୍ୱାଳ ହେଲେ ଓରେରା ସଦସ୍ୟ

**ଭୁବନେଶ୍ୱର, ୨୬ା୨(ବ୍ୟୁରୋ):** ପ୍ରଦୀପ କୁମାର ବିଶ୍ୱାଳଙ୍କୁ ଓଡ଼ିଶା ରିଅଲ ଇଷ୍ଟେଟ୍ ରେଗୁଲେଟୋରୀ ଅଥରିଟି (ଓରେରା)ର ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି।

# ଧାନ ପାଇଁ ପୁଣି ହଙ୍ଗାମା

- ଆତ୍ମହତ୍ୟା ଧମକ ଦେଲେ ବିଧାୟକ
- କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ, ଧାରଣା
- ସମସ୍ତ ପଞ୍ଜୀକୃତ ଚାଷୀଙ୍କ ଧାନ କିଣାଯିବ: ସଂସଦୀୟ ବ୍ୟାପାର ମନ୍ତ୍ରୀ

**ଭୁବନେଶ୍ୱର,୨୬ା୨(ବ୍ୟୁରୋ)**

ଧାନ ସଂଗ୍ରହକୁ ନେଇ ବିରୋଧୀ ବିଧାନସଭା ହୁଲସ୍ଥୁଲ କରିଛନ୍ତି। ବିରୋଧୀଙ୍କ ଶଣ୍ଢୁଆସି ଆକ୍ରମଣରେ ଗୃହରେ ବାରମ୍ବାର ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀ ମଣ୍ଡିରୁ ଧାନ ଉଠାଇବାକୁ ଦାବି କରି ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତିଙ୍କ ପୋଡିୟମ୍ ଆଗରେ ଧାରଣାରେ ବସିଥିଲେ। ମଣ୍ଡିରୁ ଧାନ ନ ଉଠିଲେ ଆତ୍ମହତ୍ୟା କରିବେ ବୋଲି ସେ ଚେତାବନୀ ଦେଇଛନ୍ତି। ବିଧାନସଭା ଶୂନ୍ୟକାଳରେ ଧାନ ପ୍ରସଙ୍ଗକୁ ନେଇ ବିରୋଧୀ ହଙ୍ଗାମା କରିଥିଲେ। କଂଗ୍ରେସ ସଦସ୍ୟମାନେ ଧାନ ସଂଗ୍ରହରେ ସରକାରୀ ଉଦାସୀନତାକୁ ନେଇ ପ୍ରବଳ ବର୍ଷିଥିଲେ। ସେମାନେ ଗୃହର ମଧ୍ୟଭାଗକୁ ଆସି ଧାରଣାରେ ବସିଥିଲେ। ବାଚସ୍ପତି ଏହି ସମସ୍ୟାର ସମାଧାନ ପାଇଁ ସର୍ବଦଳୀୟ ବୈଠକ ଡାକିଥିଲେ ମଧ୍ୟ ତାହା କୌଣସି ଫଳପ୍ରଦ ହୋଇ ନ ଥିଲା। ହଟ୍ଟଗୋଳକୁ ଦେଖି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୃହକୁ ବିଭିନ୍ନ ପର୍ଯ୍ୟାୟରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଦେଇଥିଲେ।

ଶୂନ୍ୟକାଳରେ ଭାଜପା ସଭ୍ୟ ସୁବାସ ପାଣିଗ୍ରାହୀ କହିଥିଲେ, ଦେବଗଡ଼ ଜିଲାରେ ଧାନ ମଣ୍ଡିରେ ପଡ଼ିରହିଛି। ଚାଷୀମାନେ ସୁବାସ ପାଣିଗ୍ରାହୀ ନାମରେ ଆତ୍ମହତ୍ୟା କରିବାକୁ ଧମକ ଦେଉଛନ୍ତି। ଧାନ ନ ଉଠାଇଲେ ଆତ୍ମହତ୍ୟା କରିବେ ବୋଲି ସେ ଧମକ ଦେଇଥିଲେ। ଭାଜପା ସଭ୍ୟମାନେ ମଧ୍ୟ ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କରିଥିଲେ। ବାଚସ୍ପତି ସେମାନଙ୍କୁ ବୁଝାଇ ଶାନ୍ତ କରିବା ପରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଲେ, ରାଜ୍ୟ ସରକାର ଚାଷୀଙ୍କ ଧାନ ଉଠାଉନାହାନ୍ତି। ଚାଷୀ ଆତ୍ମହତ୍ୟା କରିବାକୁ କହିଲେଣି। ଜଣେ ବିଧାୟକ ମଧ୍ୟ ଆତ୍ମହତ୍ୟା କରିବାକୁ ଧମକ ଦେଲେଣି। ବିଧାନସଭା ଚାଲିଥିବା ପର୍ଯ୍ୟନ୍ତ ଚାଷୀ ଆନ୍ଦୋଳନ ଜାରି ରହିବ। ଏହା ଏକ ସ୍ପର୍ଶକାତର ବିଷୟ ହୋଇଥିବାରୁ ଏହା ଉପରେ ରୁଲିଂ ଦେବାର ଆବଶ୍ୟକତା ରହିଛି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଧାନ ସଂଗ୍ରହକୁ ନେଇ ସରକାରଙ୍କ ଉପରେ ବର୍ଷିଥିଲେ। ଦେବଗଡ଼ ବିଧାୟକ ଗୃହରେ ଧାରଣାରେ ବସିଥିଲେ। ପଞ୍ଜୀକୃତ ଚାଷୀଙ୍କ ଧାନ ସରକାର କିଣନ୍ତୁ। ମନ୍ତ୍ରୀଙ୍କୁ ଗୃହକୁ ଡାକି ଏ ବିଷୟରେ ଆଲୋଚନା କରାଯାଉ। ଗୃହରେ ତାରକା ଓ ଅଣତାରକା ପ୍ରଶ୍ନର ଉତ୍ତର ମିଳୁନାହିଁ। ସମ୍ବିଧାନର ଅନୁଚ୍ଛେଦ ୨୧ରେ ନାଗରିକଙ୍କୁ ବଞ୍ଚିବାର ଅଧିକାର ଦିଆଯାଇଛି। ଚାଷୀ ଧାନ ନ ବିକିଲେ ବଞ୍ଚିବ କେମିତି ବୋଲି ସେ ପ୍ରଶ୍ନ କରିଥିଲେ। ବାଚସ୍ପତି କହିଲେ, ମନ୍ତ୍ରୀ ଅସୁସ୍ଥ ଅଛନ୍ତି। ମନ୍ତ୍ରୀଙ୍କ ବଦଳରେ ଅନ୍ୟ ମନ୍ତ୍ରୀ ଉତ୍ତର ଦେଇପାରିବେ ବୋଲି ନରସିଂହ କହିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଲେ, ମନ୍ତ୍ରୀ ଅସୁସ୍ଥ ଥିବାରୁ ଶନିବାର ପ୍ରଥମାର୍ଦ୍ଧରେ ଉତ୍ତର ଦେବେ। ବାଚସ୍ପତି ଏ ନେଇ ରୁଲିଂ ଦିଅନ୍ତୁ ବୋଲି କହିଥିଲେ। ଶନିବାର ଗୃହରେ ବିବୃତ୍ତି ଦେବା ନେଇ ବାଚସ୍ପତି ଘୋଷଣା କରିଥିଲେ। କଂଗ୍ରେସ ସଭ୍ୟମାନେ ଗୃହର ମଧ୍ୟଭାଗକୁ ମାଡ଼ି ଆସି ହଟ୍ଟଗୋଳ ଆରମ୍ଭ କରିଦେଇଥିଲେ। କଂଗ୍ରେସ ସଦସ୍ୟ ନରସିଂହ ମିଶ୍ର, ତାରା ପ୍ରସାଦ ବାହିନୀପତି, ମହମ୍ମଦ ମୋକିମ, ଅଧିରାଜ ପାଣିଗ୍ରାହୀ, ରମେଶ ଚନ୍ଦ୍ର ଜେନା, ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା ପ୍ରମୁଖ ଗୃହର ମଧ୍ୟଭାଗରେ ଧାରଣାରେ ବସି ରହିଲେ। ବାଚସ୍ପତି ଗୃହକୁ ସ୍ୱାଭାବିକ କରିବାକୁ ସର୍ବଦଳୀୟ ବୈଠକ ଡାକିଥିଲେ। ଗୃହକୁ ୩ଟି ପର୍ଯ୍ୟାୟରେ ୧୦ ମିନିଟ୍ ଲେଖାଏ ମୁଲତବୀ ଘୋଷଣା କରାଯାଇଥିଲା। ଶେଷରେ ମଧ୍ୟାହ୍ନ ୧୨ଟା ୫୩ରୁ ଅପରାହ୍ନ ୪ଟା ଯାଏ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ। ତେବେ ସର୍ବଦଳୀୟ ବୈଠକ ପରେ ଅପରାହ୍ନରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ସଂସଦୀୟ ବ୍ୟାପାର ମନ୍ତ୍ରୀ ପଞ୍ଜୀକୃତ ଚାଷୀଙ୍କ ସମସ୍ତ ଧାନ କିଣାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଯେଉଁ ଚାଷୀ ଜାଲ ଟୋକନରେ ବିକିବାକୁ ଚେଷ୍ଟା କରିବେ ସେମାନଙ୍କ ବିରୋଧରେ ଫୌଜଦାରୀ ମାମଲା ହେବ ବୋଲି ମନ୍ତ୍ରୀ ସତର୍କ କରାଇ ଦେଇଛନ୍ତି।

# ଭଦ୍ରକରୁ ନବୀନ ନିବାସ ପଦଯାତ୍ରା



ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥଳରୁ ପଦଯାତ୍ରା ଆରମ୍ଭ କରୁଛନ୍ତି ଅଶ୍ୱିନୀ ପାଢ଼ୀ।

**କୋଭିଡ୍ ଯୋଦ୍ଧାଙ୍କ ଅଭିନବ ପ୍ରତିବାଦ**

**ଭଦ୍ରକ ଅଫିସ, ୨୬ା୨**

କୋଭିଡ୍ ଯୋଦ୍ଧାଙ୍କ ଅଭିନବ ପ୍ରତିବାଦ। ପୁନଃ ନିଯୁକ୍ତି ଦାବିକରି ପ୍ରଥମେ ଦୋକାନକୁ ଦୋକାନ ବୁଲି ଭିକ୍ଷା ମାଗିବା ପରେ ଏବେ ନିଜର ଅଭିଯୋଗ ଜଣାଇବା ପାଇଁ ଆରମ୍ଭ କରିଛନ୍ତି ପଦଯାତ୍ରା। ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ଭଦ୍ରକରୁ ନବୀନ ନିବାସ ୧୪୦ କିଲୋମିଟର ରାସ୍ତା ପଦଯାତ୍ରା କରିଛନ୍ତି ଭଦ୍ରକ ଚରମ୍ପାର ଅଶ୍ୱିନୀ ପାଢ଼ୀ। ଶୁକ୍ରବାର ପୂର୍ବାହ୍ନରେ ଚରମ୍ପାସ୍ଥିତ ହନୁମାନ ମନ୍ଦିରରେ ପୂଜାପାଠ ସାରି ପିପିଇ କିଟ୍ ପିନ୍ଧି ଡାହାଣୀଗଡ଼ିଆ ଛକରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପଦଯାତ୍ରାରେ ବାହାରିଥିଲେ। ପାରା ମେଡିକାଲ କର୍ମଚାରୀ ଭାବେ କରୋନା ସମୟରେ ନିଜ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଥିଲେ। ସେତେବେଳେ ପାରାମେଡିକାଲ କର୍ମଚାରୀମାନଙ୍କୁ କୋଭିଡ୍ ଯୋଦ୍ଧା କହି ପ୍ରଶଂସା କରାଯାଉଥିଲା। ହେଲେ ଡିସେମ୍ବର ୩୦ରୁ ସେମାନଙ୍କୁ ଛଟେଇ କରି ଦିଆଯାଇଛି। ପୁନଃ ନିଯୁକ୍ତି ଦାବିରେ ରାଜ୍ୟର ଛଟେଇ ଏହି କର୍ମଚାରୀ ଦୀର୍ଘ ୫୫ଦିନ ଧରି ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦେଉଥିଲେ।



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଘରେ ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଉଛି।

# ମମତାଙ୍କ ଘରେ ପୁରୀ ସେବାୟତଙ୍କ ପୂଜାପାଠ

**ପୁରୀ ଅଫିସ,୨୬ା୨:** ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଘରେ ଏକ ପୂଜାର୍ଚ୍ଚନା ହୋଇଛି। ଏହି ପୂଜା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ରଙ୍କ ଦ୍ୱାରା ହୋଇଛି। ଏହାର ଏକ ଫଟୋ ମମତା ପୋଷ୍ଟ କରିଛନ୍ତି। ନିର୍ବାଚନ ପୂର୍ବରୁ ମମତା ଆରାଧ୍ୟ ଦେବତା ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରିଥିବା ମହାପାତ୍ର କହିଛନ୍ତି। ମହାପାତ୍ରଙ୍କ ସହ ୭ଜଣ ପଣ୍ଡିତଙ୍କୁ ନେବା ପାଇଁ ମମତା ଗାଡ଼ିର ବ୍ୟବସ୍ଥା କରିଥିଲେ। ପ୍ରତିବର୍ଷ ଏଭଳି ପୂଜା ହୁଏ ବୋଲି ମହାପାତ୍ର କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଗୃହରେ ବାଲି ...

ନୀତି କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ।

ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଭାଜପା ସଭ୍ୟ ମୋହନ ଚରଣ ମାଝି ବାଲି ଚୋରାଚାଲାଣ ଓ ବାଲି ନୀତିକୁ ନେଇ ପ୍ରଶ୍ନ କରିଥିଲେ। ରାଜ୍ୟରେ ବାଲି ନୀତି କାର୍ଯ୍ୟକାରୀ କରିବା ପାଇଁ କେବେ ନିଷ୍ପତ୍ତି ହୋଇଥିଲା। ଅନ୍ୟ ରାଜ୍ୟରେ ବାଲି ନୀତି କାର୍ଯ୍ୟକାରୀ ହୋଇଥିବା ବେଳେ ଓଡ଼ିଶାରେ କେଉଁ କାରଣରୁ ବିଳମ୍ବ ହେଉଛି। କେବେ ସୁଦ୍ଧା ବାଲି ନୀତି କାର୍ଯ୍ୟକାରୀ ହେବ। ରାଜ୍ୟରେ ବାର୍ଷିକ ବାଲିର ଚାହିଦା କେତେ। ୨୦୧୫-୧୬ରୁ ୨୦୨୦-୨୧ ମଧ୍ୟରେ ରାଜ୍ୟରେ କେତେ ବାଲି ଉତ୍ତୋଳନ ହୋଇଛି। ବାହାର ରାଜ୍ୟ ଓ ବିଦେଶକୁ କେତେ ବାଲି ରପ୍ତାନି ହୋଇଛି। କେଉଁ ମହାନଗରରେ ସରକାରୀ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ବାଲିର ପ୍ରତି କ୍ୟୁବିକ୍ ଟନ୍ ମୂଲ୍ୟ କେତେ ବୋଲି ପଚାରିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଥିଲେ, ଓଡ଼ିଶା ବାଲି ନୀତି କାର୍ଯ୍ୟକାରୀ କରିବା ପାଇଁ ୨୦୧୮ ଏପ୍ରିଲ ୧୧ ତାରିଖରେ ତତ୍କାଳୀନ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ନୀତିର ଚିଠା ପ୍ରସ୍ତୁତି ତର୍ଜମା ପର୍ଯ୍ୟାୟରେ ରହିଛି। ରାଜ୍ୟରେ ବାଲିର ଚାହିଦା ଆକଳନ ହୋଇ ନାହିଁ। ଜିଲା କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୫-୧୬ରେ ୨୬,୪୧,୨୪୦ କ୍ୟୁବିକ୍ ମିଟର ବାଲି ଉତ୍ତୋଳନ ହୋଇଥିବା ବେଳେ ୨୦୧୬-୧୭ରେ ୩୫,୫୧,୧୨୬, ୨୦୧୭-୧୮ରେ ୪୧,୫୫,୨୯୨,୨୦୧୮-୧୯ରେ ୪୪,୩୭,୨୧୪, ୨୦୧୯-୨୦ରେ ୪୪,୧୭,୮୮୭ ଏବଂ ୨୦୨୦-୨୧ରେ ୪୭,୪୬,୪୫୪ କ୍ୟୁବିକ୍ ମିଟର ବାଲି ଉତ୍ତୋଳନ ହୋଇଛି। ବିଦେଶକୁ କିଛି ବାଲି ରପ୍ତାନି ହୋଇନାହିଁ। ତେବେ ୩ଟି ରାଜ୍ୟକୁ ୨୦୧୮-୧୯ରେ ୧,୦୭,୮୩୧, ୨୦୧୯-୨୦ରେ ୭୪,୩୦୬ ଏବଂ ୨୦୨୦-୨୧ରେ ୫୯,୮୬୭ କ୍ୟୁବିକ୍ ମିଟର ବାଲି ରପ୍ତାନି କରାଯାଇଛି। ୫ଟି ମହାନଗର ନିଗମରେ ସରକାରୀ କାର୍ଯ୍ୟରେ ବ୍ୟବହୃତ ବାଲିର ମୂଲ୍ୟ ନିର୍ଦ୍ଧାରଣ କରାଯାଇ ନାହିଁ। ମୋହନ ମାଝି ଅତିରିକ୍ତ ପ୍ରଶ୍ନରେ ପୁଣି ପଚାରିଲେ, ରାଜ୍ୟ ସରକାର ବାଲିରୁ ବର୍ଷକୁ ମାତ୍ର ୧,୫୦୦ କୋଟି ଟଙ୍କା ରାଜସ୍ୱ ପାଉଛନ୍ତି। ବାଲି ମୂଲ୍ୟ ନିର୍ଦ୍ଧାରଣ ହୋଇଥିଲେ ରାଜ୍ୟକୁ ବର୍ଷକୁ ୫ ହଜାର କୋଟି ଟଙ୍କାର ରାଜସ୍ୱ ମିଳିପାରନ୍ତା ବୋଲି ସେ କହିଥିଲେ। ମନ୍ତ୍ରୀ କହିଥିଲେ, ବିଦେଶକୁ ବାଲି ରପ୍ତାନି ହେଉନାହିଁ। ୨/୩ଟି ରାଜ୍ୟକୁ ବାଲି ରପ୍ତାନି ହୋଇଛି। ବାଲି ମୂଲ୍ୟ ନିର୍ଦ୍ଧାରଣ ପାଇଁ ଖୁବ୍‌ଶୀଘ୍ର ସ୍ୱତନ୍ତ୍ର ରୁଲ୍ ହେବ। ଗୃହର ଉଦ୍‌ବେଗକୁ ଦେଖି ବାଚସ୍ପତି କହିଥିଲେ, ରାଜ୍ୟରେ ବାଲି ଚୋରାଚାଲାଣ ହେଉଛି। ମୋ ନିର୍ବାଚନମଣ୍ଡଳୀରେ ମଧ୍ୟ ବାଲି ଆନ୍ଧ୍ରକୁ ଚାଲିଯାଉଛି। ସରକାର ଯଦି ୫ ହଜାର କୋଟି ଟଙ୍କା ରାଜସ୍ୱ ପାଇବେ ତେବେ ବାଲି ନୀତି କାହିଁକି କରୁନାହାନ୍ତି। ତୁରନ୍ତ ବାଲି ନୀତି କରନ୍ତୁ ବୋଲି ମନ୍ତ୍ରୀଙ୍କୁ ବାଚସ୍ପତି ନିର୍ଦ୍ଦେଶ ଦେଇଥିଲେ। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଥିଲେ, ଆନ୍ଧ୍ରକୁ ଦୈନିକ ଶହ ଶହ ଟ୍ରକ୍ ବାଲି ଯାଉଛି। ମାଫିଆମାନେ ବାଲି ମୂଲ୍ୟ ବଢ଼ାଇ ବିକ୍ରି କରୁଛନ୍ତି। ସରକାର ଯେଉଁ ନିଲାମ ରେଟ୍ ଦେଇଛନ୍ତି ତାହା ୨/୩ ମାସରେ ଭରଣା ହୋଇଯାଉଛି। ବର୍ଷତମାମ ସେମାନେ ବାଲି ବିକି ଚାଲିଛନ୍ତି। ସାଧାରଣ ଲୋକ ମୁଠାଏ ବାଲି ପାଉନି। ବାଲି ଟ୍ରାକ୍ଟର ଉପରେ ୬୦ ହଜାର ଟଙ୍କା ଜରିମାନା କରାଯାଉଛି। ବିଜେଡି ନେତାମାନେ ବାଲି ବେପାର କରିବେ, ଆଉ କେହି କରିବେ ନାହିଁ। ମନ୍ତ୍ରୀ କହିଥିଲେ, ବାଲି ଚୋରା ଚାଲାଣ ରୋକିବାକୁ ସ୍କ୍ୱାଡ ଗଠନ ହୋଇଛି। ଲଘୁଖଣିଜ ପଦାର୍ଥ କନ୍‌ସେସନ ରୁଲ୍-୨୦୧୫ ଅନୁଯାୟୀ ଜରିମାନା କରାଯାଉଛି। ୫ ହଜାରରୁ ୫ ଲକ୍ଷ ଯାଏ ଜରିମାନା ହୋଇପାରିବ। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା ବାଲି ଚୋରିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଦୁର୍ଦ୍ଦାନ୍ତ ଲୋକମାନେ ଜିଲାପାଳ ଓ ତହସିଲଦାରଙ୍କୁ ଧରି ବାଲି ନିଲାମ ନେଉଛନ୍ତି। ଭୁବନେଶ୍ୱର ଓ ଏହାର ଆଖପାଖ ନଦୀରୁ ବାଲି ଚୋରାରେ ବିକ୍ରିହେଉଛି। ହଜାର ହଜାର ଟ୍ରକ୍ ବାଲି ଆନ୍ଧ୍ର ଓ ପଶ୍ଚିମବଙ୍ଗକୁ ଚାଲିଯାଉଛି। ବାଲି ଉତ୍ତୋଳନ ଦ୍ୱାରା ପରିବେଶ ଉପରେ ପ୍ରଭାବ ପଡୁଛି। ନଦୀ ଗତିପଥ ବଦଳାଇ ଦେଉଛି। ସରକାର ଚୋରା ବାଲି ଚାଲାଣକୁ ତୁରନ୍ତ ବନ୍ଦ କରନ୍ତୁ। ମନ୍ତ୍ରୀ କହିଥିଲେ, ଚୋରି ରୋକିବାକୁ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏଥିପାଇଁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଗଠନ ହୋଇଛି। ବାଲି ଏକ ଜରୁରୀ ଜିନିଷ। ୧୪୪ ବ୍ଲକ୍ ସମ୍ବେଦନଶୀଳ ରହିଛି। ସେହି ସବୁ ବ୍ଲକ୍‌ରେ ଚୋରା ଚାଲାଣ ବନ୍ଦ କରିବାକୁ ସରକାର ପଦକ୍ଷେପ ନେଉଛନ୍ତି। ବାଚସ୍ପତି ପୁଣି କହିଥିଲେ, ଏହା ରାଜ୍ୟର ସମସ୍ୟା। ତୁରନ୍ତ ବାଲି ନୀତି କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ।

# ସ୍ୱାସ୍ଥ୍ୟକର୍ମୀଙ୍କ ନିଯୁକ୍ତି ସର୍ତ୍ତମୂଳକ ଥିଲା

**ବିଧାନସଭାରେ ବିବୃତି ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ**

**ଭୁବନେଶ୍ୱର,୨୬ା୨(ବ୍ୟୁରୋ)**

କରୋନା ମହାମାରୀକୁ ଦୃଷ୍ଟିରେ ରଖି ତାଲିମପ୍ରାପ୍ତ ନର୍ସମାନଙ୍କୁ ସର୍ତ୍ତମୂଳକ ନିଯୁକ୍ତି ଦିଆଯାଇଥିଲା। ମହାମାରୀ ପ୍ରକୋପ କ୍ରମଶଃ ହ୍ରାସ ପାଇବା ପରେ ସେମାନଙ୍କୁ ସର୍ତ୍ତାବଳୀ ଅନୁଯାୟୀ କାର୍ଯ୍ୟରୁ ପର୍ଯ୍ୟାୟ କ୍ରମେ ଅନ୍ତର କରାଯାଇଛି। ଷ୍ଟାଫ୍‌ନର୍ସ, ଫାର୍ମାସିଷ୍ଟ ଓ ଲାବୋରେଟୋରି ଟେକ୍ନିସିଆନଙ୍କୁ ଦୈନିକ ୧ ହଜାର ଟଙ୍କା ଲେଖାଏ, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ(ପୁରୁଷ) ଓ ମହିଳାଙ୍କୁ ୮୫୦ ଟଙ୍କା ଲେଖାଏ ପ୍ରଦାନ କରାଯାଉଥିଲା। ସେମାନଙ୍କୁ ୩ ମାସ ଲାଗି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସର୍ତ୍ତମୂଳକ ନିଯୁକ୍ତି ଦିଆଯାଇଥିଲା। ଏହି ନିଯୁକ୍ତି ଅବଧିକୁ ୨୦୨୦ ଡିସେମ୍ବର ୩୧ ଯାଏ ବୃଦ୍ଧି କରାଯାଇଥିଲା। ଧାରଣାରେ ବସିଥିବା ଏଏନ୍ଏମ୍‌ମାନେ ଏ ବିଷୟରେ ସମ୍ପୂର୍ଣ୍ଣ ଅବଗତ ଥିଲେ। କରୋନା ପ୍ରଭାବ ହ୍ରାସ ପାଇବା ପରେ କାର୍ଯ୍ୟରତ ଅସ୍ଥାୟୀ ଏଏନ୍ଏମ୍‌ମାନଙ୍କୁ ପର୍ଯ୍ୟାୟ କ୍ରମେ କାର୍ଯ୍ୟରୁ ଅନ୍ତର କରାଯାଇଛି। ଏଭଳି ଭାବେ ଅନ୍ୟମାନଙ୍କୁ ମଧ୍ୟ କାର୍ଯ୍ୟରୁ ଅନ୍ତର କରାଯାଇଛି। ଫେବୃୟାରୀ ୨୩ ତାରିଖରେ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ଏବଂ ଭାଜପା ସଭ୍ୟ ମୋହନ ଚରଣ ମାଝିଙ୍କ କୋଭିଡ୍ ପରିଚାଳନାରେ ଥିବା ଏଏନ୍ଏମ୍‌ଙ୍କ ଛଟେଇ ସମ୍ପର୍କରେ ଶୁକ୍ରବାର ବିଧାନସଭାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବକିଶୋର ଦାସ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି, କୋଭିଡ୍ ପଜିଟିଭ ସଂଖ୍ୟା ହ୍ରାସ ପାଇଥିବାରୁ କୋଭିଡ୍ ହେଲ୍‌ଥ ଫାସିଲିଟିଜ୍ ବନ୍ଦ ହୋଇଯାଇଛି। କୋଭିଡ୍ ହସ୍ପିଟାଲ ସଂଖ୍ୟା ୪୯ରୁ ୨୨କୁ ହ୍ରାସ ପାଇଥିବା ବେଳେ କୋଭିଡ୍ ହେଲ୍‌ଥ ସେଣ୍ଟର ୧୪ରୁ ୮କୁ ହ୍ରାସ ପାଇଛି। ୧୬୪ କୋଭିଡ୍ କେୟାର ସେଣ୍ଟର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। କୋଭିଡ୍ ପଜିଟିଭ ସଂଖ୍ୟା ହ୍ରାସ ପାଇଥିବାରୁ ନିୟୋଜିତ ଡାକ୍ତର, ପାରାମେଡିକ୍ସ, ଡିଇଓ ଇତ୍ୟାଦିଙ୍କର ନିୟୋଜନ ଅବଧି ବୃଦ୍ଧି ନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ସମ୍ବନ୍ଧୀୟ ନିର୍ଦ୍ଦେଶନାମା ଜାରି କରାଯାଇଛି। ହାଇକୋର୍ଟ ମଧ୍ୟ ୨୦୨୧ ଫେବୃୟାରୀ ୮ ତାରିଖରେ କୋଭିଡ୍ ପରିଚାଳନାରେ ନିୟୋଜିତ ଆବେଦନକାରୀଙ୍କ ନିୟମିତ କରିବା ଦାବିକୁ ଅଗ୍ରାହ୍ୟ କରିଥିବା ମନ୍ତ୍ରୀ କହିଛନ୍ତି।

ରାଜ୍ୟରେ ଏବେ ସୁଦ୍ଧା ୧୦୯୯ ଏଏନ୍ଏମ୍(ମହିଳା) ପଦବୀ ଖାଲି ରହିଛି। ଏହାଛଡ଼ା ରାଜ୍ୟ ସରକାର ୩୧୪୫ ନୂତନ ଏଏନ୍ଏମ୍ (ମହିଳା) ପଦବୀ ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାଛଡ଼ା ୬୪୩୨ ଷ୍ଟାଫ୍‌ନର୍ସ, ୬୦୦ ଫାର୍ମାସିଷ୍ଟ ଏବଂ ୨୦୦ ରେଡିଓଗ୍ରାଫର ନିଯୁକ୍ତି ପାଇଁ ବିଜ୍ଞାପନ ଦେଇଛନ୍ତି। ଉକ୍ତ ପଦବୀଗୁଡ଼ିକ ଓଡ଼ିଶା ସବ୍‌ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ ମାଧ୍ୟମରେ ପୂରଣ କରାଯିବ। ପଦବୀ ପୂରଣ ପ୍ରକ୍ରିୟା ନୂତନ କ୍ୟାଡର୍ ରୁଲ୍ ଅନୁଯାୟୀ କରାଯିବ। ଆନ୍ଦୋଳନରତ ଏଏନ୍ଏମ୍‌ମାନେ ପଦବୀ ପୂରଣ ପ୍ରକ୍ରିୟାରେ ଯୋଗ୍ୟ ହେଲେ ନିଯୁକ୍ତି ପାଇପାରିବେ ବୋଲି ମନ୍ତ୍ରୀ କହିଥିଲେ।

## ରାଜ୍ୟରେ ପଛୁଆବର୍ଗ ସର୍ଭେ ହେବ

**ଭୁବନେଶ୍ୱର,୨୬ା୨(ବ୍ୟୁରୋ):** ରାଜ୍ୟରେ ଖୁବ୍‌ଶୀଘ୍ର ପଛୁଆବର୍ଗ ସର୍ଭେ ଆରମ୍ଭ ହେବ। ଓଡ଼ିଶା ପଛୁଆ ବର୍ଗ କମିଶନ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି। ପଛୁଆବର୍ଗମାନଙ୍କର ସାମାଜିକ ଓ ଶିକ୍ଷାଗତ ଅବସ୍ଥା ବିଷୟରେ ସର୍ଭେ କରାଯିବ। ଏ ନେଇ ଶୁକ୍ରବାର ଏସ୍‌ସି,ଏସ୍‌ଟି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଓଡ଼ିଶା ପଛୁଆବର୍ଗ ଆଇନ ୧୯୯୩ ଓ ସଂଶୋଧିତ ଆଇନ ୨୦୨୦ ଅନୁଯାୟୀ ସରକାରଙ୍କ ପକ୍ଷରୁ ପଛୁଆବର୍ଗମାନଙ୍କର ସାମାଜିକ ଓ ଶିକ୍ଷାଗତ ସର୍ଭେ କରାଯିବ। ତେବେ କେବେଠାରୁ ସର୍ଭେ କାର୍ଯ୍ୟ ଆରମ୍ଭ ହେବ ତାହା କମିଶନଙ୍କ ପକ୍ଷରୁ ସ୍ଥିର କରାଯିବ। ଏଠାରେ ସୂଚନାଯୋଗ୍ୟ, ରାଜ୍ୟରେ ଓବିସିମାନଙ୍କର ସର୍ଭେ କରିବାକୁ ବିଜେଡି କାର୍ଯ୍ୟକାରିଣୀ ବୈଠକରେ ସଂକଳ୍ପ ଗୃହୀତ ହୋଇଥିଲା। ଏହି ପ୍ରସ୍ତାବକୁ ସରକାର କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି।

# ଓଡ଼ିଶା ଇ-ବିଧାନସଭାକୁ ପ୍ରଶଂସା

**ମଡେଲ ପ୍ରକଳ୍ପ ଭାବେ ଗ୍ରହଣ କରାଗଲା**

**ଭୁବନେଶ୍ୱର, ୨୬ା୨(ବ୍ୟୁରୋ)**

ଦେଶର ୨୮ ବିଧାନସଭା ଏବଂ ୮ ବିଧାନ ପରିଷଦ କାର୍ଯ୍ୟ ସମ୍ପାଦନରେ କମ୍ପ୍ୟୁଟର ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଅଧିକରୁ ଅଧିକ ଉପଯୋଗ କରିବାକୁ ନିଷ୍ପତ୍ତି ହୋଇଛି। ଏହି ପରିପ୍ରେକ୍ଷୀରେ ନୂଆଦିଲ୍ଲୀ ପାର୍ଲାମେଣ୍ଟ ହାଉସ ପରିସରରେ ପ୍ରିଜାଇଡିଂ ଅଫିସରଙ୍କୁ ନେଇ ତୃତୀୟ କମିଟି ବୈଠକ ଆସାମ ବିଧାନସଭା ବାଚସ୍ପତି ହିତେନ୍ଦ୍ରନାଥ ଗୋସ୍ୱାମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଓଡ଼ିଶାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ଉତ୍ତରାଖଣ୍ଡର ବାଚସ୍ପତି ପ୍ରେମଚାନ୍ଦ ଅଗ୍ରୱାଲଙ୍କ ସମେତ ତେଲଙ୍ଗାନା, ପୁଡୁଚେରୀ ବିଧାନସଭାର ସଚିବମାନେ ଏଥିରେ ଯୋଗଦେଇଥିଲେ। ଇ-ବିଧାନସଭା କାର୍ଯ୍ୟକାରୀ କରିବାରେ ଓଡ଼ିଶା ବିଧାନସଭାର କାର୍ଯ୍ୟକୁ ବୈଠକରେ ପ୍ରଶଂସା କରାଯାଇଛି। ଏଥିସହ ପ୍ରଦତ୍ତ ଇ-ବିଧାନସଭା ସମ୍ପର୍କିତ ପ୍ରକଳ୍ପକୁ ମଡେଲ ପ୍ରକଳ୍ପ ରୂପେ ସମଗ୍ର ଦେଶରେ ଗ୍ରହଣ କରାଯାଇଛି।

ହିମାଚଳ ପ୍ରଦେଶ ସରକାରଙ୍କ ଉଦ୍ୟମରେ ପ୍ରଥମ ଇ-ବିଧାନସଭା ଆୟୋଜିତ ହୋଇଥିଲା। ଏଥିଲାଗି ଓଡ଼ିଶାରେ ଗ୍ରହଣ କରାଯାଇଥିବା କାର୍ଯ୍ୟ ସମ୍ପର୍କରେ ବାଚସ୍ପତି ପାତ୍ର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ତଥ୍ୟ ରଖିଛନ୍ତି। ଇ-ବିଧାନସଭା ସାଧାରଣ ଜନତାଙ୍କୁ ବିଧାନସଭା ସହ ଯୋଡ଼ିପାରିବ। ଏଥିଲାଗି ଓଡ଼ିଶାରେ ୧୨ କୋଟି ୫୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ୮ କୋଟି ୫୬ ଲକ୍ଷ ଟଙ୍କା ଅନୁମୋଦିତ ହୋଇଛି। ପ୍ରଥମ କିସ୍ତିରେ ସଂସଦୀୟ ବ୍ୟାପାର ବିଭାଗ ତରଫରୁ ୧ କୋଟି ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଲ୍ୟାନ୍, ୱାଇ-ଫାଇ ଏବଂ ଭିଡିଓ କନଫେରେନ୍ସ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଧାନସଭା କର୍ମଚାରୀଙ୍କ ପାଇଁ ୧୫୦ ଡେସ୍କଟପ୍ ସିଷ୍ଟମ ଯୋଗାଇ ଦିଆଯାଇଛି। ନେଭା ମୋବାଇଲ ଆପ୍ କାର୍ଯ୍ୟକାରୀ କରିବା ପାଇଁ ୧୦ ପ୍ରୋଗାମର ନିୟୋଜିତ ହୋଇଛନ୍ତି। ବିଧାନସଭାର ଦୈନନ୍ଦିନ କାର୍ଯ୍ୟ ପବ୍ଲିକ ପୋର୍ଟାଲରେ ନିୟମିତ ଅପ୍‌ଡେଟ୍ ହେଉଛି। ଫେବୃୟାରୀ ୧୮ରେ ବିଧାନସଭା ପ୍ରାରମ୍ଭିକ ଅଧିବେଶନରେ ରାଜ୍ୟପାଳଙ୍କ ପ୍ରଦତ୍ତ ଅଭିଭାଷଣ ନେଭା ଜରିଆରେ ଉପଲବ୍ଧ କରାଯାଇଛି। ଫେବୃୟାରୀ ୨୨ରେ ଅର୍ଥମନ୍ତ୍ରୀ ଆଗତ କରିଥିବା ବଜେଟ୍ ମଧ୍ୟ ବିନା କାଗଜରେ ଆଗତ ହୋଇଥିଲା। ସମସ୍ତ ବିଧାୟକ ଏବଂ ବିଧାନସଭା କର୍ମଚାରୀଙ୍କୁ ଆବଶ୍ୟକ ତାଲିମ ପ୍ରଦାନ ଲାଗି ପଦକ୍ଷେପ ନିଆଯାଇଛି। ବିଧାନସଭା ସଚିବାଳୟ ପାଇଁ ୬୬ ଡେସ୍କଟପ୍ କିଣା ବାବଦରେ ୪୬ ଲକ୍ଷ ୫୭ ହଜାର ୩୧୩ ଟଙ୍କା, ଲାନ୍, ୱାଇ-ଫାଇ ଏବଂ ଭିଡିଓ କନଫରେନ୍ସ ବ୍ୟବସ୍ଥା ପାଇଁ ୧ କୋଟି ୩୬ ଲକ୍ଷ ୬୫ ହଜାର ୨୪୬ ଟଙ୍କା, ବିଧାନସଭା ଗୃହ ମଧ୍ୟରେ ଭିଡିଓ କନ୍‌ଫରେନ୍ସ ବ୍ୟବସ୍ଥା ଗ୍ରହଣ ବାବଦରେ ୧୦ ଲକ୍ଷ ୫୭ ହଜାର ୫୭୦ ଟଙ୍କା ବ୍ୟୟ କରାଯାଇଥିବା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସୂଚନା ଦେଇଛନ୍ତି।

# କୋଲକାତାରୁ ଷ୍ଟକିଷ୍ଟ ଦିନେଶ ଗିରଫ

**ଆଇପିଏଲ୍ ପୂର୍ବରୁ ବେଟିଂ**

- ୭୨.୯୬ ଲକ୍ଷର ବ୍ୟାଙ୍କ ଆକାଉଣ୍ଟ ସିଜ୍
- ଆଜିଠୁ ୨ଦିନିଆ ରିମାଣ୍ଡରେ ନେବ ପୋଲିସ

**ବ୍ରହ୍ମପୁର ଅଫିସ,୨୬ା୨**

ଆଇପିଏଲ୍ ଆରମ୍ଭ ପୂର୍ବରୁ ବ୍ରହ୍ମପୁର ପୋଲିସ ହାତରେ ଧରା ପଡିଛନ୍ତି ଜଣେ ବେଟିଂ ସିଣ୍ଡିକେଟ ଷ୍ଟକିଷ୍ଟ ଦିନେଶ କୁମାର ରାଠି। କୋଲକାତାରେ ରହି ଓଡ଼ିଶାରେ ବେଟିଂ କାରବାର ଅପରେଟ୍ କରୁଥିବା ଦିନେଶଙ୍କୁ ବ୍ରହ୍ମପୁର ପୋଲିସ ଗିରଫ କରିଛି। ଗୋଷାଣିନୂଆଗାଁ ଥାନା କେସ୍ ନମ୍ବର ୧୪୧/୨୦ରେ ଶୁକ୍ରବାର ଦିନେଶଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ପି ପିନାକ ମିଶ୍ର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପୋଲିସ ଦିନେଶଙ୍କ ନିକଟରୁ ଏକ ଲାପ୍‌ଟପ୍, ମୋବାଇଲ୍ ସିମ୍‌କାର୍ଡ ଜବତ କରିଛି। ସେହିପରି ତାଙ୍କ ନାମରେ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଥିବା ୭୨ଲକ୍ଷ ୯୬ହଜାର ଟଙ୍କା ସିଜ୍ କରାଯାଇଛି। ଗୋଷାଣିନୂଆଗାଁ ପୋଲିସ ପକ୍ଷରୁ ଦିନେଶଙ୍କୁ ୩ଦିନିଆ ରିମାଣ୍ଡରେ ନେବା ପାଇଁ ଏସ୍‌ଡିଜେଏମ୍‌ଙ୍କ ନିକଟରେ ଆବେଦନ କରାଯାଇଥିଲା। ଏହାର ଶୁଣାଣି କରି ଏସ୍‌ଡିଜେଏମ୍ ଅଭିଯୁକ୍ତ ଦିନେଶଙ୍କୁ ଶନିବାରଠାରୁ ୨ଦିନିଆ ରିମାଣ୍ଡରେ ନେବାକୁ ଅନୁମତି ଦେଇଥିବା ଥାନାଧିକାରୀ ସୁମିତ କୁମାର ସୋରେନ ସୂଚନା ଦେଇଛନ୍ତି।



ଆଇପିଏଲ୍ ଷ୍ଟକିଷ୍ଟ ଦିନେଶ।

ଘଟଣାରୁ ପ୍ରକାଶ, ଆଇପିଏଲ୍ ବେଟିଂ କାରବାର ଧରିବାକୁ ବ୍ରହ୍ମପୁର ଏସ୍‌ପିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଗତ ଅକ୍ଟୋବର ୨୯ରେ ଆଇପିଏଲ୍ ର୍‍ୟାକେଟର କିଙ୍ଗ୍‌ପିନ୍ କୁହାଯାଉଥିବା ଆର୍. ଲାଲି ଆଚାରୀ ଓ ସହଯୋଗୀ କେ.ପ୍ରଶାନ୍ତ ସୁବୁଦ୍ଧିଙ୍କୁ ପୋଲିସ ଗିରଫ କରିଥିଲା। ତାଙ୍କ ନିକଟରୁ ୩୩ ଲକ୍ଷ ୬୧ ହଜାର ୨୦୦ ଟଙ୍କା, ୪ ମୋବାଇଲ୍ ଫୋନ୍ ଏବଂ ୩ ଏଟିଏମ୍ କାର୍ଡ ଜବତ ହୋଇଥିଲା। ଏମାନଙ୍କ ବୟାନକୁ ଆଧାର କରି ପୋଲିସ ତା'ର ତଦନ୍ତ ଜାରି ରଖିଥିଲା। ଲାଲିଙ୍କ ଲିଙ୍କ୍ କୋଲକାତା, ମୁମ୍ବାଇ, ଦୁବାଇ ପର୍ଯ୍ୟନ୍ତ ରହିଥିବା ଜଣାପଡ଼ିଥିଲା। ପରେ ଅନ୍ୟତମ ବୁକି ବିଶାଲ ଅଗ୍ରୱାଲ, ଅଜୟ କୁମାର ପଣ୍ଡା, ସଞ୍ଜିତ କୁମାର ବେହେରା ଓ ସହଯୋଗୀ ଅଜିତ ବରାଡ଼ଙ୍କୁ ପୋଲିସ ଗିରଫ କରିଥିଲା। ବ୍ରହ୍ମପୁରରେ ଧରାପଡ଼ିଥିବା ଏହି ବୁକିମାନେ କୋଲକାତାର ଜଣେ ଷ୍ଟକିଷ୍ଟ ଅଧୀନରେ କାମ କରୁଥିବା ଜଣାପଡ଼ିଥିଲା। ପୋଲିସ ଦିନେଶଙ୍କୁ ଧରିବାକୁ ଜାଲ ବିଛାଇଥିଲା। ଗୋଷାଣିନୂଆଗାଁ ଥାନାଧିକାରୀ ସୁମିତ କୁମାର ସୋରେନ୍ ଓ ସାଇବର ସେଲ୍‌ର ଇନ୍ସପେକ୍ଟର ଅକ୍ଷୟ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ କୋଲକାତା ପୋସ୍ତା ଥାନା ଅନ୍ତର୍ଗତ ଶୋଭାରାମ ଷ୍ଟ୍ରିଟ୍‌ରେ ରହୁଥିବା ଷ୍ଟକିଷ୍ଟ ଦିନେଶଙ୍କୁ ଗିରଫ କରିଥିଲେ।



ବଲିଉଡ ନାୟିକା ୟାମି ଗୌତମ ଖୁବ୍‌ଶୀଘ୍ର ଏକ ନୂଆ ଫିଲ୍ମରେ ନଜର ଆସିବେ । ଏହାସହ ୟାମିଙ୍କ ହାତରେ ବି ରହିଛି ଆଉ କିଛି ପ୍ରୋଜେକ୍ଟ । ୟାମି ତାଙ୍କ ଅଗାମୀ ଫିଲ୍ମ 'ଭୂତ ପୋଲିସ' ଓ 'ଦଶଭି' ପାଇଁ ଏବେ ବ୍ୟସ୍ତ ଅଛନ୍ତି । 'ଭୂତ ପୋଲିସ'ରେ ସେ ଶୈଫ ଅଲ୍ଲି ଖାଁ, ଅର୍ଜୁନ କପୁର ଓ ଜ୍ୟାକଲିନଙ୍କ ସହ ନଜର ଆସୁଥିବା ବେଳେ 'ଦଶଭି'ରେ ତାଙ୍କୁ ଅଭିଷେକ ବଚ୍ଚନଙ୍କ ସହ ଦେଖିବାକୁ ମିଳିବ । ଏହି ପଲିଟିକାଲ କମେଡି ଫିଲ୍ମରେ ତାଙ୍କ ଲୁକ୍ ନିକଟରେ ନଜର ଆସିଛି । ଏହାକୁ ୟାମି ଶେୟାର କରିଛନ୍ତି। ଜଣେ ଆଇପିଏସ୍ ଚରିତ୍ରରେ ଅଭିନୟ କରି ଗର୍ବ ଅନୁଭବ କରୁଥିବା ସେ କହିଛନ୍ତି।



# ବାରାକ୍ ନମ୍ବର ୧୨

**ବହୁ ଚର୍ଚ୍ଚିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ମହାଘୋଟାଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କୁ ଭାରତକୁ ପ୍ରତ୍ୟର୍ପଣ ପାଇଁ ସବୁଜ ସଙ୍କେତ ଦେଇଛନ୍ତି ବ୍ରିଟେନ ଅଦାଲତ। ଭାରତ ଅଣାଯିବା ପରେ ନୀରବ ମୁମ୍ବାଇସ୍ଥିତ ଆର୍ଥର ରୋଡ୍ ଜେଲରେ ରହିପାରନ୍ତି। ହାଇପ୍ରୋଫାଇଲ କଏଦୀଙ୍କ ଠିକଣା ପାଲଟିଥିବା ଏହି କାରାଗାରରେ ଜଘନ୍ୟ ଅପରାଧରେ ସମ୍ପୃକ୍ତ ଅନେକ ଅପରାଧୀ ସଜା କାଟୁଛନ୍ତି। ନୀରବଙ୍କ ପ୍ରତ୍ୟର୍ପଣ ମାମଲା ସହିତ ଏବେ ଚର୍ଚ୍ଚାର ପରିଧିକୁ ଆସିଛି 'ଆର୍ଥର ରୋଡ୍ ଜେଲ୍' ଏବଂ ଏହାର ବାରାକ୍ ନମ୍ବର ୧୨।**



## ହାଇପ୍ରୋଫାଇଲ କଏଦୀଙ୍କ ଠିକଣା

## 'ଆର୍ଥର ରୋଡ୍ ଜେଲ'

**ମୁମ୍ବାଇ:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର ୧୩,୦୦୦ କୋଟି ଟଙ୍କା ମହାଠକେଇ ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କୁ ଭାରତ ପ୍ରତ୍ୟର୍ପଣ ପାଇଁ ବ୍ରିଟେନ ସରକାର ଅନୁମତି ଦେଇଛନ୍ତି। ହେଲେ ସେ ଭାରତ ଆସିବାକୁ ଚାହୁଁନାହାନ୍ତି। ଭାରତୀୟ ଜେଲରେ ଅବ୍ୟବସ୍ଥା, ଅସ୍ୱାସ୍ଥ୍ୟକର ପରିବେଶରେ ରହିବା କଷ୍ଟକର। ଏହାଦ୍ୱାରା ମାନସିକ ସ୍ୱାସ୍ଥ୍ୟ ବିଗିଡ଼ିଯିବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ନୀରବ। ଏହାପରେ ଭାରତ ସରକାରଙ୍କ ପକ୍ଷରୁ ଆର୍ଥର ରୋଡ୍ ଜେଲରେ ନୀରବ ରହିବା ପାଇଁ ପ୍ରସ୍ତାବିତ ପ୍ରକୋଷ୍ଠର ଭିଡିଓ ବ୍ରିଟିଶ୍ ଅଦାଲତରେ ଉପସ୍ଥାପନ କରାଯାଇଛି। ଭିଡିଓ ଜାରି କରାଯାଇଥିବା ସେଲ୍ ବାରେକ୍ ନମ୍ବର ୧୨ ବୋଲି କୁହାଯାଉଛି। ଏଠାକାର ଏକଦୀଙ୍କ ପାଇଁ ଉଦ୍ଦିଷ୍ଟ ପ୍ରକୋଷ୍ଠରେ ବାୟୁ ଚଳାଚଳ, ଆଲୋକ ପ୍ରବେଶ ସୁବିଧା ରହିଛି। ତେବେ ନୀରବଙ୍କ ଓକିଲ ଭିନ୍ନ ମତ ରଖିଛନ୍ତି। ସେ କହିଛନ୍ତି, ଦେଶର ଅନ୍ୟତମ ପୁରାତନ ଏହି କାରାଗାରର କାନ୍ଥଗୁଡ଼ିକ ପଥର ଏବଂ ଲୁହାରେ ତିଆରି। ତେଣୁ ଏଠାରେ ତାପମାତ୍ରା ଅସହ୍ୟ ହେବ। ସେହିପରି ଜେଲରେ ଆବଶ୍ୟକତାଠାରୁ ଅଧିକ କଏଦୀ ରହୁଛନ୍ତି। ତେଣୁ କରୋନା ସଂକ୍ରମଣକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସେ ଯୁକ୍ତି ବାଢ଼ିଛନ୍ତି। ତେବେ ଭାରତ ସରକାରଙ୍କ ଭିଡିଓ ବ୍ରିଟିଶ୍ ଅଦାଲତଙ୍କ ପସନ୍ଦ ଆସିଛି। ତେଣୁ ଓକିଲଙ୍କ ଏଭଳି ଯୁକ୍ତି ଅଯୌକ୍ତିକ ବୋଲି କୁହାଯାଉଛି।

ସ୍ୱାଧୀନତା ପୂର୍ବରୁ ଅର୍ଥାତ୍ ୧୯୨୬ରେ ଏହି ଜେଲ ନିର୍ମାଣ ହୋଇଥିଲା। ଏହାର ନାମ ମୁମ୍ବାଇ (ତତ୍କାଳୀନ ବମ୍ବେ)ର ଗଭର୍ନର ସାର୍ ଜର୍ଜ ଆର୍ଥରଙ୍କ ନାମରେ ନାମିତ କରାଯାଇଥିଲା। ୧୯୯୪ରେ ଏହାକୁ ଅପ୍‌ଗ୍ରେଡ୍ କରି କେନ୍ଦ୍ରୀୟ ଜେଲରେ ପରିଣତ କରିଦିଆଗଲା। ହେଲେ ଏହି କାରାଗାରର ପୁରୁଣା ନାମ ବଦଳାଯାଇ ନାହିଁ। କାଗଜପତ୍ରରେ ଏବେ ବି 'ଆର୍ଥର ରୋଡ୍ ଜେଲ' ବୋଲି ଉଲ୍ଲେଖ କରାଯାଉଛି। ପ୍ରଥମେ ଏହି କାରାଗାର ୨ ଏକର ଜମିରେ ପରିବ୍ୟାପ୍ତ ହୋଇଥିଲା। ପରେ ଏହାକୁ ୬ ଏକର ଜମିରେ ପରିବର୍ଦ୍ଧିତ କରାଯାଇଛି। ଏଠାରେ ମୋଟ ୨୦ ବାରାକ୍ ସମେତ ଅନେକ କ୍ଷୁଦ୍ର ପ୍ରକୋଷ୍ଠ ରହିଛି। 'ଆର୍ଥର ରୋଡ୍ ଜେଲ'ରେ କଏଦୀ ରହିବା କ୍ଷମତା ୮୦୪। ହେଲେ ଅଧିକାଂଶ ସମୟରେ ଏଠାରେ ଓଭର କ୍ରାଉଡେଡ୍ ବା କ୍ଷମତାଠାରୁ ଅଧିକ କଏଦୀ ରହିଥାନ୍ତି। ସ୍ଥଳ ବିଶେଷରେ କେତେକ ସମୟରେ ୩୦୦୦ରୁ ଊର୍ଦ୍ଧ୍ୱ କଏଦୀ ରହିଥିବା ନଜିର ରହିଛି।

ବାରାକ୍ ନଂ. ୧୨ରେ କଡ଼ା ପ୍ରହରା ବ୍ୟବସ୍ଥା କରାଯାଇଛି। ପୋଲିସର ବିନା ଅନୁମତିରେ ଏହି ସ୍ଥାନକୁ କାହାରିକୁ ପ୍ରବେଶ ଅନୁମତି ଦିଆଯାଏ ନାହିଁ। ୨୦୦୮ରେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଦୋଷୀ ଅଜମଲ କସାବଙ୍କୁ ରଖିବା ଲାଗି ଏହାକୁ ନିର୍ମାଣ କରାଯାଇଥିଲା। ଅଦାଲତରେ ଶୁଣାଣି ବେଳେ କସବର ଜୀବନ ପ୍ରତି ବିପଦ ଥିବାରୁ ବାରାକ୍‌ରୁ ଏକ ସୁଡଙ୍ଗ ବାହାରିଛି, ଯାହା ସିଧାସଳଖ କୋର୍ଟକୁ ଲମ୍ବିଛି। ଏହା ବୋମା ନିରୋଧୀ ଏବଂ ବେଶ ସୁରକ୍ଷିତ। ବାରାକ୍ ନଂ. ୧୨ରେ ବିଭିନ୍ନ ସମୟରେ ଅନେକ ଜଘନ୍ୟ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ରହିଛନ୍ତି। ସେମାନଙ୍କ ମଧ୍ୟରେ ମାଫିଆ ଡନ୍ ଦାଉଦ୍ ଇବ୍ରାହିମ୍‌ଙ୍କ ଭାଇ ଇକ୍‌ବାଲ କାସକର, ୟାସିନ ଭଟକଲ, ସିନା ବୋରା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଇନ୍ଦ୍ରାଣି ମୁଖାର୍ଜୀ ଏବଂ ତାଙ୍କ ସ୍ୱାମୀ ପିଟର ମୁଖାର୍ଜୀ, ବଲିଉଡ୍ ଆକ୍ଟର ସଞ୍ଜୟ ଦତ୍ତ ଅନ୍ୟତମ।

# କଏନରେ ରାମମନ୍ଦିର



**ବେଙ୍ଗାଲୁରୁ:** ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କାମ ଆରମ୍ଭ ହୋଇସାରିଛି। ଏଥିପାଇଁ ଦେଶର କୋଣ ଅନୁକୋଣରୁ ଲୋକେ ନିଜ ନିଜ ସାମର୍ଥ୍ୟ ଅନୁସାରେ ଦାନ କରୁଛନ୍ତି। କିନ୍ତୁ ଏବେ ଜଣେ ବ୍ୟକ୍ତି ରାମ ମନ୍ଦିର ଗଠନ ଶୈଳୀକୁ ମୁଦ୍ରାରେ ରୂପ ଦେଇଛନ୍ତି। କେବଳ ଏକ ଟଙ୍କିଆ ଏବଂ ୫ ଟଙ୍କିଆ କଏନରେ ରାମ ମନ୍ଦିରର ସରଞ୍ଜନା ତିଆରି କରିଛନ୍ତି ଏହି କଳାକାର। ବେଙ୍ଗାଲୁରୁର ଏକ ସଙ୍ଗଠନ ରାଷ୍ଟ୍ର ଧର୍ମ ଟ୍ରଷ୍ଟ ରାମ ମନ୍ଦିରର ବିଶାଳ ସରଞ୍ଜନାକୁ କଏନ ମାଧ୍ୟମରେ ପ୍ରଦର୍ଶନ କରିଛି। ସଙ୍ଗଠନ ପକ୍ଷରୁ ଜଣେ କଳାକାର ମନ୍ଦିରର ସରଞ୍ଜନାକୁ ୧ ଟଙ୍କିଆ ଏବଂ ୫ ଟଙ୍କିଆ କଏନ ମାଧ୍ୟମରେ ତିଆରି କରିଛନ୍ତି। ବେଙ୍ଗାଲୁରୁ ସହରର ଲାଲବାଗ ପଶ୍ଚିମ ଗେଟ୍ ନିକଟରେ ଏଭଳି ଏକ ସରଞ୍ଜନାକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଦର୍ଶକମାନଙ୍କ ପାଇଁ ଏହି ସରଞ୍ଜନାକୁ ଦେଖିବା ନିମନ୍ତେ ଖୋଲା ରଖାଯାଇଛି। ଏଭଳି ଏକ ସରଞ୍ଜନା ତିଆରି କରିବା ନିମନ୍ତେ ୧ ଟଙ୍କିଆ ଓ ୫ ଟଙ୍କିଆର ମୋଟ ୬୦ହଜାରଟି କଏନ ବ୍ୟବହାର ହୋଇଛି। ଏହି କଏନଗୁଡ଼ିକର ମୂଲ୍ୟ ମୋଟ ୨ ଲକ୍ଷ ଟଙ୍କା ବୋଲି କୁହାଯାଇଛି। ରାମଙ୍କ ଜନ୍ମସ୍ଥାନ ଅଯୋଧ୍ୟାରେ ଏବେ ରାମ ମନ୍ଦିର ତିଆରି ହେଉଥିବାବେଳେ ଦେଶର ବିଭିନ୍ନ ସ୍ଥାନର ଲୋକେ ଏଥିପାଇଁ ବେଶ୍ ଉତ୍ସାହିତ ଅଛନ୍ତି। ମନ୍ଦିର ନିର୍ମାଣ ପାଇଁ କେତେଜଣ ନିଜ ଜୀବନର ସମସ୍ତ ସଞ୍ଚିତ ପୁଞ୍ଜି ବି ଦାନ କରିଛନ୍ତି। ତେବେ ରାମଙ୍କ ପାଇଁ ଥିବା ଶ୍ରଦ୍ଧା କାରଣରୁ ଏଭଳି ଏକ ଭିନ୍ନ କଳାକୁ ରୂପ ଦେଇ କଳାକାରମାନେ ପ୍ରଦର୍ଶିତ କରିଛନ୍ତି ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

# ଲେଡି ଗାଗାଙ୍କ ୨ କୁକୁର ଚୋରି



## ୫ ଲକ୍ଷ ଡଲାର ପୁରସ୍କାର ଘୋଷଣା କଲେ

**ଲସ ଏଞ୍ଜେଲସ:** ଆମେରିକାର ଲସ ଆଞ୍ଜେଲସରେ ରହୁଥିବା ପପ୍ ଗାୟିକା ଲେଡି ଗାଗାଙ୍କ କୁକୁର ପାଳକ ରୟାନ ଫିସରଙ୍କୁ ଗୁଳି କରି ତାଙ୍କର ଦୁଇଟି ଫ୍ରେଞ୍ଚ ବୁଲ୍‌ଡଗକୁ କେହି ଚୋରି କରି ନେଇଛି। ରୟାନ ୩ଟି କୁକୁରକୁ ବୁଲାଇବାକୁ ନେଇଥିବାବେଳେ ଜଣେ ବନ୍ଧୁକଧାରୀ ଗୁଳି ମାରି କୁକୁରକୁ ଧରି ପଳାଇଥିଲେ। ଗୋଟିଏ କୁକୁର ସେଠୁ ଦୌଡ଼ି ପଳାଇବାରେ ସକ୍ଷମ ହୋଇଥିଲା। ଲେଡି ଗାଗା ତାଙ୍କ କୁକୁର କୋଜି ଏବଂ ଗୁସ୍ତାଭଙ୍କ ପାଇଁ ପାଞ୍ଚ ଲକ୍ଷ ଡଲାର (୩.୬୫ କୋଟି ଟଙ୍କା) ପୁରସ୍କାର ଘୋଷଣା କରିଛନ୍ତି। ଗାଗାଙ୍କ ପୋଷା କୁକୁରଙ୍କୁ କାହିଁକି ଟାର୍ଗେଟ କରାଯାଇଥିଲା ତାହା ଏପର୍ଯ୍ୟନ୍ତ ଜଣା ପଡିନାହିଁ। ଲେଡି ଗାଗାଙ୍କ ମୁଖପାତ୍ର ଏହା ଉପରେ ତୁରନ୍ତ ପ୍ରତିକ୍ରିୟା ଦେଇନାହାଁନ୍ତି। ଲେଡି ଗାଗା ଏବେ ଶୁଟିଂ ପାଇଁ ରୋମରେ ଅଛନ୍ତି।

# ନିଜ ସଂଘର୍ଷ କାହାଣୀ କହି କାନ୍ଦିଲେ ନୋରା



ମୁମ୍ବାଇ:ବଲିଉଡ୍ ନାୟିକା ନୋରା ଫତେହି ଡ୍ୟାନ୍ସିଂ କୁଇନ ଭାବେ ବେଶ୍ ପରିଚିତ। ଦର୍ଶକଙ୍କର ଏବେ ସେ ପ୍ରଥମ ପସନ୍ଦ ଡ୍ୟାନ୍ସିଂ ଷ୍ଟାର। ଏହାସହ ସେ ଆଇଟମର ପରଫେକ୍ଟ କୁଇନ୍ ବୋଲି ମଧ୍ୟ କେହି କେହି କହିଥାଆନ୍ତି । ଏହି ଲୋକପ୍ରିୟ ଡ୍ୟାନ୍ସର ଖୁବ କମ୍ ସମୟ ମଧ୍ୟରେ ବଲିଉଡ୍‌ରେ ନିଜ ପାଇଁ ତିଆରି କରିଛନ୍ତି ସ୍ୱତନ୍ତ୍ର ପରିଚୟ। ନିକଟରେ ସେ ଏକ ସାକ୍ଷାତ୍‌କାରରେ ନିଜ ସଂଘର୍ଷର କାହାଣୀ କହିବା ବେଳେ କାନ୍ଦି ପକାଇଛନ୍ତି । ଦୁବାଇର ୟୁଟ୍ୟୁବର ଅନସ ବୁଖାଶାଙ୍କୁ ଦେଇଥିବା ଏକ ସାକ୍ଷାତ୍‌କାରରେ ସେ ଭାରତ ଆସିବାର ଅନୁଭୂତି ସମ୍ପର୍କରେ କହିଥିଲେ। ଯେତେବେଳେ ସେ ଭାରତ ଆସିଥିଲେ, ସେତେବେଳେ ସେ ଯେମିତି ଭାବି ଆସିଥିଲେ ସେମିତି ଆଦୌ ନ ଥିଲା। ସେ ଭାବିଥିଲେ ତାଙ୍କୁ ଲିମୋଜିନ ଭଳି ଗାଡି ମିଳିବ ସୁଟ୍‌ରେ ରଖାଯିବ, ହେଲେ ସବୁ ଥିଲା ବିପରୀତ । ସେ ପ୍ରଥମେ ୮-୯ଜଣ ଝିଅଙ୍କ ସହ ଏକାଠି ରହିଥିଲେ। ସେମାନେ ପରେ ତାଙ୍କ ପାସପୋର୍ଟ ଚୋରି କରି ନେଇଥିଲେ। ଏହାପରେ ସେ ବହୁତ ଅସୁବିଧାରେ ପଡିଥିଲେ। କିନ୍ତୁ ସେ ଭାରତ ଛାଡି ଯିବାକୁ ଚାହୁଁ ନ ଥିଲେ। କିଛିଦିନ ମଧ୍ୟରେ ଜଣେ କାଷ୍ଟିଙ୍ଗ ଡାଇରେକ୍ଟର ତାଙ୍କୁ ଅଡିଶନ ପାଇଁ ଡାକିଥିଲେ। ନୋରା ଭାରତୀୟ ନୁହନ୍ତି ଜାଣି ମଧ୍ୟ ସେ ତାଙ୍କୁ ହିନ୍ଦୀରେ ଲାଇନ ଦେଇ ଖୁବ୍ ଜୋରରେ ହସିଥିଲେ। ଏହାସହ ସେଠାରେ ଥିବା ଲୋକେ ବି ଖୁବ ହସିଥିଲେ। ଏମିତିକି ତାଳିମାରି ହସିଥିଲେ। ସାକ୍ଷାତ୍‌କାରରେ ଏତିକି କହୁ କହୁ କାନ୍ଦି ପକାଇଥିଲେ ନୋରା। ତାଙ୍କର ଦୃଢ଼ ଇଚ୍ଛାଶକ୍ତି ଏବେ ତାଙ୍କୁ ଆଣିଦେଇଛି ଏକ ସ୍ୱତନ୍ତ୍ର ପରିଚୟ। କାନାଡା ବାସିନ୍ଦା ନୋରା ଫତେହି ପ୍ରଥମେ କାନାଡାର ଏକ ଜେଣ୍ଟସ ସପିଂ ମଲ୍‌ରେ କାମ କରୁଥିଲେ। ଏହାସହ ସେ ଲଟେରୀ ଟିକେଟ ବି ବିକ୍ରି କରୁଥିଲେ।

# ୫୪ ବର୍ଷ ପରେ ଶ୍ୟାଡ଼ୋ ସାପ ଠାବ



**କ୍ୱିଟୋ:** ଦୀର୍ଘ ୫୪ ବର୍ଷ ପରେ ପୁଣି ଜଙ୍ଗଲରେ ଆବିଷ୍କୃତ ହୋଇଛି ଛାୟା ସାପ (ଶ୍ୟାଡ଼ୋ ସ୍ନେକ)। ଦକ୍ଷିଣ ଆମେରିକାର ଇକ୍ୟୁଏଡରର ଜଙ୍ଗଲରେ ଏହି ସାପକୁ ଠାବ କରାଯାଇଛି। ଗତ ପାଞ୍ଚ ଦଶନ୍ଧି ଧରି ଇକ୍ୟୁଏଡରରେ ଏହି ସାପ ଦେଖାଯାଇ ନ ଥିଲା। ଏହି ସାପକୁ ବିପଦ ସଙ୍କୁଳ ପ୍ରଜାତିର ବର୍ଗରେ ରଖାଯାଇଛି। ପ୍ରାଣୀ ବୈଜ୍ଞାନିକ ରସ ମାୟାନାର୍ଡ ଏବଂ ସ୍କଟ ଟ୍ରାଜେଜର ଏହି ବିଲୁପ୍ତ ପ୍ରାୟ ସାପକୁ ଆବିଷ୍କାର କରିଛନ୍ତି। ଉଭୟେ ଇକ୍ୟୁଏଡରର ଆଣ୍ଡେସ ପର୍ବତରେ ଥିବା ରିଓ ମାଣ୍ଟୁରିରୁ ରିଜର୍ଭରେ ୨୦୧୯ରୁ ସରୀସୃପ ଏବଂ ଜୀବଜନ୍ତୁଙ୍କ ଉପରେ ଏକ ସର୍ଭେ କରିଥିଲେ। ତା'ପରେ ସେ ଏହି ସାପଟିକୁ ଦେଖିଲେ। ଏହି ସାପଟି କେବଳ ଇକ୍ୟୁଏଡରର ଜଙ୍ଗଲରେ ଦେଖିବାକୁ ମିଳେ। ଏହି ସାପଟି ପ୍ରଥମେ ୧୯୨୯ ମସିହାରେ ଆମେରିକୀୟ ଜୀବବିଜ୍ଞାନୀ ଚାର୍ଲ୍ସ ଏମ ଫାଗଲରଙ୍କ ଦ୍ୱାରା ଆବିଷ୍କୃତ ହୋଇଥିଲା। ସାଧାରଣ ଭାଷାରେ ଏହାକୁ ଛାୟା ସାପ କୁହାଯାଏ। କାରଣ ଏହା ସାଧାରଣତଃ ଅନ୍ଧାରରେ ରହିଥାଏ। ଇକ୍ୟୁଏଡର୍ ଜଙ୍ଗଲ ବ୍ୟତୀତ ଏହି ସାପଗୁଡିକ କଲମ୍ବିଆରେ ମଧ୍ୟ ଦେଖାଯାଏ। କେତେକ ଜୀବ ବିଜ୍ଞାନୀ କହିଛନ୍ତି, ଏହି ସାପ ମାଛ ଖାଇଥାନ୍ତି। ମାତ୍ର ଏପର୍ଯ୍ୟନ୍ତ କୌଣସି ପ୍ରମାଣ ମିଳିନାହିଁ। ଏହି ବିଷଧର ସାପ ଧୂସର ଏବଂ କଳା ରଙ୍ଗର ଦେଖାଯାଏ।

# ଭରଣପୋଷଣ ଲାଗି ୧ କୋଟି ୨୦ ଲକ୍ଷ

**ବୁନସ୍ ଏୟାର୍ସ:** ଆର୍ଜେଣ୍ଟିନାର ସ୍ଥାନୀୟ କୋର୍ଟ ଜଣେ ବ୍ୟକ୍ତିଙ୍କୁ ତାଙ୍କ ଡିଗ୍ରୀଧାରୀ ସ୍ତ୍ରୀଙ୍କୁ ୨୮ ବର୍ଷ ପର୍ଯ୍ୟନ୍ତ ଘର କାମ କରିବା ନିମନ୍ତେ ୧ କୋଟି ୨୦ ଲକ୍ଷ ଭରଣପୋଷଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଛାଡ଼ପତ୍ର ମାମଲାରେ କୋର୍ଟ ଏହି ରାୟ ପ୍ରକାଶ କରିଛନ୍ତି। କୋର୍ଟଙ୍କ ଅନୁଯାୟୀ, ସଂପୃକ୍ତା ମହିଳାଙ୍କ ନିକଟରେ ଆର୍ଥିକ ସୁବିଧା ନାହିଁ। ଏଥିପାଇଁ ମହିଳା ଜଣକ ଏତେ ପରିମାଣର ଧନରାଶି ସ୍ୱାମୀଙ୍କଠାରୁ ଚାହିଁଥିଲେ। ଏହି ମହିଳାଙ୍କ ନାମ ଏମଏଲଏ। ସେ ଅର୍ଥଶାସ୍ତ୍ରରେ ସ୍ନାତକ କରିଛନ୍ତି। ତାଙ୍କର ବିବାହ ୧୯୮୧ ମସିହାରେ ହୋଇଥିଲା। ବିବାହ ପରେ ସ୍ତ୍ରୀ ସ୍ୱାମୀ ନିଷ୍ପତ୍ତି ନେଇଥିଲେ ସେ ଘର ସମ୍ଭାଳିବେ ଏବଂ ସ୍ୱାମୀ ଚାକିରି କରିବେ। କୌଣସି କାରଣକୁ ନେଇ ବିବାହର ୨୮ ବର୍ଷ ପରେ ୨୦୦୯ରେ ଦୁଇଜଣ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ। ୨୦୧୧ରେ ଦୁହିଁଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଥିଲା। ଇତିମଧ୍ୟରେ ଏମଏଲ୍ଙ୍କ ବୟସ ୬୦ ହେଲାଣି। ପରିଣତ ବୟସରେ ଘର ଚଳାଇବାକୁ ତାଙ୍କ ନିକଟରେ ଅର୍ଥ ନାହିଁ କିମ୍ବା କାହାଘରେ କାମ କରି ପେଟ ପୋଷିବାକୁ ଦେହରେ ଆଉ ବଳ ନାହିଁ। ମାମଲା ପୁଣି ଥରେ କୋର୍ଟରେ ପହଞ୍ଚିଥିଲା। ଏମଏଲ ବିଚାରପତିଙ୍କୁ କହିଛନ୍ତି, ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ। ଏହା ଏକ ଭିନ୍ନ ଧରଣର ମାମଲା। ତେଣୁ ସମସ୍ତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜଜ ଏପରି ରାୟ ଶୁଣାଇଥିବା କହିଛନ୍ତି।




# ପଡ଼ୋଶିନୀଙ୍କୁ ହତ୍ୟା କରି କଲିଜା ରୋଷେଇ କଲେ

**ନ୍ୟୁୟର୍କ:** ଆମେରିକାର ଓକଲାହୋମା ରାଜ୍ୟର ଚିକାଶା ଅଞ୍ଚଳରେ ଜଣେ ବ୍ୟକ୍ତି ପଡୋଶିନୀଙ୍କୁ ହତ୍ୟା କରିବା ପରେ କଲିଜାକୁ ରୋଷେଇ କରି ଖାଇଦେଇଛନ୍ତି। କେବଳ ଏତିକି ନୁହେଁ ନିଜ ପରିବାର ସଦସ୍ୟଙ୍କୁ ମଣିଷ କଲିଜାରେ ଡିଶ୍ ଖୁଆଇବା ପରେ ୨ ଜଣଙ୍କୁ ହତ୍ୟା କରିଥିବା ଅଭିଯୋଗ ଆସିଛି। ଅଭିଯୁକ୍ତଙ୍କ ନାମ ଲରେନ୍ସ ପଲ ଆଣ୍ଡ୍ରେସନ। ଚଳିତ ମାସ ୯ ତାରିଖରେ ପଡୋଶୀ ଆଣ୍ଡ୍ରେଆ ଲିନ୍ନ ବ୍ଲାଙ୍କେନଶିପଙ୍କ ଘରେ ପଶି ତାଙ୍କୁ ହତ୍ୟା କରିଥିଲେ। ଏହାପରେ ଘରକୁ ଫେରି ନିଜ ଅଙ୍କଲ ଓ ନାତୁଣୀଙ୍କୁ ହତ୍ୟା କରିଥିଲେ ୪୨ ବର୍ଷୀୟ ଆଣ୍ଡ୍ରେସନ। ଅଭିଯୁକ୍ତ ଜଣଙ୍କ ନିଜ ଖୁଡିଙ୍କ ଦୁଇ ଆଖିରେ ଛୁରି ଭୁସିଥିଲେ। ତେବେ ସେ ବର୍ତ୍ତି ଯାଇଛନ୍ତି। ପଚରାଉଚରା ବେଳେ ଅଭିଯୁକ୍ତ ଆଣ୍ଡ୍ରେସନ ପଡୋଶିନୀଙ୍କ ଛାତି ଚିରି କଲିଜା ବାହାର କରିବା ପରେ ଆଳୁ ସହ ରୋଷେଇ କରି ଖାଇଯାଇଥିବା ପ୍ରକାଶ କରିଛନ୍ତି।

# ଦୁଇ ସନ୍ତାନ ନୀତି ଉଲ୍ଲଂଘନ କରି ଦଣ୍ଡିତ

**ବେଜିଂ:** ଚାଇନାର ଏକ ଦମ୍ପତି ଚାଇଲ୍ଡ ପଲିସି ବା ଶିଶୁ ନୀତି ଉଲ୍ଲଂଘନ କରି ୭ ପିଲା ଜନ୍ମ କରିବା ସେମାନଙ୍କୁ ଭାରି ପଡ଼ିଛି। ଏହି ଦମ୍ପତି ଦୁଇ ସନ୍ତାନ ପରିବର୍ତ୍ତେ ୭ ସନ୍ତାନ ଜନ୍ମ କରିଥିବାରୁ ୧ ଲକ୍ଷ ୫୫ ହଜାର ଡଲାର ଅର୍ଥାତ୍ ୧ କୋଟିରୁ ଅଧିକ ଟଙ୍କାର ଜରିମାନା ଦେବାକୁ ପଡ଼ିଛି। ୩୪ ବର୍ଷୀୟା ଝାଙ୍ଗ ରଙ୍ଗ୍ରଙ୍ଗ ଏବଂ ୩୯ ବର୍ଷୀୟ ସ୍ୱାମୀଙ୍କଠାରୁ ୫ ପୁଅ ଏବଂ ଦୁଇ ଝିଅ। ଚାଇନାରେ ଦୁଇ ସନ୍ତାନ ଜନ୍ମ କରିବା ନିୟମ ରହିଛି। ଏହାକୁ ଉଲ୍ଲଂଘନ କରିଥିବାରୁ ଦମ୍ପତି ଜରିମାନା ଦେଇଛନ୍ତି। ଝାଙ୍ଗ ଜଣେ ସ୍କିନ କେୟାର। ଜୁଏଲାରି ଏବଂ ଗାର୍ମେଣ୍ଟସ ବ୍ୟବସାୟ କରନ୍ତି। ତାଙ୍କର କମ୍ପାନୀ ଦକ୍ଷିଣ-ପୂର୍ବ ଚାଇନାରେ ରହିଛି। ତେଣୁ ଦୁଇଜଣ ଦୂରରେ ରହୁଥିବାରୁ ସେ ଏକଲାପଣ ଦୂର କରିବା ପାଇଁ ସେ ଅଧିକ ସନ୍ତାନ ଚାହୁଁଥିଲେ। କାରଣ ଝାଙ୍ଗଙ୍କ ସ୍ୱାମୀ ନିଜ ବ୍ୟବସାୟରେ ବାହାରକୁ ଯାଇଥାନ୍ତି। ଏହି ସମୟରେ ଝାଙ୍ଗ ଏକୁଟିଆ ରହିଥାନ୍ତି। ତେଣୁ ବହୁତ କଷ୍ଟରେ ସମୟ କଟିଥାଏ। ତେଣୁ ପିଲାମାନଙ୍କ ସହ ସମୟ କାଟିବା ପାଇଁ ସେ ଅଧିକ ସନ୍ତାନ ଚାହିଁଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ପିଲାମାନଙ୍କ ପାଇଁ ଯୋଜନା କରିବା ପୂର୍ବରୁ ଆମେ ନିଶ୍ଚିତ କରିଥିଲୁ ଯେ, ଆମେ ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ ହୋଇପାରିବୁ। ୧୯୭୯ ମସିହାରେ ଚାଇନା ଏକ ଶିଶୁ ନୀତି ଆରମ୍ଭ କରିଥିଲା। ୨୦୧୫ରେ ୩୬ ବର୍ଷ ପରେ ଏକ ଶିଶୁ ନୀତି ରଦ୍ଦ କରାଯାଇଥିଲା। ଏବେ ଚାଇନାରେ ଦୁଇ ଶିଶୁ ନୀତି ବଳବତ୍ତର ରହିଛି।

## ଆଜି କ'ଣ କେଉଁଠି

**ହିନ୍ଦୋଳ**
- ଅଷ୍ଟପ୍ରହର ନାମଯଜ୍ଞ। ସ୍ଥାନ- ସଞ୍ଜପଡ଼ା। ସମୟ- ସକାଳ ୬ ଟା

**ବଅଁରପାଳ**
- ଦିଲୀପ ମେମୋରିଆଲ କ୍ରିକେଟ ସେମିଫାଇନାଲ। ସ୍ଥାନ- ନାଲ୍କୋ ଷ୍ଟାଡିୟମ। ସମୟ- ପୂର୍ବାହ୍ନ ୧୧ ଟା।

**ଛେଣ୍ଡିପଦା**
- ଶୁଭମ୍ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ। ସ୍ଥାନ- ଖମାର

## ମହିଳାଙ୍କ ମୃତଦେହ ଜବତ

**ହିନ୍ଦୋଳ,୨୬।୨(ଡି.ଏନ.ଏ.):** ପାରିବାରିକ କଳହକୁ ନେଇ ହିନ୍ଦୋଳ ବ୍ଲକ ରାସୋଳ ଥାନା କପି ସାହି ଗ୍ରାମର ବବିତା ସାହୁ (୩୦) ଶୁକ୍ରବାର ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ ଅଭିଯୋଗ କରିଥିବା ବେଳେ ବବିତାଙ୍କ ବାପ ଘର ପକ୍ଷରୁ ଥାନାରେ ହତ୍ୟା ଅଭିଯୋଗ କରାଯାଇଛି। ପୋଲିସ କହିଛି, କପିସାହି ଗ୍ରାମର ଆଲୋକ ସାହୁଙ୍କ ସ୍ତ୍ରୀ ବବିତାଙ୍କ ମୃତଦେହ ଏକ ବନ୍ଦ ଘରୁ ଜବତ କରାଯାଇଛି। ସ୍ୱାମୀ ଆଲୋକଙ୍କ ଅଭିଯୋଗ ଅନୁଯାୟୀ, ବ୍ୟାଙ୍କ ଯିବାକୁ ନେଇ ସ୍ତ୍ରୀଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ସେ ରାସୋଳ ପଳାଇ ଆସିବାର କିଛି ସମୟ ପରେ ବବିତା ଆତ୍ମହତ୍ୟା କରିଥିବା ଖବର ପାଇଥିଲେ। ତେବେ ବାପଘର ପକ୍ଷରୁ ହତ୍ୟା ଅଭିଯୋଗ କରାଯାଇଥିବାରୁ ଏ ନେଇ ପୋଲିସ ତଦନ୍ତ ଜାରି ରଖିଛି।

## ୨ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨୬।୨:** ଅନୁଗୋଳ ଜିଲାରୁ ୨ ଜଣ କରୋନା ପଜିଟିଭ୍ ଶୁକ୍ରବାର ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୨ହଜାର ୩୫୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ୨ ସଂକ୍ରମିତ ଛେଣ୍ଡିପଦା ବ୍ଲକର। ଅନ୍ୟପକ୍ଷରେ ଦିନକରେ ଜିଲାରୁ ଜଣେ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଅଂଶୁଘାତରେ ବୃଦ୍ଧାଙ୍କ ମୃତ୍ୟୁ ସନ୍ଦେହ

**ଛେଣ୍ଡିପଦା,୨୬।୨(ସ୍ୱ.ପ୍ର):** ଛେଣ୍ଡିପଦା ଥାନା ଶିମିଳିପାଳ ପଞ୍ଚାୟତ ଖଜୁରିଆମୁଣ୍ଡା ନିକଟସ୍ଥ ଅଲେଖପୁର ଗ୍ରାମର ଦିନବନ୍ଧୁ ବେହେରା (୬୫)ଙ୍କ ଗୁରୁବାର ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ସନ୍ଦେହ କରାଯାଉଛି। ଦିନବନ୍ଧୁ ସଂକୀର୍ତ୍ତନ ସାରି ଫେରୁଥିବାବେଳେ ବାଟରେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସାଥୀ କଳାକାରମାନେ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଛେଣ୍ଡିପଦା ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ଶ୍ରେଷ୍ଠ ଛାତ୍ରୀଛାତ୍ର ପୁରସ୍କୃତ

**ଛେଣ୍ଡିପଦା,୨୬।୨(ସ୍ୱ.ପ୍ର.):** ଛେଣ୍ଡିପଦା ବାପୁଜୀ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କ ପାଇଁ ମହାବିଦ୍ୟାଳୟ ଅଧକ୍ଷ ରବୀନ୍ଦ୍ରନାଥ ନାୟକଙ୍କ ଅଧକ୍ଷତାରେ ଗୁରୁବାର ଏକ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ୨୦୧୯-୨୦ ଶିକ୍ଷା ବର୍ଷର ଇଂରାଜୀ ସ୍ନାତକରେ ଶ୍ରେଷ୍ଠ ଶିବାନନ୍ଦ ସାହୁ, ଇତିହାସ ସ୍ନାତକରେ ଶିଲି ସାହୁ ଓ ବାଣିଜ୍ୟ ସ୍ନାତକରେ ଟିକି ଦେହୁରୀଙ୍କୁ ପୁରସ୍କୃତ କରାଯାଇଥିଲା। ଇଂରାଜୀ ବିଭାଗ ମୁଖ୍ୟ ମୁରଲୀଧର ପ୍ରେମନାଥ ନାୟକ, ଇତିହାସ ବିଭାଗ ମୁଖ୍ୟ ଡକ୍ଟର ରମାମଞ୍ଜରୀ ଗଡନାୟକ ଓ ବାଣିଜ୍ୟ ବିଭାଗର ମୁଖ୍ୟ ତଥା ଅଧକ୍ଷ ନାୟକ ଏହି ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର ବଳରାମ ସାହୁ, ପ୍ରାଧ୍ୟାପକ ଚନ୍ଦ୍ର ଶେଖର ପଟ୍ଟନାୟକ, ପ୍ରଦୀପ କୁମାର କର, ବସନ୍ତ ପାଣିଗ୍ରାହୀଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ମା' ଜଙ୍ଗଲେଶ୍ୱରୀଙ୍କ ମନ୍ଦିର ପ୍ରତିଷ୍ଠା

**ଛେଣ୍ଡିପଦା,୨୬।୨(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ଜରପଡା ରେଞ୍ଜ କାର୍ଯ୍ୟାଳୟ ପରିସରରେ ଗୁରୁବାର ମା' ଜଙ୍ଗଲେଶ୍ୱରୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜରପଡା ବନବିଭାଗ ପକ୍ଷରୁ ଆୟୋଜିତ ଏହି ପ୍ରତିଷ୍ଠା ଉତ୍ସବରେ ଜେରଙ୍ଗ ଦେହୁରୀ ସାହି, ଜରପଡା, ଦୁର୍ଗାପୁର, ଡୁକୁଡା, ଓଗୀ ଏବଂ ପରା ଗ୍ରାମର ଲୋକମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ନିମନ୍ତ୍ରିତ ଅତିଥିଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ବହୁ ସଂକୀର୍ତ୍ତନ ମଣ୍ଡଳୀ ହରିନାମ ପରିବେଷଣ କରିଥିଲେ। କରୋନା ସମୟରେ ଏତେ ସଂଖ୍ୟକ ଲୋକଙ୍କ ସମାଗମ କରାଯାଇଥିଲେ ମଧ କଟକଣା ଠିକ୍ ଭାବେ ପାଳନ କରାଯାଇ ନ ଥିବା ଅଭିଯୋଗ ହୋଇଛି।

# ଭିନ୍ନ ରହିବେନି ଭିନ୍ନକ୍ଷମ

**ଅମିତ କୁମାର ସାମଲ**
**ଅନୁଗୋଳ ଅଫିସ, ୨୬।୨**




- ଅନୁଗୋଳରେ ନିର୍ମାଣ ହେଉଛି ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର
- କମ୍ପ୍ୟୁଟର ଯୋଗେ ତିଆରି, ଲଗାଯିବ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ
- ମାର୍ଚ୍ଚ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ କରାଯିବା ଲକ୍ଷ୍ୟ

ଜନ୍ମରୁ ହେଉ ଅବା ରୋଗ କି ଦୁର୍ଘଟଣା, ବିଭିନ୍ନ କାରଣରୁ ଭିନ୍ନକ୍ଷମ ହୋଇଯାଇଥିବା ବ୍ୟକ୍ତିଙ୍କୁ ଶାରୀରିକ ଭାବେ ସକ୍ଷମ କରାଯିବ। କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଲଗାଇ ସେମାନଙ୍କୁ ସାଧାରଣଙ୍କ ପରି ଜୀବନ ଅତିବାହିତ ପାଇଁ ସୁଯୋଗ ଦିଆଯିବ। ଏଥିନିମନ୍ତେ ସରକାରଙ୍କ ପକ୍ଷରୁ ଅନୁଗୋଳ ଜିଲାରେ ସ୍ଥାପନ କରାଯାଉଛି ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର। ଭୁବନେଶ୍ୱର ଓ ସୁନ୍ଦରଗଡ଼ ପରେ ଏହା ରାଜ୍ୟର ୩ୟ କେନ୍ଦ୍ରର ମାନ୍ୟତା ପାଇବାକୁ ଯାଉଛି। ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ନଚେତ୍ ଏପ୍ରିଲ ପ୍ରଥମ ସପ୍ତାହରେ ଏହି କେନ୍ଦ୍ର କାର୍ଯ୍ୟକ୍ଷମ କରାଯାଇ ଭିନ୍ନକ୍ଷମଙ୍କୁ ସକ୍ଷମ କରାଯିବା ଉଦ୍ୟମ ଆରମ୍ଭ କରିବାକୁ ଅନୁଗୋଳ ଜିଲା ପ୍ରଶାସନ ଲକ୍ଷ୍ୟ ରଖିଛି।

ଅନୁଗୋଳ ସହରସ୍ଥିତ କଦମ ପଡ଼ିଆ ସମ୍ମୁଖରେ ଥିବା ଜିଲା ସାମାଜିକ ସୁରକ୍ଷା ସଶକ୍ତୀକରଣ ବିଭାଗ କାର୍ଯ୍ୟାଳୟରେ ଏହି ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର ସ୍ଥାପନ କରାଯିବ। ଏ ନେଇ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହାକୁ ବି.ଆର୍. ବାୟୋମେଡିକାଲ ପ୍ରାଇଭେଟ୍ ଲିମିଟେଡ୍ ପରିଚାଳନା କରିବ ବୋଲି ପ୍ରଶାସନ ପକ୍ଷରୁ ଚୁକ୍ତି କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ୬ଟି ଗୃହ ନିର୍ମାଣ କରାଯାଉଥିବାବେଳେ ୨ଟି ଗୃହରେ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ତିଆରି କରାଯିବ। ଅବଶିଷ୍ଟ ୪ ରୁମ୍‌ରେ ରୋଗୀଙ୍କୁ ଚିକିତ୍ସାସେବା ଯୋଗାଇ ଦିଆଯିବ। ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହେବା ପରେ ଭିନ୍ନକ୍ଷମଙ୍କୁ ଆତ୍ମନିର୍ଭରଶୀଳ କରାଯିବାକୁ ତ୍ୱରିତ ପଦକ୍ଷେପ ନିଆଯିବ। ସେମାନେ ଯେପରି ଆଉ କାହା ଉପରେ ବୋଝ ହୋଇ ରହିବେ ନାହିଁ ଓ ତଜ୍ଜନିତ ମାନସିକ ଚିନ୍ତାରୁ ମୁକ୍ତି ପାଇବେ ସେ ଦିଗରେ ଉଦ୍ୟମ କରାଯିବ। ଏପରିକି ଭିନ୍ନକ୍ଷମଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା ପ୍ରଦାନ କରାଯିବ। ଏପରି କି ଯାତାୟାତ ବାବଦ ଖର୍ଚ୍ଚ ମଧ ସରକାର ବହନ କରିବେ। ସେହିପରି ଭିନ୍ନକ୍ଷମଙ୍କ ଶରୀରରେ ଲାଗିବାକୁ ଥିବା କୃତ୍ରିମ ଅଙ୍ଗର ମାପ କମ୍ପ୍ୟୁଟର ମାଧ୍ୟମରେ ନିଆଯିବ। ଫଳରେ ଏ ନେଇ ଭବିଷ୍ୟତରେ ସେମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ)ରୁ ଏଥିପାଇଁ ଅର୍ଥ ମଞ୍ଜୁର କରାଯାଇଛି। ପାଖାପାଖି ୧୯ କୋଟି ଟଙ୍କା ମଧ୍ୟରୁ ୧୨ କୋଟି ଟଙ୍କା ଯନ୍ତ୍ରାଂଶ କିଣିବାରେ ବ୍ୟୟ କରାଯିବାକୁ ଧାର୍ଯ୍ୟ କରାଯାଇଥିବାବେଳେ ଭିତ୍ତିଭୂମି ଓ ରକ୍ଷଣାବେକ୍ଷଣାରେ ଅବଶିଷ୍ଟ ଟଙ୍କା ଖର୍ଚ୍ଚ କରାଯିବ। ସେହିପରି ସ୍ନାୟୁଜନିତ ରୋଗରେ ପୀଡ଼ିତଙ୍କୁ ଏଠାରେ ରୋବୋଟିକ୍ସ ଥେରାପି ପ୍ରଦାନ କରାଯିବ। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ପ୍ରତିଶ୍ରୁତି ଅନୁଯାୟୀ ଅନୁଗୋଳରେ ଏହି ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର ନିର୍ମାଣ ହେଉଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ଖୁବ୍‌ଶୀଘ୍ର ମିଳିବ ସେବା



"ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏହି ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର ନିର୍ମାଣ କରାଯାଉଛି। ବିଦେଶରୁ ଆସୁଥିବା ଅତ୍ୟାଧୁନିକ ଯନ୍ତ୍ରାଂଶ ଲାଗିବା ପରେ ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହେବ। ଢେଙ୍କାନାଳ, ବୌଦ୍ଧ, ଦେବଗଡ଼ ଜିଲାର ଭିନ୍ନକ୍ଷମଙ୍କୁ ମାଗଣାରେ ସେବା ଯୋଗାଇ ଦିଆଯିବ। କିନ୍ତୁ କୃତ୍ରିମ ଅଙ୍ଗ କିମ୍ବା ହ୍ୱିଲ ଚେୟାର ବାବଦରେ କେତେ ଶୁଳ୍କ ନିଆଯିବ ସେ ନେଇ ନିଷ୍ପତ୍ତି ହୋଇନାହିଁ।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ

### ସ୍ନାୟୁ ରୋଗୀଙ୍କ ଥେରାପି ହେବ



"ଏହି କେନ୍ଦ୍ରରେ କେବଳ ଭିନ୍ନକ୍ଷମ ନୁହନ୍ତି, ସ୍ନାୟୁ ଜନିତ ରୋଗୀଙ୍କୁ ଥେରାପି ବ୍ୟବସ୍ଥା କରାଯିବ। ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଛି। ଏକ ଏଜେନ୍ସି ଦ୍ୱାରା ଏହାର ପରିଚାଳନା କରିବାକୁ ସ୍ଥିର କରାଯାଇଛି। ଏହି ସେବା ଆରମ୍ଭ ହେଲେ ଅନୁଗୋଳ ସହ ଅନ୍ୟ ଜିଲାର ଭିନ୍ନକ୍ଷମମାନେ ସୁବିଧା ପାଇବେ।

-ମାଧବ ଚନ୍ଦ୍ର ବରାଡ଼, ଜିଲା ସାମାଜିକ ସୁରକ୍ଷା ଅଧିକାରୀ

### ଭିନ୍ନକ୍ଷମଙ୍କ ପାଇଁ ବିଦ୍ୟାଳୟ ହେଉ



"ଭିନ୍ନକ୍ଷମଙ୍କ ପାଇଁ ସୁବିଧା କରିବା ଭଳି ପୁନର୍ବାସ କେନ୍ଦ୍ରର ବ୍ୟବସ୍ଥା ପୂର୍ବରୁ ଅନୁଗୋଳରେ ନ ଥିଲା। ଏବେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏପରି ଏକ କେନ୍ଦ୍ର ଖୋଲାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ଅନୁଗୋଳ ସହ ଅନ୍ୟ ଜିଲାର ଭିନ୍ନକ୍ଷମମାନେ ଉପକୃତ ହୋଇପାରିବେ। ଭିନ୍ନକ୍ଷମ ବିଦ୍ୟାଳୟଟିଏ ହେଲେ ଆହୁରି ଭଲ ହୁଅନ୍ତା।

-ସୁଶ୍ରୀସଙ୍ଗୀତା ମହାନ୍ତି, ଅନୁଗୋଳ

### ଖର୍ଚ୍ଚାନ୍ତରୁ ମୁକ୍ତି ମିଳିବ



"ଅଙ୍ଗ ହରାଇଥିବା ବ୍ୟକ୍ତି ବହୁ ମାନସିକ ଚାପରେ ଥାନ୍ତି। କୃତ୍ରିମ ଅଙ୍ଗ ଲଗାଇ ସାଧାରଣଙ୍କ ପରି ହେବାକୁ ସେମାନେ ବାହାରକୁ ଯାଇ ବହୁ ଅର୍ଥ ଖର୍ଚ୍ଚ କରିଥାନ୍ତି। ଅନୁଗୋଳରେ ଏହି ସୁବିଧା ଭିନ୍ନକ୍ଷମଙ୍କୁ ଯୋଗାଇ ଦିଆଯିବା ନିଶ୍ଚିତ ଉତ୍ତମ ବ୍ୟବସ୍ଥା। ଏହାଦ୍ୱାରା ଜିଲାର ଭିନ୍ନକ୍ଷମମାନେ ସେହି ଖର୍ଚ୍ଚାନ୍ତରୁ ରକ୍ଷା ପାଇବେ। ହାଇଟେକ ମେଶିନ ବିଦେଶରୁ ଆସୁଥିବାରୁ ଲୋକମାନେ ଏଠାରେ ଉତ୍ତମ ସେବା ପାଇପାରିବେ।

-ପ୍ରତାପ ମହାପାତ୍ର, ଅନୁଗୋଳ

## ୬୦ ଜଣଙ୍କୁ ଠକେଇ, ଦମ୍ପତିଙ୍କ ସହ ୩ ଗିରଫ

**ଅନୁଗୋଳ ଅଫିସ, ୨୬।୨**

ଚାକିରି ଦେବା ନାମରେ ୬୦ ଜଣଙ୍କୁ ଠକେଇ ଅଭିଯୋଗରେ ଦମ୍ପତିଙ୍କ ସମେତ ମୋଟ ୩ ଜଣଙ୍କୁ ଅନୁଗୋଳ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅନୁଗୋଳ ଏସ୍‌ପିଙ୍କ ନିକଟରେ ଏ ନେଇ ଅନ୍‌ଲାଇନ୍‌ରେ ଅଭିଯୋଗ ପରେ ପୋଲିସ ନଂ. ୧୧୪/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଅନୁଗୋଳ ଥାନା ଅଞ୍ଚଳରେ ଥିବା ରାଜକିଶୋରପଡ଼ାର ରଞ୍ଜନ ତ୍ରିପାଠୀ, ତାଙ୍କ ସ୍ତ୍ରୀ ମିତାଲି ତ୍ରିପାଠୀ ଓ ରେଙ୍ଗାଲି ଡ୍ୟାମ୍ ସାଇଟ୍ ଥାନା ଅଞ୍ଚଳର ରଞ୍ଜନ କୁମାର ସାହୁ ବୋଲି ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଅନୁଗୋଳରେ ଏକ କମ୍ପାନୀରେ ଚାକିରି କରାଇ ଦେବା ନାମରେ କିଛି ଦିନ ତଳେ ବିଜ୍ଞାପନ ଦିଆଯାଇଥିଲା। ଏହି ବିଜ୍ଞାପନ ବାହାରିବା ପରେ ଅନୁଗୋଳ ଓ ବାହାର ଜିଲାର ଯୁବତୀ ଯୁବକମାନେ ମେଲ୍ ଆଇଡି ଓ ଫୋନ୍‌ରେ ଯୋଗାଯୋଗ କରିଥିଲେ। ତେବେ ଚାକିରି ଦେବା ନାମରେ ଇଚ୍ଛୁକ ପ୍ରାର୍ଥୀଙ୍କ ନିକଟରୁ ଟଙ୍କା ନିଆଯାଉଥିଲା। ଏ ନେଇ ଅନୁଗୋଳ ଏସ୍‌ପିଙ୍କ ନିକଟରେ ଅଭିଯୋଗ ହେବା ପରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ତାହାର ତଦନ୍ତ ଚାଲିଥିବା ବେଳେ ଗିରଫ ଅଭିଯୁକ୍ତମାନଙ୍କ ଆକାଉଣ୍ଟ ଫ୍ରିଜ୍ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଦଳ ଛାଡ଼ିଲେ ଅନୁଗୋଳ କଂଗ୍ରେସ ସଭାନେତ୍ରୀ

**ଅନୁଗୋଳ ଅଫିସ, ୨୬।୨**



ସବିତା ରାଣୀ ଧୀର।

- ଜିଲା ସଭାପତି କୋଣଠେସା କରି ରଖିଥିଲେ
- ପଦକ୍ଷେପ ନେଲେନି ରାଜ୍ୟ ନେତୃବୃନ୍ଦ
- ପିସିସିକୁ ଚିଠି ଲେଖି ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା

ଅନୁଗୋଳ ଜିଲା କଂଗ୍ରେସରେ ଗୋଷ୍ଠୀ ବିବାଦ ପଦାରେ ପଡ଼ିଛି। ଦଳୀୟ ନେତୃବୃନ୍ଦଙ୍କ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ରାଣୀ ଧୀର ଶୁକ୍ରବାର ଦଳ ଛାଡ଼ିବା ଅନୁଗୋଳ ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରଦେଶ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ଓ ପ୍ରଦେଶ କଂଗ୍ରେସ କମିଟିକୁ ଏକ ଚିଠି ଲେଖି ଜିଲା ସଭାନେତ୍ରୀ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ପ୍ରେସ୍ ବିବୃତିରେ ଜଣାଇଛନ୍ତି। କାରଣ ସମ୍ପର୍କରେ ସେ ଦର୍ଶାଇଛନ୍ତି, ୨୦୧୫ ମସିହାରୁ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ଜିଲାରେ ମହିଳା ସଙ୍ଗଠନକୁ ଅଧିକରୁ ଅଧିକ କ୍ରିୟାଶୀଳ ଓ ସଂଗଠିତ କରିବା ପାଇଁ ଚେଷ୍ଟା କରିଥିଲେ। ତେବେ ଜିଲା ସଭାପତି ବିପ୍ଳବ ଜେନାଙ୍କ ଅହେତୁକ ହସ୍ତକ୍ଷେପ ଯୋଗୁ ସେ କୌଣସି କାର୍ଯ୍ୟ ସୂଚାରୁ ରୂପେ କରିପାରୁ ନ ଥିଲେ। ଏହା ତାଙ୍କୁ ମାନସିକ ସ୍ତରରେ ଦୁର୍ବଳ କରୁଥିବାରୁ ସଙ୍ଗଠନକୁ ମଜଭୁତ କରିବା କାର୍ଯ୍ୟ ତାଙ୍କ ପାଇଁ ଅଧିକ କଷ୍ଟସାଧ ହୋଇ ପଡୁଥିଲା। ଜିଲାରେ ହେଉଥିବା ବିଭିନ୍ନ ସଭାସମିତିକୁ ତାଙ୍କୁ ନିମନ୍ତ୍ରଣ କରାଯାଉ ନ ଥିଲା। ଅନ୍ୟ ଗୋଷ୍ଠୀ ତାଙ୍କୁ କୌଣସି କାର୍ଯ୍ୟକ୍ରମକୁ ଡାକିଲେ ଜିଲା ସଭାପତିଙ୍କ ପକ୍ଷରୁ ଏଥିପାଇଁ ତାଗିଦ୍ କରାଯାଉଥିଲା। ଏ ସମ୍ପର୍କରେ ସେ ବାରମ୍ବାର ପ୍ରଦେଶ କଂଗ୍ରେସ କମିଟି ସଭାପତି ଓ ପ୍ରଦେଶ ମହିଳା ସଭାନେତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ତେଣୁ ହତୋତ୍ସାହ ହୋଇ ଦଳ ଛାଡ଼ିଥିବା ସବିତାରାଣୀ ଧୀର ଜଣାଇଛନ୍ତି। ବର୍ତ୍ତମାନ ସେ ଅନ୍ୟ କେଉଁ ଦଳରେ ଯୋଗଦେବେ ନାହିଁ ବୋଲି ମଧ ସ୍ପଷ୍ଟ କରିଛନ୍ତି। ତେବେ ଲୋକଙ୍କ ପାଇଁ ସେ ଯେପରି ପୂର୍ବରୁ କାର୍ଯ୍ୟ କରୁଥିଲେ ତାହା ଏବେ ବି ଜାରି ରଖିବେ ବୋଲି ଧୀର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜିଲା କଂଗ୍ରେସ କମିଟି ସଭାପତି ବିପ୍ଳବ ଜେନା କହିଛନ୍ତି, ସବିତାରାଣୀ ଦଳ ବିରୋଧୀ କାର୍ଯ୍ୟ କରୁଥିଲେ। ତେଣୁ ତାଙ୍କୁ ନିଲମ୍ବନ ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କୁ ବହୁ ପୂର୍ବରୁ ଅବଗତ କରାଯାଇଥିଲା।

## ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ

**ଛେଣ୍ଡିପଦା,୨୬।୨(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମରେ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ପରିବେଷଣ କରିଥିଲେ। ସକାଳେ ଗ୍ରାମର ଶତାଧିକ ମହିଳା କଳସଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ମଣ୍ଡପରେ କଳସ ସ୍ଥାପନ କରିଥିଲେ। ପଣ୍ଡିତ ଉମେଶ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ପୂଜା କାର୍ଯ୍ୟ ସମ୍ପାଦିତ ହୋଇଥିଲା। କର୍ତ୍ତା ଭାବେ କୋଶଳା ଗ୍ରାମ ସଭାପତି ବ୍ରଜବନ୍ଧୁ ସାହୁ ଯୋଗ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ କୋଭିଡ ନିୟମକୁ କଡାକଡି ଭାବେ ପାଳନ କରାଯାଇଥିଲା। ମନ୍ଦିର କମିଟି ସଭାପତି ତଥା ବିଧାୟକ ସୁଶାନ୍ତ କୁମାର ବେହେରା, ଗ୍ରାମ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ, ମନ୍ଦିର କମିଟି କର୍ମକର୍ତ୍ତା, ସାମାଜିକ କର୍ମୀ ଓ ଯୁବଗୋଷ୍ଠୀ ସାମିଲ ହୋଇଥିଲେ।

# ମାଘମେଳା ସମାପନ



ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

**ତାଳଚେର,୨୬।୨(ନି.ପ୍ର.)**

ତାଳଚେର ବ୍ଲକ ହେଁସମୂଳ ଗ୍ରାମ ଯଦୁମଣିପୁର ଶବରସାହିରେ ୫ମ ବାର୍ଷିକ ମାଘ ମେଳା କୋଭିଡ୍ କଟକଣା ମଧ୍ୟରେ ସମାପନ ହୋଇଛି। ନିକଟସ୍ଥ ବଙ୍ଗାରୁ ନାଳରୁ ବହୁ ମହିଳା କଳସରେ ପାଣି ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ସେହିପରି ୧୫ଟି ମହିଳା ସଂକୀର୍ତ୍ତନ ଦଳ ନାମ ପରିବେଷଣ କରିଥିଲେ। ଅତିଥି ଭାବେ ହେଁସମୂଳ ସରପଞ୍ଚ ଦିଲୀପ ଦେହୁରୀ, ଶେଫାଳି ବଳ, ବିଧାୟକଙ୍କ ପ୍ରତିନିଧି ଆଶିଷ ପ୍ରଧାନ, ପଦ୍ମାବତୀପୁର ସରପଞ୍ଚ ଖୁଲଣା ପରିଡ଼ା, ଉପଦେଷ୍ଟା ତଥା ସାମାଜିକ କର୍ମୀ ସଞ୍ଜୟ କୁମାର ଜାଲ, ଗ୍ରାମ ସଭାପତି ପ୍ରାଣବନ୍ଧୁ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମର ୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ଏଥିରେ ସହଯୋଗ କରିଥିଲେ। ଅଖିଳ ନାହାକ, ଚତୁର୍ଭୁଜ ବେହେରା, କବି ବେହେରା, ଭଜମନ ନାହାକ, ସଞ୍ଜୟ ବେହେରା, ବୀରେନ୍ଦ୍ର ପରିଡ଼ା, ଅଭୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ବନ୍ତଲା କଲେଜ ପ୍ରତିଷ୍ଠାତାଙ୍କ ପରଲୋକ

**ବନ୍ତଲା,୨୬।୨(ଡି.ଏନ.ଏ.)**

ବନ୍ତଲା କଲେଜର ପ୍ରତିଷ୍ଠାତା ତଥା ଅବସରପ୍ରାପ୍ତ ଅଧକ୍ଷ ବଂଶୀଧର ପ୍ରଧାନ(୭୦)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଶୁକ୍ରବାର ସକାଳେ ତାଙ୍କ ମରଶରୀରକୁ ଅନୁଗୋଳ ଶିମିଳିପଡାସ୍ଥିତ ବାସଭବନକୁ ଅଣାଯିବା ପରେ ଦୁର୍ଗା ପ୍ରଧାନ, ମହେଶ ସାହୁ, ଦିନେଶ ଦେହୁରୀ, ସୁରେଶ ପ୍ରଧାନ, ହେମନ୍ତ ମହାଳିକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ଜିଲା କଂଗ୍ରେସ ଭବନକୁ ନିଆଯାଇଥିଲା। ସେଠାରେ ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନାଙ୍କ ସହିତ ବହୁ ବରିଷ୍ଠ କଂଗ୍ରେସ ନେତା ଓ କର୍ମୀଙ୍କ ଉପସ୍ଥିତିରେ ଦଳୀୟ ପତାକା ଘୋଡାଯାଇ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ପରେ ତାଙ୍କ ମରଶରୀରକୁ ବନ୍ତଲା ମହାବିଦ୍ୟାଳୟକୁ ନିଆଯାଇଥିଲା। ପୋକତୁଙ୍ଗା ଠାରେ ବ୍ଲକ ଚେୟାରମ୍ୟାନ ନିରଞ୍ଜନ ଦେହୁରୀ, ପୁପୁନ ପ୍ରଧାନ, ବୁଲା ସାହୁ, ପ୍ରଭାତ ପ୍ରଧାନ, ସରୋଜ ଜେନା, କଂଗ୍ରେସ ନେତ୍ରୀ ସସ୍ମିତା ବେହେରା, ହରିହର ସାହୁ, ଗିରିଶ ପ୍ରଧାନ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେଠାରୁ କରତପଟା, ବ୍ରହ୍ମପୁର ଦେଇ ତାଙ୍କ ପୈତୃକ ଗ୍ରାମ ନନ୍ଦପୁର ବାସଭବନକୁ ନିଆଯାଇ ଗ୍ରାମ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିଲା। ପୁଅ ସୀତାଂଶୁ ପ୍ରଧାନ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ସମୟରେ ଦୁଇ ଝିଅ, ଜ୍ୱାଇଁ, ସ୍ତ୍ରୀ, ଭାଇ, ପୁତୁରା, ଝିଆରୀ ପ୍ରମୁଖ ଉପସ୍ଥିତ ଥିଲେ। ବଂଶୀଧର ଦୁଇଥର ବ୍ଲକ ଚେୟାରମ୍ୟାନ ନିର୍ବାଚିତ ସହ ବନ୍ତଲା ମହାବିଦ୍ୟାଳୟ, ବନ୍ତଲା ବାଳିକା ଉଚ୍ଚ ବିଦ୍ୟାଳୟ, ପୋକତୁଙ୍ଗା ଉଚ୍ଚ ବିଦ୍ୟାଳୟ, ସାରୁଆଳି, ରାଜନଗର, ହିଣ୍ଡିସିଙ୍ଗ, ପମ୍ପାସର, ମାଣିକଯୋଡି, ବେତର, ଶରଧାପୁର, ସିଙ୍ଗିକୋଇଲି, କନ୍ଧକୋଇଲି, କଟରଙ୍ଗ ଆଦି ବହୁ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଥିଲେ। ତାଙ୍କ ମୃତ୍ୟୁ ଖବର ଶୋକର ଛାୟା ଖେଳାଇଦେଇଛି।




ବନ୍ତଲା ହାଇସ୍କୁଲଠାରେ ପହଞ୍ଚିଥିବା ଶୋଭାଯାତ୍ରା।

## ଟଙ୍କା ଲୁଟ୍ ଅଭିଯୋଗରେ ୨ ଗିରଫ

**ବଇଣ୍ଡା,୨୬।୨(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ଖମାର ପୋଲ ନିକଟରେ ଗୁରୁବାର ବଇଣ୍ଡା ଅଞ୍ଚଳର ଏକ ଘରୋଇ ସଂସ୍ଥାର ଶାଖା ପରିଚାଳକ ପ୍ରଶାନ୍ତ ନାୟକଙ୍କୁ ୩ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ୧୮ ହଜାର ୧୦୦ ଟଙ୍କା ଲୁଟି ନେଇଥିଲେ। ଏହି ଅଭିଯୋଗର ତଦନ୍ତ କରୁଥିବା ଠାକୁରଗଡ ପୋଲିସ ଶୁକ୍ରବାର ଢେଙ୍କାନାଳ ଟାଉନ ଥାନା କଣ୍ଟାନାଳି ଗ୍ରାମର ରାକେଶ ଦେହୁରୀ ଏବଂ ସଦର ଥାନା ରାଇଡିହ ଗ୍ରାମର ବିପିନ ନାୟକଙ୍କୁ ଗିରଫ କରିଛି। ନଂ. ୫୩/୨୧ ମାମଲାରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ପ୍ରଶାନ୍ତ ହେମାମୁର ଅଞ୍ଚଳରୁ କିସ୍ତି ଟଙ୍କା ସଂଗ୍ରହ କରି ବଇଣ୍ଡା ଫେରୁଥିବାବେଳେ ରାକେଶ, ବିପିନ ଓ ତାଙ୍କର ଆଉ ଜଣେ ସହଯୋଗୀ ଟଙ୍କା ଲୁଟି ନେଇଥିଲେ। ୨ ଲୁଟେରାଙ୍କୁ ଅନ୍ତୁଳିଆ ନିକଟସ୍ଥରୁ ଗିରଫ କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଟଙ୍କାକୁ ଧରି ଫେରାର ହୋଇଯାଇଥିବା ପୋଲିସ କହିଛି।

# ୧୨ ଘଣ୍ଟିଆ ବନ୍ଦ ସଫଳ



ଅନୁଗୋଳ ସହରରେ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ବନ୍ଦ ରହିଛି।

**ଅନୁଗୋଳ ଅଫିସ, ୨୬।୨**

ଜିଏସ୍‌ଟି ସରଳୀକରଣ ଦାବିରେ ବ୍ୟବସାୟୀ ସଂଘ ପକ୍ଷରୁ ଶୁକ୍ରବାର ଦିଆଯାଇଥିବା ଭାରତ ବନ୍ଦ ଡାକରାର ପ୍ରଭାବ ଅନୁଗୋଳରେ ଦେଖିବାକୁ ମିଳିଛି। ଏଥିଯୋଗୁ ସକାଳୁ ସନ୍ଧ୍ୟା ଯାଏ ଜିଲାର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ଏପରି କି ସର୍ବଦା ଚଳଚଞ୍ଚଳ ଅନୁଗୋଳ ବଜାର ଜନଶୂନ୍ୟ ହୋଇପଡ଼ିଥିଲା। ଏଥିଯୋଗୁ ଜିଲାରେ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାରବାର ବନ୍ଦ ହୋଇଥିବା ସୂଚନା ମିଳିଛି। ବ୍ୟବସାୟୀମାନେ କହିଛନ୍ତି ଯେ, ଜିଏସ୍‌ଟି ଲାଗୁ ପରଠାରୁ ଦୁଇ ଥର ଟିକସ ଦେବାକୁ ପଡୁଛି। ଏଥିସହ ଅନ୍‌ଲାଇନ୍ ବ୍ୟବସାୟୀଙ୍କ ଉପରେ ସରକାର କୌଣସି ନିର୍ଦ୍ଦିଷ୍ଟ ଆଇନ ପ୍ରବର୍ତ୍ତନ କରିନାହାନ୍ତି। ଫଳରେ ଅଫ୍‌ଲାଇନ୍ ବ୍ୟବସାୟୀଙ୍କ ଉପରେ ଏହାର ପ୍ରଭାବ ପଡୁଛି। ଖାଦ୍ୟ ନିରାପତ୍ତାମାନ ଆଇନ୍ (ଫେସି)ରେ ପ୍ରତ୍ୟକ ବର୍ଷ ନୂତନ ଭାବେ ଅନୁମତିକୁ ମଧ ବିରୋଧ କରାଯାଇଛି। ଏ ନେଇ ଅନୁଗୋଳ ଶାଖା ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦ ସକାଳ ୬ଟାରୁ ଆରମ୍ଭ ହୋଇଥିବାବେଳେ ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା। ଏହାପରେ ସହରର ବ୍ୟବସାୟୀମାନେ ଦୋକାନ ଖୋଲିଥିବା ଦେଖିବାକୁ ମିଳିଥିଲା। ମୋଟାମୋଟି ଭାବେ ବନ୍ଦ ଶାନ୍ତିପୂର୍ଣ୍ଣ ଥିଲା। ସେହିପରି ବ୍ୟବସାୟୀ ସଂଘ ଆହ୍ୱାନ କ୍ରମେ ଆଠମଲ୍ଲିକରେ ବନ୍ଦ ସଫଳ ହୋଇଛି। ଆଠମଲ୍ଲିକର ଦୁର୍ଗା ବଜାର, ଗଣେଶ, ଲକ୍ଷ୍ମୀନାରାୟଣ, ବସ୍‌ଷ୍ଟାଣ୍ଡ, ଗାନ୍ଧୀ ଛକ, ମାହେଶ୍ୱରୀ ଛକରେ ଦୋକାନ ବନ୍ଦ ରହିଥିଲା। ସେହିପରି ଦୈନିକ ହାଟ ସହ ବସ୍ ଚଳାଚଳ ମଧ ହୋଇ ନ ଥିଲା।

## ସଂକ୍ଷେପରେ

### ଷ୍ଟାର୍ଟଅପ୍ ପାଇଁ ଅଭିନବ ପ୍ରଡକ୍ଟ ଆଣନ୍ତୁ ବ୍ୟାଙ୍କ: ମୋଦି

**ନୂଆଦିଲ୍ଲୀ,୨୬।୨:** ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାରେ ବାଣିଜ୍ୟ ସଂସ୍ଥାଗୁଡ଼ିକୁ ଋଣ ଯୋଗାଣର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କହିଛନ୍ତି। ଷ୍ଟାର୍ଟଅପ୍ ଏବଂ ଫିନ୍‌ଟେକ୍‌ଗୁଡିକ ଲାଗି ଅଭିବନ ପ୍ରଡକ୍ଟ ଆଣିବାକୁ ପ୍ରଧାନମନ୍ତ୍ରୀ ବ୍ୟାଙ୍କଗୁଡିକୁ ଆହ୍ୱାନ ଜଣାଇଛନ୍ତି। ସରକାର ଘରୋଇ କ୍ଷେତ୍ରକୁ ଉତ୍ସାହିତ କରିବା ନେଇ ପ୍ରୟାସ ଜାରି ରଖିଥିଲେ ମଧ ରାଷ୍ଟ୍ରାୟତ୍ତ କ୍ଷେତ୍ର ବ୍ୟାଙ୍କିଙ୍ଗ୍ ଏବଂ ବୀମା କ୍ଷେତ୍ରରେ ଉପସ୍ଥିତି ଜାହିର କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ବଜେଟ ସଂକ୍ରାନ୍ତ ଏକ ୱେବିନାରକୁ ସମ୍ବୋଧିତ କରି ସେ କହିଛନ୍ତି, କୋଭିଡ୍ ସମୟରେ ୯୦ ଲକ୍ଷ ଏମ୍‌ଏସ୍‌ଏମ୍‌ଇଙ୍କୁ ସରକାର ସହାୟତା ଯୋଗାଇ ଦେଇଛନ୍ତି। ଏହି ସଂସ୍ଥାଗୁଡିକୁ ୨.୪ ଲକ୍ଷ କୋଟି ଟଙ୍କାର ଋଣ ସହାୟତା ଯୋଗାଇ ଦେଇଛନ୍ତି। ଏମ୍‌ଏସ୍‌ଏମ୍‌ଇ ଏବଂ ଷ୍ଟାର୍ଟଅପ୍‌କୁ ସହାୟତା କରିବା ଦିଗରେ କାର୍ଯ୍ୟକ୍ରମ ଜାରି ରହିଥିବା ସେ ମତ ରଖିଛନ୍ତି।

### ମୁକେଶ ଏସିଆର ୧ ନମ୍ବର ଧନୀ

**ମୁମ୍ବାଇ,୨୬।୨:** ଦେଶର ଅଗ୍ରଣୀ ଶିଳ୍ପ ସଂସ୍ଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧକ୍ଷ ମୁକେଶ ଅମ୍ବାନୀ ପୁଣି ଥରେ ଏସିଆର ୧ ନମ୍ବର ଧନୀ ସ୍ଥାନକୁ ଫେରିଛନ୍ତି। ଫୋର୍ବସ ପକ୍ଷରୁ ପ୍ରକାଶିତ ବିଶ୍ୱ ଧନୀ ତାଲିକାରେ ସେ ୧୦ମ ସ୍ଥାନରେ ଥିବା ବେଳେ ଏସିଆ ମହାଦେଶରେ ସେ ୧ ନମ୍ବର ସ୍ଥାନରେ ରହିଛନ୍ତି। ବର୍ତ୍ତମାନ ତାଙ୍କର ମୋଟ ସମ୍ପତ୍ତିର ମୂଲ୍ୟ ହେଉଛି ୮୦ ବିଲିୟନ ଡଲାର ରହିଛି। ଏସିଆର ୧ ନମ୍ବର ଧନୀ ଥିବା ଚୀନର ଝୋଙ୍ଗ ସାନସାନଙ୍କ ସମ୍ପତ୍ତିର ମୂଲ୍ୟ ୭୭.୬ ବିଲିୟନ ଡଲାରକୁ ଖସିଆସିଛି। ଫୋର୍ବସ ବିଶ୍ୱ ଧନୀ ତାଲିକାରେ ଆମାଜନ ପ୍ରତିଷ୍ଠାତା ଜେଫ ବେଜୋସ ପ୍ରଥମ ସ୍ଥାନରେ ରହିଥିବା ଜଣାପଡିଛି।

### ନୂଆ ଜିଓ ଫୋନ ୨୦୨୧ ଅଫର

**ନୂଆଦିଲ୍ଲୀ,୨୬।୨:** ରିଲାଏନ୍ସ ଜିଓ ପକ୍ଷରୁ ନୂଆ ଜିଓଫୋନ ୨୦୨୧ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଦ୍ୱାରା ଦେଶ ୨ଜି ମୁକ୍ତ ଆଡକୁ ଗତି କରୁଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। କମ୍ପାନୀ ପକ୍ଷରୁ ୧୯୯୯ ଟଙ୍କାରେ ନୂଆ ଜିଓ ଫୋନ ଆସଛି। ଏହା ଭାରତରେ ପ୍ରଥମ ଧରଣର ଅଫର ଯେଉଁଥିରେ ନୂଆ ଜିଓଫୋନ, ୨ ବର୍ଷ ଲାଗି ଅସୀମିତ କଲ୍, ୨ ବର୍ଷ ଲାଗି ଅସୀମିତ ଡାଟା(୨ ଜିବି ପ୍ରତି ମାସ) ମିଳିବ। ନୂଆ ଜିଓ ଫୋନ ଦ୍ୱାରା ଡିଜିଟାଲ ଅନ୍ତରକୁ ଦୂରକରିବା ଦିଗରେ କାର୍ଯ୍ୟ କରୁଛୁ ବୋଲି ରିଲାଏନ୍ସ ଜିଓର ନିର୍ଦ୍ଦେଶକ ଆକାଶ ଅମ୍ବାନୀ କହିଛନ୍ତି।

# ଜିଡିପି ୦.୪% ବଢ଼ିଲା

**ନୂଆଦିଲ୍ଲୀ,୨୬।୨**




ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି) ଚଳିତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସରେ ୦.୪% ବୃଦ୍ଧି ଘଟିଛି। ଲଗାତର ୨ ତ୍ରୈମାସ ଧରି ଜିଡିପି ଖସିବା ପରେ ଏଥିରେ ସକାରାତ୍ମକ ଧାରା ନଜରକୁ ଆସିଛି। ଫଳରେ ଏସିଆର ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥା ଟେକ୍ନିକାଲ ମାନ୍ଦାବସ୍ଥାରୁ ବାହାରି ଅଭିବୃଦ୍ଧି ଧାରା ତ୍ୱରାନ୍ୱିତ ହେବା ନେଇ ଆଶା ଜନ୍ମିଛି। ଶୁକ୍ରବାର ସରକାର ଜାରି କରିଥିବା ଡାଟା ମୁତାବକ, ଏହାର ପୂର୍ବ ତ୍ରୈମାସରେ ଜିଡିପି ୭.୫% ଖସିଥିଲା। ସେହିଭଳି ପ୍ରଥମ ତ୍ରୈମାସରେ ଜିଡିପି ୨୩.୯% ହ୍ରାସ ପାଇଥିଲା। ଏହାର ପୂର୍ବ ବର୍ଷରେ ଜିଡିପି ଅଭିବୃଦ୍ଧି ୪.୧% ରହିଥିଲା।

କରୋନା ଯୋଗୁ ବିଶ୍ୱ ବଜାର ପ୍ରଭାବିତ ହୋଇ ରହିଛି। ଏଭଳି ସ୍ଥିତିରେ ମାତ୍ର କିଛି ଦେଶ ଅଭିବୃଦ୍ଧି ହାସଲ କରିଥିବା ବେଳେ ଏହା ମଧରେ ଭାରତ ସାମିଲ ରହିଛି। ଭାରତରେ କୋଭିଡ୍ ସ୍ଥିତି ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣକୁ ଆସିନାହିଁ। ଦେଶର କିଛି ପ୍ରାନ୍ତରେ କରୋନାର ଦ୍ୱିତୀୟ ଲହର ଦେଖାଯିବା ଯୋଗୁ ଲକ୍‌ଡାଉନ ଘୋଷଣା କରାଯାଉଛି। ଅକ୍ଟୋବର,ଡିସେମ୍ବର ମାସରେ ଅର୍ଥ ବ୍ୟବସ୍ଥାକୁ ଖୋଲିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ହେଲେ ପୁଣି ଥରେ କରୋନା ମାମଲା ବଢ଼ିଲେ ଏହା ଅର୍ଥ ବ୍ୟବସ୍ଥା ଉପରେ ନକାରାତ୍ମକ ପ୍ରଭାବ ପକାଇବ। ଅର୍ଥ ବ୍ୟବସ୍ଥାକୁ ଖୋଲିବା ଏବଂ ଚାହିଦାରେ ଉନ୍ନତି ଆସିବା ଯୋଗୁ ଜିଡିପିରେ ସୁଧାର ପରିଲକ୍ଷିତ ହୋଇଛି।

ଫେବୃୟାରୀ ପହିଲାରେ ଆସିଥିବା ସାଧାରଣ ବଜେଟରେ ସରକାର ବିତ୍ତୀୟ ପଦକ୍ଷେପ ଘୋଷଣା କରିଛନ୍ତି। ସେହିଭଳି ରେକର୍ଡ ସ୍ତରର ଋଣ କରିବାକୁ ଯୋଜନା କରିଛନ୍ତି। ଦେଶର ଅର୍ଥ ବ୍ୟବସ୍ଥାକୁ ନଗଦ ଉପଲବ୍ଧ କରାଇବା ଲାଗି ରିଜର୍ଭ ବ୍ୟାଙ୍କ ୧୧୫ ବେସିସ୍ ପଏଣ୍ଟ ହ୍ରାସ କରିଛି। ନୂଆ ସଂକ୍ରମଣ ଦେଖାଯାଉଥିବାରୁ ଏହାକୁ ନେଇ ସତର୍କ ରହିବାକୁ ପଡ଼ିବ। ୨୦୨୦-୨୧ରେ ଭାରତର ଜିଡିପି ୮% ଖସିବା ନେଇ ଅନୁମାନ କରାଯାଇଛି।

## ଖିମଜୀ ଜୁଏଲ୍ସ ପକ୍ଷରୁ ନୂଆ କଲେକ୍ସନ



**ଭୁବନେଶ୍ୱର,୨୬।୨**

ଖୀମଜୀ ଜୁଏଲ୍ସ ପକ୍ଷରୁ ୩ ନୂଆ କଲେକ୍ସନର ବଜାର ପ୍ରବେଶ କରାଯାଇଛି। ଭାରତର ସମୃଦ୍ଧ ପରମ୍ପରାକୁ ଆଗକୁ ବଢାଇବା ଲାଗି ନୂଆ ଏନଚାଣ୍ଟେଡ ଗେଟ୍ସ, ନ୍ୟୁ ବ୍ଲୁମ ଏବଂ ଲୁମିନିସେଣ୍ଟର ଶୁଭାରମ୍ଭ କରାଯାଇଛି। ବର୍ତ୍ତମାନ ଧାରାକୁ ନଜରରେ ରଖି ଆଧୁନିକ ନାରୀର ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ଏହି ଗହଣାଗୁଡିକୁ ଡିଜାଇନ କରାଯାଇଛି। ସେଗୁଡିକ ମଧ୍ୟରୁ ପ୍ରତ୍ୟେକଟି ସୁନ୍ଦର,ହାଲୁକା, ସୁନ୍ଦର ଏବଂ ପରିଧାନଯୋଗ୍ୟ ଅଟେ। ପ୍ରତ୍ୟେକଙ୍କର ନିଜସ୍ୱ କାହାଣୀ ରହିଛି। ଆଧୁନିକ, ସୁନ୍ଦରତା ଏବଂ ଐତିହ୍ୟ ପାଇଁ ସମ୍ପୂର୍ଣ୍ଣ ଉପଯୋଗୀ। ନୂଆ ୩ କଲେକ୍ସନ ଖିମଜୀ ଜୁଏଲ୍ସର ରୋମାଞ୍ଚକର ଯାତ୍ରାର ଏକ ପ୍ରତୀକ। ସମସାମୟିକ ଡିଜାଇନରେ ଐତିହ୍ୟ ପ୍ରେରଣାକୁ ଅନ୍ତର୍ଭୁକ୍ତ କରିବା ପାଇଁ ନୂଆ ସମ୍ଭାର ଆସିଛି ବୋଲି କମ୍ପାନୀର ମର୍ଚ୍ଚାଣ୍ଡାଇଜିଂ ସିଇଓ ସମୀର ନନ୍ଦ କହିଛନ୍ତି।

## ତେଲ ଟିକସ ହ୍ରାସ ନେଇ ସୀତାରାମନଙ୍କ ଗୁରୁତ୍ୱ

**ନୂଆଦିଲ୍ଲୀ,୨୬।୨**

ପେଟ୍ରୋଲ, ଡିଜେଲ ଦର ଆକାଶଛୁଆଁ ହୋଇଥିବାରୁ ଏହା ଲୋକଙ୍କ ଚିନ୍ତା ବଢ଼ାଇଛି। ଏଭଳି ସ୍ଥିତିରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ତେଲ ଟିକସ ହ୍ରାସ କରିବା ନେଇ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ତେଲ ଉପରେ ଟିକସ କମାଇବା ଲାଗି କେନ୍ଦ୍ର ଏବଂ ରାଜ୍ୟ ଆଲୋଚନା କରିବାର ଆବଶ୍ୟକତା ରହିଛି। ଆଇଆଇଏମ୍ ଅହମଦାବାଦ ପକ୍ଷରୁ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସୀତାରାମନ କହିଛନ୍ତି, ତେଲ ଦର ବୃଦ୍ଧି କେନ୍ଦ୍ର ସରକାରଙ୍କ ଲାଗି ଧର୍ମସଙ୍କଟ ସୃଷ୍ଟି କରିଛି। ତେଲ ଟିକସ କମାଇବା ଲାଗି କେଉଁଭଳି ପଦକ୍ଷେପ ନିଆଯିବ ସେ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ଆଲୋଚନା କରିବାର ଆବଶ୍ୟକତା ରହିଥିବା ମତ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଶୀତ ସମୟ ଶେଷ ହେବା ବେଳକୁ ପେଟ୍ରୋଲ, ଡିଜେଲ ଦର ହ୍ରାସ ହେବ। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିବା ଯୋଗୁ ଖାଉଟି ପ୍ରଭାବିତ ହେଉଛନ୍ତି।

## ଆଶଙ୍କାରେ ଷ୍ଟେନ୍‌ଲେସ ଷ୍ଟିଲ୍ ଏମ୍‌ଏସ୍‌ଏମ୍‌ଇ

**ନୂଆଦିଲ୍ଲୀ,୨୬।୨:** ଷ୍ଟେନଲେସ ଷ୍ଟିଲ ଏମ୍‌ଏସ୍‌ଏମ୍‌ଇ ଦେବାଳିଆ ହେବା ଆଶଙ୍କାରେ ରହିଛି। ଏହି ଏମ୍‌ଏସ୍‌ଏମ୍‌ଇଗୁଡିକ ମାତ୍ର ୫୦% ସାମର୍ଥ୍ୟ ଉପଯୋଗ କରୁଛନ୍ତି। ଚାଇନା ଏବଂ ଇଣ୍ଡୋନେସିଆରୁ ଆମଦାନୀ ଉପରେ ପୁନଃ ଶୁଳ୍କ ଲାଗୁ କରା ନ ହେଲେ ଦେଶର କ୍ଷୁଦ୍ର ଶିଳ୍ପଗୁଡିକ ବିଭିନ୍ନ ସମସ୍ୟା ସାମ୍ନା କରିବେ ବୋଲି ଶିଳ୍ପ ସୂତ୍ରରୁ କୁହାଯାଇଛି। ବଜେଟରେ ସରକାର ଏଭଳି କ୍ଷେତ୍ରରେ ଆମଦାନୀ ନେଇ କିଛି କୋହଳ ବ୍ୟବସ୍ଥା ଘୋଷଣା କରିଛନ୍ତି। ଇଣ୍ଡିଆନ ଷ୍ଟେନଲେସ ଷ୍ଟିଲ ଆସୋସିଏଶନ ଡେଭଲପମେଣ୍ଟ ଆସୋସିଏଶନ ଚିନ୍ତାପ୍ରକଟ କରିଛି। ସଂଘର ସଭାପତି କେ.କେ. ପାହୁଜା କହିଛନ୍ତି, ଚାଇନାରୁ ହେଉଥିବା ଅନିୟନ୍ତ୍ରିତ ତଥା ଶସ୍ତା ଷ୍ଟେନଲେସ ଷ୍ଟିଲ ସାମଗ୍ରୀ ଆବଦାନୀର ଭରପୁର ବଜାର ଏମ୍‌ଏସ୍‌ଏମ୍‌ଇଗୁଡିକୁ ଦେବାଳିଆ କରିବ ବୋଲି ଆଶଙ୍କା କରାଯାଉଛି।ସରକାର ଏହାକୁ ଧ୍ୟାନରେ ରଖିବା ସହ ଶିଳ୍ପର ସ୍ୱାର୍ଥକୁ ଜଗିବା ନେଇ ନିବେଦନ କରୁଛୁ।

**PARADIP PORT TRUST**

**e-TENDER CALL NOTICE**

Name of the work: "Supply, installation, commissioning of navigational / range lights & five years maintenance" Estimated cost: **Rs. 2,10,73,613/-**. Last date & time of submission of bid: **dt. 11.03.2021 up to 18:00 Hrs.**

Refer our websites for details.

**Executive Engineer (PED-III)**

PPT/PR/425/20-21 Dt. 26/02/2021

## ଟାଟା ନେକ୍ସନ ଇଭିର ସଫଳତା

**ନୂଆଦିଲ୍ଲୀ,୨୬।୨**



ଭାରତର ପୂର୍ବାଞ୍ଚଳ କ୍ଷେତ୍ରରେ ଟାଟା ନେକ୍ସନ ଇଭି ସଫଳତା ଧାରା ବଜାୟ ରଖିଛି। ଏହି ଯାନଟି ଦେଶର ପୂର୍ବାଞ୍ଚଳ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ହାସଲ କରିଛି। ନିଜର ଉପସ୍ଥିତିକୁ ଏହି ମଡେଲ ସମ୍ପ୍ରସାରିତ କରିବା ଦିଗରେ ସକ୍ଷମ ହୋଇଛି। ୨୦୨୦ ଜାନୁୟାରୀରେ ଏହା ବଜାରକୁ ଆସିଥିଲା। ୩୦୦%ରୁ ଏହା ଉର୍ଦ୍ଧ୍ୱ ପଞ୍ଜୀକରଣ ଅଭିବୃଦ୍ଧି ହାସଲ କରିଛି। ପଶ୍ଚିମବଙ୍ଗ, ଆସାମ, ବିହାର, ଝାଡଖଣ୍ଡ ଏବଂ ଓଡିଶାର ୬ଟି ସହରରେ ଯାନଟି ଗ୍ରାହକଙ୍କ ଦ୍ୱାରା ବେଶ ଆଦୃତ ହୋଇଛି। ଏହାର ଡିଜାଇନ, ଆସେସିବିଲିଟି, କାର୍ଯ୍ୟଦକ୍ଷତା, ଟେକ୍ନୋଲୋଜି, କମ୍ ଅପରେଟିଂ ଖର୍ଚ୍ଚ ଲାଗି ଯାନଟି ବେଶ ଲୋକପ୍ରିୟ ହୋଇପାରିଛି। ଇଭି ପ୍ରତି ସଚେତନତା ବୃଦ୍ଧି, ଅତ୍ୟଧିକ ଚାର୍ଜିଂ ଭିତ୍ତିଭୂମି, ସରକାରୀ ପ୍ରୋତ୍ସାହନ ଯୋଗୁ ଏହାର ଆଦୃତି ବଢୁଛି। ଏହି ପରିପ୍ରେକ୍ଷୀରେ ଟାଟା ମୋଟର୍ସର ଇ-ଯାନ ବ୍ୟବସାୟ ୟୁନିଟ ବିକ୍ରିୟ ମୁଖ୍ୟ ରମେଶ ଦୋରାଇ ରାଜନ କହିଛନ୍ତି, ଇଭି ଆମପାଇଁ ଏକ ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଛି। ଶୁଭାରମ୍ଭ ପରଠାରୁ ଏହା ଏହା ବେଶ ପ୍ରଶଂସା ପାଇ ଆସିଛି। ଯାନଟିର ସଫଳତାକୁ ନେଇ ଅତ୍ୟନ୍ତ ଖୁସି । ଯାନଟି ଏହି ଧାରାକୁ ବଜାୟ ରଖିବା ଦିଗରେ ସହାୟକ ହୋଇ ପାରିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

## କୋର୍ ସେକ୍ଟରରେ ୦.୧% ବୃଦ୍ଧି

**ନୂଆଦିଲ୍ଲୀ,୨୬।୨**

ଦେଶର ୮ କୋର୍ ଭିତ୍ତିଭୂମି କ୍ଷେତ୍ରର ଅଭିବୃଦ୍ଧି ଜାନୁୟାରୀରେ ୦.୧% ବୃଦ୍ଧି ହୋଇଛି। ସାର, ଇସ୍ପାତ ଏବଂ ବିଦ୍ୟୁତ୍ ଉତ୍ପାଦନ ବଢ଼ିବାରୁ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ୨୦୨୦ ଜାନୁୟାରୀରେ କୋର୍ ସେକ୍ଟର ଅଭିବୃଦ୍ଧି ୨.୨% ସ୍ତରରେ ରହିଥିଲା ବୋଲି ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ଜାନୁୟାରୀରେ କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ ଏବଂ ରିଫାଇନେରି ପ୍ରଡକ୍ଟ ଉତ୍ପାଦନ ନକାରାତ୍ମକ ସ୍ଥିତିରେ ରହିଛି। ଏହାବାଦ୍ ସାର, ଇସ୍ପାତ ଏବଂ ବିଦ୍ୟୁତ୍ ଭଳି କ୍ଷେତ୍ରରେ ଉତ୍ପାଦନ ଯଥାକ୍ରମେ ୨.୭%, ୨.୬% ଏବଂ ୫.୧% ରହିଛି। ୨୦୨୦-୨୧ ଏପ୍ରିଲ-ଜାନୁୟାରୀ ଅବଧିରେ କୋର୍ ସେକ୍ଟର ୮.୮% ନିମ୍ନରେ ରହିଛି, ଯାହା ପୂର୍ବ ଆର୍ଥିକ ବର୍ଷ ସମାନ ଅବଧିରେ ୦.୮% ଅଭିବୃଦ୍ଧି ସ୍ତରରେ ରହିଥିଲା। ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କର ପ୍ରାୟ ୪୦.୨୭% ଅଂଶ ଏହି ୮ କୋର୍ ସେକ୍ଟର ଶିଳ୍ପ ହାସଲ କରିଛନ୍ତି।

GOVERNMENT OF ODISHA No. C-545

**OFFICE OF THE EXECUTIVE ENGINEER, P.H. DIVISION, SAMBALPUR**

Phone No. (0663) 2412135, Fax No.: (0663) 2412335

E-mail ID: eephdsbp@gmail.com

**NOTICE INVITING TENDERS**

**NATIONAL COMPETITIVE BIDDING THROUGH e-Procurement**

**Bid Identification No. EEPHSBP-12/2020-21 Dt.24.02.2021**

| | | |
|---|---|---|
| 01. | Name of the Work | : 1 No. Works |
| 02. | Type of Bid | : Two Bid System |
| 03. | Estimated Cost | : Rs.115.64 lakhs |
| 04. | Class of Contractor | : Manufacturer |
| 05. | Period of Completion | : 60 (Sixty) days |
| 06. | Date & time of availability of bid document in the portal | : From 11.00 A.M. of Dt.03.03.2021 to 5.00 P.M. of 18.03.2021 |
| 07. | Last date/time of receipt of bids in the portal | : 5.00 P.M. of 18.03.2021 |
| 08. | Date & time of opening of tender | : At 11.30 A.M. of 19.03.2021 |
| 09. | Name and address of the Officer Inviting Bid | : Executive Engineer, P.H. Division Sambalpur, Brooks' Hill Near Stadium, At/P.O.- Motijharan, Dist.- Sambalpur - 768001 |

Further details can be seen from the website **http://tenders.ori.nic.in or www.tendersorissa.gov.in**.

**Sd./- Executive Engineer**
**P.H. Division, Sambalpur**
OIPR-13026/11/0015/2021

GOVERNMENT OF ODISHA

OFFICE OF THE SUPERINTENDING ENGINEER

RURAL WORKS CIRCLE, BOLANGIR

No.O-1149:-

**Bid Identification No. BLGR-Online-15/PMGSY(RRNMU)/2020-21 Dtd.24.02.2021**

| | | |
|---|---|---|
| 1. | Name of the work | : Procurement of Supply, Delivery and Installation of Equipment for RRNMU at Bolangir in the State of Odisha |
| 2. | Estimated Cost | : Not required due to item rate tender. |
| 3. | Total No. of lots | : 8 lots |
| 4. | Class of Contractor | : "D" class and above for each lot |
| 5. | Period of completion | : 03 calendar months |
| 6. | Others Details | |

| Procurement Officer | Bid Identification No. | No. of lots | Availability of tender online for bidding | |
|---|---|---|---|---|
| | | | From | To |
| Superintending Engineer, Rural Works Circle, Bolangir | BLGR-Online- 15/ PMGSY (RRNMU) / 2020-21 | 8 lots | 02.03.2021 11.00 hrs. | 12.03.2021 15.00 hrs. |

Other details can be seen from the e-procurement portal www.pmgsytenders.gov.in. Subsequent modification/ corrigendum/addendum if required shall appear in the website only.

**Sd./- D.K. Seth, Superintending Engineer, Rural Works Circle, Bolangir**
OIPR-25118/11/0014/2021

**OFFICE OF THE MUNICIPAL COUNCIL, BELPAHAR**

Ph. No.: 06645-250459, Fax No.: 06645-250236, E-mail: nacbelpahar@gmail.com

No. 402 Dt.25.02.2021

**QUOTATION CALL NOTICE**

No. C-539: Sealed Quotations are invited from intending registered firms/NGOs/organisations and contractor desirous of executing the cleaning work of the following 19 (Nineteen) Nos. of ward under Belpahar Municipality which includes Road Sweeping, Desilting of Drain, Bush up-rooting, Spraying Disinfectants, lifting of generated garbage to identify dumping site of Municipal council. The minimum labourers requirement for cleaning work of wards and the terms & conditions are noted below. The contract shall be for a period of one year and may be extended if required basing on the quality of work.

| Ward No. | Road Length in Km. | Road Length to be cleaning & sweeping in Km. | Desilting of Drain Length in Km. | Lifting of generated grabage to identified dumping site | | Cleaning and sweeping daily, disinfection to be done weekly | | Total Amount (6 + 8) | S.D. Rs.40,000/- (Rupees Forty thousand per Ward) |
|---|---|---|---|---|---|---|---|---|---|
| | | | | Distance in Km. | Rate Quoted per Km. | Labourers to be Engaged | Rate per labour/day | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| 1 | 20.81 | 2.50 | 3.00 | 3.00 | | 4.88 | | | |
| 2 | 28.61 | 2.50 | 1.92 | 3.00 | | 4.66 | | | |
| 3 | 11.73 | 3.00 | 2.50 | 2.80 | | 5.55 | | | |
| 4 | 17.83 | 3.20 | 3.52 | 3.00 | | 5.91 | | | |
| 5 | 4.64 | 2.75 | 4.05 | 3.00 | | 5.11 | | | |
| 6 | 9.09 | 3.00 | 0.00 | 2.00 | | 5.44 | | | |
| 7 | 8.10 | 2.70 | 1.50 | 2.00 | | 5.13 | | | |
| 8 | 2.48 | 0.31 | 2.73 | 2.00 | | 0.57 | | | |
| 9 | 4.47 | 2.05 | 2.60 | 1.50 | | 3.70 | | | |
| 10 | 1.06 | 0.16 | 0.85 | 1.50 | | 0.28 | | | |
| 11 | 19.52 | 2.00 | 1.70 | 1.00 | | 3.78 | | | |
| 12 | 25.54 | 2.00 | 0.66 | 2.50 | | 3.78 | | | |
| 13 | 2.66 | 2.00 | 1.07 | 3.00 | | 3.62 | | | |
| 14 | 23.19 | 2.00 | 1.04 | 3.00 | | 3.78 | | | |
| 15 | 7.41 | 1.50 | 0.89 | 4.00 | | 2.78 | | | |
| 16 | 13.61 | 2.25 | 0.85 | 5.00 | | 4.22 | | | |
| 17 | 13.25 | 2.00 | 0.50 | 5.00 | | 3.78 | | | |
| 18 | 16.23 | 1.50 | 0.20 | 2.00 | | 2.89 | | | |
| 19 | 6.19 | 3.00 | 1.50 | 1.50 | | 5.55 | | | |

1. The cleaning of road including lanes & by lanes will be done twice a day from 6.00 hrs. to 11.00 hrs & 17.00 hrs. to 20.00 hrs. (Night Sweeping) as per the direction of Executive Officer & Authorised person (except daily market & weekly market). 2. The drain will be cleaned regularly every third day, clearing of blocakge every day. 3. Disinfectant such as bleaching powder/ mosquito oil will be spread once in a week (Saturday) and as per the direction of Executive Officer & Authorised person where and when required which will be supplied by this office. 4. The bidder should arrange nos of labourers indicated and would pay minimum wages as per the Govt. norms and should have valid labour licnece for minimum 76 labourers and EPF registration PAN, STCC, ITCC, GST & ESI. 5. They shall submit their quotation in above format for the above 19 wards which should reach the undersigned on or before 17.03.2021 within office hours by Speed Post/Regd. Post only failing which the quotation shall be summarily rejected. Any postal dalay will not be responsibility of the undersigned. This is purely responsibility of the bidders and the same will be opened on 18.03.2021 at 11.00 hrs. in presnece of the bidder or their authorised agents. The quotation must be accompanied with S.D. mentioned at Sl. No. 18 in shape of NSC/DD/BD/KVP/STDR duly pledged in favour of Executive Officer, Belpahar Municipality payable at Belpahar. 6. The bidder should quote the rate per day/labour and per Km. along with other taxes such as EPF/ESI & Service TAx and also upto date Income Tax return copy of last 3 years, valid labour lincence etc. should be submitted. 7. Daily register such as attendance register, wages register & transportation register should be maintain properly and will be submitted alongwith monthly bill after certificate from office-in-charge. 8. The rate quoted for lifting should be including of all labour taxes, machinaries required for lifting and dumping. 9. The rate quoted for cleaning should be inclusive of all labour cleaning equipments, disinfection, taxes etc. 10. The tender should reach the undersinged by Regd. Post/Speed Post only within office hours. The undersigned will not be responsible for delayed receipt. 11. The bidder should subscribe on the top of the envelope QUOTATION FOR SANITATION WORK OF 19 Nos. WARDS & QUOTATION CALL NOTICE No. & Date. 12. The bidder should submit the phtocopy of contract licnece, EPF Certificate, PAN Card, GST, ESI and service tax registration certificate. 13. He should provide uniform/dress to each labourer with a valid ID Card. 14. The awardees will have to provide tractor, wheel barrows, Backhoe Loader, tricycle for the transportation of generated garbage. 15. Cleaning equipments such as Jhadu, Sura, Belcha, Spade, Angel Canta, Crow Bar, Knife etc. will be supplied by the bidder as per requirement. 16. The bidder should have minimum experience of same nature of work at least for a period of 1 year during last three financial years. 17. The bidder should have own/rented local office for primary contact at Belpahar. 18. The bidder should deposit security amount of **Rs.40,000/-** per ward. 19. Bidder may make payment to their staffs through permanent Bank account. 20. The lowest bidder is to execute the agreement on receipt of the work order including the term & conditions as laid down by the authority. 21. Interested parties may visit the wards with the help of Health Officer/Sanitation-in-Charge for identification of ward boundary & quote the rate accordingly. 22. The garbage should be transported with covered vehicle to dumping site. 23. If required, the Dumping site may be changed from time to time as per interest of the public. 24. GPS tracking system should be installed in the vehicle. 25. The bidder should have completed similar nature of work not less than 80% of the amount put to tender/quotation. 26. The bidder must have a turn over of 1.00 crore or more during any financial year from 2017-18 to 2019-20. Audited balance sheet and profit & loss accounts must be submitted alongwith the technical bid. 27. The bidder must have minimum machinaries of his own/leased as following. (a) Backhoe Loader - 01 No., (b) Tractor with Hydraulic Trolly - 4 Nos. 28. The bidder who posses the above machinaries must submit the documentary proof on having own/leased machinaries along with the technical bid. 29. While arriving at a final dicision regarding quoted bid the rate quoted against all the 19 wards would be considered as a whole and not indivisual wardwise. The final figure against column No. 10 would be desiding the lowest bidder. 30. The authority reserves the right to reject any or all the quotation without assigning any reason thereof.

**Sd./- Executive Officer, Belpahar Municipality**
OIPR-13050/11/0003/2021

# ବିଶ୍ୱ ସ୍ତରୀୟ ପ୍ରଡକ୍ଟ, ସେବା ଯୋଗାଣ ଲକ୍ଷ୍ୟ

**ସମୟରେ ପରିବର୍ତ୍ତନ ସହ ବର୍ତ୍ତମାନ ରୋଷେଇ ଘରର ଲୁକ୍ସରେ ପରିବର୍ତ୍ତନ ଆସିଛି। ଅନେକ ଟେକ୍ନୋଲୋଜିଯୁକ୍ତ ପ୍ରଡକ୍ଟ ବର୍ତ୍ତମାନ ବ୍ୟବହାର ହେଉଛି। ଲୋକଙ୍କୁ ପ୍ରଡକ୍ଟରେ ଭିନ୍ନତା ଭେଟିଦେବା କ୍ଷେତ୍ରରେ କୁଟିନା ଏକ ପ୍ରମୁଖ କମ୍ପାନୀ ରହି ଆସିଛି। ଭୁବନେଶ୍ୱରରେ ନୂଆ ଏକ୍ସକ୍ଲୁସିଭ ଶୋ'ରୁମ ଶୁଭାରମ୍ଭ ଅବସରରେ କମ୍ପାନୀର ନିର୍ଦ୍ଦେଶକ ନମିତ ବାଜୋରିଆଙ୍କ ସହ ଧରିତ୍ରୀର ଆଳାପ....**



■ **କୁଟିନାର ପରିକଳ୍ପନା କିପରି ଥିଲା ?**

ଚାକିରୀ ପଛରେ ନ ଗୋଡାଇ ଏକ କମ୍ପାନୀ ସ୍ଥାପନ ଯୋଜନା ରହିଥିଲା। ସ୍ୱପ୍ନକୁ ସତ କରିବା ଲାଗି ମାନସିକ ସ୍ତରରେ ପ୍ରସ୍ତୁତି ସହ କେଉଁ ବ୍ୟବସାୟ କଲେ ଏହା ଗ୍ରାହକଙ୍କ ଦ୍ୱାରା ଆଦୃତ ହେବ ଯୋଜନା ବନାଇଥିଲୁ। ଇଟାଲୀର ଏକ ପ୍ରଦର୍ଶନୀ ଭ୍ରମଣ ବେଳେ ମନରେ ପ୍ରଶ୍ନ ଆସିଥିଲା ଯେ, ଭାରତୀୟ ମହିଳାମାନେ ରୋଷେଇ ଘରେ ବହୁ ସମୟ କାଟୁଛନ୍ତି। ରୋଷେଇ ଘରେ ଉନ୍ନତମାନର ରୋଷେଇ ସରଞ୍ଜାମ ଓ ସାମଗ୍ରୀର ଘୋର ଅଭାବ ରହିଛି। ଏହାର ସମାଧାନ ପାଇଁ ଆରମ୍ଭ ହୋଇଥିଲା କୁଟିନା ବ୍ରାଣ୍ଡ। ରୋଷେଇ ଘର ସୌନ୍ଦର୍ଯ୍ୟବୃଦ୍ଧି ଓ ଆବଶ୍ୟକତା ପୂରଣ କରିବା ଦିଗରେ କୁଟିନା ପରିକଳ୍ପନା କରାଯାଇଥିଲା।

■ **ବଜାର ଚାହିଦା ପୂରଣ ଦିଗରେ କିଭଳି ପଦକ୍ଷେପ ନେଉଛନ୍ତି?**

ଆମ ବ୍ରାଣ୍ଡ ବଜାରକୁ ପ୍ରବେଶ କରିବା ପୂର୍ବରୁ ଅନେକ କମ୍ପାନୀ ଘରୋଇ ବଜାରରେ କାରବାର କରୁଥିଲେ। ପ୍ରଥମେ ବଜାର ଚାହିଦା ଓ ଗ୍ରାହକଙ୍କ ଆବଶ୍ୟକତା ସମ୍ପର୍କରେ ସର୍ଭେ କରାଯାଇଥିଲା। ରୋଷେଇ ସାମଗ୍ରୀ ଗୁଣବତ୍ତା ଏବଂ ସର୍ଭିସ ଆବଶ୍ୟକତାକୁ ଉପଲବ୍ଧି କରି ଅତ୍ୟାଧୁନିକ ଜ୍ଞାନକୌଶଳରେ ବିଭିନ୍ନ ପ୍ରଡକ୍ଟ ବଜାରକୁ ଛାଡିଥିଲୁ। ଗ୍ରାହକ ସନ୍ତୁଷ୍ଟି ଏବଂ ଉଚିତ ମୂଲ୍ୟକୁ ମାନଦଣ୍ଡ ଭାବରେ ଗ୍ରହଣ କରିଛୁ। ଏହା ଆମକୁ ଗ୍ରାହକଙ୍କ ନିକଟତର କରାଇପାରିଛି।

■ **ଓଡିଶା ବଜାରକୁ କିପରି ଦେଖୁଛନ୍ତି।**

ଓଡିଶାର ଲୋକ ରୋଷେଇ ଓ ଖାଇବାକୁ ଭଲ ପାଆନ୍ତି। ରୋଷେଇ ପାଇଁ ଉନ୍ନତମାନର ରୋଷେଇ ସାମଗ୍ରୀର ନିହାତି ଆବଶ୍ୟକତା ରହିଛି। ରୋଷେଇ ଘରର ସୌନ୍ଦର୍ଯ୍ୟକରଣ ମଧ ଘରର ପରିବେଶରେ ସ୍ୱତନ୍ତ୍ରତା ଆଣିଥାଏ। ଓଡିଶା ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ଏହି ଶୋ'ରୁମ ସହିତ ଆଗାମୀ ଦିରେ ଆଉ ୨ଟି ଶୋ'ରୁମ ଖୋଲିବାର ଯୋଜନା ରଖିଛୁ। ଗ୍ରାହକଙ୍କୁ ଉଚିତ ଦାମରେ ପ୍ରଡକ୍ଟ ଏବଂ ସେବା ଯୋଗାଇବା ଆମ ଲକ୍ଷ୍ୟ।

■ **ଆଗାମୀ ଯୋଜନା ସମ୍ପର୍କରେ କଣ କହିବେ?**

ଦୀର୍ଘ ୧୭ ବର୍ଷ ମଧ୍ୟରେ ବଜାରକୁ ନେଇ ଅନେକ ଅଭିଜ୍ଞତା ହାସଲ କରିଛୁ। ଘରୋଇ ବଜାରରେ ମୋଟ ୫୮ଟି ଏକ୍ସକ୍ଲୁସିଭ ଶୋରୁମ ସହିତ ୩୫ଶହରୁ ଉର୍ଦ୍ଧ୍ୱ ବିକ୍ରି ପଏଣ୍ଟ ଦ୍ୱାରା ସେବା ଯୋଗାଉଛୁ। ବାର୍ଷିକ କାରବାର ବେଶ ଭଲ ରହିଛି। କରୋନା ମହାମାରୀ କାରଣରୁ କାରବାର ସାମାନ୍ୟ ମାନ୍ଦା ରହିଥିଲେ ମଧ ଗ୍ରାହକଙ୍କୁ ସେବା ଯୋଗାଇ ଦେବାକୁ ଚେଷ୍ଟା ଜାରି ରଖିଛୁ। ଦେଶର ପ୍ରମୁଖ ସହରରେ ଶୋରୁମ ଓ ସେଲସ ପଏଣ୍ଟ ଖୋଲିବାର ଯୋଜନା ରଖାଯାଇଛି। ପ୍ରଡକ୍ଟ ଏବଂ ସେବାକୁ ବିଶ୍ୱସ୍ତରୀୟ କରିବା ହେଉଛି ଆମ ସ୍ୱପ୍ନ।

## ଭୁବନେଶ୍ୱରରେ କୁଟିନା ଏକ୍ସକ୍ଲୁସିଭ ଶୋ'ରୁମ୍

**ଭୁବନେଶ୍ୱର,୨୬।୨**

ରୋଷେଇ ସାମଗ୍ରୀ ଓ ଉତ୍ପାଦ ପ୍ରଦାନକାରୀ ବ୍ରାଣ୍ଡ କୁଟିନା ପକ୍ଷରୁ ସ୍ଥାନୀୟ ବାପୁଜୀ ନଗରଠାରେ ଶୁକ୍ରବାର ଏକ୍ସକ୍ଲୁସିଭ ଶୋ'ରୁମର ଶୁଭାରମ୍ଭ ହୋଇଛି। ଏହି ଅବସରରେ କମ୍ପାନୀର ନିର୍ଦ୍ଦେଶକ ନମିତ ବାଜୋରିଆ, ଓଡିଶା ଡିଷ୍ଟ୍ରିବ୍ୟୁଟର ସଞ୍ଜୟ ଚୌଧୁରୀ ଏବଂ କମ୍ପାନୀର ଓଡିଶା ବ୍ରାଣ୍ଡ ଆମ୍ବାସାଡାର ଓଡିଆ ଅଭିନେତ୍ରୀ ଦେବଯାନୀ ବିଗୋରିଆ ପ୍ରମୁଖ ଉପସ୍ଥିତି ରହି ଏହାର ଉଦଘାଟନ କରିଥିଲେ। ଶୋ'ରୁମଟି ପ୍ରାୟ ୯ ଶହ ବର୍ଗ ଫୁଟ ପରିମିତ ସ୍ଥାନରେ ଖୋଲିଥିବା ଡିଷ୍ଟ୍ରିବ୍ୟୁଟର ଚୌଧୁରୀ ସୂଚନା ଦେଇଛନ୍ତି। ଏଠାରେ ଗ୍ରାହକ କୁଟିନାର ରୋଷେଇ ସାମଗ୍ରୀ ଓ ସରଞ୍ଜାମ ସୁଲଭ ମୂଲ୍ୟରେ ପାଇପାରିବେ।

## ମସୁଣୀହତାରେ ଅଗ୍ନି ଉତ୍ସବ

କଣିହାଁ, (ଡି.ଏନ.ଏ.): କଣିହାଁ ବ୍ଲକ ମସୁଣୀହତା ଗ୍ରାମରେ ଅଗ୍ନି ଉତ୍ସବ ଅନୁଷ୍ଠିତ ହୋଇଛି। ଅପରାହ୍ନ ୪ଟାରେ ଲଉଡ଼ି ଖେଳ, ଘଣ୍ଟବାଦ୍ୟ, ସଂକୀର୍ତ୍ତନ, ବାଜା, ବାଣ ଶୋଭାଯାତ୍ରାରେ ରାଧାକୃଷ୍ଣଙ୍କ ବିମାନକୁ ଗ୍ରାମ ପରିକ୍ରମା କରାଯାଇ ଯାତ୍ରା ପଡ଼ିଆକୁ ଅଣାଯାଇଥିଲା। ସନ୍ଧ୍ୟାରେ ଆଖପାଖ ଅଞ୍ଚଳରୁ ସଂକୀର୍ତ୍ତନ ମଣ୍ଡଳୀ ପହଞ୍ଚି ନାମକୀର୍ତ୍ତନ ପରିବେଷଣ କରିଥିଲେ। ଏହାକୁ ନେଇ ସମଗ୍ର ଗ୍ରାମ ଚଳଚଞ୍ଚଳ ହୋଇପଡ଼ିଛି। ଗ୍ରାମବାସୀ ସହଯୋଗ କରୁଛନ୍ତି।

### ସଂକ୍ଷେପରେ

## ପୂର୍ଣ୍ଣଚନ୍ଦ୍ର ହତ୍ୟା ମାମଲା: ୩ ଗିରଫ

**କାମାକ୍ଷାନଗର, ୨୬।୨(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କଙ୍କଡାସୋଡ଼ା ଗ୍ରାମରେ ଗତ ୧୧ ତାରିଖରେ କମେଣ୍ଟମରାକୁ କେନ୍ଦ୍ରକରି ହୋଇଥିବା ସଂଘବଦ୍ଧ ଆକ୍ରମଣରେ ପୂର୍ଣ୍ଣଚନ୍ଦ୍ର ବାଇଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ତାଙ୍କ ପୁଅ ମୋହନ ଗୁରୁତର ହୋଇଥିଲେ। ଏହି ଘଟଣାରେ ପୋଲିସ ଭଜମନ ଭୋଇ, ସିପୁନ ଭୋଇ, ଚୁକୁନା ଭୋଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ଘଟଣା ଦିନ ପୂର୍ଣ୍ଣଚନ୍ଦ୍ରଙ୍କ ନାତୁଣୀ ସ୍କୁଲରୁ ଫେରୁଥିବାବେଳେ ଭଜମନ, ସିପୁନ କମେଣ୍ଟ ମାରିଥିଲେ। ଏ ନେଇ ପୂର୍ଣ୍ଣଚନ୍ଦ୍ର ଉଭୟଙ୍କୁ ତାଗିଦ୍ କରିଥିଲେ। ଯୁକ୍ତିତର୍କରୁ ମାମଲା ଉଗ୍ରରୂପ ନେଇଥିଲା। ଭଜମନ ଏବଂ ସିପୁନଙ୍କ ପରିବାର ଲୋକେ ମାରଣାସ୍ତ୍ରରେ ପୂର୍ଣ୍ଣଚନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବାପାଙ୍କୁ ରକ୍ଷା କରିବାକୁ ଆସିଥିବା ପୁଅ ମୋହନ ମଧ ଅଭିଯୁକ୍ତଙ୍କ ଆକ୍ରମଣରୁ ବର୍ତ୍ତି ନ ଥିଲେ। ଏ ସଂକ୍ରାନ୍ତରେ ପରଜଙ୍ଗ ଥାନାରେ ନଂ. ୮୮/୨୧ରେ ୭ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା।

## ସାଇକେଲ ଚୋରିରୁ ରକ୍ତାକ୍ତ ସଂଘର୍ଷ

**କାମାକ୍ଷାନଗର, ୨୬।୨(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଇସିଙ୍ଗା ଗ୍ରାମରେ ଶୁକ୍ରବାର ସାଇକେଲ ଚୋରିକୁ କେନ୍ଦ୍ରକରି ରକ୍ତାକ୍ତ ସଂଘର୍ଷ ଘଟିଛି। ଏଥିରେ ନୂଆସାହିର ବାଦଲ ନାଏକ ଏବଂ ରଗଡ଼ାସାହିର ଚରଣ ନାଏକ ଗୁରୁତର ହୋଇଛନ୍ତି। ଉଭୟଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍ଗିନ ଥିବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗୁରୁବାର ବିଳମ୍ବିତ ରାତି ପ୍ରାୟ ୨ଟାରେ ଚରଣ ନାଏକଙ୍କ ସାଇକେଲ ଚୋରି ହୋଇଯାଇଥିଲା। ବାଦଲଙ୍କୁ ଉପରେ ସନ୍ଦେହ କରି ଚରଣ ଶୁକ୍ରବାର ସକାଳେ ତାଙ୍କୁ ଏ ବିଷୟରେ ପଚାରିଥିଲେ, ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରଥମେ ବଚସା ହୋଇଥିଲା। ପରେ ଘଟଣା ରକ୍ତାକ୍ତ ସଂଘର୍ଷର ରୂପ ନେଇଥିଲା। ପୋଲିସ ଘଟଣାସ୍ଥଳରୁ ଏକ ଟାଙ୍ଗିଆ ଜବତ କରିବା ସହ ତଦନ୍ତ ଚଳାଇଛି।

## ୧.୭୬ ଲକ୍ଷ ଖାଇବେ ବଟିକା

**ଛେଣ୍ଡିପଦା,୨୬।୨(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ସଭାଗୃହ ପରିସରରେ ଗୁରୁବାର ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଓ ସଞ୍ଜୟ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ ବିଶ୍ୱନାଥ ସାହୁ, ସମ୍ମାନିତ ଅତିଥି ସିଡିପିଓ ସେବାଷ୍ଟିନା କୁଲ୍ଲୁର, ଆୟୁଷ ଡାକ୍ତର ରାଜଲକ୍ଷ୍ମୀ ସାହୁ, ଜନସ୍ୱାସ୍ଥ୍ୟ ଅଧିକାରୀ ହେମନ୍ତ କୁମାର ସାହୁ ଏବଂ ପ୍ରେମରଞ୍ଜନ ପଣ୍ଡା ଯୋଗଦେଇଥିଲେ। ବ୍ଲକରେ ୨୫୦ ଜଣ ଫାଇଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି। ମାର୍ଚ୍ଚ ୭ ତାରିଖ ପର୍ଯ୍ୟନ୍ତ ୩୫୦ଜଣ ସ୍ୱାସ୍ଥ୍ୟ କର୍ମଚାରୀ ଛେଣ୍ଡିପଦା ବ୍ଲକର ସମସ୍ତ ଗ୍ରାମ ବୁଲି ୧ଲକ୍ଷ ୭୬ ହଜାର ଲୋକଙ୍କୁ ବଟିକା ବଣ୍ଟନ କରିବେ।

# ବନ୍ଦକୁ ବିପୁଳ ସମର୍ଥନ

**ଢେଙ୍କାନାଳ ଅଫିସ, ୨୬।୨**

■ଖୋଲିଲାନି ଦୋକାନବଜାର
■ମାଲ ପରିବହନ ବାଧାପ୍ରାପ୍ତ
■ସରକାରୀ କାର୍ଯ୍ୟାଳୟ ଖାଁ ଖାଁ

ଜିଏସ୍‌ଟି ସରଳୀକରଣ ଦାବିରେ ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାକୁ ସବୁସ୍ତରରୁ ବିପୁଳ ସମର୍ଥନ ମିଳିଛି। ଏହାର ପ୍ରଭାବରେ ସହରର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ପରିବା ମାର୍କେଟ, ସେଲୁନ, ଆମିଷ ଦୋକାନ ମଧ୍ୟ ଖୋଲି ନ ଥିଲା। ସର୍ବଭାରତୀୟ ବ୍ୟବସାୟୀ ସଂଘ ଆହ୍ୱାନରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳିତ ହୋଇଥିବା ସଭାପତି ଶରତ ଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି ।

ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ଅନୁଷ୍ଠାନର କାର୍ଯ୍ୟାଳୟରେ ଆଲୋଚନା ବୈଠକ କରିବା ପରେ ବାଇକ୍ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହାପରେ ଡେପୁଟି କମିଶନର ଅଫ୍ କମର୍ସିଆଲ ଟାକ୍ସ କାର୍ଯ୍ୟାଳୟର ଅଧିକାରୀଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ବନ୍ଦ ପାଳନ କରାଯାଇଥିବାବେଳେ ଯାନବାହନ ଚଳାଚଳ, ମାଲ ପରିବହନ ପ୍ରଭାବିତ ହୋଇଥିଲା। ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଉପସ୍ଥାନ କମ୍ ରହିଥିଲା।

୨୦୧୭ ଜୁଲାଇ ୧ରେ କେନ୍ଦ୍ର ସରକାର ଏକ ଦେଶ, ଏକ ଟିକସ ନାମରେ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ଆଇନ ପ୍ରଣୟନ କରିଥିଲେ। ପୂର୍ବରୁ ପ୍ରଣୀତ ବିଭିନ୍ନ ଟିକସ ପଦ୍ଧତିରେ ସଂସ୍କାର ଅଣାଯାଇ ସରଳ ଟିକସ ପଦ୍ଧତି ପ୍ରଚଳନ କରାଯିବାର ପ୍ରତିଶ୍ରୁତି ଦିଆଗଲା। ବିଭିନ୍ନ କାରଣରୁ ଗତ ୩ବର୍ଷ ମଧ୍ୟରେ ଏଥିରେ ୯୫୦ ଥରରୁ ଅଧିକ ଥର ସଂଶୋଧନ ହୋଇସାରିଲାଣି। ତେଣୁ ଏହା ଏକ ଜନବିରୋଧୀ ଆଇନରେ ପରିଣତ ହୋଇଛି। ବ୍ୟବସାୟୀମାନଙ୍କ ଦାବି ସତ୍ତ୍ୱେ ସଂଶୋଧିତ ରିଟର୍ନ ଦାଖଲ କରିବାରେ ସୁବିଧା ଦିଆଯାଉନି । ନୂତନ ବ୍ୟବସ୍ଥାରେ ବିଳମ୍ବିତ ପୈଠ ନିମନ୍ତେ ମାତ୍ରାଧିକ ଜରିମାନା, ସୁଧ ଆଦାୟ କରାଯାଉଛି। ଇନପୁଟ୍ କ୍ରେଡିଟ୍‌କୁ କାଟି ଦିଆଯାଉଛି। ଇ-ୱେ ବିଲ୍‌ରେ ତ୍ରୁଟି ଥିଲେ ଟିକସର ୨୦୦ଗୁଣ ଅଧିକ ଜରିମନା ଦେବାକୁ ପଡୁଛି। ଏହା ପରୋକ୍ଷରେ ଖାଉଟି ଉପରେ ବୋଝ ହେଉଛି, ଯାହାକୁ ନେଇ ବିଭିନ୍ନ ବର୍ଗ ମଧ୍ୟରେ ବିରୋଧାଭାସ ସୃଷ୍ଟି ହେଉଛି। ସେହିପରି ଅନ୍‌ଲାଇନ ବ୍ୟବସାୟ ଉପରେ ଅଦ୍ୟାବଧି ସରକାର କୌଣସି ନିର୍ଦ୍ଦିଷ୍ଟ ଆଇନ ପ୍ରବର୍ତ୍ତନ କରିପାରିନାହାନ୍ତି। ଅନ୍‌ଲାଇନରେ ବ୍ୟବସାୟ କରୁଥିବା ପୁଞ୍ଜିପତିମାନେ ଗ୍ରାହକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବ୍ୟବସାୟ କରୁଛନ୍ତି। ଅଫ୍‌ଲାଇନରେ ବ୍ୟବସାୟ କରୁଥିବା ବ୍ୟବସାୟୀ ଋଣ ଶୁଝିବାକୁ ମଧ୍ୟ ସକ୍ଷମ ହେଉନାହାନ୍ତି। ଖାଦ୍ୟ ନିରାପତ୍ତା ଆଇନ କଠୋର କରାଯାଇ ବ୍ୟବସାୟୀ ମାରଣନୀତି ଅବଲମ୍ବନ କରାଯାଉଛି। ଏହାର ପ୍ରତିବାଦରେ ବନ୍ଦ ପାଳନ କରାଯାଇଥିଲା।



ବନ୍ଦ ଯୋଗୁ ଖାଁ ଖାଁ ରାସ୍ତା।

## ଜାତୀୟ ସିନିୟର ଟେନିସ ବଲ୍ କ୍ରିକେଟ ଓଡ଼ିଶା ଦଳରେ ବିଘ୍ନେଶ

**ଢେଙ୍କାନାଳ ଅଫିସ, ୨୬।୨**

ଚଣ୍ଡିଗଡ଼ରେ ଅନୁଷ୍ଠିତ ହେବାକୁ ଥିବା ୫ମ ଜାତୀୟ ସିନିୟର ଟେନିସ୍ ବଲ୍ କ୍ରିକେଟ ପ୍ରତିଯୋଗିତାରେ ଓଡ଼ିଶା ଦଳରେ ସ୍ଥାନ ପକ୍କା କରିଛନ୍ତି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବେଶାଳିଆ ଗ୍ରାମର ବିଘ୍ନେଶ ବିନାୟକ ସାମଲ। ୨୧ବର୍ଷୀୟ ଏହି ଯୁବ କ୍ରୀଡ଼ାବିତ୍ ରାଜ୍ୟର ୧୬ ଜଣିଆ ଦଳରେ ସାମିଲ ହୋଇଛନ୍ତି। ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଆୟୋଜିତ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ପୋଖରୀପୁଟସ୍ଥିତ ବିହାରୀଲାଲ ଷ୍ଟାଡିୟମରେ ପ୍ରଶିକ୍ଷଣ ଓ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ନିଜର ଦକ୍ଷତା ପ୍ରତିପାଦନ କରି ବିଘ୍ନେଶ ଉତ୍ତୀର୍ଣ୍ଣ ହୋଇଛନ୍ତି।

ବେଶାଳିଆ ଗ୍ରାମର ବିପ୍ରବର ସାମଲ ଓ ବିନୋଦିନୀ ସାମଲଙ୍କ ପୁଅ ହେଉଛନ୍ତି ବିଘ୍ନେଶ। ସେ ଏବେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ କମ୍ପ୍ୟୁଟର ବିଜ୍ଞାନର ସ୍ନାତକୋତ୍ତର ଛାତ୍ର। ପିଲାଟି ଦିନରୁ ଟେନିସ ବଲ କ୍ରିକେଟ ପ୍ରତି ରହିଥିବା ଆଗ୍ରହ ତାଙ୍କୁ ଏତେ ବାଟ ଆଣିପାରିଛି। ସେ ଢେଙ୍କାନାଳ ଜିଲାରୁ ଅନେକ ଥର ଟେନିସ ବଲ କ୍ରିକେଟରେ ପ୍ରତିନିଧିତ୍ୱ କରିଛନ୍ତି। ଏହି କ୍ରୀଡ଼ାର ବିଭିନ୍ନ କୌଶଳ ଶିଖିବା ଲାଗି ଭୁବନେଶ୍ୱରରେ ରହି ଅଭ୍ୟାସ ଜାରି ରଖିଥିଲେ। ଭବିଷ୍ୟତରେ ଟେନିସବଲ କ୍ରିକେଟରେ ଦେଶକୁ ପ୍ରତିନିଧିତ୍ୱ କରିବା ପାଇଁ ଲକ୍ଷ୍ୟ ରଖିଥିବା ବିଘ୍ନେଶ କହିଛନ୍ତି। ଜିଲାକୁ ଗୌରବାନ୍ୱିତ କରିବାକୁ ତାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



ବିଘ୍ନେଶ ବିନାୟକ ସାମଲ।

## ରାଜ୍ୟସ୍ତରୀୟ ସଂକୀର୍ତ୍ତନ ମହୋତ୍ସବ



କଳସ ଶୋଭାଯାତ୍ରାରେ ବ୍ରତଧାରୀମାନେ।

**କାମାକ୍ଷାନଗର, ୨୬।୨(ଡି.ଏନ୍.ଏ.)**

କାମାକ୍ଷାନଗର ଏନ୍‌ଏସି ଅନ୍ତର୍ଗତ ବଡ଼ବନ୍ଧ ସାହିରେ ୩୨ତମ ଅଷ୍ଟପ୍ରହର ନାମଯଜ୍ଞ ତଥା ରାଜ୍ୟସ୍ତରୀୟ ସଂକୀର୍ତ୍ତନ ମହୋତ୍ସବ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଅପରାହ୍ନରେ ଅନୁଷ୍ଠିତ କଳସଯାତ୍ରାରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ରାମିଆଳ ନଦୀକୂଳରେ ପୂଜାର୍ଚ୍ଚନା କରାଯିବା ପରେ ବ୍ରତଧାରୀମାନେ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ସନ୍ଧ୍ୟାରେ ଅଧିବାସ ସହ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଘଣ୍ଟଘଣ୍ଟା, ଶଙ୍ଖ, ହୁଳହୁଳିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ୩ ଦିନ ବ୍ୟାପୀ ହେବାକୁ ଥିବା ଏହି ମହୋତ୍ସବରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୨୫ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷେ ଜଗତଜ୍ୟୋତି ସ୍ପୋର୍ଟସ୍ ଟ୍ରଷ୍ଟ ପକ୍ଷରୁ ଶିଶୁଙ୍କୁ ନେଇ କ୍ରୀଡ଼ା ପ୍ରତିଯୋଗିତା ହେବ। କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥ, ବିଶିଷ୍ଟ ବ୍ୟକ୍ତି ଯୋଗଦେବେ।

## ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମିତ କରିବାକୁ ଦାବି

**ଢେଙ୍କାନାଳ ଅଫିସ,୨୬।୨**

ଢେଙ୍କାନାଳ ଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ସହ ଅନ୍ୟାନ୍ୟ ସୁବିଧାସୁଯୋଗ ଯୋଗାଇ ଦେବାକୁ ଦାବି ହୋଇଛି। ଅଭିଯୋଗ ଅନୁଯାୟୀ, ୟୁନିଟ୍‌ର କର୍ମଚାରୀ ୮ବର୍ଷ ହେଲା ଅସ୍ଥାୟୀ ନିଯୁକ୍ତି ପାଇ ଜିଲା ଶିଶୁ ସୁରକ୍ଷା ୟୁନିଟରେ କାର୍ଯ୍ୟ କରିଆସୁଛନ୍ତି। ଶିଶୁଙ୍କ ଅତ୍ୟାବଶ୍ୟକ ଜରୁରୀ ସେବା, ବାଲ୍ୟ ବିବାହ ରୋକିବା, ଅପରେଶନ ମୁସ୍‌କାନ, ପରୀ, ସ୍ମାଇଲ ଭଳି କାର୍ଯ୍ୟରେ ସେମାନଙ୍କୁ ନିୟୋଜିତ କରାଯାଉଛି। ହେଲେ ମିଳୁଥିବା ସ୍ୱଳ୍ପ ପ୍ରାପ୍ୟରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ସମସ୍ୟାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ବିଚାର କରିବାକୁ ସେମାନେ ନିବେଦନ କରିଛନ୍ତି । ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି।



ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

## ମଦ ଜବତ, ୪ ଗିରଫ

**ଛେଣ୍ଡିପଦା/ କଣିହାଁ,୨୬।୨(ସ୍ୱ.ପ୍ର.)**

ଅନୁଗୋଳ ଅବକାରୀ ବିଭାଗ ଗୁରୁବାର ଛେଣ୍ଡିପଦା ବ୍ଲକର ମାଛକୁଟା, ନୂଆଗାଁ ଏବଂ ପାଟକୁମୁଣ୍ଡା ଗ୍ରାମରେ ଚଢ଼ାଉ କରି ୩୨ ଲିଟର ଦେଶୀ ମଦ ଜବତ କରିଛି। ଏହି ଘଟଣାରେ ମାଛକୁଟା ଗ୍ରାମର ସରୋଜ ବେହେରା ଏବଂ ଶମ୍ଭୁ ବେହେରାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଅନୁଗୋଳ ଅବକାରୀ ଅଧୀକ୍ଷକ ସୁବ୍ରତ ବେହେରାଙ୍କ ନେତୃତ୍ୱରେ ଅନୁଗୋଳ ସଦର ଅବକାରୀ କର୍ମଚାରୀ ଏବଂ ଏପିଆର ଫୋର୍ସ ଏହି ଗ୍ରାମରେ ଚଢ଼ାଉ କରିଥିଲେ। ସେହିପରି କଣିହାଁ ବ୍ଲକ ରେଙ୍ଗାଳି ଥାନା ପୋଲିସ ଚୋରା ଦେଶୀ ମଦ ବିକ୍ରି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ଆଇଆଇସି ସରୋଜକାନ୍ତ ସାମଲ କହିଛନ୍ତି, ଗୁରୁବାର ସନ୍ଧ୍ୟାରେ ଓଳନ୍ଦା ଗ୍ରାମର ଗୁରୁ ସେଠୀ ଚୋରା ମଦ ବିକ୍ରି କରୁଥିଲେ। ଏ ସଂକ୍ରାନ୍ତରେ କେସ୍ ନଂ. ୩୩/୨୧ରେ ମାମଲା ରୁଜୁହୋଇଛି। ସେହିପରି ଶୁକ୍ରବାର ସକାଳେ ବଜ୍ରକୋଟ ପଞ୍ଚାୟତ ଡମଯୋଡି ଗ୍ରାମର କମଳଲୋଚନ ସାହୁ ଚୋରା ମଦ ବିକ୍ରି କରୁଥିବାବେଳେ ଧରାପଡ଼ିଥିଲେ। ଏ ନେଇ ନଂ. ୩୫/୨୧ରେ ମାମଲା ରୁଜୁ କରାଯାଇଛି।

## ଶ୍ରମିକ କର୍ମଚାରୀ ମାରଣନୀତିକୁ ନିନ୍ଦା




କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୬।୨**


କେନ୍ଦ୍ର ସରକାରଙ୍କ ଶ୍ରମିକ କର୍ମଚାରୀ ମାରଣନୀତିକୁ ନିନ୍ଦା କରିଛି ଢେଙ୍କାନାଳ ଶାଖା ସରକାରୀ କର୍ମଚାରୀ ସମନ୍ୱୟ ସମିତି। ଏହାର ପ୍ରତିବାଦରେ ଜିଲା କାର୍ଯ୍ୟାଳୟ ପରିସରରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀ, ଶିକ୍ଷକ, ପେନ୍‌ସନଭୋଗୀଙ୍କ ୨୦୨୦ ଜାନୁୟାରୀରୁ ମହଙ୍ଗାଭତ୍ତା ବୃଦ୍ଧି ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର, ଖାଲି ପଦବୀରେ ବିନା କଟକଣାରେ ସ୍ଥାୟୀ ନିଯୁକ୍ତି, ଛଟେଇ ବନ୍ଦ, ପୁରୁଣା ପେନ୍‌ସନ ନୀତି ପ୍ରଚଳନ, ୫ବର୍ଷରେ ଥରେ ଦରମା ରିଭାଇଜ, ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଅମଲାଙ୍କ ଦରମା ସଂଶୋଧନ, ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ବନ୍ଦ, ସର୍ବନିମ୍ନ ଦରମା ୧୮ ହଜାର, ୨୦୧୬ ଜାନୁୟାରୀରୁ କେନ୍ଦ୍ର ଅନୁରୂପ ସଂଶୋଧିତ ଘରଭଡ଼ା ଭତ୍ତା ପ୍ରଦାନ, ଛୁଟି ସରେଣ୍ଡର ବାବଦ ଅର୍ଥ ଶୀଘ୍ର ପ୍ରଦାନ, ବର୍ଦ୍ଧିତ ଦରମାର ବକେୟା ୫୦% ପ୍ରଦାନ, ରାଷ୍ଟ୍ରାୟତ୍ତ ସମ୍ପତ୍ତି ବିକ୍ରି ବନ୍ଦ କରିବା ଆଦି ନେଇ ବିକ୍ଷୋଭ କରାଯାଇଥିଲା। ଶାଖା ସଭାପତି ଅରୁଣ ବଳିଆରସିଂହଙ୍କ ନେତୃତ୍ୱରେ ରାଜ୍ୟ ସମ୍ପାଦକ ନରୋତ୍ତମ ପାର୍ଥସାରଥି, ଜିଲା ସମ୍ପାଦକ ବାବୁରାମ ପାତ୍ର, ମନୋଜ ସାହୁ, ବିଶ୍ୱରଞ୍ଜନ ବ୍ରହ୍ମ, ଶୈଳଜା ପ୍ରସାଦ ବେହେରା, ରାମଚନ୍ଦ୍ର ମହାରଣା, ମନୋଜ କୁମାର ରାଉତ, ବୃନ୍ଦାବନ ଜେନା, ପ୍ରତାପହରି ପ୍ରଧାନ, ନିରଞ୍ଜନ ପାତ୍ର, ହାଡିବନ୍ଧୁ ନାୟକ, ବାବାଜୀ ଚରଣ ମଲ୍ଲିକ, ମାନସ ସାହୁ, ପ୍ରଦୀପ୍ତ ପାଲ, ନମିତା ମନୋହରି, ସୁଜାତା ଦାସ, ମାଧୁରୀ ନାୟକ, ସତ୍ୟବ୍ରତ ରାୟ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଦାବି ପୂରଣ ନ ହେଲେ ମେ' ରେ ଭୁବନେଶ୍ୱରରେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହି ଅବସରରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

## ଦ୍ୱିତୀୟ ଦିବସରେ ଜଳିଲା ଝାଡ଼

**ଢେଙ୍କାନାଳ ଅଫିସ, ୨୬।୨**

ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମାଘମେଳାର ଶୁକ୍ରବାର ଦ୍ୱିତୀୟ ଦିବସରେ ଗାଦିମନ୍ଦିରରେ ସାଧୁସନ୍ଥମାନେ ବିଶ୍ୱର କଲ୍ୟାଣ ଉଦ୍ଦେଶ୍ୟରେ ଝାଡଦୀପ ପ୍ରଜ୍ୱଳନ କରିଛନ୍ତି। ବିଶ୍ୱକୁ କରୋନା ପ୍ରକୋପରୁ ସୁରକ୍ଷା କରିବା କାମନା କରି ଦ୍ୱୀପ ପ୍ରଜ୍ୱଳନ କରାଯାଇଥିଲା। ଅଲେଖ ମହିମା ଧ୍ୱନିରେ ପୀଠ ପରିସର ପ୍ରକମ୍ପିତ ହୋଇ ଉଠିଥିଲା। ଏହି ଉପଲକ୍ଷେ ଖଞ୍ଜଣି ଭଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବହୁ ସାଧୁସନ୍ଥ ସାମିଲ ହୋଇଥିଲେ।

କରୋନା କଟକଣା ଏବଂ ଜିଲାବାସୀଙ୍କ ଜୀବନ ସୁରକ୍ଷା ଲାଗି ଚଳିତବର୍ଷ ମାଘମେଳାରେ ଜନସାଧାରଣଙ୍କ ସମାଗମ ଉପରେ କଟକଣା ଜାରି କରାଯାଇଛି। ହାତଗଣିତ ସାଧୁସନ୍ଥଙ୍କୁ ନେଇ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଶନିବାର ମେଳାର ଉଦ୍‌ଯାପନୀ ଦିବସ। ଜନସମାଗମ କମ୍ ହୋଇଥିବାରୁ ମେଳା ପରିସର ଖାଁ ଖାଁ ଲାଗୁଛି। ଆଇନ ଶୃଙ୍ଖଳା ପରିସ୍ଥିତି ଏଡ଼ାଇବାକୁ ୭ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ବିଧାୟକ ସୁଧୀର କୁମାର ସାମଲ ମେଳା ବୁଲିଥିଲେ।



ଝାଡ଼ଦୀପ ପ୍ରଜ୍ୱଳନ କରାଯାଉଛି।

## ମଣ୍ଡି ବନ୍ଦ ପରେ ମାତିଲେଣି ଦଲାଲ

**ଢେଙ୍କାନାଳ ଅଫିସ, ୨୬।୨**

■ଜିଲା କାର୍ଯ୍ୟାଳୟ ଘେରିଲା ଏଏପି
■ଟୋକନଧାରୀଙ୍କ ଧାନ କିଣିବାକୁ ଦାବି

ଢେଙ୍କାନାଳ ଜିଲାରେ ଧାର୍ଯ୍ୟ ଲକ୍ଷ୍ୟଠାରୁ କମ୍ ଧାନ କିଣାଯାଇଛି। ହଠାତ୍ ମଣ୍ଡି ବନ୍ଦ କରିଦେବା ଫଳରେ ହାତରେ ଟୋକନ ଥାଇ ଚାଷୀମାନେ ନିରାଶ ହୋଇଛନ୍ତି। ସରକାର ଧାନ କିଣୁ ନ ଥିବାବେଳେ ଜିଲାର ବିଭିନ୍ନ ସ୍ଥାନରେ ଦଲାଲ ମାତିଲେଣି। ସେମାନେ ଶାଗମାଛ ଦରରେ ଚାଷୀଙ୍କଠାରୁ ଧାନ କିଣି ନେଇଯାଉଛନ୍ତି ବୋଲି ଅଭିଯୋଗ କରିଛି ଆମ୍ ଆଦ୍‌ମୀ ପାର୍ଟି (ଏଏପି)। ଏହାର ପ୍ରତିବାଦରେ ଦଳ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଜିଲା ଆବାହକ ପଙ୍କଜ କୁମାର ନାୟକଙ୍କ ନେତୃତ୍ୱରେ ଜିଲାର ବିଭିନ୍ନ ଅଞ୍ଚଳରୁ ଚାଷୀ ଏଥିରେ ସାମିଲ ହୋଇଥିଲେ।

ଜିଲାରୁ ମୋଟ ୧୫ଲକ୍ଷ କୁଇଣ୍ଟାଲ ଧାନ ମଣ୍ଡି ମାଧ୍ୟମରେ ଚାଷୀଙ୍କଠାରୁ କିଣିବାକୁ ସରକାର ଧାର୍ଯ୍ୟ କରିଥିଲେ। ଅଦ୍ୟାବଧି ୧୩ ଲକ୍ଷ କୁଇଣ୍ଟାଲ ଧାନ କିଣାଯାଇଛି। ମଣ୍ଡି ବନ୍ଦ କରି ଦିଆଯାଇଥିବାରୁ ଟୋକନଧାରୀ ଚାଷୀ ନାହିଁ ନ ଥିବା ସମସ୍ୟାରେ ପଡ଼ିଛନ୍ତି, ଯାହାକୁ ନେଇ ସେମାନଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ସମସ୍ୟାର ତୁରନ୍ତ ସମାଧାନ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୩ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଦଳର ସମ୍ପାଦକ ପ୍ରକାଶ ରାଉତ, ଶାନ୍ତନୁ ରାଉତ, ଆଇନ ପରିଷଦ ସଭାପତି ରଞ୍ଜନ ମିଶ୍ର, କାମାକ୍ଷାନଗର ନିର୍ବାଚନମଣ୍ଡଳୀ ଅଧ୍ୟକ୍ଷ ମହେଶ୍ୱର ମହାନ୍ତି, ମିଡିଆ ସେଲ୍ ପ୍ରଭାରୀ ଭୋଜରାଜ ସାହୁ, ଛାତ୍ର ନେତା ବିଶ୍ୱଜିତ୍ ବରାଳ, ରମେଶ ପଣ୍ଡା, ଦୀନବନ୍ଧୁ ସେନାପତି, କୃଷକ ନେତା ଚନ୍ଦ୍ରଶେଖର ସାହୁ, ଲକ୍ଷ୍ମଣ ନାଏକ, ସନାତନ ନାଏକ, ଆଶିଷ ମିଶ୍ର, ରାଜୀବ କର, ଅଭିରାମ ସେଠୀ, ଦେବାନନ୍ଦ ହୋତା ପ୍ରମୁଖ ଉପସ୍ଥିତ ଥିଲେ।




ଧାନର ଅଭାବୀ ବିକ୍ରି ବିରୋଧରେ ଜିଲା କାର୍ଯ୍ୟାଳୟ ଘେରାଉ।





**ଗୁଲମାର୍ଗ:** ଶୁକ୍ରବାର ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସ ଉଦ୍‌ଘାଟନୀ ଅବସରରେ କଳାକାରମାନେ ରୋଫ୍ ଡ୍ୟାନ୍ସ କରୁଛନ୍ତି। ସ୍ନୋ ରଗ୍‌ବୀ ଟିମ୍ ସଦସ୍ୟଙ୍କ ସହ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଆଲୋଚନା କରୁଛନ୍ତି।

# ଇଂଲିଶ ଗଣମାଧ୍ୟମରେ ଦ୍ୱିମତ

ଲଣ୍ଡନ, ୨୬।୨ (ପି.ଟି.)

ମୋଟେରାରେ ଅନୁଷ୍ଠିତ ପିଙ୍କ୍ ବଲ୍ ଟେଷ୍ଟରେ ଇଂଲଣ୍ଡ କ୍ରିକେଟ ଦଳର ବିପର୍ଯ୍ୟୟକୁ ନେଇ ଇଂଲିଶ ଗଣମାଧ୍ୟମରେ ଦ୍ୱିମତ ପ୍ରକାଶ ପାଇଛି। କେତେକ ଦଳର ପ୍ରଦର୍ଶନକୁ ଦାୟୀ କରିଥିବା ବେଳେ ଅନ୍ୟ କେତେକ ପିଚ୍‌କୁ ଦାୟୀ କରିଛନ୍ତି। ସ୍ପିନଙ୍କୁ ସୁହାଉଥିବା ମୋଟେରା ଟ୍ରାକ୍‌ରେ ଭାରତ ଗୁରୁବାର ୧୦ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରିଥିଲା। ଏଥିସହିତ ଦଳ ୪ ମ୍ୟାଚ ବିଶିଷ୍ଟ ସିରିଜରେ ୨-୧ରେ ଅଗ୍ରଣୀ ଲାଭ କରିଛି। ମ୍ୟାଚଟି ଦୁଇ ଦିନ ଭିତରେ ଶେଷ ହୋଇଥିବାରୁ ମାଇକେଲ ଭନ୍‌ଙ୍କ ସମେତ କିଛି ଖେଳାଳି କହିଛନ୍ତି, ମୋଟେରା ପିଚ୍ କ୍ରିକେଟ ଟେଷ୍ଟ ପାଇଁ ଉପଯୁକ୍ତ ନୁହେଁ। କିନ୍ତୁ 'ଦି ଗାର୍ଡିଆନ' ଖବରକାଗଜ ଖରାପ ପ୍ରଦର୍ଶନ ଯୋଗୁ ଦଳ ଲଜ୍ଜାଜନକ ପରାଜୟ ବରଣ କରିଥିବା ଦର୍ଶାଇଛି। ଦୁଇ ଦିନରେ ପରାଜୟ ସହଜରେ ଗ୍ରହଣୀୟ ନୁହେଁ। ଅନେକ ତ୍ରୁଟି ଥିବା ମନେହେଉଛି। ଏହି ଖବରକାଗଜ ରୋଟେଶନ ନୀତିକୁ ନିନ୍ଦା କରିଛି। ସିରିଜ ବେଳେ ଦଳର କେତେଜଣ ମୁଖ୍ୟ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଛି।



ବେନ୍ ଫୋକ୍ସଙ୍କ ବିରୋଧରେ ଆଉଟ୍ ଆବେଦନ କରୁଛନ୍ତି ଭାରତୀୟ ଖେଳାଳି।

ମୋଟେରା କଣ୍ଡିଶନକୁ ଠିକ୍ ଭାବେ ନ ଜାଣି ନ ପାରିବା ଏବଂ ଗତ ସପ୍ତାହରେ ଚେନ୍ନାଇରେ ଶୋଚନୀୟ ପରାଜୟଜନିତ ଚିନ୍ତା ମନରୁ ନ ହଟିବା ଆଦି କାରଣ ରହିଛି। ଖବରକାଗଜଟିରେ ପ୍ରକାଶିତ ସ୍ତମ୍ଭରେ ପୁଣି ଦର୍ଶାଯାଇଛି ଯେ ଇଂଲଣ୍ଡ ପ୍ରଥମ ଇନିଂସରେ ଏକଦା ୨ ଉଇକେଟ ବିନିମୟରେ ୭୫ ରନ କରିଥିଲା। ଦଳ ସେହି ଅନୁପାତରେ ଆଗକୁ ବଢ଼ିପାରି ନ ଥିଲା। ପୁନଶ୍ଚ ସ୍ପିନ ବୋଲିଂ ବିପକ୍ଷରେ ଖେଳାଳିମାନଙ୍କୁ ଅଧିକ ଦକ୍ଷ କରିବା ଲାଗି ଇସିବି( ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ) ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉ ନାହିଁ। ପିଙ୍କ୍ ବଲ୍ ଟେଷ୍ଟରେ ବିଶେଷ କରି ଏକ ଉନ୍ନତ ଦଳ ସହ ପିଚ୍‌ର ଲକ୍ଷଣକୁ ଦୃଷ୍ଟିରେ ରଖି ଖେଳିବା ଉଚିତ। 'ଦି ସନ୍' ଖବରକାଗଜ ଭ୍ରମଣକାରୀ ଦଳର ଚୟନ ନୀତିକୁ ସମାଲୋଚନା କରିଛି। ସ୍ପିନକୁ ସୁହାଉଥିବା ମୋଟେରା ପିଚ୍‌ରେ ଇଂଲଣ୍ଡ ଦଳରେ ଜଣେ ସ୍ପିନର ଓ ୪ଜଣ ୧୧ନମ୍ବର ସ୍ଥାନର ବ୍ୟାଟ୍ସମ୍ୟାନଙ୍କୁ ସାମିଲ କରିଥିଲା। ଦଳ ପରାଜୟର ଏହା ଅନ୍ୟତମ ମୁଖ୍ୟ କାରଣ ବୋଲି

### ମୋଟେରା ବିପର୍ଯ୍ୟୟ

ଡେଭ୍ କିଡ୍ ଏହି ଖବରକାଗଜରେ ତାଙ୍କ ସ୍ତମ୍ଭରେ ଉଲ୍ଲେଖ କରିଛନ୍ତି। 'ୱିଜ୍‌ଡେନ୍' କହିଛି ଏହି ଦେଶରେ ଟେଷ୍ଟ ଇତିହାସରେ ଇଂଲଣ୍ଡ କେବେ ଏତେ ନିକୃଷ୍ଟ ପ୍ରଦର୍ଶନ କରି ନ ଥିଲା। ମୋଟେରା ପିଚ୍‌ର ଲକ୍ଷଣ ଯୋଗୁ ମ୍ୟାଚ ଦୁଇ ଦିନ ଭିତରେ ଶେଷ ହୋଇଗଲା। 'ଦି ମିରର'ରେ ଆଣ୍ଡି ବନ୍ ତାଙ୍କ ସ୍ତମ୍ଭରେ ଲେଖିଛନ୍ତି, ଭାରତ ଖେଳୁଆଡ ମନୋଭାବର ସମସ୍ତ ସୀମା ଅତିକ୍ରମ କରିଯାଇଛି। ପିଚ୍‌ଟି ଟେଷ୍ଟ ମ୍ୟାଚ ପାଇଁ ଆଦୌ ଫିଟ୍ ନୁହେଁ। ଭାରତ ଘରୋଇ ପରିବେଶରୁ ସମ୍ପୂର୍ଣ୍ଣ ଫାଇଦା ଉଠାଇବାକୁ ଚେଷ୍ଟା କରିଛି।

## ଚାନ୍ଦିପୁର ବିକାଶ ଦଳ ଚାମ୍ପିୟନ

**ବାଲେଶ୍ୱର ଅଫିସ, ୨୬।୨:** ବାଲେଶ୍ୱର ଜିଲା ବିବିଏସ୍ (ଭାସ୍କରଗଞ୍ଜ, ବାଲିଆ, ଶୋଭାରାମପୁର) କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲୁଥିବା ସନତ ଦାଶ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରେମୁଣା କୁରାଡ଼ିଆ ଓ ଚାନ୍ଦିପୁର ବିକାଶ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୁରାଡ଼ିଆ ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରୁ ୧୯.୪ ଓଭର ଖେଳି ସମସ୍ତ ଉଇକେଟ୍ ବିନିମୟରେ ୯୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଚାନ୍ଦିପୁର ବିକାଶ ଦଳ ୧୯.୩ ବଲ୍ ଖେଳି ୭ ଉଇକେଟ୍ ହରାଇ ୧୦୦ ରନ୍ କରି ଚାମ୍ପିୟନ ହୋଇଥିଲା। ଚାନ୍ଦିପୁର ବିକାଶ ଦଳର ଖେଳାଳି ଆକାଶ ଦାଶଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ କୁରାଡ଼ିଆ ଦଳର ଖେଳାଳି ସୁକାନ୍ତ ମହାନ୍ତିଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଘୋଷଣା କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ସମାଜସେବୀ ଅନିମା ଦେବୀ, ପ୍ରମୋଦ ଦାଶ, ଉମାକାନ୍ତ ପଢ଼ିଆରୀ, ଆଲୋକ କୁମାର ଦାଶ, ଗୋଲକ କୁମାର ଦାଶ, ବ୍ରଜକୁମାର ଦାଶ, ଜୟନ୍ତ କୁମାର ଦାଶ, ମନୋଜ କୁମାର ଦାସ, ଶୈଳେନ୍ଦ୍ର ପ୍ରସାଦ ଦାସ, ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

## ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସ ଉଦ୍‌ଘାଟିତ

ନୂଆଦିଲ୍ଲୀ, ୨୬।୨ (ପି.ଟି.)

ଗୁଲ୍‌ମାର୍ଗରେ ଦ୍ୱିତୀୟ ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଶୁକ୍ରବାର ଏହା ଉଦ୍‌ଘାଟିତ ହୋଇଛି। ଏଥିରେ ୨୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଆଥ୍‌ଲେଟମାନେ ଅଂଶଗ୍ରହଣ କରିବେ। ଏହା ମାର୍ଚ୍ଚ ୨ରେ ଶେଷ ହେବ। ଅନ୍ତର୍ଜାତୀୟ ୱିଣ୍ଟର ଗେମ୍ସ ଆରେନାରେ ଭାରତର ଉପସ୍ଥିତିକୁ ଜାହିର କରିବା ଏବଂ ଜମ୍ମୁ-କଶ୍ମୀରକୁ ଏକ ୱିଣ୍ଟର ସ୍ପୋର୍ଟ୍ସ ହବ୍‌ରେ ପରିଣତ କରିବା ଲକ୍ଷ୍ୟ ନେଇ ଗେମ୍ସର ଆୟୋଜନ କରାଯାଇଥିବା ପ୍ରଧାନମନ୍ତ୍ରୀ ତାଙ୍କର ଏକ ଭର୍ଚୁଆଲ ଉଦ୍‌ବୋଧନରେ କହିଛନ୍ତି।



ଅଲ୍ ଓମେନ ମାଉଣ୍ଟେନରିଂ ସ୍କିଷ୍ଟରେ ଭାଗ ନେଇଥିବା ଜଣେ ପ୍ରତିଯୋଗୀ।

## ସ୍ୱିଆଟେକ୍-ବେନ୍‌ସିକ୍ ଫାଇନାଲ

**ଆଡିଲେଡ୍, ୨୬।୨ (ଏପି):** ଆଡିଲେଡ୍ ଇଣ୍ଟରନ୍ୟାଶନାଲ ଟେନିସ ପ୍ରତିଯୋଗିତା ମହିଳା ସିଙ୍ଗଲ୍ସ ଫାଇନାଲ ଫ୍ରେଞ୍ଚ ଓପନ ଚାମ୍ପିୟନ ଇଗା ସ୍ୱିଆଟେକ୍ ଏବଂ ଦ୍ୱିତୀୟ ସିଡ୍ ବେଲିଣ୍ଡା ବେନ୍‌ସିକ୍‌ଙ୍କ ମଧ୍ୟରେ ହେବ। ପ୍ରଥମ ସେମିଫାଇନାଲରେ ସ୍ୱିଆଟେକ୍ ୬-୩, ୬-୨ ସେଟ୍‌ରେ ଜିଲ୍ ଟିଚ୍‌ମାନଙ୍କୁ ପରାସ୍ତ କରିଥିଲେ। ଅନ୍ୟପକ୍ଷରେ ବେନ୍‌ସିକ୍ ଆମେରିକାର ସ୍ୱଳ୍ପ ବୟସ୍କା କୋକୋ ଗଫ୍‌ଙ୍କ ବିପକ୍ଷରେ ୭-୬ (୨), ୬-୭ (୪), ୬-୨ରେ ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ ୨ଘଣ୍ଟା ଓ ୪୫ ମିନିଟ୍ ଧରି ଚାଲିଥିଲା।

## ହିମାଙ୍କୁ ପୋଲିସ ଡିଏସ୍‌ପି ନିଯୁକ୍ତି



ହିମା ଦାସ

**ଗୁଆହାଟୀ, ୨୬।୨ (ପି.ଟି.):** ଷ୍ଟାର ସ୍ପ୍ରିଣ୍ଟର ହିମା ଦାସ ଆସାମ ପୋଲିସରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପଦବୀରେ ନିଯୁକ୍ତି ପାଇଛନ୍ତି। ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କଠାରୁ ସେ ନିଯୁକ୍ତିପତ୍ର ଗ୍ରହଣ କରିଛନ୍ତି। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପୋଲିସ ଡିଜିଙ୍କ ସମେତ ପୋଲିସ ବିଭାଗ ଏବଂ ରାଜ୍ୟ ସରକାରଙ୍କ ବହୁ ଉଚ୍ଚପଦାଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ନିଜର ପ୍ରତିକ୍ରିୟା ପ୍ରକାଶ କରି ୨୧ ବର୍ଷୀୟା ହିମା କହିଥିଲେ, ଜଣେ ପୋଲିସ ଅଫିସର ହେବା ଲାଗି ତାଙ୍କର ପିଲାଦିନରୁ ଏକ ଅଭିଳାଷ ଥିଲା। ଏସିଆନ ଗେମ୍ସ ରୌପ୍ୟ ବିଜୟିନୀ ତଥା ଜୁନିୟର ବିଶ୍ୱ ଚାମ୍ପିୟନ କହିଛନ୍ତି, ସେ ରାଜ୍ୟ ପୋଲିସରେ କାର୍ଯ୍ୟ କରିବା ସହ ପୂର୍ବଭଳି ଖେଳରେ ଅଧିକରୁ ଅଧିକ ଭଲ ପ୍ରଦର୍ଶନ କରିବା ଲାଗି ତାଙ୍କ ପ୍ରଚେଷ୍ଟା ଜାରି ରହିବ।

## ଦୀପକ କୁମାର ଫାଇନାଲରେ

ନୂଆଦିଲ୍ଲୀ, ୨୬।୨ (ପି.ଟି.)

ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ଉଜ୍‌ବେକିସ୍ତାନର ସାଖୋବିଦ୍ଦିନ ଜୋଇରୋଭଙ୍କ ବିପକ୍ଷରେ ୪-୧ରେ ବିଜୟ ହାସଲ କରି ଏସିଆନ ଗେମ୍ସ ବିଜେତା ଦୀପକ କୁମାର (୫୨କେଜି) ବୁଲ୍‌ଗେରିଆର ସୋଫିଆଠାରେ ଚାଲିଥିବା ୭୨ତମ ଷ୍ଟ୍ରାଣ୍ଡଜା ମେମୋରିଆଲ ବକ୍ସିଂ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଦୀପକଙ୍କର ଏହା ହେଉଛି ସବୁଠାରୁ ବଡ଼ ସ୍ମରଣୀୟ ବିଜୟ। ଜୋଇରୋଭ ୨୦୧୯ରେ ଭାରତର ଅମିତ ଫଙ୍ଗାଲଙ୍କୁ ପରାସ୍ତ କରି ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତିଥିଲେ। କୋଇରୋଭ ଏସିଆନ ଗେମ୍ସ ଏବଂ ଏହି ଚାମ୍ପିୟନଶିପ୍‌ରେ ରୌପ୍ୟ ବିଜେତା। ଗୁରୁବାର ପୂର୍ବରୁ ଅନୁଷ୍ଠିତ ଏକ କ୍ୱାର୍ଟରଫାଇନାଲରେ



ଦୀପକ କୁମାର

ଦୀପକ ୫-୦ରେ ବୁଲଗେରିଆର ଦାରିସ୍ଲାମ ଭାସିଲେଭ୍‌ଙ୍କୁ ୫-୦ରେ ପରାସ୍ତ କରିଥିଲେ। ଅନ୍ୟପକ୍ଷରେ ମହିଳା ପ୍ରତିଯୋଗିତାରେ ପୂର୍ବତନ ଯୁବ ବିଶ୍ୱ ଚାମ୍ପିୟନ ଜ୍ୟୋତି ଗୁଲିଆ (୫୧କେଜି) ଓ ଭାଗ୍ୟବତୀ କାଚାରୀ (୭୫କେଜି) ସେମାନଙ୍କ ଲଢେଇରେ ହାରିଯାଇଛନ୍ତି। ସେମାନଙ୍କର ଏହି ପରାଜୟ ଦ୍ୱାରା ମହିଳା ବିଭାଗରେ ବିନା ପଦକରେ ଭାରତୀୟ ଅଭିଯାନ ଶେଷ ହୋଇଛି। ପୁରୁଷ ବିଭାଗରେ ମନଜିତ୍ ସିଂ (+୯୧କେଜି) ମଧ୍ୟ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛନ୍ତି।

## ଫାଇନାଲରେ ସହିଦ ସ୍ପୋର୍ଟିଂ

ରସୁଲପୁର, ୨୬।୨ (ଡି.ଏନ.ଏ.)

ଯାଜପୁର ବ୍ଲକ ଅଧୀନ ଝାଲପଡ଼ା ପଞ୍ଚାୟତରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୩୮ତମ ସତ୍ୟସାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ୨ୟ ସେମିଫାଇନାଲ ମ୍ୟାଚ୍ ଭୁବନେଶ୍ୱରର ଦୁଇ ଦଳ ସହିଦ ସ୍ପୋର୍ଟିଂ ଓ ସ୍କାନ ମଧ୍ୟରେ ହୋଇଥିଲା। ମ୍ୟାଚ୍‌ରେ ସହିଦ ସ୍ପୋର୍ଟିଂ ୩ ଉଇକେଟରେ ସ୍କାନ ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ସ୍କାନ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୫୭ ରନ କରିଥିଲା। ଦଳ ପକ୍ଷରୁ ଆଲୋକ ରାଜପୁତ ସର୍ବାଧିକ ୩୭ ଓ ଦଳର ଅମିତାଭ ରାଉତ ୩୫ ରନ କରିଥିଲେ। ପ୍ରତିପକ୍ଷ ସହିଦ ସ୍ପୋର୍ଟିଂ ପକ୍ଷରୁ ଦେବରାଜ ଓ ପାର୍ଥସାରଥି ଉଭୟେ ୨ ଲେଖାଏ ଉଇକେଟ ନେଇଥିଲେ। ସହିଦ ସ୍ପୋର୍ଟିଂ ୨୨.୪ ଓଭରରେ ୭ ଉଇକେଟ ହରାଇ ୧୬୦ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ପାର୍ଥସାରଥି ୫୦ ଓ ଶୁଭ୍ରଜିତ୍ ୨୧ ରନ କରିଥିଲେ। ସ୍କାନ ପକ୍ଷରୁ ରବୀନ୍ଦ୍ର ନାୟକ ୩ ଉଇକେଟ, ଅମିତାଭ ରାଉତ ୨ ଉଇକେଟ ଅକ୍ତିଆର କରିଥିଲେ। ଜ୍ୟୋତିପ୍ରକାଶ ମଲ୍ଲିକ ଓ ରତିକାନ୍ତ ରାଉତ ଖେଳ ପରିଚାଳନା କରିଥିଲେ। ଅନୁପ ସାହୁ, ପବିତ୍ର ସାହୁ, ନିରଞ୍ଜନ ଜେନା, ପ୍ରିୟନାଥ ରାଉତ, ରଞ୍ଜିତ ସାହୁ, ଅଫିସିଆଲ ସ୍କୋରର ମଣ୍ଟୁ ଦାସ ଓ ସରୋଜ ପଟ୍ଟନାୟକ ଭାଷ୍ୟକାର ଭାବେ କାର୍ଯ୍ୟ ତୁଲାଇ ଥିଲେ। ଆସନ୍ତା ୨୮ରେ କାକୁଡ଼ିକୁଦ କ୍ରିକେଟ୍ ଗ୍ରାଉଣ୍ଡରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଫାଇନାଲରେ ସହିଦ ସ୍ପୋର୍ଟିଂ କଟକର ୟୁନିୟନ ସ୍ପୋର୍ଟିଂକୁ ଭେଟିବ।

## ଫାଇନାଲରେ ରାଇଜିଂ ଷ୍ଟାର କୁମାରବସ୍ତ

ବାଙ୍କୀ, ୨୬।୨ (ସ୍ୱ.ପ୍ର./ବି.ପ୍ର.)

ବାଙ୍କୀ ବ୍ଲକ ପଥୁରୀପଡାରେ ଚାଲିଥିବା ୩୩ତମ ରାଜ୍ୟସ୍ତରୀୟ ହରିଶ୍ଚନ୍ଦ୍ର ମିଶ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଇଜିଂଷ୍ଟାର କୁମାରବସ୍ତ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ମହାବେରଣା ହାଇସ୍କୁଲ ପଡିଆରେ ଚାଲିଥିବା ଏହି ମ୍ୟାଚକୁ ଅନନ୍ତ ରଣା ଉଦ୍‌ଘାଟନ କରିଥିଲେ। ମ୍ୟାଚରେ କୁମାରବସ୍ତ କ୍ରିକେଟ ଦଳ ଓ ଢେଙ୍କାନାଳ କ୍ରିକେଟ କ୍ଲବ ପରସ୍ପରକୁ ଭେଟିଥିଲେ। ରାଇଜିଂଷ୍ଟାର କୁମାରବସ୍ତ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୫ ଉଇକେଟ ହରାଇ ୨୮୧ରନ କରିଥିଲା। ଦଳ ପକ୍ଷରୁ ସନ୍ଦୀପ ମିଶ୍ର ସର୍ବାଧିକ ୧୩୨ ରନ କରିଥିଲେ। ୨୮୨ ରନ ବିଜୟ ଲକ୍ଷ୍ୟ ନେଇ ଢେଙ୍କାନାଳ ୨୦ ଓଭରରେ ୬ ଉଇକେଟ ହରାଇ ୨୬୯ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ କୁମାରବସ୍ତ ଦଳ ୧୨ରନରେ ବିଜୟୀ ହୋଇଥିଲା। ଢେଙ୍କାନାଳ ପକ୍ଷରୁ ତନ୍ମୟ ମହାପାତ୍ର ସର୍ବାଧିକ ୫୮ ରନ କରିଥିଲେ। କୁମାରବସ୍ତ ଦଳର ସନ୍ଦୀପ ମିଶ୍ର ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ଅମ୍ପାୟର ସୁଧୀରଞ୍ଜନ ପଣ୍ଡା ଓ କବି ନାୟକ। ସ୍କୋରର ବିଦ୍ୟାଧର ବେହେରା,ଶିବ ଦେଉରୀ ଏବଂ ଘୋଷକ ଭାବେ ବାମନ ଚରଣ ମହାପାତ୍ର ଓ ହରିଶ୍ଚନ୍ଦ୍ର ତ୍ରିପାଠୀ ଦାୟିତ୍ୱ ତୁଲାଇଥିଲେ। ଅନୁଷ୍ଠାନର ସମ୍ପାଦକ ସଦାଶିବ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲରେ ଦିଶା କ୍ରିକେଟ କ୍ଲବ ବୈଦେଶ୍ୱର ସହ ତମାଣ୍ଡୋ କ୍ରିକେଟ ଦଳ ଖେଳିବ ବୋଲି ସମ୍ପାଦକ ପ୍ରକାଶ କରିଛନ୍ତି।




ସନ୍ଦୀପ ମିଶ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

## ପ୍ଲେ ଅଫ୍‌ରେ ନର୍ଥଇଷ୍ଟ ୟୁନାଇଟେଡ୍

ଭାସ୍କୋ, ୨୬।୨

ସ୍ଥାନୀୟ ତିଳକ ମୈଦାନରେ ଶୁକ୍ରବାର ଖେଳାଯାଇଥିବା ଇଣ୍ଡିଆନ ସୁପର ଲିଗ୍‌ର ଏକ ମ୍ୟାଚରେ ନର୍ଥଇଷ୍ଟ ୟୁନାଇଟେଡ ୨-୦ ଗୋଲରେ କେରଳ ବ୍ଲାଷ୍ଟର୍ସ ଏଫ୍‌ସିକୁ ପରାସ୍ତ କରିଛି। ଏଥି ସହିତ ଦଳ ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିଛି। ଦଳ ପକ୍ଷରୁ ଭି.ପି. ସୁହେର (୩୪ତମ) ଓ ଲାଲେଙ୍ଗମାୱିଆ (୪୫ତମ ମିନିଟ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଏହାକୁ ମିଶାଇ ନର୍ଥଇଷ୍ଟ କ୍ରମାଗତ ୯ଟି ମ୍ୟାଚରେ ଅପରାଜେୟ ରହିଛି। କୋଚ୍ ଖଲିଦ ଜମିଲ ପ୍ରଥମ ଭାରତୀୟ ମ୍ୟାନେଜର ଭାବେ ୩ କିମ୍ବା ତା'ଠାରୁ ଅଧିକ ଲିଗ୍ ମ୍ୟାଚରେ ସଫଳତାର ସହ ଦାୟିତ୍ୱ ନିର୍ବାହ କରି ଇତିହାସ ସୃଷ୍ଟି କରିଛନ୍ତି। ପଏଣ୍ଟ ଟେବୁଲରେ ନର୍ଥଇଷ୍ଟ ୟୁନାଇଟେଡ୍ ତୃତୀୟ ସ୍ଥାନରେ ରହିଥିବାବେଳେ ଓଡ଼ିଶା ଏଫ୍‌ସି ଉପରେ କେରଳ ବ୍ଲାଷ୍ଟର୍ସ ୧୦ମ ସ୍ଥାନରେ ରହିଛି। ମ୍ୟାଚରେ କେରଳ ବ୍ଲାଷ୍ଟର୍ସ ୧୦ଟି



ପ୍ଲେଅଫ୍‌ରେ ପ୍ରବେଶ କରିବା ପରେ ନର୍ଥଇଷ୍ଟ ୟୁନାଇଟେଡ ଦଳର ଖେଳାଳିମାନେ ଖୁସି ମନାଉଛନ୍ତି।

କର୍ନର ପାଇଥିଲେ ମଧ୍ୟ ସେଥିରୁ ଫାଇଦା ଉଠାଇ ପାରି ନ ଥିଲା। ସେ ତୁଳନାରେ ନର୍ଥଇଷ୍ଟକୁ ମାତ୍ର ୩ଟି କର୍ନର ମିଳିଥିଲା। ମ୍ୟାଚ ପରେ ବିଜୟୀ ଦଳ କୋଚ୍ ଖଲିଦ କହିଛନ୍ତି, ଖାସା କାମରା ହେଉଛନ୍ତି ତାଙ୍କ ଦଳର ଜଣେ ପ୍ରମୁଖ ଖେଳାଳି। ତାଙ୍କୁ କୌଣସି ପରାମର୍ଶର ଆବଶ୍ୟକ ପଡ଼ି ନ ଥାଏ। ଗାଲେଗୋ ଶତ ପ୍ରତିଶତ ଫିଟ୍ ନ ଥିବାରୁ ତାଙ୍କୁ ବିଶ୍ରାମ ଦିଆଯାଇଥିଲା। ତାଙ୍କ ଖେଳାଳିମାନେ କଠିନ ପରିଶ୍ରମ କରିଥିବାରୁ ସେ ଖୁସି। ଫାଇନାଲରେ ପ୍ରବେଶ ପାଇଁ ଆମକୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଏପରିକି ଆମେ ଏଫ୍‌ସି ଗୋଆ ଓ ହାଇଦ୍ରାବାଦ ଏଫ୍‌ସି ସହ ମୁକାବିଲା ପାଇଁ ପ୍ରସ୍ତୁତ ଅଛୁ।

# ଓଡ଼ିଶାର ପ୍ରଥମ ବିଜୟ


ଶାନ୍ତନୁ ମିଶ୍ର


ସନ୍ଦୀପ ପଟ୍ଟନାୟକ


କାର୍ତ୍ତିକ ବିଶ୍ୱାଳ

## ବିଜୟ ହଜାରେ ଟ୍ରଫି

■ ଶାନ୍ତନୁ, ସନ୍ଦୀପ, କାର୍ତ୍ତିକଙ୍କ ଅର୍ଦ୍ଧଶତକ

**ଭୁବନେଶ୍ୱର, ୨୬।୨(କ୍ରୀଡ଼ା ପ୍ରତିନିଧି)** ଅଧିନାୟକ ଶାନ୍ତନୁ ମିଶ୍ରଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଓଡ଼ିଶା ଚଳିତ ବିଜୟ ହଜାରେ ଟ୍ରଫି ଦିନିକିଆ ଘରୋଇ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଅଲୁରର କେଏସ୍‌ସିଏ ଗ୍ରାଉଣ୍ଡ-୨ରେ ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍ 'ସି' ମ୍ୟାଚରେ ଓଡ଼ିଶା ୭ ଉଇକେଟରେ ବିହାରକୁ ପରାସ୍ତ କରିଛି। କେରଳ, ରେଲୱେ ଓ କର୍ଣାଟକଠାରୁ କ୍ରମାଗତ ୩ ପରାଜୟ ପରେ ଓଡ଼ିଶାର ଏହା ପ୍ରଥମ ବିଜୟ। ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ବିହାର ୫୦ ଓଭରରେ ୭ ଉଇକେଟ ହରାଇ ୨୫୫ ରନ କରିଥିଲା। ଜବାବରେ ଓଡ଼ିଶା ୪୮.୧ ଓଭରରେ ୩ ଉଇକେଟ ହରାଇ ୨୫୮ ରନ ସଂଗ୍ରହ କରି ନେଇଥିଲା। ବିଜୟ ଫଳରେ ଓଡ଼ିଶା ପଏଣ୍ଟ (୪) ଖାତା ଖୋଲିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ବିହାର। ମଙ୍ଗଲ ମହରୋର ଓ ଏସ. ଗନିଙ୍କ ଓପନିଂ ଯୋଡ଼ିରେ ଦଳ ୨୧ ଓଭରରୁ ୯୫ ରନ ସଂଗ୍ରହ କରି ଦଳ ପାଇଁ ଭଲ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲା। ୬୮ ବଲ୍‌ରୁ ୭ ଚୌକା ସହାୟତାରେ ୪୮ ରନ କରିଥିବା ଗନିଙ୍କୁ ଆଉଟ କରି ଓଡ଼ିଶାକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ଅଧିନାୟକ ଶାନ୍ତନୁ ମିଶ୍ର। ପରେ ମଙ୍ଗଲ (୩୮ ରନ, ୬୪ ବଲ, ୩ ଚୌକା, ୧ ଛକା) ଓ ଯଶଭି ରିଷଭ (୨)ଙ୍କୁ ଶାନ୍ତନୁ ଆଉଟ କରିବାରୁ ୨୩ ଓଭର ବେଳକୁ ବିହାର ସ୍କୋର ୯୯/୩ ହୋଇ ଯାଇଥିଲା। ମିଡ୍‌ଲ ଅର୍ଡରରେ ବବୁଲ କୁମାର ୭୮ (୭୧ ବଲ, ୩ ଚୌକା, ୪ ଛକା) ରନ କରି ଦଳକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଶଶିମ ରାଠୋର ୨୭ ଓ ବିକାଶ ରଞ୍ଜନ ୨୦ ରନରେ ଆଉଟ ହୋଇଥିବାବେଳେ ଅନୁଜ ରାଜ ୧୦ ବଲ୍‌ରୁ ୨୨(୧ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ। ଓଡ଼ିଶା ପକ୍ଷରୁ ଶାନ୍ତନୁ ସର୍ବାଧିକ ୩ଟି, ରାଜେଶ ମହାନ୍ତି ଓ ସୂର୍ଯ୍ୟକାନ୍ତ ପ୍ରଧାନ ୨ଟି ଲେଖାଏ ଉଇକେଟ ନେଇଥିଲେ।

ବିହାର ପରି ଓଡ଼ିଶାର ଦୁଇ ଓପନର ଶାନ୍ତନୁ ଓ ସନ୍ଦୀପ ପଟ୍ଟନାୟକ ଦୃଢ଼ ବ୍ୟାଟିଂ କରି ଦଳ ପାଇଁ ମୂଳଦୁଆ ମଜଭୁତ କରିଥିଲେ। ଓପନିଂ ଯୋଡ଼ିରେ ଦୁହେଁ ୨୬.୫ ଓଭରରୁ ୧୨୪ ରନ ସଂଗ୍ରହ କରି ବିଜୟ ପାଇଁ ପଥ ପ୍ରସ୍ତୁତ କରିଥିଲେ। ୮୧ ବଲ୍‌ରୁ ୧୦ ଚୌକା ସହ ୬୪ ରନ କରିଥିବାବେଳେ ସନ୍ଦୀପ ଡାହାଣହାତୀ ମିଡିୟମ ପେସର ରାହୁଲ କୁମାରଙ୍କ ବଲ୍‌ରେ ବୋଲ୍ଡ ହୋଇଯାଇଥିଲେ। ଫର୍ମରେ ଥିବା ଶୁଭ୍ରାଂଶୁ ସେନାପତି ୧୧ ରନରେ ରନ୍‌ଆଉଟ ହୋଇଯାଇଥିବାବେଳେ ଶାନ୍ତନୁ ୧୦୭ ବଲ୍‌ରୁ ୬ ଚୌକା ଓ ୧ ଛକା ସହାୟତାରେ ୭୬ ରନ କରି ରନଆଉଟ ହୋଇଥିଲେ। ୧୭୧ ରନରେ ଦଳର ତୃତୀୟ ଉଇକେଟ ପତନ ଘଟିଥିଲା। ତେବେ କାର୍ତ୍ତିକ ବିଶ୍ୱାଳ ଓ ଅଙ୍କିତ ଯାଦବ ଆଉ କୌଣସି କ୍ଷତି ହେବାକୁ ନ ଦେଇ ଅସମାପ୍ତ ୪ର୍ଥ ଉଇକେଟରେ ୮୭ ରନ ଯୋଗକରି ଦଳକୁ ବିଜୟୀ କରାଇଥିଲେ। କାର୍ତ୍ତିକ ୪୬ ବଲ୍‌ରୁ ୩ ଚୌକା ସହ ୫୩ ଏବଂ ଅଙ୍କିତ ୩୯ ବଲ୍‌ରୁ ୫ ଚୌକା ସହାୟତାରେ ୪୩ ରନ କରିବାରୁ ଓଡ଼ିଶା ଆହୁରି ୧୧ ବଲ୍ ବାକିଥାଇ ବିଜୟ ଲକ୍ଷ୍ୟ ଅତିକ୍ରମ କରି ଯାଇଥିଲା। ବିହାର ପକ୍ଷରୁ ରାହୁଲ କୁମାର ଗୋଟିଏ ଉଇକେଟ ପାଇଥିଲେ। ଶାନ୍ତନୁ ମିଶ୍ରଙ୍କ ଓଡ଼ିଶା ଦଳ ୨୮ ତାରିଖରେ ଏହାର ଶେଷ ଲିଗ୍ ମ୍ୟାଚ ଉତ୍ତର ପ୍ରଦେଶ ବିପକ୍ଷରେ ଖେଳିବ।

**ସଂକ୍ଷିପ୍ତ ସ୍କୋର**

ବିହାର ୫୦ ଓଭରରେ ୨୫୫/୭(ବବୁଲ କୁମାର-୭୮, ଏସ. ଗନି-୪୮, ଶାନ୍ତନୁ ମିଶ୍ର-୩/୪୬, ରାଜେଶ ମହାନ୍ତି-୨/୪୦, ସୂର୍ଯ୍ୟକାନ୍ତ ପ୍ରଧାନ-୨/୬୬)। ଓଡ଼ିଶା ୪୮.୧ ଓଭରରେ ୨୫୮/୩ (ଶାନ୍ତନୁ-୭୬, ସନ୍ଦୀପ ପଟ୍ଟନାୟକ-୬୪, କାର୍ତ୍ତିକ ବିଶ୍ୱାଳ-୫୩*, ଅଙ୍କିତ ଯାଦବ-୪୩*, ରାହୁଲ କୁମାର-୧/୩୭)।

# ୟୁସୁଫ ପଠାନଙ୍କ ଅବସର

**ନୂଆଦିଲ୍ଲୀ, ୨୬।୨ (ପି.ଟି.)**



ଭାରତୀୟ ଅଲରାଉଣ୍ଡର ୟୁସୁଫ ପଠାନ ଶୁକ୍ରବାର କ୍ରିକେଟର ସମସ୍ତ ଫର୍ମାଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ୩୮ ବର୍ଷୀୟ ୟୁସୁଫ୍ ଉଦ୍‌ଘାଟନୀ ଟି୨୦ ବିଶ୍ୱକପ୍‌ରେ ଭାଗନେଇଥିଲେ। ୨୦୧୧ରେ ଦେଶରେ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଜିତିଥିବା ଭାରତୀୟ ଦଳର ମଧ୍ୟ ସେ ଅନ୍ୟତମ ସଦସ୍ୟ ରହିଥିଲେ। ୟୁସୁଫ୍ ହେଉଛନ୍ତି ଭାରତର ପୂର୍ବତନ ସିମ୍ ବୋଲର ଇର୍ଫାନଙ୍କ ବଡ଼ ଭାଇ। ସେ ୫୭ ଅନ୍ତର୍ଜାତୀୟ ଦିନିକିଆ ଖେଳି ଦୁଇ ଶତକ ଓ ୩ ଅର୍ଦ୍ଧଶତକ ସହ ୮୧୦ ରନ ସଂଗ୍ରହ କରିଛନ୍ତି। ତାଙ୍କ ଷ୍ଟ୍ରାଇକ୍ ରେଟ୍ ୧୧୩.୬୦ ରହିଥିଲା। ୟୁସୁଫ୍ ୨୨ ଅନ୍ତର୍ଜାତୀୟ ଟି୨୦ ଖେଳି ୧୪୬.୫୮ ଷ୍ଟ୍ରାଇକ୍ ରେଟ୍‌ରେ ୨୩୬ ରନ ସଂଗ୍ରହ କରିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସଫଳତା ହାସଲ କରିଥିବା କୋଲକାତା ନାଇଟ୍ ରାଇଡର୍ସ ଦଳର ସେ ଅନ୍ୟତମ ସଦସ୍ୟ ଥିଲେ। ଭାରତ ତରଫରୁ ସେ ଶେଷଥର ପାଇଁ ୨୦୧୨ରେ ଖେଳିଥିଲେ। ଭାରତୀୟ ଦଳରେ ରହି ଦୁଇଥର ବିଶ୍ୱକପ୍ ବିଜୟ ସ୍ୱାଦ ଚାଖିବା ଓ ସଚିନ ତେନ୍ଦୁଲକରଙ୍କୁ କାନ୍ଧରେ ବସାଇବା ଆଦି ତାଙ୍କ କ୍ୟାରିୟରର କେତେକ ସ୍ମରଣୀୟ ମୁହୂର୍ତ୍ତକୁ ସେ ଆଦୌ ଭୁଲିପାରିବେ ନାହିଁ ବୋଲି କହିଛନ୍ତି। ଏମ୍. ଏସ୍. ଧୋନୀଙ୍କ ଅଧୀନରେ ସେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ଶେନ ୱର୍ନଙ୍କ ଅଧୀନରେ ସେ ଆଇପିଏଲ୍ ଏବଂ ଜାକବ ମାର୍ଟିନଙ୍କ ଅଧୀନରେ ସେ ରଣଜୀ ପଦାର୍ପଣ କରିଥିଲେ। ଏମାନେ ମୋ ଉପରେ ଭରସା ରଖିଥିଲେ। ତେଣୁ ସେ ସେମାନଙ୍କୁ ଧନ୍ୟବାଦ ଦେବାକୁ ଚାହିଁବେ ବୋଲି ୟୁସୁଫ କହିଛନ୍ତି। ସୂଚନାଯୋଗ୍ୟ ୟୁସୁଫ୍ ଗତ ଦୁଇଟି ଆଇପିଏଲ୍‌ରେ ଅଲୋଡ଼ା ହୋଇ ରହିଥିଲେ।

## ସବୁ ପରିବେଶରେ ମ୍ୟାଚ ଜିତିପାରେ ଭାରତ: ହେଡେନ୍

**ଚେନ୍ନାଇ, ୨୬।୨ (ପି.ଟି.):** ଚେନ୍ନାଇ, ୨୬।୨(ପି.ଟି.)- ଭାରତୀୟ କ୍ରିକେଟ ଦଳ ନିକଟରେ ସମସ୍ତ ପରିବେଶରେ ମ୍ୟାଚ ଜିତିବାର ସାମର୍ଥ୍ୟ ରହିଛି, ଏହା ହେଉଛି ଏକ ଶକ୍ତିଶାଳୀ ଦଳର ଲକ୍ଷଣ। ଅଷ୍ଟ୍ରେଲିଆର ପୂର୍ବତନ ଓପନର ମାଥ୍ୟୁ ହେଡେନ ଏକଥା କହିଛନ୍ତି। ଭାରତ ନିକଟରେ ଡାଉନ୍ ଅଣ୍ଡରରେ ଅଷ୍ଟ୍ରେଲିଆ ବିପକ୍ଷ ୪ ମ୍ୟାଚ ବିଶିଷ୍ଟ ସିରିଜ ୨-୧ରେ ଜିତିଛି। ଗୁରୁବାର ଅହମଦାବାଦରେ ତୃତୀୟ ଟେଷ୍ଟରେ ୧୦ ଉଇକେଟରେ ବିଜୟ ହାସଲ କରି ବିରାଟ କୋହଲିଙ୍କ ଦଳ ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ୨-୧ରେ ଅଗ୍ରଣୀ ଲାଭ କରିଛି। ପ୍ରଦର୍ଶନ ଦ୍ୱାରା ଭାରତ ନିଜକୁ ଏକ ଆଧୁନିକ ଦଳ ଭାବେ ପ୍ରତିପାଦନ କରିଛି। ଏହି ଦଳ କେବଳ ଲଢେଇ ନୁହେଁ ଦେଶ ହେଉ ଅବା ବିଦେଶ ଯେକୌଣସି ପରିବେଶରେ ମ୍ୟାଚ ଜିତିପାରେ ବୋଲି ହେଡେନ୍ କହିଛନ୍ତି।

## ପ୍ରଥମଶ୍ରେଣୀ ଓ ଅନ୍ତର୍ଜାତୀୟ କ୍ରିକେଟ ଛାଡ଼ିଲେ ବିନୟ କୁମାର

**ନୂଆଦିଲ୍ଲୀ, ୨୬।୨ (ପି.ଟି.)**



କର୍ଣାଟକର ଭେଟେରାନ ମିଡିୟମ ପେସର ଆର୍. ବିନୟ କୁମାର ଶୁକ୍ରବାର ଅନ୍ତର୍ଜାତୀୟ ଓ ପ୍ରଥମଶ୍ରେଣୀ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୩୭ ବର୍ଷୀୟ ବିନୟ କୁମାର ତାଙ୍କ ରାଜ୍ୟ ଦଳକୁ କ୍ରମାଗତ ଦୁଇଥର ରଣଜୀ ଟ୍ରଫି ଟାଇଟଲ ଜିତାଇଛନ୍ତି। ସେ ତାଙ୍କ କ୍ୟାରିୟରରେ ସଚିନ ତେନ୍ଦୁଲକର, ମହେନ୍ଦ୍ର ସିଂ ଧୋନୀ ଓ ବିରାଟ କୋହଲିଙ୍କ ଭଳି ଖେଳାଳିଙ୍କ ସହ ଖେଳିଥିବାରୁ ନିଜକୁ ଭାଗ୍ୟବାନ ମନେକରନ୍ତି ବୋଲି କହିଛନ୍ତି। ବିନୟ କୁମାର ଭାରତ ତରଫରୁ ଗୋଟିଏ ଟେଷ୍ଟ, ୩୧ ଅନ୍ତର୍ଜାତୀୟ ଦିନିକିଆ ଓ ୯ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି।

## ସୌମ୍ୟଙ୍କୁ ରାଜ୍ୟପାଳଙ୍କ ପ୍ରଶଂସା

**ଭୁବନେଶ୍ୱର, ୨୬।୨(କ୍ରୀଡ଼ା ପ୍ରତିନିଧି):** ଅନ୍ତର୍ଜାତୀୟ ଚେସ୍ ଖେଳାଳି ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଶୁକ୍ରବାର ରାଜ୍ୟପାଳ ଗଣେଶୀ ଲାଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଚେସ୍‌ରେ ସୌମ୍ୟଙ୍କ ସଫଳତାକୁ ରାଜ୍ୟପାଳ ପ୍ରଶଂସା କରିବା ସହ ଆଗାମୀ ଦିନରେ ରାଜ୍ୟ ଏବଂ ଦେଶ ପାଇଁ ଅଧିକ ଗୌରବ ଆଣିବାକୁ ଶୁଭକାମନା ଜଣାଇଥିଲେ। ସୌମ୍ୟ ଭାରତର ଏକମାତ୍ର ଖେଳାଳି ଭାବେ ଭାରତୀୟ ପୋଷ୍ଟାଲ ଚେସ୍, ଭାରତୀୟ ରେଲୱେ ଚେସ୍ ଏବଂ ଭାରତୀୟ ସିଭିଲ ସର୍ଭିସ ଚେସ୍ ଟାଇଟଲ ହାସଲ କରିଛନ୍ତି। ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ ଅଫିସ (ସିପିଏମ୍‌ଜି)ରେ ଲୋକସମ୍ପର୍କ ବିଭାଗ ଅଧିକାରୀ ଭାବେ ସେ କାର୍ଯ୍ୟରତ। ରାଜ୍ୟପାଳଙ୍କୁ ସାକ୍ଷାତ ଅବସରରେ ସୌମ୍ୟଙ୍କ ସ୍ତ୍ରୀ ସଞ୍ଚିତା ଶର୍ମିଷ୍ଠା ପ୍ରିୟଦର୍ଶିନୀ ଉପସ୍ଥିତ ଥିଲେ।


ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ସାକ୍ଷାତ କରିବା ଅବସରରେ ଚେସ୍ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର।

# ଏଲିଟ ଗ୍ରୁପ୍ 'ଏ'ରେ ଓଡ଼ିଶା

**ଭୁବନେଶ୍ୱର, ୨୬।୨(କ୍ରୀଡ଼ା ପ୍ରତିନିଧି)**

## ସିନିୟର ମହିଳା ଦିନିକିଆ କ୍ରିକେଟ

■ ମାର୍ଚ୍ଚ ୧୨ରେ ଝାଡ଼ଖଣ୍ଡ ବିପକ୍ଷରୁ ଅଭିଯାନ

■ ୧୪ରେ ହାଇଦ୍ରାବାଦ, ୧୬ରେ ତ୍ରିପୁରା, ୧୮ରେ ଛତିଶଗଡ଼ ଓ ୨୦ରେ ଗୁଜରାଟ ସହିତ ଖେଳିବ

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଘରୋଇ ମହିଳା କ୍ରିକେଟ ସିଜନ ମାର୍ଚ୍ଚ ୧୧ରେ ଦିନିକିଆ ଟୁର୍ନାମେଣ୍ଟରୁ ଆରମ୍ଭ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶା ଏଲିଟ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛି। ଓଡ଼ିଶା ଗ୍ରୁପ୍‌ରେ ରହିଥିବା ଅନ୍ୟ ଦଳଗୁଡ଼ିକ ହେଲେ ଝାଡ଼ଖଣ୍ଡ, ହାଇଦ୍ରାବାଦ, ଗୁଜରାଟ, ଛତିଶଗଡ଼ ଓ ତ୍ରିପୁରା। ଦିନିକିଆ ଟୁର୍ନାମେଣ୍ଟ ପାଇଁ ବିସିସିଆଇ ପକ୍ଷରୁ ୬ଟି ଭେନ୍ୟୁ ଚୂଡ଼ାନ୍ତ କରାଯାଇଛି। ସେଗୁଡ଼ିକ ହେଲା ସୁରଟ, ରାଜକୋଟ, ଜୟପୁର, ଇନ୍ଦୋର, ଚେନ୍ନାଇ ଓ ବେଙ୍ଗାଲୁରୁ। ଗ୍ରୁପ୍ 'ଏ'ରେ ଥିବାରୁ ଓଡ଼ିଶା ଏହାର ମ୍ୟାଚଗୁଡ଼ିକ ସୁରଟରେ ଖେଳିବ। ଏଲିଟ 'ବି'ରେ ଥିବା ରେଲୱେ, ବେଙ୍ଗଲ, ସୌରାଷ୍ଟ୍ର, ହରିୟାଣା, ଆସାମ ଓ ଉତ୍ତରାଖଣ୍ଡ ରାଜକୋଟରେ, ଏଲିଟ 'ସି'ରେ ଥିବା ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ଗୋଆ, ଚଣ୍ଡିଗଡ଼ ଜୟପୁରରେ ଖେଳିବେ। ସେହିପରି ଏଲିଟ 'ଡି'ରେ ସ୍ଥାନ ପାଇଥିବା ମଧ୍ୟପ୍ରଦେଶ, ମୁମ୍ବାଇ, କେରଳ, ବରୋଦା, ପଞ୍ଜାବ ଓ ନାଗାଲାଣ୍ଡ ଇନ୍ଦୋରରେ ଏବଂ ଏଲିଟ 'ଇ'ରେ ଥିବା କର୍ଣାଟକ, ଦିଲ୍ଲୀ, ହିମାଚଳ ପ୍ରଦେଶ, ତାମିଲନାଡୁ, ବିଦର୍ଭ ଓ ମେଘାଳୟ ଚେନ୍ନାଇରେ ଖେଳିବେ। ପ୍ଲେଟ୍ ଗ୍ରୁପରେ ରହିଥିବା ପଣ୍ଡିଚେରୀ, ଜମ୍ମୁ-କଶ୍ମୀର, ମିଜୋରାମ, ବିହାର, ମଣିପୁର, ସିକ୍କିମ ଓ ଅରୁଣାଚଳ ପ୍ରଦେଶ ବେଙ୍ଗାଲୁରୁରେ ଖେଳିବେ। ଦଳଗୁଡ଼ିକ ନିଜ ନିଜ ହୋଟେଲରେ ମାର୍ଚ୍ଚ ୪ରେ ପହଞ୍ଚି କୋଭିଡ୍ ଟେଷ୍ଟ ଦେବେ। ୯ ତାରିଖ ମଧ୍ୟରେ ୩ଥର କୋଭିଡ୍ ଟେଷ୍ଟ ହେବା ପରେ ୧୦ ତାରିଖରୁ ଅଭ୍ୟାସ ଆରମ୍ଭ ହେବ। ୧୧ ତାରିଖରୁ ପ୍ଲେଟ ଗ୍ରୁପ ଏବଂ ୧୨ ତାରିଖରୁ ଏଲିଟ ଗ୍ରୁପ୍ ମ୍ୟାଚ ଖେଳାଯିବ। ମାର୍ଚ୍ଚ ୨୯ ଓ ୩୦ରେ କ୍ୱାର୍ଟର ଫାଇନାଲ, ଏପ୍ରିଲ ୧ରେ ଦୁଇଟି ଯାକ ସେମିଫାଇନାଲ ଏବଂ ୪ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ। ଓଡ଼ିଶା ଏହାର ପ୍ରଥମ ମ୍ୟାଚ ଝାଡ଼ଖଣ୍ଡ ସହିତ ମାର୍ଚ୍ଚ ୧୨ ତାରିଖରେ ଖେଳିବ। ପରେ ୧୪ରେ ହାଇଦ୍ରାବାଦ, ୧୬ରେ ତ୍ରିପୁରା, ୧୮ରେ ଛତିଶଗଡ଼, ୨୦ରେ ଗୁଜରାଟ ସହିତ ଖେଳିବ। ପ୍ରକାଶଯୋଗ୍ୟ ଯେ, ଏହି ଟୁର୍ନାମେଣ୍ଟ ପାଇଁ ଗତ ୨୪ ତାରିଖରେ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ମଧୁସ୍ମିତା ବେହେରାଙ୍କ ନେତୃତ୍ୱରେ ୨୨ ଜଣିଆ ଦଳ ଘୋଷଣା କରାଯାଇଥିଲା। ଓଡ଼ିଶା ଦଳ: ମଧୁସ୍ମିତା ବେହେରା (ଅଧିନାୟିକା), ସରିତା ମେହେର, ଅଞ୍ଜଳି ସିଂ, ପ୍ରଜ୍ଞା ପାରମିତା ମହାନ୍ତି (ଉଇକେଟ କିପର), ସୁଶ୍ରୀ ଦିବ୍ୟଦର୍ଶିନୀ, ରସନାରା ପରବିନ, ରାଜଶ୍ରୀ ସ୍ୱାଇଁ, ଲୁଇସା ଦାସ, ବନଲତା ମଲିକ, ତନ୍ମୟୀ ବେହେରା, ସଙ୍ଗିତା ଖାଡ଼ିଆ, ମାଧୁରୀ ମେହେଟା (ଉପଅଧିନାୟିକା), କାଜଲ ଜେନା, ରାଣୀ ଟୁଡୁ, ରଶ୍ମିତା ଚିନାରା (ଉଇକେଟ କିପର), ପ୍ରିୟଙ୍କା ସାହୁ, ଡି. ଜାନକୀ ରେଡ୍ଡୀ, ବର୍ଷାରାଣୀ ସିଂ, ସୁଜାତା ମଲିକ, ରାମେଶ୍ୱରୀ ନାୟକ, ଶୁଭ୍ରା ନିର୍ଝରିଣୀ ସ୍ୱାଇଁ, ତରାନ୍ନା ପ୍ରଧାନ।


## ମନେ ପଡ଼ନ୍ତି

With profound grief we inform the sad demise of
Late Deependra Lal Bose
15.12.1935- 15.02.2021
Son of: Late Harendra Lal Bose
:In Reverence & Grief:
Bulbul Bose (Wife), Siddhartha & Lipika (Son & Daughter-in-law), Arundhati & Utpal (Daughter & Son-in-law), Sameep & Aditya (Grandsons).
D-20048

In Loving Memory of
1954 - 2015
Our Beloved Mother
Mrs. Meera Tripathy
Peacefully Left for her Heavenly Abode on Tuesday 3rd February, 2015
Sixth Annual Sradha: Saturday 27th February, 2021
Fondly Remembered By: Haribandhu Tripathy and family members.
ଧ-୨୦୦୬୩

ଦ୍ୱାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ସ୍ୱର୍ଗତ ଜାହ୍ନବୀ ବଲ୍ଲଭ ଦାଶ
ଘାଟିକିଆ, ଭୁବନେଶ୍ୱର
ଆବିର୍ଭାବ: ୦୨।୦୬।୧୯୪୬
ତିରୋଧାନ: ୧୬।୦୨।୨୦୨୧
ଆମ ପରିବାରର ସମସ୍ତଙ୍କୁ ଶୋକସାଗରରେ ଭସାଇଦେଇ ଆପଣ ଆରପୁରକୁ ଚାଲିଗଲେ। ଆପଣଙ୍କ ଦିଗ୍‌ଦର୍ଶନ ଆମ ସମସ୍ତଙ୍କୁ ସଦା ପ୍ରେରଣା ବାଟ ଚଲାଉ ଏବଂ ସ୍ନେହ, ମମତା, ଆଶୀର୍ବାଦ ଆମ୍ଭମାନଙ୍କୁ ସଦା ପ୍ରେରଣା ଯୋଗାଉଥାଉ। ଆପଣଙ୍କ ପବିତ୍ର ଆତ୍ମା ପରମାତ୍ମାଙ୍କ ପଦଯୁଗଳରେ ସ୍ଥାନ ପାଉ ଏହାହିଁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଆପଣଙ୍କ ଆଶୀର୍ବାଦ ଭିକ୍ଷୁ:-
ପତ୍ନୀ, କନ୍ୟା, ଜାମାତା, ପୁତ୍ରବଧୂ, ଆତ୍ମୀୟସ୍ୱଜନ ଓ ଶୋକସନ୍ତପ୍ତ ପରିବାରବର୍ଗ।

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ
ସ୍ୱ.ଡଃ. ଦୁର୍ଗାଚରଣ ମହାନ୍ତି
ଆବିର୍ଭାବ: ୨୬।୧୨।୧୯୪୦
ତିରୋଧାନ: ୧୯।୦୨।୨୦୧୯
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନିଷ୍ଠା, ଆଦର୍ଶ, କର୍ତ୍ତବ୍ୟପରାୟଣତା ଓ ସେବା ଆମ୍ଭମାନଙ୍କ ଜୀବନର ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀ ଲିଙ୍ଗରାଜଙ୍କ ଚରଣରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ, ପୁତ୍ର, ପରିବାରବର୍ଗ ଓ ବନ୍ଧୁବାନ୍ଧବ।

୩୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ସ୍ୱ ପ୍ରଭା ରାଉତରାୟ
ସ୍ୱାମୀ ସ୍ୱ ସୁଧାଂଶୁ ମୋହନ ରାଉତରାୟ
ପ୍ଲଟ. ନଂ.: ୧୫୭, ସହିଦନଗର, ଭୁବନେଶ୍ୱର
ଆବିର୍ଭାବ: ତା ୧୭.୧୨.୧୯୩୭
ତିରୋଧାନ : ତା ୧୩.୦୨.୧୯୮୭
'ତୁମ ପରି କିଏ ମାଆ ହେବ ଚାରି ସନ୍ତାନ ଜଞ୍ଜାଳ ବୋହି ନୀତିକୁ କେବଳ ଆଦର୍ଶକରି ଦୁନିଆ ଆଗରେ ଠିଆ ହେବ'
ତୁମରି ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା କରୁଛୁ।
ତୁମର ବନ୍ଧୁ ଓ ପରିବାରବର୍ଗ

ଏକାଦଶାହ ଉପଲକ୍ଷେ
ସ୍ୱର୍ଗତ କାର୍ତ୍ତିକ ଚନ୍ଦ୍ର ମିଶ୍ର
(ଶ୍ରୀ ଦଧିବାମନଜୀଉଙ୍କ ମୁଖ୍ୟ ପୁରୋହିତ)
ତମାଳଶାସନ, ଚଉଦକୁଳାଟ, କେନ୍ଦ୍ରାପଡ଼ା
ଆବିର୍ଭାବ: ୧୭।୧୦।୧୯୩୧
ତିରୋଧାନ: ୧୭।୦୨।୨୦୨୧
ଆପଣଙ୍କ ସ୍ନେହ, ସଦିଚ୍ଛା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଜୀବନଶୈଳୀ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମରଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଦଧିବାମନଜୀଉଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ପୁତ୍ର: ରମେଶଚନ୍ଦ୍ର ମିଶ୍ର, ଉମେଶଚନ୍ଦ୍ର ମିଶ୍ର ଓ ଶୋକସନ୍ତପ୍ତ ପରିବାର, ବନ୍ଧୁବର୍ଗ।

ପଞ୍ଚମ ଜନ୍ମବାର୍ଷିକ ଶୁଭେଚ୍ଛା
(ମିଷ୍ଟି)
ଅଲିଭା ପ୍ରିୟଦର୍ଶିନୀ ମିଶ୍ର
ବାପା- ବିକାଶ ମିଶ୍ର, ମାଆ- ଇପ୍‌ସିତା ମିଶ୍ର
ଗ୍ରାମ- ରାଏପାଲି, ବ୍ଲକ ଦେଓଗାଁ, ଜିଲ୍ଲା- ବଲାଙ୍ଗୀର
ଆଜି ତୋର ପଞ୍ଚମ ଜନ୍ମବାର୍ଷିକ ଉତ୍ସବ ଅବସରରେ ଜଗତରନାଥ ଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ। ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ, ଏହାହିଁ ବାବା ତ୍ରିଲିଙ୍ଗେଶ୍ୱରଙ୍କ ନିକଟରେ ଆମ କାମନା। ଶୁଭେଚ୍ଛା ସହ:-
ଦାଦା: ସୁରେଶ, ମାମା: ଉର୍ମିଳା, ଅଜା: ରଘୁନାଥ, ଆଈ: ତପସ୍ୱିନୀ, ଝିଅ: ଜ୍ୟୋସ୍ନା, ସିନାମୟୀ, ପିଉସା: ଶୁଭେନ୍ଦୁ ଓ ସିପୁନ, ମାମୁ: ଅଙ୍କୁଶ, ଓ ଲିକୁ, ଭାଇ: ଆୟୁଷ୍ମାନ, ବଡ଼ବାପା, ବଡ଼ମାଆ ତଥା ମିଶ୍ର ପରିବାରବର୍ଗ।
ଧ-୨୦୦୭୭

୧୧ତମ ଜନ୍ମଦିନର ଶୁଭେଚ୍ଛା
ଜ୍ଞାନ ରଞ୍ଜନ ସାହୁ (ଓମ୍) (ଡୁଡୁଲ୍)
DOB : 27.02.2010
ପ୍ରଭୁ ଶ୍ରୀ ଜଗନ୍ନାଥ ତୋର ଚଲାପଥକୁ କୁସୁମିତ ଓ ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ।
ଆଶୀର୍ବାଦ ସହ - ଜେଜେମା', ମାମା, ପାପା, ଅଜା, ଆଈ, ମାମୁଁ, ମାଇଁ, ଦାଦା, ଖୁଡି, ପିଉସା, ପିଉସି, ମଉସା, ମାଉସୀ, ଭାଇ ଓ ଭଉଣୀମାନେ
ଧ-୨୦୦୭୦

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ + ଚାକିରୀ ପାଆନ୍ତୁ
Bansal Tower B Wing, Bangalore, Karnataka-400021.
9485687401
8901064681

DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ
9773820765
ସଉତୁଣୀ, ଶତ୍ରୁମୁକ୍ତି, ଲଭ୍ ମ୍ୟାରେଜ୍, ଯାଦୁକରଣ, ହଜି ଯାଇଥିବା ପ୍ରେମକୁ ଫେରିପାଇବା। କଳାଯାଦୁ, ବଶୀକରଣ ସମସ୍ୟାର ଗୁପ୍ତ ସମାଧାନ। କୌଣସି ପଣ୍ଡିତ, ତାନ୍ତ୍ରିକ, ଅଘୋରୀ, କାମକୁ କାଟିପାରିବେ ତେବେ ତାଙ୍କୁ ବାବା ଆଲମ ଖାନଙ୍କ ତରଫରୁ ପୁରସ୍କାର।
Address : ରାମ ମନ୍ଦିର ନିକଟରେ
9910560681

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Hindusthan Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 2 ଜଣଙ୍କୁ ଠିକା ଦିଅନ୍ତୁ
କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
75896-04782


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସ୍ୱପ୍ନ ଓ ସାଧନାର ପ୍ରତୀକ: ସି.ଭି. ରମଣ

ନିକୁଞ୍ଜ ବିହାରୀ ସାହୁ

୧୯୨୦ ମସିହା କଥା। ନାରକୁଣ୍ଡା ନାମକ ବାଷ୍ପୀୟ ଜାହାଜ ଇଂଲଣ୍ଡ ସାଉଦାମ୍ପଟନ୍ ବନ୍ଦରରୁ ବାହାରି ଭାରତର ବମ୍ବେ ଅଭିମୁଖେ ଯାତ୍ରା କରୁଥାଏ। ଚାରିପଟେ ଭୂମଧ୍ୟ ସାଗରର ସୁନୀଳ ଜଳରାଶି। ସମୁଦ୍ରରେ ଢେଉ କାଟି କାଟି ଆଗେଇ ଚାଲିଥାଏ ଜାହାଜଟି। ଯାତ୍ରୀମାନେ ସମସ୍ତେ ଏହି ରୋମାଞ୍ଚକର ଜଳଯାତ୍ରାର ମଜା ଉପଭୋଗ କରୁଥା'ନ୍ତି। ଯାତ୍ରୀମାନଙ୍କ ମଧ୍ୟରେ ଥାଆନ୍ତି ଜଣେ ସାଧାରଣ ଦିଶୁଥିବା ତରୁଣ। ସେ କୌଣସି



ଆଡ଼କୁ ଦୃଷ୍ଟି ନ ଦେଇ ପକେଟ୍‌ରୁ ଛୋଟ ଛୋଟ ଉପକରଣ ବାହାର କରି ସମୁଦ୍ର ଓ ଆକାଶକୁ ନିରୀକ୍ଷଣ କରୁଥା'ନ୍ତି। ମଝିରେ ମଝିରେ ବୋତଲରେ ପାଣି ସଂଗ୍ରହ କରି ମନଧ୍ୟାନରେ କିଛି ପରୀକ୍ଷାନିରୀକ୍ଷା କରିବାରେ ବ୍ୟସ୍ତ ଥାଆନ୍ତି। ଯାତ୍ରୀମାନେ ତାଙ୍କୁ ଧରି ନେଇଥା'ନ୍ତି ଜଣେ ପାଗଳ ବୋଲି।

ସେଦିନର ପାଗଳ ଜଣକ ଥିଲେ ଭାରତ ତଥା ବିଶ୍ୱର ସ୍ୱନାମଧନ୍ୟ ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟ ରମଣ। ଆଉ ସେଦିନ ସେ ଯେଉଁ ପରୀକ୍ଷା କରୁଥିଲେ, ତାହା ଥିଲା ସମୁଦ୍ରର ନୀଳ ରଙ୍ଗ ଉପରେ। ପୂର୍ବରୁ ବୈଜ୍ଞାନିକମାନେ ବିଶ୍ୱାସ କରୁଥିଲେ ଯେ, ନୀଳ ଆକାଶର ପ୍ରତିଫଳନ ଯୋଗୁ ସମୁଦ୍ରର ନୀଳିମା ସୃଷ୍ଟି ହୋଇଥାଏ। ମାତ୍ର ରମଣ ସେଦିନର ସେହି ପରୀକ୍ଷାରେ ଏହାକୁ ଭୁଲ୍ ବୋଲି ପ୍ରମାଣିତ କଲେ। ତାଙ୍କ ମତରେ ସମୁଦ୍ରର ଜଳ ଅଣୁସବୁ ଦ୍ୱାରା ସୂର୍ଯ୍ୟାଲୋକର କମ୍ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ନୀଳ ଆଲୋକର ବେଶି ବିଚ୍ଛୁରଣ ଘଟି ଦର୍ଶକଙ୍କ ଚକ୍ଷୁରେ ପ୍ରବେଶ କରୁଥିବାରୁ ସମୁଦ୍ରରେ ନୀଳବର୍ଣ୍ଣ ସୃଷ୍ଟି ହେଉଛି। ରମଣଙ୍କ ଆଲୋକ ସମ୍ପର୍କରେ ଏହି ବିଚ୍ଛୁରଣ ତତ୍ତ୍ୱ ବିଜ୍ଞାନ ଜଗତରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କଲା।

ଏହା ତାଙ୍କୁ ପରବର୍ତ୍ତୀ କାଳରେ ବିଶ୍ୱର ସର୍ବୋଚ୍ଚ ସମ୍ମାନ 'ନୋବେଲ ପୁରସ୍କାର' ଅର୍ଜନ କରିବାରେ ସହାୟକ ହୋଇଥିଲା।

ତୁଳସୀ ଦୁଇପତ୍ରରୁ ବାସିଲା ପରି ପିଲାଟି ଦିନରୁ ରମଣଙ୍କ ଅସାଧାରଣ ପ୍ରତିଭାର ପରିଚୟ ମିଳିଥିଲା। ସେ ଏମ୍.ଏ. ପଢୁଥିବା ସମୟରେ ନିଜର ଦୁଇଟି ବୈଜ୍ଞାନିକ ନିବନ୍ଧ ଲଣ୍ଡନର ପ୍ରସିଦ୍ଧ ଗବେଷଣା ପତ୍ରିକା 'ଦି ଫିଲୋଶଫିକାଲ ମାଗାଜିନ୍'ରେ ପ୍ରକାଶ କରିଥିଲେ। ସ୍ନାତକୋତ୍ତର ଶିକ୍ଷାଲାଭ ପରେ ଦେଶରେ ଉଚ୍ଚତର ବିଜ୍ଞାନ ଶିକ୍ଷାର ସୁଯୋଗ ନ ମିଳିବାରୁ ସେ ଗତିପଥ ପରିବର୍ତ୍ତନ କରି ଆଇ.ସି.ଏସ୍. ପ୍ରବେଶିକା ପରୀକ୍ଷାରେ ଭାଗ ନେଲେ। ସେଥିରେ ସେ ପ୍ରଥମ ସ୍ଥାନ ଅଧିକାର କରି କଲିକତାଠାରେ ସହକାରୀ ଆକାଉଣ୍ଟାଣ୍ଟ ଜେନେରାଲ ପଦବୀରେ ଯୋଗଦେଲେ। ମାତ୍ର ବିଜ୍ଞାନ ବ୍ରତରେ ଯିଏ ବ୍ରତୀ, ତାଙ୍କୁ ସାଧାରଣ ହିସାବରକ୍ଷକ ଚାକିରି ସୀମାବଦ୍ଧ କରି ରଖିପାରନ୍ତା କିପରି? ସେ କଲିକତା ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ସାର ଆଶୁତୋଷ ମୁଖାର୍ଜୀଙ୍କ ଆମନ୍ତ୍ରଣକ୍ରମେ ଲୋଭନୀୟ ସରକାରୀ ଚାକିରି ତ୍ୟାଗ କରି ମାତ୍ର ୮୦୦ ଟଙ୍କା ବେତନରେ କଲିକତା ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରି ମାତ୍ର ୫୦୦ ଟଙ୍କା ମୂଲ୍ୟର ଯନ୍ତ୍ରପାତି ବ୍ୟବହାର କରି ତାଙ୍କର ଚିରସ୍ମରଣୀୟ 'ରମଣ ପ୍ରଭାବ' ଆବିଷ୍କାର କରିଥିଲେ।

ରମଣ ଦେଖାଇଦେଲେ, ମହାନ୍ ଉପଲବ୍ଧି ନିମନ୍ତେ ଅର୍ଥ କିମ୍ବା ପୃଷ୍ଠଭୂମିର ବିଶେଷ ଆବଶ୍ୟକତା ନାହିଁ। ବରଂ ଲୋଡ଼ା ସ୍ୱପ୍ନ ଓ ସାଧନା। ଏହି ଦୃଷ୍ଟିରୁ ରମଣ ଆମ ସମସ୍ତଙ୍କ ପାଇଁ ଆଦର୍ଶ ଓ ତାଙ୍କର ଜୀବନୀ ଆମ ସମସ୍ତଙ୍କୁ ଚିରଦିନ ଅନୁପ୍ରାଣିତ କରୁଥିବ।

କହିବାବାହୁଲ୍ୟ, ଏହି ଯୁଗାନ୍ତକାରୀ ଆବିଷ୍କାର ନିମନ୍ତେ ରମଣଙ୍କୁ ୧୯୩୦ ମସିହାରେ ବିଶ୍ୱର ସର୍ବୋଚ୍ଚ ସମ୍ମାନ ନୋବେଲ ପୁରସ୍କାର ପ୍ରଦାନ କରାଗଲା। ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ଲାଭ କରିବାରେ ରମଣ ଥିଲେ ପ୍ରଥମ ଏସୀୟ ତଥା ପ୍ରଥମ ଭାରତୀୟ। ରମଣଙ୍କ ଏହି ମହତ୍ତ୍ୱପୂର୍ଣ୍ଣ ଆବିଷ୍କାର ଘଟିଥିଲା ୧୯୨୮, ଫେବୃୟାରୀ ୨୮ ତାରିଖରେ। ସେଥିପାଇଁ ଫେବୃୟାରୀ ୨୮ ତାରିଖକୁ ଆମ ଦେଶରେ ପ୍ରତିବର୍ଷ 'ଜାତୀୟ ବିଜ୍ଞାନ ଦିବସ' ରୂପେ ପାଳନ କରାଯାଏ।

– ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ
ମୋ : ୮୦୧୮୭୦୮୮୫୮

## ଆ ଇ ନା




## ଖୁଲିଖୁଲି ହସ



୧

ରେହମାନ- ଆରେ ପିଙ୍କୁ ତୁ ଜାଣିଛୁ ହନୁମାନ ଆମ ଠାକୁର।
ପିଙ୍କୁ- ନାଇଁ ହନୁମାନ ଆମ ହିନ୍ଦୁମାନଙ୍କର ଠାକୁର।
ରେହମାନ- ଧେତ୍ ତୁ ଜାଣିନୁ ଆମର ଯେମିତି ନାଁ ଅଛି ରେହମାନ, ସୁଲେମାନ୍ ସେମିତି ହନୁମାନ।

୨

ହରି- ଆରେ ମତେ କହିଲୁ 'ଆଇ ଆମ୍ ଗୋଇଂ' ମାନେ କ'ଣ?
ନରି- ମୁଁ ଯାଉଅଛି।
ହରି- କ'ଣ କହିଲୁ... ଆରେ ତତେ ତ ମୁଁ ଜମାରୁ ଛାଡିବିନି। ତୋ ଆଗରୁ ୧୦ଜଣ ଯାଇ ସାରିଲେଣି। ତୁ ମୋତେ ଏହାର ମାନେ କହ...

୩

ରାଧୁଆ- ଜାଣିଛୁ ଗୋପି... ମତେ ସମସ୍ତେ ଭଗବାନ ବୋଲି ଭାବନ୍ତି।
ଗୋପି- ହଁ ସତେକି ତୁ କେମିତି ଜାଣିଲୁ...
ରାଧୁଆ- ମୁଁ ଯେଉଁଠିକୁ ଯାଏ, ସେଠି ଲୋକମାନେ ମୋତେ ଦେଖି ସାଙ୍ଗେ ସାଙ୍ଗେ କହନ୍ତି ହେ ଭଗବାନ, ପୁଣି ଆସିଗଲ....

୪

ଆମ ଗାଁ ପଶୁ ଡାକ୍ତରଙ୍କ ନାଁ ହେଉଛି ଷଣ୍ଢ ଦାସ।
ମକରା ରାସ୍ତାରେ ଯିବାବେଳେ ଦେଖିଲା ଷଣ୍ଢ ଦାସ ତାଙ୍କ ଘର ଆଗରୁ ଡୋର୍‌ବେଲ୍‌ଟିକୁ କାଢି ଦେଉଛନ୍ତି...
ମକରା- ସାର୍ ଡୋରବେଲ୍ କାହିଁକି କାଢି ଦେଉଛନ୍ତି ?
ଷଣ୍ଢବାବୁ- ଆରେ ଡୋରବେଲ୍ କାଢି ଦେଇ ମୁଁ ନୋ-ବେଲ୍ ପାଇବା ପାଇଁ ଯୋଗ୍ୟ ହେବାକୁ ଯାଉଛି।

## କବିତା



### ସୁନ୍ଦର ଏଇ ତୁମରି ସୃଷ୍ଟିରେ

ଆହା କି ସୁନ୍ଦର ତୁମରି ସୃଷ୍ଟିରେ
ଫୁଟିଛି ମୁଁ କଢ଼ିଟିଏ,
ପୂଜାରେ ଲାଗିବି ସେହିଦିନ ପ୍ରଭୁ
ହେବି ଯେବେ ଫୁଲଟିଏ।

ସୁନ୍ଦର ସୁନ୍ଦର ମୋ' ଦୁଇ ଆଖିରେ
ଦେଖୁଥିବି ତୁମ ଛବି,
ସକାଳୁ ଉଠିବି ପ୍ରଣାମ କରିବି
ଉଉଁଥିବେ ଯେବେ ରବି।

ସୁନ୍ଦର ସୁନ୍ଦର ଦୁଇ କାନେ ମୋର
ଶୁଣୁଥିବି ତୁମ ଗୀତି,
ସକାଳ ସଞ୍ଜରେ ଜାଳୁଥିବି ଦୀପ
ପୂଜା କରୁଥିବି ନିତି।

ସୁନ୍ଦର ସୁନ୍ଦର ଦୁଇ ପାଦେ ମୋର
ଚାଲୁଥିବି ସତ ବାଟେ,
ଅବାଟରେ ଯେବେ ଯିବି ମୁଁ ସାଇଁ ହେ
ଦେଉଥିବ ମୋତେ ଛାଟେ।

ସୁନ୍ଦର ଏଇ ମୋ' ଛୋଟିଆ ପାଟିରେ
ଗାଉଥିବି ତୁମ ନାମ,
ସତ୍ୟ ପଥେ ଧର୍ମ ପଥେ ଲୟ ରଖି
କରୁଥିବି ଭଲ କାମ।

– **ଶରତ କୁମାର ଦାସ**
ଅଧ୍ୟାପକ, ବଡ଼ବିଲ ମହାବିଦ୍ୟାଳୟ, କେନ୍ଦୁଝର

### ଗଛ ଆମର ମିତ

ସଡ଼କ କଡ଼ ମାଟି
ଗଲାଣି ଦେଖ ଫାଟି
ଗଛ ବୁରୁଛ ନାହିଁ ଗୋଟିଏ
କିଏ ନେଲାଣି କାଟି।

ବରଷା ଦିନ ହେଲେ
ସଡ଼କ ବୋହିଗଲେ
କେମିତି ସବୁ ଚାଲିବା ଆମେ
କହିଲ ସବୁ ପିଲେ।

ଆସ ପୋତିବା ଗଛ
ସବୁ ପକାଇ ପଛ
ସିପୁନୁ, ଲିପୁ, ଚିକୁନୁ, ପୁପୁ
ଯେତେକ ସବୁ ଅଛ।

ଗଛ ଆମର ମିତ
ତା'ପାଇଁ ଖରା, ଶୀତ
ଆସୁଛି ସଦା ଧରାରେ ଆମ
କରିବା ପାଇଁ ହିତ।

ଗଛଟି ହେଲେ ବଡ଼
ପୂରିବ ଫାଟ ଗାଡ଼
ରହିବ ଧରା ଶୀତଳ ଆମ
କାହିଁ ଆସିବ ଝଡ଼।

– ତପନ କୁମାର ସ୍ୱାଇଁ
ଅଇଜିଲି, ତିର୍ତ୍ତୋଲ, ଜଗତ୍‌ସିଂହପୁର



### ଫୁଲର ଅଳି

ଅମୂଲ ମୂଲ ଫୁଲଟି ମୁହିଁ
ରୂପ ବାସ ମୋ ଭିନ୍ନ
ଅତି କେମଳ ଦେହ ମୋହର
ଅଳପ କାଳେ ଲୀନ।

ଜନମ ଠାରୁ ମରଣ ଯାଏଁ
ଲୋଡା ହୁଏ ମୁଁ ନିତି
ଦେବ ମାନବ ସେବାରେ ମୋର
ଜୀବନ ଯାଏ ବିତି।

ଗଛରେ ଥାଇ ସୁଷମା ବଳେ
ବଢାଏ ଶୋଭା ରାଶି
ବେଶି ଖୁସି ମୁଁ ମଣିଷଙ୍କର
ସାଜି ପାରିଲେ ଦାସୀ।

*–ନରୋତ୍ତମ ବେହେରା*
*ଶିକ୍ଷକ, ବରପୁଟ, ବାଙ୍କୀ, କଟକ*

## ଗିନିଜ୍ ୱାର୍ଲ୍ଡ ରେକର୍ଡ

### ଏକ ସଙ୍ଗରେ ୩୦ ହୁପ୍ସ

ପିଲାମାନେ, ତୁମେ ତ ବେଳେବେଳେ ସର୍କସରେ ଦେଖିଥିବ ଯେ ଜଣେ ଜଣେ ଦୁଇ ଚାରୋଟି ଲେଖାଏ ହୁପ୍ସ (ବଡ଼ ବଡ଼ ରିଂଭଳି)କୁ ନିଜ ଦେହରେ କିପରି ସୁନ୍ଦର ଭାବରେ ସନ୍ତୁଳନ ରକ୍ଷା କରି ଘୂରାଇ ପାରନ୍ତି। ଅବଶ୍ୟ କେତେ ଜଣ ୫-୬ଟି ହୁପ୍ସକୁ ଏକ ସମୟରେ ଘୂରାଇ ପାରନ୍ତି। ହେଲେ ପିଲାମାନେ, ଏକ ସମୟରେ ଏପରି ୩୦ଟି ହୁପ୍ସକୁ ନିଜ ଦେହରେ ଏକ ସଙ୍ଗରେ କେହି କେବେ ଘୂରାଇ ପାରିବ, ଏ କଥାକୁ ତୁମେ ହୁଏତ ବିଶ୍ୱାସ କରିପାରୁ ନ ଥିବ। କିନ୍ତୁ ଏଭଳି ଏକ କାମ କରି ଦେଖାଇଛନ୍ତି ମାରିଅମ୍ ଓଲେୱଲା। ଏକ ସମୟରେ ଏତେଗୁଡ଼ିଏ ହୁପ୍ସକୁ ୩୫ ସେକେଣ୍ଡ ପର୍ଯ୍ୟନ୍ତ ଘୂରାଇ ପାରିଥିବାରୁ ମାରିଅମ୍ ଏବେ ଗିନିଜ୍ ରେକର୍ଡ କରି ପାରିଛନ୍ତି। ବିଭିନ୍ନ ରଙ୍ଗର ହୁପ୍ସଗୁଡ଼ିକ ଦେହରେ ଘୂରିବା ସମୟରେ ବେଶ୍ ସୁନ୍ଦର ଦେଖାଯାଉଥିଲା। ତେଣୁ ଲୋକେ ତାଙ୍କର ଏଭଳି ଏକ ଦକ୍ଷତା ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି। ତେବେ ମରିଅମ୍ ଏଭଳି ଏକ କାମ ପାଇଁ ଅନେକ ଦିନ ଧରି ଅଭ୍ୟାସ କରିଛନ୍ତି। ସେ ଲଣ୍ଡନର ଏକ ସର୍କସ ଗ୍ରୁପରେ ମଧ୍ୟ କାମ କରନ୍ତି। ତେଣୁ ସେଠାରେ ଅଭ୍ୟାସ ଜାରି ରଖିଥିବାରୁ ଏଭଳି କାମ କରିବାକୁ ସକ୍ଷମ ହେବା ସହିତ ରେକର୍ଡ କରିପାରିଛନ୍ତି।



## କହିଲ ଦେଖି

ଜନ୍ମଭୂମି ଲାଗି ସୁପୁତ୍ର ସେହି
ସୀମାନ୍ତେ ପ୍ରହରୀ ଆମରି ପାଇଁ
ଖାତିର ନ କରେ ଶୀତ କାକର
ଦେଶ ସେବା ନିଶା ରଖି ମନର
ହାତରେ ବନ୍ଧୁକ ଗୁଳି କମାଣ
ମାଟି ମାଆ ପାଇଁ କରଇ ରଣ
ଜାତୀୟ ପତକା ଆକାଶେ ଉଡେ
ଆମ ପାଇଁ କୁହ କିଏ ସେ ଲଢେ
ନାମଟି ତାଙ୍କର ଯିଏ କହିବ
ସୁନା ପିଲାଟିଏ ସିଏ ହୋଇବ।
ଉତ୍ତର–**ସୈନିକ**





ତିନୋଟି ରଙ୍ଗର ପତାକା ଟିଏ
ସବୁଜ ନାରଙ୍ଗୀ ଧଳା ବି ଥାଏ
ଶାନ୍ତି ମୈତ୍ରୀ ଶୋଭା ପବିତ୍ରତାକୁ
ସୁଚାଇ ଦିଏ ସେ ମୋର ଦେଶକୁ
ମଝିରେ ଅଶୋକ ଚକ୍ରର ଚିହ୍ନ
ଏକତାର ଅଟେ ପ୍ରତୀକ ମାନ
ବିଭିନ୍ନତା ମଧ୍ୟେ ରଖି ଏକତା
ଅକ୍ଷୁର୍ଣ୍ଣ ରଖଇ ଯେ ଜାତୀୟତା
କହିଲ ପିଲାଏ ନାମ ତାହାର
ଉଡେ ସୀମାନ୍ତରେ ସେ ଫର୍ ଫର୍।
ଉତ୍ତର– **ତ୍ରିରଙ୍ଗା**

ସଙ୍ଗୀତ ପରି ସେ ସଙ୍ଗୀତଟିଏ
ହୃଦେ ଦେଶ ପ୍ରେମ କଥା ଜଗାଏ
ସକାଳେ ସଂଧ୍ୟାରେ କରନ୍ତି ଗାନ
ଭାରତ ମାଆର ଯୋଗ୍ୟ ସନ୍ତାନ
ସବୁ ରାଜ୍ୟ ନାମ ପ୍ରକାଶ ଥାଏ
ଏକତାର ସୂତ୍ର ସଂଗୀତ ସିଏ
ଜାତି ଧର୍ମ ମଧ୍ୟେ ରଖି ଏକତା
ଗାଉ ଥାଉ ତା'ର ସୁମନ ବାର୍ତ୍ତା
ରାଷ୍ଟ୍ର ଗୀତ ତାହା ଅଟେ ଆମର
କହିଲ ପିଲାଏ ନାମଟି ତା'ର
ଉତ୍ତର– **ଜାତୀୟ ସଙ୍ଗୀତ**



– ***ଧ୍ରୁବ ଚରଣ ବେହେରା***
*ଭାରତୀୟ ସାମରିକ ସେବା, ଝାଡ଼ଖଣ୍ଡ*

## ମତାମତ

➤ପିଲାଙ୍କ ଧରିତ୍ରୀରେ ପ୍ରକାଶିତ ଗପରୁ ନିଜ ସାମର୍ଥ୍ୟକୁ ଚିହ୍ନିବାର ସୁନ୍ଦର ଅବସର ମିଳିଲା।
*–ଚିକୁନୁ ମହାପାତ୍ର, କଟକ*

➤କବିତାଗୁଡ଼ିକ ଛୋଟ ଥିବାରୁ ବହୁତ ଭଲ ଲାଗିଲା।
*–ସାଇଶଙ୍କର ମହାନ୍ତି, କେନ୍ଦୁଝର*

➤ଗିନିଜ୍ ସ୍ତମ୍ଭରେ ଆଶ୍ଚର୍ଯ୍ୟଜନକ କଥା ପ୍ରକାଶ ପାଇଥିବାରୁ ବହୁତ ଭଲ ଲାଗିଲା।
*–ମାନସୀ ପାତ୍ର, କଳାହାଣ୍ଡି*

➤କହିଲ ଦେଖି ସ୍ତମ୍ଭଟି ପଢ଼ିବାକୁ ବହୁତ ମଜା ଲାଗେ।
*–ସବିତା ବ୍ରହ୍ମ, ସମ୍ବଲପୁର*

➤ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ସବୁଠୁ ବେଶି ଭଲ ଲାଗୁଛି ପିଲାଙ୍କର ବିଭିନ୍ନ ପ୍ରକାରର ଚିତ୍ରସବୁ।
*–ରବିନାରାୟଣ ପଟ୍ଟନାୟକ, ବରଗଡ଼*

## ତୁମ ତୂଳୀରୁ







**ଆଦିତ୍ୟ ନାରାୟଣ ମହାପାତ୍ର**
କ୍ଲାସ– ୨, କେନ୍ଦ୍ରୀୟ ବିଦ୍ୟାଳୟ, କେନ୍ଦୁଝର





**ପ୍ରତୀକ୍ଷା ସାମନ୍ତରାୟ**
କ୍ଲାସ– ୭, ଡିଏଭି ପବ୍ଲିକ ସ୍କୁଲ, ପୁରୀ





**ଶୁଭଙ୍କର ଚଇନି**
କ୍ଲାସ– ୭, କାଳୁଙ୍ଗା ସରସ୍ୱତୀ ବିଦ୍ୟାମନ୍ଦିର, ରାଉରକେଲା

## ଜଣା ଅଜଣା

### ସାପ

– ପିଟ ୱାଇପର୍ସ ନାମକ ଏକ ବିଶେଷ ପ୍ରଜାତିର ସାପ ଦଂଶନ କରିବା ମାତ୍ରେ ସମ୍ପୃକ୍ତ ବ୍ୟକ୍ତିଙ୍କର ରକ୍ତ ଜମାଟ ବାନ୍ଧିବା ଆରମ୍ଭ କରିଥାଏ। ତୁରନ୍ତ ଚିକିତ୍ସା କରା ନ ଗଲେ ବ୍ୟକ୍ତିଜଣକ ମାନସିକ ବିକୃତ ହୋଇଯାନ୍ତି ଏବଂ ସବୁଦିନ ପାଇଁ ନଂପୁସକ ହୋଇଯାନ୍ତି।

– ଥାଇଲାଣ୍ଡରେ ବବାନ କେକ୍ ସା ନଗା ନାମକ ଏକ ଗାଁ ରହିଛି ଯାହାକୁ ନାଗ ଗାଁ ବୋଲି କୁହାଯାଏ। ଏହି ଗାଁରେ ଲୋକଙ୍କ ତୁଳନାରେ ସାପମାନଙ୍କ ସଂଖ୍ୟା ବହୁ ଅଧିକ। ତେଣୁ ଗାଁରେ ସାପମାନଙ୍କୁ ଦେଖିବା ଲୋକଙ୍କୁ ଦେଖିବା ଭଳି ଅତି ସାଧାରଣ କଥା।

– ଭିଏତନାମ ଯୁଦ୍ଧ ସମୟରେ ଜବାନମାନେ ଆକାଶମାର୍ଗରୁ ଆକ୍ରମଣ କରୁଥିବା ଆମେରିକା ସୈନ୍ୟଙ୍କ ଠାରୁ ରକ୍ଷା ପାଇବା ପାଇଁ ଏକ ଟନେଲ ତିଆରି କରି ଲୁଚି ଯାଉଥିଲେ। ଆମେରିକା ସେନା ଏହା ଜାଣିପାରି ସେହି ଟନେଲରେ ବିଷାକ୍ତ ସାପମାନଙ୍କୁ ଛାଡି ଦେଇଥିଲେ। ଫଳରେ ଭିଏତନାମର ବହୁ ସୈନିକଙ୍କର ମୃତ୍ୟୁ ହୋଇଥିଲା।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

RENAULT
Passion for life

# ନୂଆ RENAULT KIGER

## SPORTY SMART STUNNING






ମଲ୍ଟି-ସ୍କିନ 17.78 cm ପୁନର୍ବିନ୍ୟାସ ଯୋଗ୍ୟ TFT କ୍ଲଷ୍ଟର, ମଲ୍ଟି-ସେନ୍ସ ଡ୍ରାଇଭ ମୋଡ ସାଥିରେ




ୱାୟାରଲେସ ସ୍ମାର୍ଟ ଫୋନ ରେପ୍ଲିକେଶନ




C-ସେପଡ ସିଗନେଚର LED ଟେଲ ଲ୍ୟାମ୍ପସ

**for a test drive, call on 1800 315 4444. for further details, visit renault.co.in**

terms and conditions apply. model/accessories shown may not be a part of the standard fitment. *price mentioned is for KIGER Petrol RXE for ex-showroom all India and is exclusive of local taxes. #loyalty benefit includes either exchange benefit with Renault model or cash discount on buying additional Renault model. the colour in the image may vary slightly from the actual colour of the product. the above mentioned offers & benefits are valid till 28th February 2021 and are through Renault dealership. for detailed offers, visit www.renault.co.in/offers. Renault India Pvt. Ltd. reserves the right to change or modify the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. in the event of any dispute, all matters shall be governed by all applicable laws of India and court at Gurugram shall have the exclusive jurisdiction. contact your nearest dealership or visit www.renault.co.in for more details.

**SHOWROOMS: ODISHA: SAMBALPUR:** RENAULT Sambalpur Mob: +91 8860048351. **BHUBANESWAR**: RENAULT Bhubaneswar North Mob: +91 9643800532, RENAULT Bhubaneswar Mob: +91 8860076082. **CUTTACK**: RENAULT Cuttack Mob: +91 9311772648. **JEYPORE:** RENAULT Jeypore Mob: +91 9311596618. **KEONJHAR:** RENAULT Keonjhar Mob: +91 7428439130. **ROURKELA:** RENAULT Rourkela Mob: + 91 8860875802. **SUNDERGARH:** RENAULT Sundergarh Mob : +91 9311529949.

L&K | SAATCHI & SAATCHI